# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୨୦/୨୦୨୪ (୧୪ ପୃଷ୍ଠା) | Bhubaneswar, Tuesday, August 20/2024 | Page 14 | ₹ 7.00

୫୦ଶ ଭାଗ ୨୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 266 | ମୂଲ୍ୟ ₹୭/-




**'ବର୍ଡର ୨'ରେ ବରୁଣ**

'ବର୍ଡର ୨' ଫିଲ୍ମରେ ଅଭିନେତା ସନି ଦେଓଲଙ୍କ ସହ ବରୁଣ ଧାୱନ ନଜରକୁ ଆସିବେ ବୋଲି ବିଭିନ୍ନ ରିପୋର୍ଟ ପ୍ରକାଶ ପାଇଛି।

୦୨

୧୪

**କାତାରଜିନାଙ୍କୁ ପ୍ରଥମ ଟାଇଟଲ**

ପ୍ରଥମ ଥର ମହିଳା ଟୁର୍ ଡି' ଫ୍ରାନ୍ସ ଜିତିଛନ୍ତି ପୋଲାଣ୍ଡ ସାଇକ୍ଲିଷ୍ଟ କାତାରଜିନା ନିୱେଡୋମା।





ଭରତପୁର ସଂରକ୍ଷିତ ଜଙ୍ଗଲରେ ମୃତ ଦନ୍ତା ହାତୀ 'ରାମୁ'

# ବିଦ୍ୟୁତ୍ ତାରରେ ମଲା 'ରାମୁ'

ଭୁବନେଶ୍ୱର,୧୯।୮ (ଅସମାପିକା ସାହୁ)

ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ଭରତପୁର ସଂରକ୍ଷିତ ଜଙ୍ଗଲରେ ଥିବା ବହୁଚର୍ଚ୍ଚିତ ଦନ୍ତା ହାତୀ 'ରାମୁ'ର ସୋମବାର ମୃତ୍ୟୁ ଘଟିଛି। ଚୁନୁକୁଳି ବସ୍ତି ନିକଟ ଭରତପୁର ଜଙ୍ଗଲରୁ ହାତୀଟିର ମୃତଦେହକୁ ଉଦ୍ଧାର କରାଯିବା ସହିତ ତାର ବ୍ୟବଚ୍ଛେଦ କରାଯାଇଛି। ବିଦ୍ୟୁତ ଆଘାତରେ ରାମୁର ମୃତ୍ୟୁ ହୋଇଥିବା ବନ୍ୟପ୍ରାଣୀ ପିସିସିଏଫ୍ ସୁଶାନ୍ତ ନନ୍ଦ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ରାମୁର ଶୁଣ୍ଢ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲା ଏବଂ ଆଘାତ ହୋଇଛି। ପାଚେରି ସେପଟେ ଥିବା କଦଳୀ ଗଛ ଖାଇବା ଚେଷ୍ଟାରେ କିମ୍ବା ଜଙ୍ଗଲରେ ବାଡ଼୍‌ହା ମାରିବା ପାଇଁ ବିଛା ଯାଇଥିବା ବିଦ୍ୟୁତ୍‌ତାର ସଂସ୍ପର୍ଶରେ ରାମୁର ଶୁଣ୍ଢ ଆସି ଏଭଳି ଘଟିଥାଇପାରେ ବୋଲି ସନ୍ଦେହ କରାଯାଉଛି। ବିଦ୍ୟୁତ୍ ବିଭାଗ ସହିତ ବନ ବିଭାଗ ଘଟଣାର ଯୁଗ୍ମ ତଦନ୍ତ କରୁଛି। ଶିକାରୀ ହୁଅନ୍ତୁ କିମ୍ବା କର୍ମଚାରୀଙ୍କ ଅବହେଳା କାହାକୁ ଛଡ଼ାଯିବ ନାହିଁ। ରାମୁ ନିଜ ଆଖିରେ ଚାରିପଟେ ଆପାର୍ଟମେଣ୍ଟ ଓ ଅଟ୍ଟାଳିକାମାନ ଗଡ଼ି ଉଠିବା ଦେଖିଥିଲା। କିନ୍ତୁ ସେ କେବେହେଲେ ମଣିଷଙ୍କୁ ଆକ୍ରମଣ କରି ନ ଥିଲା। ରାମୁର ମୃତ୍ୟୁରେ ମୁଁ ବ୍ୟକ୍ତିଗତ ଭାବେ ମର୍ମାହତ ବୋଲି ନନ୍ଦ କହିଛନ୍ତି।

ମିଳିଥିବା ସୂଚନାନୁସାରେ, ଚୁନୁକୁଳି ବସ୍ତି ନିକଟରେ କଣ୍ଟାତାର ବାଡ଼ଘେରା ପଥର ପାଚେରି ଥିବା ଭରତପୁର ଜଙ୍ଗଲ ଭିତରେ ସୋମବାର ସକାଳ ☞ପୃଷ୍ଠା-୪

## ୨ ଦିନରେ ୩ ହାତୀ ମୃତ

ରାଜ୍ୟରେ ଦୁଇଦିନରେ ୩ଟି ହାତୀର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ରବିବାର ସମ୍ବଲପୁର ରେଢ଼ାଖୋଲରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ମାଈହାତୀ ମୃତ୍ୟୁ ହୋଇଥିବାବେଳେ ସୁନ୍ଦରଗଡ଼ ଜିଲା ବରସୁଆଁ ରେଞ୍ଜ ଡିଭିଜନରେ ଏକ ମାଲବାହୀ ଟ୍ରେନରେ କଟି ଏକ ହାତୀଛୁଆର ମୃତ୍ୟୁ ହୋଇଥିଲା। ସୋମବାର ସକାଳେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟରେ ହାତୀ ରାମୁର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ଘଟିଛି।

# ବଳାତ୍କାର ପରେ ଡାକ୍ତରଙ୍କୁ ଗଳାଚିପି ହତ୍ୟା: ବ୍ୟବଚ୍ଛେଦ ରିପୋର୍ଟ

**କୋଲକାତା ଲଜ୍ଜା**

■ ଶରୀରରେ ଥିଲା ୧୬ ବାହ୍ୟ, ୯ ଆଭ୍ୟନ୍ତରୀଣ କ୍ଷତ

କୋଲକାତା,୧୯।୮

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାର ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ସାମ୍ନାକୁ ଆସିଛି। ତାଙ୍କ ଶରୀରରେ ୧୬ଟି ଗଭୀର ବାହ୍ୟ କ୍ଷତ ସହ ୯ଟି ଆଭ୍ୟନ୍ତରୀଣ କ୍ଷତ ରହିଥିବାରୁ ତାଙ୍କୁ ବଳାତ୍କାର ପରେ ଅତି ବୀଭତ୍ସ ଭାବେ ଆକ୍ରମଣ କରାଯିବା ସହ ଗଳାଚିପି ହତ୍ୟା କରାଯାଇଥିବା ରିପୋର୍ଟରୁ ଜଣାପଡ଼ିଛି।

ଗତ ୯ ତାରିଖ ବିଳମ୍ବିତ ରାତିରେ ହସ୍ପିଟାଲର ସେମିନାର ହଲ୍‌ରେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ତା' ପରଦିନ ତାଙ୍କ ମୃତଦେହ ମିଳିବା ପରେ ସନ୍ଧ୍ୟା ୬ଟା ୧୦ରୁ ୭ଟା ୧୦ ମିନିଟ ମଧ୍ୟରେ ବ୍ୟବଚ୍ଛେଦ କରାଯାଇଥିଲା। ରିପୋର୍ଟ ଅନୁଯାୟୀ ପୀଡ଼ିତା ଡାକ୍ତରଙ୍କ ଗାଲ, ଓଠ, ନାକ, ବେକ, ହାତ, ଆଣ୍ଠୁ ସମେତ ଗୁପ୍ତାଙ୍ଗରେ କ୍ଷତ ରହିଛି। ସେହିପରି ବେକ ମାଂସପେଶୀ, ଖପୁରି ଓ ଅନ୍ୟ ସ୍ଥାନରେ ଆଭ୍ୟନ୍ତରୀଣ କ୍ଷତ ଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଉକ୍ତ ରିପୋର୍ଟରେ ଆର୍.ଜି. କର ମେଡିକାଲ କଲେଜର ଫୋରେନ୍‌ସିକ ମେଡିସିନ ଏବଂ ଟକ୍ସିକୋଲୋଜି ବିଭାଗ ପ୍ରଫେସର ଅପୂର୍ବ ବିଶ୍ୱାସ, ଆସୋସିଏଟ୍ ପ୍ରଫେସର ରିନା ଦାସ ଏବଂ ଏନ୍‌ଆର୍‌ଏସ୍ ମେଡିକାଲ କଲେଜର ଫୋରେନ୍‌ସିକ ମେଡିସିନ ବିଭାଗ ଆସିଷ୍ଟାଣ୍ଟ ପ୍ରଫେସର ମୋଲି ବାନାର୍ଜୀଙ୍କ ସ୍ୱାକ୍ଷର ରହିଛି।

କୋଲକାତା ପୋଲିସ ମାମଲାର ତଦନ୍ତ ଦାୟିତ୍ୱ ନେଇଥିବାବେଳେ ଏହାର କାର୍ଯ୍ୟଧାରାକୁ ନେଇ ପ୍ରଶ୍ନ ଉଠିବା ପରେ କୋଲକାତା ହାଇକୋର୍ଟ ସିବିଆଇକୁ ତଦନ୍ତ ଭାର ଅର୍ପଣ କରିଥିଲେ। ୧୪ ତାରିଖ ବିଳମ୍ବିତ ରାତିରେ ଉକ୍ତ ହସ୍ପିଟାଲରେ ଦୁର୍ବୃତ୍ତମାନେ ପହଞ୍ଚି ଭଙ୍ଗାରୁଜା କରିଥିଲେ। ହସ୍ପିଟାଲ ଆକ୍ରମଣ ପଛରେ ମମତା ବାନାର୍ଜୀଙ୍କ ସରକାରର ହାତ ରହିଥିବା ଡାକ୍ତରଙ୍କ ମାଆବାପା ନିଯୁକ୍ତ କରିଥିବା ଓକିଲ ବିକାଶ ରଞ୍ଜନ ଭଟ୍ଟାଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଏକ ଘରୋଇ ଟିଭି ଚ୍ୟାନେଲକୁ ଭଟ୍ଟାଚାର୍ଯ୍ୟ କହିଛନ୍ତି, ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ରେସିଡେଣ୍ଟିଆଲ ଡାକ୍ତର ଓ ଅନ୍ୟ ସ୍ୱାସ୍ଥ୍ୟ କର୍ମଚାରୀମାନେ ଆନ୍ଦୋଳନ ଚଳାଇଥିବାବେଳେ ଟିଏମ୍‌ସି ଗୁଣ୍ଡାମାନେ ରାତି ଅଧରେ ସେଠାରେ ପହଞ୍ଚି ଆକ୍ରମଣ ଆରମ୍ଭ କରିଦେଇଥିଲେ। ବିକ୍ଷୋଭକାରୀମାନଙ୍କୁ ଭୟଭୀତ କରାଇ ସେଠାରୁ ତଡ଼ିଦେବା ଏବଂ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଏହି ଆକ୍ରମଣ କରାଯାଇଥିଲା ବୋଲି ଭଟ୍ଟାଚାର୍ଯ୍ୟ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ହସ୍ପିଟାଲରେ ଆକ୍ରମଣ ପାଇଁ ମମତା ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରିଥିଲେ। ଏହି ଘଟଣାରେ ଟିଏମ୍‌ସି କର୍ମୀଙ୍କ ସମେତ ୩୭ ଜଣଙ୍କୁ ଗିରଫ କରାଗଲାଣି।

କୋଲକାତା ପୋଲିସଠାରୁ ସିବିଆଇ ତଦନ୍ତ ଦାୟିତ୍ୱ ନେବା ପରେ ମୁଖ୍ୟତଃ ୪ଟି ଦିଗରୁ ତଦନ୍ତ ଚଳାଇଛି। ମେଡିକାଲ କଲେଜର ପୂର୍ବତନ ଅଧ୍ୟକ୍ଷ ସନ୍ଦୀପ ଘୋଷଙ୍କୁ ସୋମବାର ଚତୁର୍ଥ ଦିନ ପାଇଁ ସିବିଆଇ ଅଧିକାରୀମାନେ ଜେରା କରିଛନ୍ତି। ସନ୍ଦୀପଙ୍କ ଉତ୍ତରରେ ତାଳମେଳ ☞ପୃଷ୍ଠା-୪

**ରାଷ୍ଟ୍ରପତିଙ୍କୁ ଆଜି ଭେଟିବେ ପଶ୍ଚିମବଙ୍ଗ ରାଜ୍ୟପାଳ**

ପୃଷ୍ଠା-୨

## ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ

ଭୁବନେଶ୍ୱର,୧୯।୮ (ଅନିଲ ଦାସ)

ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ମଙ୍ଗଳବାର ଠାରୁ ଆରମ୍ଭ ହେବ। ଏହି ଅଧିବେଶନ ଆସନ୍ତା ସେପ୍ଟେମ୍ବର ୧୩ ତାରିଖରେ ଶେଷ ହେବ। ସେପ୍ଟେମ୍ବର ୧୦ ତାରିଖରେ ବ୍ୟୟ ମଞ୍ଜୁରୀ ବିଲ୍ ଗୃହୀତ ହେବ। ଏହି ଅଧିବେଶନ ଜୁଲାଇ ୨୨ ତାରିଖରୁ ଆରମ୍ଭ ହୋଇଥିଲା। ପ୍ରଥମ ପର୍ଯ୍ୟାୟ ଅଧିବେଶନରେ ଉପବାଚସ୍ପତି ନିର୍ବାଚନ ସହିତ ରାଜ୍ୟ ସରକାର ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ବଜେଟ ଉପସ୍ଥାପନ କରିଥିଲେ। ଏଥିସହିତ ଏଏସ୍‌ଓଙ୍କୁ ରାଜ୍ୟପାଳଙ୍କ ପୁଅ ମାଡ଼ ମାରିବା ଘଟଣାରେ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାନସଭାରେ ପ୍ରବଳ ହଙ୍ଗାମା କରିଥିଲେ। ରଥ ଉପରୁ ବଡ଼ ଠାକୁର ଖସିପଡ଼ିବା, ଦଳାଚକଟାରେ ଜଣଙ୍କ ମୃତ୍ୟୁ ହେବା, ଟ୍ରାଫିକ ଅବ୍ୟବସ୍ଥା, ଅଣ ସେବାୟତ ରଥ ଉପରେ ଚଢ଼ିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ସାଇବର ଠକ

# ରାଖୀ ପୂର୍ଣ୍ଣିମାରେ ଭଉଣୀଙ୍କୁ ହତ୍ୟା

■ ଛୁରାମାଡ଼ରେ ଗୁରୁତର ସାନଭାଇ ଏମ୍ସ ସ୍ଥାନାନ୍ତର

■ ଅଭିଯୁକ୍ତଙ୍କ ଆତ୍ମହତ୍ୟା ଉଦ୍ୟମ, ଏମ୍‌କେସିଜିରେ ଭର୍ତ୍ତି

ବ୍ରହ୍ମପୁର,୧୯।୮ (ସୁବାସ ଚନ୍ଦ୍ର ପାଢ଼ୀ)

ରାଖୀ ପୂର୍ଣ୍ଣିମାରେ ଭାଇ ହାତରେ ରାଖୀ ବାନ୍ଧି ଭଉଣୀ ସାରା ଜୀବନ ସୁରକ୍ଷା ଆଶା କରିଥାଏ। ସୋମବାର ଏହି ପବିତ୍ର ଦିବସରେ ଜଣେ ଭାଇ ତାର ସାନଭଉଣୀକୁ ସୁରକ୍ଷା ଦେବା ପରିବର୍ତ୍ତେ ଛୁରିରେ ବେକ କାଟି ହତ୍ୟା କରିଛନ୍ତି। ବ୍ରହ୍ମପୁର ସହର ବଡବଜାର ଥାନା ଅନ୍ତର୍ଗତ ଶ୍ରୀରାମନଗର ନିକଟ ଜଗନ୍ନାଥ ବିହାର ୭ମ ଗଳିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ଭଉଣୀଙ୍କୁ ରକ୍ଷା କରିବା ପାଇଁ ସାନଭାଇ ମଧ୍ୟ ଉଦ୍ୟକ୍ତ ବଡ଼ଭାଇର ଛୁରାମାଡ଼ରେ ଗୁରୁତର ହୋଇଛନ୍ତି। ମୃତା ଭଉଣୀ ହେଲେ ପ୍ରଯକ୍ତା ପାଣିଗ୍ରାହୀ (୧୩)। ଗୁରୁତର ସାନଭାଇ ଆୟୁଷ୍ମାନ ପାଣିଗ୍ରାହୀ (୧୪) ଭୁବନେଶ୍ୱରସ୍ଥିତ ଏମ୍ସରେ ଭର୍ତ୍ତି ହୋଇଛନ୍ତି। ଅଭିଯୁକ୍ତ ବଡ଼ଭାଇ ଆଶୁତୋଷ ପାଣିଗ୍ରାହୀ ହିଞ୍ଜିଳିକାଟୁଠାରେ ବସ୍ ଆଗକୁ ଆସିଯାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ଆଣି ଏମ୍‌କେସିଜି ମେଡିକାଲକୁ ଅଣାଯାଇଛି। ତେବେ ଏଭଳି ଜଘନ୍ୟ କାଣ୍ଡର ପ୍ରକୃତ କାରଣ ଜଣାପଡିନାହିଁ।

ଶ୍ରୀରାମନଗର ୭ମ ଗଳିରେ ରହୁଥିବା ଦୁର୍ଗାପ୍ରସାଦ ପାଣିଗ୍ରାହୀ ସୋମବାର ଘରେ ବାପାଙ୍କ ଶ୍ରାଦ୍ଧ କରୁଥିଲେ। ଏଥିରେ ଯୋଗଦେବା ପାଇଁ ତାଙ୍କର ଅନ୍ୟ ୩ଭାଇ ସତ୍ୟନାରାୟଣ ପାଣିଗ୍ରାହୀ, ପ୍ରଦୀପ ପାଣିଗ୍ରାହୀ ଓ ରବୀନ୍ଦ୍ର ପାଣିଗ୍ରାହୀ ଆସିଥିଲେ। ସତ୍ୟନାରାୟଣଙ୍କ ପୁଅ ଆଶୁତୋଷ, ପ୍ରଦୀପଙ୍କ ପୁଅ ଆୟୁଷ୍ମାନ ଓ ରବୀନ୍ଦ୍ରଙ୍କ ଝିଅ ପ୍ରଯକ୍ତା ମଧ୍ୟ ବଡ଼ବାପାଙ୍କ ଘରକୁ ଆସିଥିଲେ। ଆଶୁତୋଷ ମହୁଡାସ୍ଥିତ ଫାର୍ମାସୀ କଲେଜରେ ଏମ୍.ଫାର୍ମା ପଢୁଛନ୍ତି। ପ୍ରଯକ୍ତା ଏକ ଘରୋଇ ସ୍କୁଲରେ ଅଷ୍ଟମ ଶ୍ରେଣୀ ଛାତ୍ରୀ ଥିଲେ। ନବମ ଶ୍ରେଣୀରେ ପଢୁଥିବା ସାନଭାଇ ଆୟୁଷ୍ମାନ ପଦ୍ମନାଭପୁରରେ ରୁହନ୍ତି। ତଳମହଲାରେ ଶ୍ରାଦ୍ଧ ଚାଲିଥିବାବେଳେ ଭଉଣୀଭାଇମାନେ ଉପର ମହଲାରେ ହସଖୁସିରେ ରାଖୀ ବାନ୍ଧୁଥିଲେ। ଅପରାହ୍ନ ପ୍ରାୟ ୨ଟାରେ ହଠାତ୍ ଚିତ୍କାର ଶୁଭିବାରୁ ପରିବାର ଲୋକେ ସେଠାକୁ ଦୌଡି ଯାଇଥିଲେ। ଭିତରପଟୁ ବନ୍ଦଥିବା କବାଟ ଭାଙ୍ଗି ଘରେ ପଶିବାରେ ସେମାନେ ପ୍ରଯକ୍ତା ଓ ଆୟୁଷ୍ମାନ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିଥିଲେ। ଉଭୟଙ୍କୁ ଉଦ୍ଧାର କରି ପ୍ରଥମେ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଯକ୍ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଆୟୁଷ୍ମାନ ଗୁରୁତର ଥିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ଅଧିକ ଚିକିତ୍ସା ଲାଗି ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘର ଭିତରୁ ରକ୍ତଭିଜା ଛୁରି ଜବତ କରାଯାଇଛି। ପ୍ରାଥମିକ ତଦନ୍ତରୁ କୌଣସି କାରଣକୁ ନେଇ ଉପର ମହଲାରେ ଭଉଣୀଭାଇଙ୍କ ମଧ୍ୟରେ କଳହ ପରେ ଆଶୁତୋଷ ☞ପୃଷ୍ଠା-୪

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରାଶି ୬୦ ହଜାର ବଢ଼ିବ

ଭୁବନେଶ୍ୱର,୧୯।୮ (ଅନିଲ ଦାସ)

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ପିଏମ୍‌ଏୱାଇ) ହିତାଧିକାରୀଙ୍କ ପାଇଁ ଖୁସି ଖବର। ପିଏମ୍ ଆବାସ୍ ଯୋଜନାରେ ହିତାଧିକାରୀଙ୍କୁ ମିଳୁଥିବା ସହାୟତା ରାଶି ପରିମାଣ ବୃଦ୍ଧି ପାଇବ। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ସୋମବାର ଏହି ସୂଚନା ଦେଇଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ ମନ୍ତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କୁ ୧ ଲକ୍ଷ ୨୦ ହଜାର ବଦଳରେ ୧ ଲକ୍ଷ ୮୦ ହଜାର ଟଙ୍କା ମିଳିବ। ଏ ନେଇ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ଗାଇଡ୍‌ଲାଇନ ଆସିବ।

ସେହିପରି ଶୌଚାଳୟ ପାଇଁ ପୂର୍ବରୁ ୧୨ ହଜାର ଟଙ୍କା ଦିଆଯାଉଥିଲା। ଏହି ରାଶିକୁ ୨୦ ହଜାର ଟଙ୍କାକୁ ବୃଦ୍ଧି କରାଯିବ। ପ୍ରତ୍ୟେକ ଆବାସ ଘରକୁ ମଡେଲ ଗୃହ ଭାବେ ରାଜ୍ୟ ସରକାର ନିର୍ମାଣ କରିବେ। ପିଏମ୍ ଆବାସକୁ ପାଣି, ଶୌଚାଳୟ, ବିଜୁଳି ଆଦି ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ☞ପୃଷ୍ଠା-୪

# ଝାଡ଼ଖଣ୍ଡକୁ ଲମ୍ବିଛି ସିମବକ୍ସ



ଭୁବନେଶ୍ୱର,୧୯।୮ (ସତ୍ୟଜିତ୍ ରାଉତ)

**ଖୋଲୁଛି ବାଂଲାଦେଶୀ ଆତଙ୍କୀଙ୍କ ଗୁମର**

ଓଡ଼ିଶାରେ ଅପରେଟ୍ ହେଉଥିବା ସିମ୍‌ବକ୍ସ ନେଟୱର୍କ ମାମଲାରେ ଦିନକୁ ଦିନ ନୂଆ ତଥ୍ୟ ମିଳିବାରେ ଲାଗିଛି। ଏବେ ଏହାର ଲିଙ୍କ୍ ଝାଡ଼ଖଣ୍ଡରେ ରହିଥିବା ଜଣାପଡ଼ିଛି। ବଙ୍ଗୀୟ ଏଜେଣ୍ଟ ରାଜୁ ମଣ୍ଡଳ ଓ ମାଷ୍ଟରମାଇଣ୍ଡ ବାଂଲାଦେଶର ଆଶାଦ୍ଦୁର ଜମାନ୍ ଝାଡ଼ଖଣ୍ଡର ରାଞ୍ଚିରେ ମଧ୍ୟ ଆଉ ଏକ ସିମବକ୍ସ ନେଟୱର୍କ ଚଳାଇଥିବା କମିଶନରେଟ୍ ପୋଲିସ ସୂଚନା ପାଇଛି। ୫ ଦିନିଆ ରିମାଣ୍ଡରେ ଥିବା ଅଭିଯୁକ୍ତ ରାଜୁଙ୍କୁ ପଚରାଉଚରା ବେଳେ ଏହି ତଥ୍ୟ ମିଳିଥିବା ପୋଲିସ କମିଶନର ସଞ୍ଜୀବ ପଣ୍ଡା ସୋମବାର ସୂଚନା ଦେଇଛନ୍ତି। ଏହା ଜଣାପଡ଼ିବା ପରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଝାଡ଼ଖଣ୍ଡ ଯିବା ପାଇଁ ପ୍ରସ୍ତୁତ ହେଉଛି।

ପୋଲିସ କମିଶନର କହିଛନ୍ତି ଯେ, ଏଜେଣ୍ଟ ରାଜୁ ପୂର୍ବରୁ ବଶିରହାଟ୍ ବର୍ଡର ଦେଇ ବସ୍ ଯୋଗେ ବାଂଲାଦେଶ ଯାଉଥିଲେ। ରାଜୁ କଲିକତାରୁ ଜିନିଷପତ୍ର ନେଇ ବାଂଲାଦେଶର ବାନାଗାଓଁ ସହରରେ ବେପାର କରୁଥିଲେ। ଏଥିସହ ସେଠାରୁ ମଧ୍ୟ ସାମଗ୍ରୀ ଆଣି ପଶ୍ଚିମବଙ୍ଗରେ ବ୍ୟବସାୟ କରୁଥିଲେ। ଏହି ସମୟରେ ବାନାଗାଓଁ ସହରରେ ☞ପୃଷ୍ଠା-୪

# କମ୍ ପାର୍ଶ୍ୱ ପ୍ରତିକ୍ରିୟାର ଆଣ୍ଟିବାୟୋଟିକ୍ସ ପ୍ରସ୍ତୁତ କରିବ ଏଆଇ

**ମୈନିଟୋବା ବିଶ୍ୱବିଦ୍ୟାଳୟର ଅଧ୍ୟୟନ**

ଓଟାୱା, ୧୯।୮



ସମ୍ପ୍ରତି ବିଭିନ୍ନ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି। ଏହାରି ମଧ୍ୟରେ କାନାଡାର ମୈନିଟୋବା ବିଶ୍ୱବିଦ୍ୟାଳୟର ଗବେଷକମାନେ ଏକ ଅଧ୍ୟୟନରେ ଏଆଇକୁ ବ୍ୟବହାର କରି କମ୍ ପାର୍ଶ୍ୱ ପ୍ରତିକ୍ରିୟା ଥିବା ଉତ୍ତମ ଆଣ୍ଟିବାୟୋଟିକ୍ସକୁ ବିକଶିତ କରିବାର ସମ୍ଭାବନାକୁ ଅନୁଧ୍ୟାନ କରିଛନ୍ତି। ଏକ୍ସପ୍ଲେନେବଲ ଏଆଇ (ଏକ୍ସଏଆଇ)କୁ ବ୍ୟବହାର କରି ଏହାଦ୍ୱାରା ଉନ୍ନତମାନର ଆଣ୍ଟିବାୟୋଟିକ୍ସ ତିଆରି ହୋଇପାରିବ ବୋଲି ଗବେଷକମାନେ ଦାବି କରିଛନ୍ତି। ସମ୍ପ୍ରତି ଭବିଷ୍ୟତ କହିପାରୁଥିବା ଏଆଇ ମଡେଲଗୁଡ଼ିକୁ ଯାଞ୍ଚ କରିବା ପାଇଁ ଗବେଷକମାନଙ୍କ ଦ୍ୱାରା 'ଏକ୍ସଏଆଇ'କୁ ଅଧିକରୁ ଅଧିକ ବ୍ୟବହାର କରାଯାଉଛି। ଏହି ଅଧ୍ୟୟନରେ ଗବେଷକଙ୍କ ଟିମ୍ ସମ୍ଭାବ୍ୟ ନୂତନ ଆଣ୍ଟିବାୟୋଟିକ୍ସକୁ ଚିହ୍ନଟ କରିପାରୁଥିବା ଏଆଇ ଡ୍ରଗ୍ସ ଆବିଷ୍କାର ମଡେଲମାନଙ୍କୁ ପ୍ରଶିକ୍ଷଣ ଦେବା ଉଦ୍ଦେଶ୍ୟରେ 'ଏକ୍ସଏଆଇ'ର ବ୍ୟବହାର କରିଥିଲେ। ଜୈବିକ ପ୍ରଭାବକୁ ଅନୁମାନ କରିବା ପାଇଁ ବୈଜ୍ଞାନିକମାନେ ଡ୍ରଗ୍ସ ରାସାୟନିକ ଡେଟାବେସକୁ ଏଆଇ ମଡେଲରେ ପକାଇଥିଲେ। ଆଶ୍ଚର୍ଯ୍ୟଜନକଭାବେ ଏଆଇ ଏପରି ଉପାଦାନଗୁଡ଼ିକୁ ଆବିଷ୍କାର କରିଥିଲା, ଯାହା ମାନବ ରସାୟନ ☞ପୃଷ୍ଠା-୪

# ଧର୍ମଘଟ ବଢ଼ାଇବ ଆଳୁ ସଙ୍କଟ

ଭୁବନେଶ୍ୱର,୧୯।୮ (ଅନିଲ ଦାସ)



ରାଜ୍ୟରେ ଗଚ୍ଛିତ ଥିବା ଆଳୁ ଆଗାମୀ ୩ ଦିନ ମଧ୍ୟରେ ଶେଷ ହୋଇଯିବ। ଏହା ପରେ ରାଜ୍ୟରେ ପୁଣି ଆଳୁ ସଙ୍କଟ ଦେଖାଦେଇ ପାରେ। ରାଜ୍ୟ ବ୍ୟବସାୟୀ ମହାସଂଘ ସାଧାରଣ ସମ୍ପାଦକ ସୁଧାକର ପଣ୍ଡା ସୋମବାର ଏ ନେଇ ସୂଚନା ଦେଇଛନ୍ତି। ପଶ୍ଚିମବଙ୍ଗ ଆଳୁ ବ୍ୟବସାୟୀ ଓ ଶୀତଳଭଣ୍ଡାର ମାଲିକ ଧର୍ମଘଟ ଧମକ ଦେଇଛନ୍ତି। ମଙ୍ଗଳବାର ସୁଦ୍ଧା ସମସ୍ୟାର ସମାଧାନ ନ ହେଲେ ଆଳୁ ଆସିବା ବନ୍ଦ ହୋଇଯିବ। ଫଳରେ ରାଜ୍ୟରେ ପୁଣି ଆଳୁର ଅଭାବ ଦେଖାଦେଇପାରେ।

ରାଜ୍ୟରୁ ଆଳୁ ସଙ୍କଟ ସମ୍ପୂର୍ଣ୍ଣ ଦୂର ହୋଇପାରୁନାହିଁ। ଉତ୍ତରପ୍ରଦେଶରୁ ପର୍ଯ୍ୟାପ୍ତ ପରିମାଣରେ ଆଳୁ ଆସି ପାରୁ ନ ଥିବା ବେଳେ ପଶ୍ଚିମବଙ୍ଗରୁ ଆମଦାନୀ ସ୍ୱାଭାବିକ ହୋଇପାରୁନି। ଏଭଳି ସ୍ଥିତିରେ ପଶ୍ଚିମବଙ୍ଗରୁ ଝାଡ଼ଖଣ୍ଡ ଦେଇ ଓଡ଼ିଶାକୁ କିଛି ଆଳୁ ଗାଡ଼ି ଆସୁଛି। ତାହା ପର୍ଯ୍ୟାପ୍ତ ହୋଇପାରୁ ନାହିଁ।

ରାଜ୍ୟକୁ ଆଳୁ ଯୋଗାଣ ସ୍ୱାଭାବିକ କରିବାକୁ ଗତ ଅଗଷ୍ଟ ୧୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ ଟେଲିଫୋନରେ ଆଲୋଚନା କରିଥିଲେ। ଦିଲ୍ଲୀଠାରେ ନୀତି ଆୟୋଗ ବୈଠକ ବେଳେ ଦୁଇ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ପରେ ଓଡ଼ିଶାକୁ ଆଳୁ ଯୋଗାଣ ସ୍ୱାଭାବିକ ହେବ ବୋଲି ଅନୁମାନ କରାଯାଉଥିଲା। ଏହାପରେ ମଧ୍ୟ ସମସ୍ୟା ସମ୍ପୂର୍ଣ୍ଣ ଦୂର ହୋଇପାରି ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଉତ୍ତର ପ୍ରଦେଶରୁ ଟ୍ରେନ୍ ଯୋଗେ ଆଳୁ ଆଣିବାକୁ ପଦକ୍ଷେପ ନେଇଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରବିବାର ଗଣମାଧ୍ୟମକୁ ସୂଚନା ଦେଇ କହିଥିଲେ, ରାଜ୍ୟରୁ ଆଳୁ ସଙ୍କଟ ଦୂର କରିବାକୁ ରାଜ୍ୟ ସରକାର ଉତ୍ତର ପ୍ରଦେଶରୁ ୨ଟି ଟ୍ରେନରେ ଆଳୁ ଆଣିବାକୁ ଯୋଜନା କରୁଛନ୍ତି। ଏ ନେଇ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଯୋଗାଯୋଗ କରାଯାଉଛି ବୋଲି ମନ୍ତ୍ରୀ କୃଷ୍ଣଚନ୍ଦ୍ର କହିଛନ୍ତି।

# ଡାକ୍ତରଙ୍କୁ ଟିଏମ୍‌ସି ଏମ୍‌ପିଙ୍କ ଧମକ



■ ଆନ୍ଦୋଳନକାରୀ ଡାକ୍ତରଙ୍କ ମାନବ ଶୃଙ୍ଖଳ
■ ପୋଲିସ ହାତରେ ରାଖୀ ବାନ୍ଧିଲେ

କୋଲକାତା, ୧୯।୮

କୋଲକାତାର ଆର୍‌.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଡାକ୍ତରମାନଙ୍କ ଆନ୍ଦୋଳନ ଜାରି ରହିଥିବାବେଳେ ସୋମବାର ସେମାନେ ବହୁସଂଖ୍ୟାରେ ରାଜରାସ୍ତାକୁ ଓହ୍ଲାଇ ମାନବ ଶୃଙ୍ଖଳ ସୃଷ୍ଟି କରିଥିଲେ। ସେମାନେ କୋଲକାତାର ବହୁ ରାସ୍ତାକୁ ଅବରୋଧ କରିଥିଲେ। ବିକ୍ଷୋଭ ସ୍ଥଳରେ ନିୟୋଜିତ ଥିବା ପୋଲିସ ହାତରେ ଡାକ୍ତରମାନେ ରାଖୀ ବାନ୍ଧିଥିବାବେଳେ ଏହା ବଦଳରେ ସେମାନେ ଡାକ୍ତରଙ୍କୁ ଟଫି ଦେଇଥିଲେ।

### ଆଜି ରାଷ୍ଟ୍ରପତିଙ୍କୁ ଭେଟିବେ ପଶ୍ଚିମବଙ୍ଗ ରାଜ୍ୟପାଳ

ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ପଶ୍ଚିମବଙ୍ଗରେ ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁ ସ୍ୱାସ୍ଥ୍ୟସେବା ବ୍ୟାହତ ହୋଇଛି। ଏଥିସହିତ କୋଲକାତାର ଆର୍‌.ଜି. କର ମେଡିକାଲ କଲେଜ ହସ୍ପିଟାଲରେ ଭଙ୍ଗାରୁଜା ଓ ଆନ୍ଦୋଳନରତ ଡାକ୍ତରଙ୍କ ଉପରେ ଆକ୍ରମଣ ଘଟଣାକୁ ନେଇ ରାଜ୍ୟର ଆଇନଶୃଙ୍ଖଳା ସ୍ଥିତି ଉପରେ ପ୍ରଶ୍ନ ଉଠିଛି। ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷ ମଙ୍ଗଳବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିବାକୁ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଆନ୍ଦୋଳନରତ ଡାକ୍ତରମାନଙ୍କୁ ଟିଏମ୍‌ସି ଏମ୍‌ପି ଅରୂପ ଚକ୍ରବର୍ତ୍ତୀ ଧମକ ଦେଇଛନ୍ତି। ସେ ଡାକ୍ତରମାନଙ୍କୁ କହିଛନ୍ତି, ଆପଣମାନେ ଆନ୍ଦୋଳନ ନାଁରେ ଘରକୁ ଯାଆନ୍ତୁ କି ପୁରୁଷବନ୍ଧୁଙ୍କ ସହ ବୁଲନ୍ତୁ, ସେଥିରେ ଯାଏଆସେ ନାହିଁ। କିନ୍ତୁ ଯଦି ଜଣେ ରୋଗୀଙ୍କର ମୃତ୍ୟୁ ଘଟେ, ଏହା ପରେ ଯେଉଁ ଉତ୍ତେଜନା ସୃଷ୍ଟି ହେବ, ସେତେବେଳେ ଆପଣମାନଙ୍କୁ ସୁରକ୍ଷା ଦେବୁ ନାହିଁ ବୋଲି ବାଙ୍କୁରାଠାରେ ଏକ ରାଲିକୁ ସମ୍ବୋଧନ କରି ଚକ୍ରବର୍ତ୍ତୀ କହିଛନ୍ତି। ସେହିପରି ବରିଷ୍ଠ ଟିଏମ୍‌ସି ମନ୍ତ୍ରୀ ଉଦୟନ ଗୁହା ମଧ୍ୟ ଏକ ଉତ୍ତେଜନାପୂର୍ଣ୍ଣ ମନ୍ତବ୍ୟ ଦେଇ ବିବାଦ ମଧ୍ୟକୁ ଆସିଛନ୍ତି। ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ଘଟଣାରେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଯେଉଁମାନେ ଦୋଷ ଦେଉଛନ୍ତି ଓ ତାଙ୍କ ଇସ୍ତଫା ଦାବି କରୁଛନ୍ତି, ସେମାନଙ୍କ ଆଙ୍ଗୁଠି ଭାଙ୍ଗିଦିଆଯିବ ବୋଲି ଗୁହା କହିଛନ୍ତି। ତାଙ୍କର ଏହି ଧମକପୂର୍ଣ୍ଣ ଭିଡିଓ କ୍ଲିପ୍‌ ଭାଇରାଲ ହୋଇଛି।

ସୋମବାର ଡାକ୍ତରଙ୍କ ଆନ୍ଦୋଳନରେ ଆର୍‌.ଜି. କର ମେଡିକାଲ କଲେଜର ବହୁ ପୂର୍ବତନ ଛାତ୍ରୀଛାତ୍ର ଏବଂ ବରିଷ୍ଠ ଡାକ୍ତର ସାମିଲ ହୋଇ ମୃତା ଡାକ୍ତରଙ୍କ ପାଇଁ ନ୍ୟାୟ ଦାବି କରିଥିଲେ। ସେମାନଙ୍କ ମଧ୍ୟରୁ କେତେଜଣ ୬୦ ଦଶକର ଛାତ୍ର ଥିଲେ। ଡାକ୍ତରଙ୍କ ଆନ୍ଦୋଳନ ଯୋଗୁ ପଶ୍ଚିମବଙ୍ଗରେ ସ୍ୱାସ୍ଥ୍ୟସେବା ଗୁରୁତର ପ୍ରଭାବିତ ହୋଇଛି। ଆନ୍ଦୋଳନର ନେତୃତ୍ୱ ନେଉଥିବା କନିଷ୍ଠ ଡାକ୍ତରମାନେ ଅପରାଧୀଙ୍କୁ କଠୋର ଦଣ୍ଡ ବିଧାନ ଦାବିରେ କାର୍ଯ୍ୟବନ୍ଦ ରଖିଛନ୍ତି।

## ଅପରାଧରେ ଏକାଧିକଙ୍କ ସମ୍ପୃକ୍ତି ଅଭିଯୋଗ

### ମୃତା ଡାକ୍ତରଙ୍କ ଡାଇରି ପୃଷ୍ଠା ଚିରାଯାଇଥିଲା

କୋଲକାତାର ଆର୍‌.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ୩୧ ବର୍ଷୀୟା ଟ୍ରେନି ମହିଳା ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ଘଟଣାରେ ନ୍ୟାୟ ଦାବି କରୁଥିବା ଲୋକଙ୍କ ମୁହଁ ବନ୍ଦ କରିଦେବାକୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଉଦ୍ୟମ କରୁଥିବା ମୃତା ଡାକ୍ତରଙ୍କ ବାପା ଅଭିଯୋଗ କରିଛନ୍ତି। ନ୍ୟାୟ ଦାବି କରୁଥିବା ସାଧାରଣ ଲୋକଙ୍କୁ ଜେଲ ପଠାଇବାକୁ ଉଦ୍ୟମ ହେଉଛି। ଝିଅର ମୃତ୍ୟୁ ପାଇଁ ସେ ସମ୍ପୂର୍ଣ୍ଣ ଚେଷ୍ଟ ମେଡିସିନ୍‌ ବିଭାଗକୁ ଦାୟୀ କରିଛନ୍ତି। ଅପରାଧରେ ଉକ୍ତ ବିଭାଗର କେତେଜଣ ସମ୍ପୃକ୍ତ ଥିବା ମହିଳା ଡାକ୍ତରଙ୍କ ବାପା କହିଛନ୍ତି। ଜଣେ ବ୍ୟକ୍ତିଙ୍କ ଦ୍ୱାରା ଏଭଳି ଅପରାଧ ସମ୍ଭବ ନୁହେଁ। ଝିଅ ଡାଇରିର ଗୋଟିଏ ପୃଷ୍ଠା ଚିରାଯାଇଥିବାରୁ ଏହାକୁ ନେଇ ତାଙ୍କ ବାପା ସନ୍ଦେହ ପ୍ରକଟ କରିଛନ୍ତି। ସେ ସବୁବେଳେ ନିଜ ବ୍ୟାଗ୍‌ରେ ଡାଇରି ରଖୁଥିଲେ। ଉକ୍ତ ପୃଷ୍ଠାରୁ ସେଦିନର ସ୍ଥିତି ସମ୍ପର୍କରେ ଅଧିକ କିଛି ସୂଚନା ମିଳିପାରିଥାନ୍ତା ବୋଲି କୁହାଯାଉଛି। ତେବେ ସବୁକିଛି ସର୍ବସାଧାରଣରେ ପ୍ରକାଶ ନ କରିବାକୁ ସିବିଆଇ ମୃତା ଡାକ୍ତରଙ୍କ ପରିବାରକୁ ପରାମର୍ଶ ଦେଇଛି।

ଏହା ଏକ ସାଧାରଣ ଅପରାଧ ନୁହେଁ। ମୃତା ଡାକ୍ତରଙ୍କୁ ଟାର୍ଗେଟ କରାଯାଇଥାଇପାରେ ବୋଲି ତାଙ୍କର କେତେଜଣ ସହପାଠୀ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି। କ୍ରମାଗତ ୩୬ ଘଣ୍ଟା ସିଫ୍ଟ ଡ୍ୟୁଟି ସହ ଟ୍ରେନି ଡାକ୍ତର ଜଣକ ଅତ୍ୟଧିକ କାମ ଚାପରେ ଥିଲେ ବୋଲି ତାଙ୍କ ଡାଇରିରୁ ଜଣାପଡ଼ିଛି। ଗତ ୯ ତାରିଖ ରାତିରେ ସେମିନାର ହଲ୍‌ରେ ଟ୍ରେନି ମହିଳା ଡାକ୍ତର ଜଣକ ଏକାକୀ ଥିବା ସମ୍ପର୍କରେ ଅଭିଯୁକ୍ତ ସଞ୍ଜୟ ରାୟ କିପରି ଜାଣିଲେ ବୋଲି ଜଣେ ସହପାଠୀ ପ୍ରଶ୍ନ କରିଛନ୍ତି। ତେଣୁ ଏହା ପଛରେ କୌଣସି ବଡ଼ ମାଛର ସମ୍ପୃକ୍ତି ଥିବା ସେ ସନ୍ଦେହ ପ୍ରକାଶ କରିଛନ୍ତି।

## ଏମ୍‌ୟୁଡିଏ ମାମଲାରେ ସିଦ୍ଧାରାମାୟାଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି

ବେଙ୍ଗାଲୁରୁ, ୧୯।୮ (ପି.ଟି.)

ମହୀଶୂର ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଏମ୍‌ୟୁଡିଏ) ଜମି ଦୁର୍ନୀତି ମାମଲାରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟାଙ୍କୁ ହାଇକୋର୍ଟରୁ ସାମୟିକ ଆଶ୍ୱସ୍ତି ମିଳିଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାକୁ କର୍ଣ୍ଣାଟକ ହାଇକୋର୍ଟ ତଳକୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ୨୯ରେ ସିଦ୍ଧାରାମାୟାଙ୍କ ପିଟିଶନ୍‌ର ଶୁଣାଣି କରିବେ। ଜମି ଦୁର୍ନୀତି ମାମଲାରେ ସମ୍ପୃକ୍ତି ଅଭିଯୋଗରେ ସିଦ୍ଧାରାମାୟାଙ୍କ ବିରୋଧରେ ତଦନ୍ତ ଚଳାଇବାକୁ ରାଜ୍ୟପାଳ ଥାୱରଚାନ୍ଦ ଗେହଲଟ ଅନୁମତି ଦେଇଥିଲାବେଳେ ଏହାକୁ ଖାରଜ କରିବା ପାଇଁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବୈଧାନିକ ନିର୍ଦ୍ଦେଶାବଳୀର ଉଲ୍ଲଂଘନ କରାଯାଇ ତଥା ମନ୍ତ୍ରୀ ପରିଷଦର ପରାମର୍ଶ ନ ନେଇ ରାଜ୍ୟପାଳ ତଦନ୍ତ ପାଇଁ ଅନୁମତି ଦେଇଥିଲେ। ସମ୍ବିଧାନର ଅନୁଚ୍ଛେଦ ୧୬୩ ଅନୁଯାୟୀ ରାଜ୍ୟପାଳ ମନ୍ତ୍ରୀ ପରିଷଦର ପରାମର୍ଶ ନେବାକୁ ବାଧ୍ୟ ବୋଲି ସିଦ୍ଧାରାମାୟା ତାଙ୍କ ଆବେଦନରେ ଦର୍ଶାଇଥିଲେ। ରାଜ୍ୟପାଳଙ୍କ ନିଷ୍ପତ୍ତି ଅସ୍ଥିର, ପ୍ରକ୍ରିୟାଗତଭାବେ ତ୍ରୁଟିପୂର୍ଣ୍ଣ ଏବଂ ବାହ୍ୟ ବିଚାର ଦ୍ୱାରା ପ୍ରଭାବିତ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇବା ସହ ଏହାକୁ ଖାରଜ କରାଯାଉ ବୋଲି ହାଇକୋର୍ଟଙ୍କୁ ରିଟ୍‌ ପିଟିଶନ ଜରିଆରେ ନିବେଦନ କରିଛନ୍ତି। ଏମ୍‌ୟୁଡିଏ ଜମି ଦୁର୍ନୀତି ମାମଲାରେ ସିଦ୍ଧାରାମାୟାଙ୍କ ସମେତ ତାଙ୍କ ସ୍ତ୍ରୀ, ପୁଅ ଏସ୍‌. ଯଥୀନ୍ଦ୍ର ଏବଂ ଏମ୍‌ୟୁଡିଏର ବରିଷ୍ଠ ଅଧିକାରୀମାନଙ୍କ ନାମ ରହିଥିଲା।

## ସଂକ୍ଷେପରେ

### ବାଇଡେନ୍‌ଙ୍କ ବିରୋଧରେ ରିପବ୍ଲିକାନଙ୍କ ମହାଭିଯୋଗ ରିପୋର୍ଟ

ୱାଶିଂଟନ, ୧୯।୮

ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ବିରୋଧରେ ହାଉସ୍‌ ରିପବ୍ଲିକାନମାନେ ସେମାନଙ୍କର ପ୍ରାରମ୍ଭିକ ମହାଭିଯୋଗ ତଦନ୍ତ ରିପୋର୍ଟ ପ୍ରକାଶ କରିଛନ୍ତି। ବାଇଡେନ୍‌ କ୍ଷମତାର ଦୁରୁପଯୋଗ କରି ପୁଅ ହଣ୍ଟର ବାଇଡେନ୍‌ ଏବଂ ପରିବାର ସମ୍ପୃକ୍ତ ଥିବା ଆର୍ଥିକ କାରବାର ମାମଲାର ବିଚାରରେ ପ୍ରତିବନ୍ଧକ ସୃଷ୍ଟି କରିଥିବା ରିପବ୍ଲିକାନ ସଦସ୍ୟମାନେ ଅଭିଯୋଗ କରିଛନ୍ତି। ପାଖାପାଖି ବର୍ଷେ ଧରି ରିପବ୍ଲିକାନ୍‌ ସଦସ୍ୟମାନେ ତଦନ୍ତ ଚଳାଇଥିଲେ ମଧ୍ୟ ରାଷ୍ଟ୍ରପତି କୌଣସି ଆପରାଧିକ ତ୍ରୁଟି କରିଥିବାର ପ୍ରମାଣ ପାଇପାରି ନାହାନ୍ତି। ସୋମବାର ପ୍ରକାଶ ପାଇଥିବା ୩୦୦ ପୃଷ୍ଠାର ରିପୋର୍ଟରେ ତାଙ୍କ ପରିବାର ତାଙ୍କୁ ବ୍ରାଣ୍ଡ୍‌ କରି ଦୁର୍ନୀତି ଉପାୟରେ ବ୍ୟବସାୟ କାରବାର ଚଳାଇଥିଲେ ବୋଲି କୁହାଯାଇଛି। ତେବେ ବାଇଡେନ୍‌ ପୁନର୍ବାର ରାଷ୍ଟ୍ରପତି ନିର୍ବାଚନ ଲଢୁ ନ ଥିବାରୁ ପରବର୍ତ୍ତୀ ପଦକ୍ଷେପ ଅନିଶ୍ଚିତତା ମଧ୍ୟରେ ରହିଛି। ମହାଭିଯୋଗ ଜରିଆରେ ରାଷ୍ଟ୍ରପତିଙ୍କୁ ସିନେଟ ଦ୍ୱାରା ହଟାଇବା ନିମନ୍ତେ ହାଉସ୍‌ ରିପବ୍ଲିକାନ୍‌ଙ୍କ ଯୋଜନାକୁ ନିଜ ଦଳର ପୂର୍ଣ୍ଣ ସମର୍ଥନ ନ ଥିବା ଜଣାପଡ଼ିଛି। ଅଧିକାଂଶ ରିପବ୍ଲିକାନ ଡେମୋକ୍ରାଟିକ୍‌ ରାଷ୍ଟ୍ରପତି ପ୍ରାର୍ଥୀ କମଳା ହାରିସ୍‌ଙ୍କ ବିରୋଧରେ କେତେକ ମାମଲାର ତଦନ୍ତ ଉପରେ ଗୁରୁତ୍ୱ ଦେଇଛନ୍ତି।

### ଆତଙ୍କବାଦୀ ଆକ୍ରମଣରେ ସିଆର୍‌ପିଏଫ୍‌ ଅଫିସରଙ୍କ ମୃତ୍ୟୁ

ଶ୍ରୀନଗର, ୧୯।୮

ଜମ୍ମୁ-କଶ୍ମୀରର ଉଧାମପୁର ଅନ୍ତର୍ଗତ ଡୋଡା ଅଞ୍ଚଳରେ ସୋମବାର ସିଆର୍‌ପିଏଫ୍‌ ଏବଂ ପୋଲିସ ସ୍ୱତନ୍ତ୍ର ଅପରେଶନ ଗ୍ରୁପ୍‌ (ଏସ୍‌ଓଜି)ର ମିଳିତ ପାଟ୍ରୋଲିଂ ପାର୍ଟି ଉପରେ ଆତଙ୍କବାଦୀ ଆକ୍ରମଣ କରିଛନ୍ତି। ଏଥିରେ ସିଆର୍‌ପିଏଫ୍‌ର ଜଣେ ଅଫିସରଙ୍କ ମୃତ୍ୟୁ ଘଟିଛି। ବହୁ ବର୍ଷ ହେଲା ଜମ୍ମୁର ଉକ୍ତ ଅଞ୍ଚଳ କଶ୍ମୀର ତୁଳନାରେ ଶାନ୍ତ ରହିଥିବାବେଳେ କିଛିଦିନ ହେଲା ଆକ୍ରମଣ ହେଉଛି। ଜମ୍ମୁର ଦକ୍ଷିଣ ଭାଗ ପିର୍‌ ପଞ୍ଜାଲ ରେଞ୍ଜ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଉଛି। ଗତ ୧୪ ତାରିଖରେ ଡୋଡାରେ ଏନ୍‌କାଉଣ୍ଟର ବେଳେ ସେନା କ୍ୟାପ୍‌ଟେନ୍‌ ଦୀପକ ସିଂଙ୍କର ମୃତ୍ୟୁ ଘଟିଥିଲା।

### ୨୩ରେ ୟୁକ୍ରେନ୍‌ ଯିବେ ମୋଦି

ନୂଆଦିଲ୍ଲୀ, ୧୯।୮

ଆସନ୍ତା ୨୩ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୟୁକ୍ରେନ୍‌ ଗସ୍ତରେ ଯିବେ। ଏନେଇ ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ଏହି ଅବସରରେ ୨ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ଏବଂ ବହୁପକ୍ଷୀୟ ସହଯୋଗ ଉପରେ ଆଲୋଚନା ହେବ। ୩୦ ବର୍ଷ ପରେ ଭାରତର କୌଣସି ପ୍ରଧାନମନ୍ତ୍ରୀ ୟୁକ୍ରେନ୍‌ରେ ପହଞ୍ଚିବେ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ମସ୍କୋରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କୁ ଭେଟିବାର ପ୍ରାୟ ମାସେ ପରେ ମୋଦି ୟୁକ୍ରେନ୍‌ ଗସ୍ତ କରିବେ। ଶେଷଥର ପାଇଁ ସେ ଗତ ଜୁନ୍‌ରେ ଇଟାଲୀରେ ଅନୁଷ୍ଠିତ ହୋଇଥିବା ଜି-୭ ସମ୍ମିଳନୀରେ ୟୁକ୍ରେନ୍‌ ରାଷ୍ଟ୍ରପତି ଭୋଲଡିମିର ଜେଲେନସ୍କିଙ୍କୁ ଭେଟିଥିଲେ। ତେବେ ୟୁକ୍ରେନ୍‌ ଗସ୍ତ ପୂର୍ବରୁ ମୋଦି ଅଗଷ୍ଟ ୨୧ ଓ ୨୨ରେ ପୋଲାଣ୍ଡ ଗସ୍ତ କରିବେ।

## ତଲାକ ପ୍ରଥା ବିବାହ ପାଇଁ ଘାତକ ଥିଲା

### ସୁପ୍ରିମକୋର୍ଟରେ ୩ ତଲାକ ଆଇନକୁ କେନ୍ଦ୍ରର ସମର୍ଥନ

ନୂଆଦିଲ୍ଲୀ, ୧୯।୮ (ପି.ଟି.)

୨୦୧୯ର ୩ ତଲାକ ଆଇନକୁ କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟରେ ସମର୍ଥନ କରିଛନ୍ତି। ପୂର୍ବରୁ ତଲାକ ପ୍ରଥା ବିବାହ ପାଇଁ ଘାତକ ଥିଲା ବୋଲି ସରକାର କହିଛନ୍ତି। ଉକ୍ତ ଆଇନକୁ ଚ୍ୟାଲେଞ୍ଜ କରି ଦାଏର ଏକାଧିକ ପିଟିଶନ୍‌ ଉପରେ କେନ୍ଦ୍ର ସରକାର ସତ୍ୟପାଠ ଜରିଆରେ ଜବାବ ଦାଖଲ କରିଛନ୍ତି। ଏଥିରେ କୁହାଯାଇଛି, ତିନି ତଲାକ ପ୍ରଥାକୁ ୨୦୧୭ରେ ସର୍ବୋଚ୍ଚ ଅଦାଲତ ଖାରଜ କରିଦେଇଥିଲେ। ଏଭଳି ପ୍ରଥା ଉକ୍ତ ସମ୍ପ୍ରଦାୟରେ ଛାଡ଼ପତ୍ର ସଂଖ୍ୟା କମାଇବାରେ ଠିକ୍‌ ଭାବେ କାର୍ଯ୍ୟ କରୁ ନ ଥିବା ସର୍ବୋଚ୍ଚ ଅଦାଲତ ସେତେବେଳେ କହିଥିଲେ। ୩ ତଲାକ ଜରିଆରେ ଛାଡ଼ପତ୍ର ପାଉଥିବା ବିବାହିତ ମୁସଲମାନ ମହିଳାମାନଙ୍କ ଅଧିକାରର ସୁରକ୍ଷା ପାଇଁ ପାର୍ଲାମେଣ୍ଟ ୨୦୧୯ରେ କଠୋର ଆଇନ ଆଣିଥିଲା। ଉକ୍ତ ଆଇନ ବିବାହିତ ମୁସଲମାନ ମହିଳାଙ୍କୁ ନ୍ୟାୟ ଓ ସମାନତା ପ୍ରଦାନ ସହ ବୃହତ୍ତର ସାମ୍ବିଧାନିକ ଲକ୍ଷ୍ୟ ସୁନିଶ୍ଚିତ କରିବାରେ ସହାୟକ ହୋଇଛି। ଏହା ସେମାନଙ୍କ ପ୍ରତି ଅଣପକ୍ଷପାତ ଓ ସଶକ୍ତୀକରଣର ମୌଳିକ ଅଧିକାରକୁ ଆଗକୁ ବଢ଼ାଇବାରେ ସାହାଯ୍ୟ କରିଛି ବୋଲି ସତ୍ୟପାଠରେ କୁହାଯାଇଛି।

ଏକାସଙ୍ଗେ ତିନି ତଲାକ କହିବା ଅସାମ୍ବିଧାନିକ ବୋଲି ୨୦୧୭ ଅଗଷ୍ଟ ୨୨ରେ ସୁପ୍ରିମକୋର୍ଟ ଘୋଷଣା କରିଥିଲେ। ମୁସଲମାନ ମହିଳା (ବିବାହ ଅଧିକାରର ସୁରକ୍ଷା) ଆଇନ, ୨୦୧୯ର ବୈଧତା ଯାଞ୍ଚ କରିବାକୁ ସେହିବର୍ଷ ଅଗଷ୍ଟ ୨୩ରେ ସର୍ବୋଚ୍ଚ ଅଦାଲତ ରାଜି ହୋଇଥିଲେ। ଉକ୍ତ ଆଇନର ଉଲ୍ଲଂଘନ କଲେ ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ବ୍ୟବସ୍ଥା ରହିଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ତାଙ୍କ ୭, ଲୋକ କଲ୍ୟାଣ ମାର୍ଗ ବାସଭବନରେ ସ୍କୁଲ ଛାତ୍ରୀମାନଙ୍କ ସହ ରକ୍ଷାବନ୍ଧନ ଉତ୍ସବ ପାଳନ କରୁଛନ୍ତି।

## ନକଲି ଏନ୍‌ସିସି କ୍ୟାମ୍ପ୍‌ରେ ୧୩ ଛାତ୍ରୀଙ୍କୁ ଯୌନ ନିର୍ଯାତନା

### ପ୍ରଧାନ ଶିକ୍ଷକ ଗିରଫ

ଚେନ୍ନାଇ, ୧୯।୮

ତାମିଲନାଡୁର କୃଷ୍ଣାଗିରିସ୍ଥିତ ଏକ ଘରୋଇ ବିଦ୍ୟାଳୟର ୧୩ ଛାତ୍ରୀଙ୍କୁ ଗୋଟିଏ ନକଲି ଏନ୍‌ସିସି କ୍ୟାମ୍ପ୍‌ରେ ଯୌନ ନିର୍ଯାତନା କରାଯାଇଥିବାର ଏକ ମାମଲା ସାମନାକୁ ଆସିଛି। ତେବେ ଏହି ମାମଲାରେ ୧୧ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ସୋମବାର ପୋଲିସ ସୂଚନା ଦେଇଛି। ଗିରଫ ବ୍ୟକ୍ତିଙ୍କ ମଧ୍ୟରେ ଉକ୍ତ ଏନସିସି କ୍ୟାମ୍ପ୍‌ ଆୟୋଜକ, ସ୍କୁଲର ପ୍ରଧାନ ଶିକ୍ଷକ ଓ ଅନ୍ୟ ୨ ଶିକ୍ଷକ, ଜଣେ ଖବରଦାତା ଓ ସ୍ଥାନୀୟ ଛାତ୍ରନେତା ରହିଛନ୍ତି। ତେବେ ଉକ୍ତ ଘରୋଇ ବିଦ୍ୟାଳୟକୁ ଏନ୍‌ସିସି ମାନ୍ୟତା ମିଳି ନ ଥିବା ନେଇ ତେବେ ତଦନ୍ତରୁ ଜଣାପଡ଼ିଛି। ଏକ ସାମାଜିକ ସଂସ୍ଥା ପକ୍ଷରୁ ଛାତ୍ରୀଛାତ୍ରଙ୍କ ଏକ ଶିବିର ଆୟୋଜନ କରିବା ପାଇଁ ବିଦ୍ୟାଳୟ ମ୍ୟାନେଜମେଣ୍ଟକୁ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ଶିବିର ଆୟୋଜିତ ହେଲେ ସ୍କୁଲକୁ ଏନ୍‌ସିସି ମାନ୍ୟତା ମିଳିବ ବୋଲି ଆଶ୍ୱାସନା ଦିଆଯାଇଥିଲା। ତେଣୁ ଏନ୍‌ସିସିର ସ୍ୱୀକୃତି ପାଇବା ପାଇଁ ଏହି ଶିବିର ଆୟୋଜନ କରିବାକୁ ସ୍କୁଲ କର୍ତ୍ତୃପକ୍ଷ ରାଜି ହୋଇଯାଇଥିଲେ। ୧୭ ଛାତ୍ରୀ ଓ ୨୪ ଛାତ୍ରଙ୍କୁ ନେଇ ଗତ ଅଗଷ୍ଟ ୫ରୁ ୯ ପର୍ଯ୍ୟନ୍ତ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଛାତ୍ର ଏବଂ ଛାତ୍ରୀମାନଙ୍କୁ ଅଲଗା ଅଲଗା ସ୍ଥାନରେ ରହିବା ପାଇଁ ଦିଆଯାଉଥିଲା। ତେବେ ଛାତ୍ରୀମାନଙ୍କ ଉପରେ ନଜର ରଖିବା ପାଇଁ କୌଣସି ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ନିୟୋଜିତ ନ ଥିଲେ ବୋଲି ପୋଲିସ ସୂଚନା ଦେଇଛି। ଛାତ୍ରୀମାନଙ୍କୁ ଉକ୍ତ କ୍ୟାମ୍ପ୍‌ରେ ଯୌନ ଶୋଷଣ କରାଯାଉଥିବା ନେଇ ସ୍କୁଲ ପ୍ରଶାସନ ଜାଣିଥିବା ପୋଲିସ କହିଛି।

## ଏମ୍‌ପକ୍ସ ପାଇଁ ଭାରତର ପ୍ରସ୍ତୁତି

ନୂଆଦିଲ୍ଲୀ, ୧୯।୮

### ହସ୍ପିଟାଲ, ବିମାନବନ୍ଦରରେ ସତର୍କତା ଜାରି



ଏମ୍‌ପକ୍ସ ସଂକ୍ରମଣକୁ ଦୃଷ୍ଟିରେ ରଖି ଭାରତ ସତର୍କତାମୂଳକ ପଦକ୍ଷେପ ଆରମ୍ଭ କରିଛି। ହସ୍ପଟାଲଗୁଡ଼ିକରେ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ କରାଯିବା ସହ ବିମାନବନ୍ଦରଗୁଡ଼ିକରେ ସତର୍କତା ଜାରି ହୋଇଛି। ଦିଲ୍ଲୀର ସଫଦରଜଙ୍ଗ, ଲେଡି ହାର୍ଡିଙ୍ଗ୍‌ ମେଡିକାଲ କଲେଜ, ଏବଂ ରାମମୋନହର ଲୋହିଆ ହସ୍ପିଟାଲକୁ ନୋଡାଲ ହସ୍ପିଟାଲ କରାଯାଇଥିବାବେଳେ ବାହାର ଯାତ୍ରୀଙ୍କଠାରୁ ଏମ୍‌ପକ୍ସ ଯେପରି ନ ବ୍ୟାପେ ସେଥିପାଇଁ ଦେଶବ୍ୟାପୀ ବିମାନବନ୍ଦରଗୁଡ଼ିକରେ ସତର୍କତା ଅବଲମ୍ବନ କରାଯାଇଛି। କୁଣ୍ଡେଇ ହେବା ଏମ୍‌ପକ୍ସର ଏକ ଲକ୍ଷଣ ହୋଇଥିବାରୁ ଏଭଳି ରୋଗୀଙ୍କୁ ଚିହ୍ନଟ କରିବା ଏବଂ ସମ୍ଭାବ୍ୟ ରୋଗୀଙ୍କ ପାଇଁ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ ରଖିବାକୁ ହସ୍ପିଟାଲଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ଏମ୍ପକ୍ସ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ସନ୍ଦେହ କରାଗଲେ ରୋଗୀଙ୍କର ଆର୍‌ଟି-ପିସିଆର୍‌ ପରୀକ୍ଷା ଏବଂ ସ୍ରାବ ପରୀକ୍ଷା କରାଯାଇ ଏହା ଚିହ୍ନଟ କରାଯିବ।

### ପାକିସ୍ତାନରେ ୪ର୍ଥ ଏମ୍‌ପକ୍ସ ମାମଲା

ଇସ୍‌ଲାମାବାଦ, ୧୯।୮

ଆଫ୍ରିକୀୟ ଦେଶଗୁଡ଼ିକରେ ଏମ୍‌ପକ୍ସ ସଂକ୍ରମଣ ବଢୁଥିବାବେଳେ ପାକିସ୍ତାନରେ ସୋମବାର ଚତୁର୍ଥ ମାମଲା ଚିହ୍ନଟ ହୋଇଛି। ପାକ୍‌ ଅଧିକୃତ କଶ୍ମୀରରେ ଜଣେ ୪୭ ବର୍ଷୀୟ ଏମ୍‌ପକ୍ସରେ ସଂକ୍ରମିତ ହୋଇଛନ୍ତି। ସେ ସାଉଦି ଆରବର ଜେଦାହରୁ ଫେରିଥିଲେ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୂର୍ବରୁ ଖାଇବର-ପଖତୁନ୍‌ଖ୍ୱା ପ୍ରଦେଶର ୩ ଜଣ ସଂକ୍ରମିତ ହୋଇଥିଲେ। ଫିଲିପାଇନ୍ସରେ ଚଳିତ ବର୍ଷର ପ୍ରଥମ ମାମଲା ଚିହ୍ନଟ ହୋଇଛି। ତେବେ ଭୂତାଣୁର କେଉଁ ଷ୍ଟ୍ରେନ୍‌ ସେଠାରେ ବ୍ୟାପୁଛି, ତାହା ଚିହ୍ନଟ କରିବା ପାଇଁ ପରୀକ୍ଷା ନିରୀକ୍ଷା ଚାଲିଛି। ଗତ ବୁଧବାର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଏମ୍‌ପକ୍ସକୁ ଏକ ବୈଶ୍ୱିକ ଜନସ୍ୱାସ୍ଥ୍ୟ ଏମର୍ଜେନ୍ସି ଭାବେ ଘୋଷଣା କରିଥିଲା। ଭୂତାଣୁର ନୂଆ ଭାରିଆଣ୍ଟ ସହଜରେ ସଂକ୍ରମିତ ହେଉଥିବାରୁ ଏହା ବିଶ୍ୱବ୍ୟାପୀ ଚିନ୍ତାର କାରଣ ହୋଇଛି।

## ବିକଶିତ ଭାରତ ରାଜୀବଙ୍କ ସ୍ୱପ୍ନ ଥିଲା

### ଆଜି ବିଶ୍ୱ ସଦ୍ଭାବନା ଦିବସ



ସବୁ ଜାତି, ଧର୍ମ, ବର୍ଣ୍ଣର ଲୋକଙ୍କ ମଧ୍ୟରେ ଜାତୀୟ ଏକତା ମନୋଭାବ ସହ ଶାନ୍ତି, ସ୍ନେହ ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଉତ୍ସାହିତ କରି ଭାରତକୁ ଏକ ବିକଶିତ ଦେଶ କରିବାର ସ୍ୱପ୍ନ ଦେଖିଥିଲେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ। ସଦ୍ଭାବନା ମାଧ୍ୟମରେ ରାଷ୍ଟ୍ରର ଆଧୁନିକୀକରଣ ତଥା ବିକାଶ ପଥ ଖୋଲିପାରିବ ବୋଲି ଚିନ୍ତା କରି ସେ ଦେଶବାସୀଙ୍କୁ ସେହିବାଟରେ ଚାଲିବା ନିମନ୍ତେ ଉତ୍ସାହିତ କରିଆସୁଥିଲେ। ସ୍ୱର୍ଗତଃ ଗାନ୍ଧୀଙ୍କ ସେହି ଆଧୁନିକ ଚିନ୍ତାଧାରା ଓ ଇଚ୍ଛାକୁ ସମ୍ମାନ ଜଣାଇ ତାଙ୍କ ଜନ୍ମଦିବସ ସ୍ମୃତିରେ ପ୍ରତି ବର୍ଷ ଅଗଷ୍ଟ ୨୦ରେ ଦେଶରେ ‘ସଦ୍ଭାବନା ଦିବସ’ ପାଳନ କରାଯାଏ। ସେହିପରି ବାୟୋଗ୍ୟାସ, ସୋଲାର ଶକ୍ତି, ପବନ ବା ୱିଣ୍ଡ ପାୱାର ଭଳି ଅକ୍ଷୟ ଶକ୍ତିର ମହତ୍ତ୍ୱ ଏହାର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ମଧ୍ୟ ରାଜୀବ ଗାନ୍ଧୀଙ୍କ ଜନ୍ମ ବାର୍ଷିକୀକୁ ଅକ୍ଷୟ ଉର୍ଜା ଦିବସ ଭାବେ ମଧ୍ୟ ପାଳନ କରାଯାଇଥାଏ। ଦେଶର ବିକାଶ ପାଇଁ ତାଙ୍କ ଉତ୍ସାହଜନକ ଶବ୍ଦ ଆଜି ମଧ୍ୟ ଜନ୍ମ ବାର୍ଷିକୀରେ ସ୍ମରଣୀୟ। ତାଙ୍କର ପ୍ରତ୍ୟେକ ବାକ୍ୟ ଅତ୍ୟନ୍ତ ପ୍ରେରଣାଦାୟକ ଯାହା ଏବେ ବି ଦେଶର ଯୁବକମାନଙ୍କୁ ଭାରତର ନେତୃତ୍ୱ ନେବାକୁ ପ୍ରୋତ୍ସାହିତ କରିଥାଏ।

## ଫୁର୍‌ସତ୍‌

### ୨୦୦ କୋଟି କ୍ଲବ୍‌ରେ ‘ସ୍ତ୍ରୀ ୨’

ମୁମ୍ବାଇ

ଅଗଷ୍ଟ ୧୫ରେ ମୁକ୍ତିଲାଭ କରିଥିବା ଶ୍ରଦ୍ଧା କପୁର ଏବଂ ରାଜକୁମାର ରାଓଙ୍କ ବହୁ ପ୍ରତୀକ୍ଷିତ ‘ସ୍ତ୍ରୀ ୨’ ଚଳଚ୍ଚିତ୍ରକୁ ଦର୍ଶକ ଖୁବ୍‌ ପସନ୍ଦ କରିଛନ୍ତି। ଏହି ହରର କମେଡି ଫିଲ୍ମ ପ୍ରତିଦିନ ନୂଆ ନୂଆ ରେକର୍ଡ ସୃଷ୍ଟି କରୁଛି। ରିପୋର୍ଟ ଅନୁଯାୟୀ, ରିଲିଜ୍‌ ହେବାର ମାତ୍ର ୪ ଦିନ ମଧ୍ୟରେ ‘ସ୍ତ୍ରୀ ୨’ ଫିଲ୍ମ ବିଶ୍ୱବ୍ୟାପୀ ୨୮୩ କୋଟି ଟଙ୍କା ସଂଗ୍ରହ କରିଛି। ଅନ୍ୟପକ୍ଷରେ କେବଳ ଭାରତରୁ ଏହି ଫିଲ୍ମ ରବିବାର ସୁଦ୍ଧା ୨୪୦ କୋଟି ଟଙ୍କା ସଂଗ୍ରହ କରିଛି।

### ‘ବର୍ଡର ୨’ରେ ବରୁଣ





ମୁମ୍ବାଇ

୧୯୯୭ ମସିହାରେ ରିଲିଜ୍‌ ହୋଇଥିବା ଲୋକପ୍ରିୟ ଦେଶାତ୍ମବୋଧ ଚଳଚ୍ଚିତ୍ର ‘ବର୍ଡର’ର ସିକ୍ୱେଲ ‘ବର୍ଡର ୨’କୁ ନେଇ ଏବେ ଚର୍ଚ୍ଚା ଲାଗିରହିଛି। ଏହି ଚଳଚ୍ଚିତ୍ରକୁ ନେଇ ରବିବାର ଏକ ବଡ଼ ଅପଡେଟ ସାମ୍ନାକୁ ଆସିଛି। ‘ବର୍ଡର ୨’ ଫିଲ୍ମ ପାଇଁ ଅଭିନେତା ବରୁଣ ଧାୱନ ସାଇନ୍‌ କରିଛନ୍ତି ବୋଲି ଏକ ରିପୋର୍ଟ ପ୍ରକାଶ କରିଛି। ରିପୋର୍ଟ ଅନୁଯାୟୀ, ବରୁଣ ଏହି ଫିଲ୍ମରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିବେ। ତେବେ ବରୁଣଙ୍କ ଭୂମିକା ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସୂଚନା ମିଳିପାରିନାହିଁ। ପୂର୍ବରୁ ଅଭିନେତା ଆୟୁଷ୍ମାନ୍‌ ଖୁରାନା ମଧ୍ୟ ଏହି ଫିଲ୍ମରେ ଅଭିନୟ କରିବେ ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। ଏହାସହ ‘ବର୍ଡର ୨’ରେ ସନିଙ୍କ ସହ ଆୟୁଷ୍ମାନ ଓ ବରୁଣଙ୍କୁ ଏକାଠି ଦେଖିବାକୁ ମିଳିବ ବୋଲି ସ୍ପଷ୍ଟ ହୋଇଛି। ତେବେ ଉକ୍ତ ଫିଲ୍ମରେ କେଉଁ ଅଭିନେତ୍ରୀ ନଜରକୁ ଆସିବେ, ସେନେଇ ବର୍ତ୍ତମାନ ସୁଦ୍ଧା ଜଣାପଡ଼ିନାହିଁ। ଅନୁରାଗ ସିଂଙ୍କ ନିର୍ଦ୍ଦେଶିତ ଏବଂ ଜେ.ପି. ଦତ୍ତା, ନିଧି ଦତ୍ତା ଓ ଭୂଷଣ କୁମାରଙ୍କ ଦ୍ୱାରା ପ୍ରଯୋଜିତ ଏହି ଫିଲ୍ମର ଶୁଟିଂ ଚଳିତ ନଭେମ୍ବରରୁ ଆରମ୍ଭ ହେବ ବୋଲି ଅନୁମାନ କରାଯାଉଛି। ୨୦୨୬ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏହି ଫିଲ୍ମ ରିଲିଜ୍‌ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି।




ରକ୍ଷା ବନ୍ଧନ ଉତ୍ସବ

ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଛାତ୍ରୀମାନେ ରାଖୀ ବାନ୍ଧୁଛନ୍ତି।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଖୀ ବାନ୍ଧୁଛନ୍ତି।



ରାଷ୍ଟ୍ରପତି ଭବନଠାରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଶୁଭେଚ୍ଛା ଜଣାଉଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ସୁଭଦ୍ରା ଭଉଣୀମାନେ ସୁଖ, ଶାନ୍ତି, ସୁରକ୍ଷାର ସହିତ ରହିବେ: ମୁଖ୍ୟମନ୍ତ୍ରୀ

## ରାଜ୍ୟସ୍ତରୀୟ ରକ୍ଷାବନ୍ଧନ ଉତ୍ସବ

**ଭୁବନେଶ୍ୱର,୧୯।୮(ଅନିଲଦାସ)**

ରକ୍ଷା ବନ୍ଧନ ଉତ୍ସବ ଅବସରରେ ସୋମବାର ରାଜ୍ୟ ଅତିଥି ଭବନରେ ଏକ ଉତ୍ସବର ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍କୁଲ, କଲେଜ ଓ ବିଭିନ୍ନ ଅନୁଷ୍ଠାନରୁ ଝିଅମାନେ ଆସି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ମୁଖ୍ୟମନ୍ତ୍ରୀ ସେମାନଙ୍କ ପାଇଁ ଥିଲେ ଆଦରର 'ମୋହନ ଭାଇ'। ଝିଅ, ମହିଳା ଓ କୁନି କୁନି ପିଲାମାନେ ଆସି ବନ୍ଦାପନା କରି ମୁଖ୍ୟମନ୍ତ୍ରୀଙ୍କୁ ରାଖୀ ବାନ୍ଧିବା ସହିତ ମିଠା ଖୁଆଇ ଥିଲେ। ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଆଶୀର୍ବାଦ କରିବା ସହ ଉପହାର ମଧ୍ୟ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ସବୁ ଭଉଣୀମାନଙ୍କ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିବା ସହିତ ସମସ୍ତେ ଯେପରି ସୁରକ୍ଷାର ସହିତ ରହିବେ ସେଥିପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଭଉଣୀମାନଙ୍କ ପାଇଁ ରାଜ୍ୟ ସରକାର ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ପରିବର୍ତ୍ତନର ଏ ସମୟରେ ସମସ୍ତେ ଯେପରି ଭଲରେ ରହିବେ ସେଥିପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ସଂସ୍ଥାର ୫୦୦ରୁ ଅଧିକ ଝିଅ ଓ ମହିଳାମାନେ ମୁଖ୍ୟମନ୍ତ୍ରୀଙ୍କ ହାତରେ ରାଖୀ ବାନ୍ଧିଥିଲେ। ପ୍ରଥମେ ଆସିଥିଲେ ମୁଖ୍ୟମନ୍ତ୍ରୀଙ୍କ ନିଜ ଭଉଣୀ ରାସମଣୀ ମାଝୀ। ମୁଖ୍ୟମନ୍ତ୍ରୀଙ୍କୁ ବନ୍ଦାପନା କରି ମିଠା ଖୁଆଇ ରାଖୀ ବାନ୍ଧିଥିଲେ। ଏହାପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ବରିଷ୍ଠ ନେତ୍ରୀ ପୂର୍ଣ୍ଣିମା କେର୍‌କେଟା ମୁଖ୍ୟମନ୍ତ୍ରୀଙ୍କୁ ରାଖୀ ବାନ୍ଧିଥିଲେ। ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ସଫେଇ କର୍ମଚାରୀ (ବିଏମ୍‌ସି), ବ୍ରହ୍ମପୁରର ଦିବ୍ୟାଙ୍ଗ ଅନୁଷ୍ଠାନ, ମାନସିକ ଅନଗ୍ରସର ପିଲାମାନେ, ଭୁବନେଶ୍ୱର ଏସ. ଓ . ଏସ. ଭିଲେଜର ପିଲାମାନେ, ପ୍ରଜାପିତା ବ୍ରହ୍ମାକୁମାରୀ, ମହିଳା କର୍ମଜୀବୀ ସାମ୍ବାଦିକ, ମହିଳା ସାମାଜିକ ଅନୁଷ୍ଠାନ, ମହିଳା ଚଳଚ୍ଚିତ୍ର ତାରକା, ଓକିଲ, ଭାଜପା ମହିଳା ମୋର୍ଚ୍ଚା, ସେବିକା ସମିତି, ଦୁର୍ଗା ବାହିନୀ, ମହିଳା କର୍ପୋରେଟର ଏବଂ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ। ଏହାସହିତ ତମାଣ୍ଡୋ, ଧର୍ମବିହାର, ପଞ୍ଚସଖାନଗର, ୟୁନିଟ-୮, ବରମୁଣ୍ଡା, କଳିଙ୍ଗବିହାର, ନୀଳାଦ୍ରିବିହାର, ଜୟଦେବବିହାର, ଭୀମଟାଙ୍ଗି, ଆଦିମାତା କଲୋନି, ନିମାପଡ଼ା ଓ ୟୁନିଟ-୩ ପ୍ରଭୃତି ଅଞ୍ଚଳର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଗଣ, ଭୁବନେଶ୍ୱର ତପୋବନ ହାଇସ୍କୁଲ, କ୍ୟାପିଟାଲ ଗର୍ଲସ ହାଇସ୍କୁଲ, ଶିରିପୁର ଆଶ୍ରମ ସ୍କୁଲ, ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ, ତକ୍ଷଶିଳା, ମଦର୍ସ ସ୍କୁଲ, ଉତ୍କଳ ବିଶ୍ୱବିଦ୍ୟାଳୟ, ରମାଦେବୀ ବିଶ୍ୱବିଦ୍ୟାଳୟ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ମହର୍ଷି ମହିଳା ମହାବିଦ୍ୟାଳୟ, ଦେବରାୟ ନୟାପଲ୍ଲୀ ମହାବିଦ୍ୟାଳୟ, ରାଜଧାନୀ ମହାବିଦ୍ୟାଳୟ, ରାଜା ମଧୁସୂଦନ ଦେବ ଡିଗ୍ରୀ ମହାବିଦ୍ୟାଳୟ ଆଦି ଛାତ୍ରୀମାନେ ଯୋଗଦେଇଥିଲେ।

# ସାକ୍ଷୀଗୋପାଳ ମନ୍ଦିର ଝୁଲଣ କୁଞ୍ଜରେ ଜୋତାପିନ୍ଧା ମୂର୍ତ୍ତି

**ସାକ୍ଷୀଗୋପାଳ,୧୯।୮(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)**

- ଭକ୍ତ ଓ ସେବାୟତଙ୍କ ଅସନ୍ତୋଷ, ତୁରନ୍ତ ହଟାଇବାକୁ ଦାବି
- ଉପମୁଖ୍ୟମନ୍ତ୍ରୀ, ପୁରୀ ଏମ୍‌ପି, ସତ୍ୟବାଦୀ ବିଧାୟକଙ୍କୁ ଅଭିଯୋଗ

ସାକ୍ଷୀଗୋପାଳ ମନ୍ଦିରରେ ରବିବାର ପରମ୍ପରା କ୍ରମେ ଗହ୍ମାପୂର୍ଣ୍ଣିମା ପର୍ବ ଓ ଝୁଲଣ ଯାତ୍ରା ପାଳିତ ହୋଇଯାଇଛି। ତେବେ ଚଳିତ ବର୍ଷ ବର୍ଜ୍ୟବସ୍ତୁ ଫାଇବରରେ ନିର୍ମିତ ଜୋତା ପିନ୍ଧିଥିବା ଭୀମ ଓ ଦୁଃଶାସନଙ୍କ ମୂର୍ତ୍ତି ସ୍ଥାପନ କରାଯାଇଛି। ଏହାବ୍ୟତୀତ ୨୦ଟି ସଖୀ, ରୋହିଣୀ, ଯଶୋଦା, କୃଷ୍ଣ ଓ ବଳରାମଙ୍କ ମୂର୍ତ୍ତି ଝୁଲଣ କୁଞ୍ଜରେ ମନ୍ଦିର ପ୍ରଶାସନ ଖଞ୍ଜିଥିବା ଦେଖାଯାଇଛି। ପୂର୍ବରୁ ଶୋଲ, ନଡ଼ା, କପଡ଼ା, କାଗଜ ଅଠା ଓ ଚିକ୍‌ମିକ୍ ଜରି ଜମୁରାରେ ଝୁଲଣ କୁଞ୍ଜ ସଜାଯାଉଥିବା ବେଳେ ଚଳିତବର୍ଷ ମନ୍ଦିର ପରମ୍ପରାକୁ ଏଡ଼ାଇଯାଇ ଅନାବଶ୍ୟକ ଭାବେ ଲକ୍ଷାଧିକ ଟଙ୍କା ବ୍ୟୟରେ ଫାଇବର ମୂର୍ତ୍ତି ସ୍ଥାପନକୁ ସେବାୟତ ଓ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସୋସିଆଲ ମିଡିଆରେ ଏ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୁରୀ ଏମ୍‌ପି ସମ୍ବିତ ପାତ୍ର ଏବଂ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ଏହି ଅଭିଯୋଗ ସାମ୍ନାକୁ ଆସିବା ପରେ ମନ୍ଦିର ପ୍ରଶାସନ ଦୋଷ ଲୁଚାଇବାକୁ ଯାଇ ଜୋତାପିନ୍ଧା ମୂର୍ତ୍ତିଙ୍କ ପାଦକୁ ଠାକୁରଙ୍କ ପାଟବସ୍ତ୍ରରେ ଢାଙ୍କିଦେବା ଘଟଣା ଭକ୍ତମାନଙ୍କୁ ଚକିତ କରିଛି। ସେବାୟତ ସଂଘ ତଥା ମନ୍ଦିର ପରିଚାଳନା ପରିଷଦ ସଭ୍ୟ ପ୍ରତାପ ମହାପାତ୍ର ଜୋତାପିନ୍ଧା ମୂର୍ତ୍ତି ରଖାଯାଇଥିବା ବିଷୟରେ ଜାଣି ନ ଥିଲେ ଏବଂ ଏହାକୁ ଅପସାରଣ କରାଯିବ ବୋଲି କହିଛନ୍ତି। ଏହି ଘଟଣାରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଦାୟୀ କରି ସେବାୟତ ଶ୍ୟାମସୁନ୍ଦର ମହାପାତ୍ର କହିଛନ୍ତି, ପୂର୍ବରୁ ମନ୍ଦିର ପାରମ୍ପରିକ ପର୍ବପର୍ବାଣିରେ କେଉଁଠି ଫାଇବର ବ୍ୟବହାର କରାଯାଇନାହିଁ। କାହା ନିର୍ଦ୍ଦେଶରେ ଏହା କରାଯାଇଛି। ଏ ଦିଗରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଛନ୍ତି। ସେହିପରି ପରମ୍ପରାରେ ଆଞ୍ଚ ଆସିବା ଭଳି କୌଣସି କାର୍ଯ୍ୟ ମନ୍ଦିରରେ କରାଯିବା ଆଦୌ ଗ୍ରହଣୀୟ ନୁହେଁ। ଏଥିପାଇଁ ଦାୟୀ ଅଧିକାରୀଙ୍କୁ ଦାୟିତ୍ୱରୁ ହଟାଇବାକୁ ଜୟପୁର ପଞ୍ଚାୟତ ସମିତିର ସଭ୍ୟ ଦୀପକ ଶତପଥୀ କହିଛନ୍ତି। ଅନ୍ୟପକ୍ଷରେ ଏନେଇ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ବିଶ୍ୱବାସୀ ତ୍ରିପାଠୀ କହିଛନ୍ତି, ପୁରୁଣା ମୂର୍ତ୍ତିଗୁଡ଼ିକ ଭାଙ୍ଗିଯାଇଥିବାରୁ ନୂଆ ମୂର୍ତ୍ତି ନିର୍ମାଣ ପାଇଁ ବରାଦ ଦିଆଯାଇଥିଲା। ମୂର୍ତ୍ତିଗୁଡ଼ିକ ଆଣି ଝୁଲଣ କୁଞ୍ଜରେ ଖଞ୍ଜାଯିବା ସମୟରେ କୌଣସି ଅଭିଯୋଗ ଆସି ନ ଥିଲା। ଝୁଲଣ ଶେଷ ପର୍ଯ୍ୟାୟରେ ଏଭଳି ଅଭିଯୋଗ ଆସିଛି। ତୁରନ୍ତ ଏହାକୁ କାଢ଼ି ଦିଆଯିବ ଏବଂ ଆସନ୍ତା ବର୍ଷ ଏହା ଲଗାଯିବ ନାହିଁ ବୋଲି ତ୍ରିପାଠୀ କହିଛନ୍ତି।



ଜୋତା ପିନ୍ଧାଯାଇଥିବା ମୂର୍ତ୍ତି।

# ପିଜି ନାମଲେଖା: ଆଜି ପ୍ରଥମ ମେଧାତାଲିକା

**ଭୁବନେଶ୍ୱର,୧୯।୮(ଅସମାପିକା ସାହୁ)**

୨୦୨୪-୨୫ ଶିକ୍ଷାବର୍ଷରେ ପିଜି ନାମଲେଖା ପାଇଁ ମଙ୍ଗଳବାର ଅପରାହ୍ନ ୪ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ବା ସିଟ୍ ଆବଣ୍ଟନ ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୨୧ତାରିଖ ପୂର୍ବାହ୍ନ ୧୦ଟାରୁ ୨୪ତାରିଖ ସନ୍ଧ୍ୟା ୫ଟା ମଧ୍ୟରେ ନାମ ଲେଖାଇବେ। ୩୧ତାରିଖ ଅପରାହ୍ନ ୪ଟାରେ ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ଏଥିରେ ଚୟନ ହୋଇଥିବା ଛାତ୍ରୀଛାତ୍ରମାନେ ସେପ୍ଟେମ୍ବର ୨ତାରିଖ ପୂର୍ବାହ୍ନ ୧୦ଟାରୁ ୪ତାରିଖ ସନ୍ଧ୍ୟା ୫ଟା ଭିତରେ ନାମ ଲେଖାଇବାକୁ ପଡ଼ିବ। ସେପ୍ଟେମ୍ବର ୧୦ତାରିଖ ଅପରାହ୍ନ ୪ଟାରେ ତୃତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମନୋନୀତ ଛାତ୍ରୀଛାତ୍ରମାନେ ୧୧ତାରିଖ ପୂର୍ବାହ୍ନ ୧୦ଟାରୁ ୧୩ତାରିଖ ସନ୍ଧ୍ୟା ୫ଟା ଭିତରେ ନାମ ଲେଖାଇବେ। ସେପ୍ଟେମ୍ବର ୨୪ ଅପରାହ୍ନ ୨ଟାରେ ବଳକା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମେଧା ତାଲିକା ଶିକ୍ଷାନୁଷ୍ଠାନଗଡ଼ିକର ଇ-ସ୍ପେସ୍‌ରେ ପ୍ରକାଶ ପାଇବ। ଶିକ୍ଷାନୁଷ୍ଠାନଗୁଡ଼ିକ ମନୋନୀତ ହେଇଥିବା ଛାତ୍ରୀଛାତ୍ର ନାମ ନିଜ ଶିକ୍ଷାନୁଷ୍ଠାନର ନୋଟିସ ବୋର୍ଡ, ୱେବ୍‌ସାଇଟ୍‌ରେ ପ୍ରକାଶ କରିବେ। ଏଥିସହିତ ସେହି ଛାତ୍ରୀଛାତ୍ରଙ୍କୁ ଫୋନ କଲ୍/ଏସ୍‌ଏମ୍‌ଏସ୍/ହ୍ୱାଟ୍‌ସ ଆପ୍ ଜରିଆରେ ମଧ୍ୟ ଜଣାଇବେ। ମନୋନୀତ ଛାତ୍ରୀଛାତ୍ରମାନେ ସେପ୍ଟେମ୍ବର ୨୬ ପୂର୍ବାହ୍ନ ୧୦ଟାରୁ ୨୮ତାରିଖ ସନ୍ଧ୍ୟା ୫ଟା ଭିତରେ ନାମ ଲେଖାଇବେ। ତେବେ ସେପ୍ଟେମ୍ବର ୧୮ରେ ପିଜି ପ୍ରଥମ ବର୍ଷ ପାଠପଢ଼ା ଆରମ୍ଭ ହେବ। ସୂଚନାଯୋଗ୍ୟ, ରାଜ୍ୟରେ ଚଳିତ ଶିକ୍ଷାବର୍ଷ ୨୦୨୪-୨୫ରେ ପିଜି ନାମଲେଖା ନିମନ୍ତେ ୬୫,୦୫୬ଜଣ ଏକକ ପିଜି ପ୍ରବେଶିକା ପରୀକ୍ଷା(ସିପିଇଟି-୨୦୨୪) ଦେଇଥିଲେ। ସେମାନଙ୍କ ମଧ୍ୟରୁ ୫୪,୯୦୪ଜଣଙ୍କୁ ର୍‍ୟାଙ୍କ ପ୍ରଦାନ କରାଯାଇଛି। ତେବେ ରାଜ୍ୟରେ ପିଜି ନାମଲେଖା ପାଇଁ ମୋଟ ୧୧୪ଟି ଶିକ୍ଷାନୁଷ୍ଠାନ ଥିବାବେଳେ ୨୮,୯୮୪ଟି ସିଟ୍ ରହିଛି।

# ୧୦ ପ୍ରଧାନ ଶିକ୍ଷକଙ୍କ ଦରମା ବନ୍ଦ

## ମଧ୍ୟାହ୍ନଭୋଜନ ତଥ୍ୟ ଅପ୍‌ଲୋଡ୍ ନ କରିବା କାଳ ହେଲା

**ନାଉଗାଁ,୧୯।୮(ସୁଧା ବେହୁରା)**

ମଧ୍ୟାହ୍ନ ଭୋଜନର ତଥ୍ୟ ସରକାରୀ ପୋର୍ଟାଲରେ ଅପ୍‌ଲୋଡ ନ କରିବା ନାଉଗାଁ ବ୍ଲକର ୧୦ ଜଣ ପ୍ରଧାନ ଶିକ୍ଷକଙ୍କ ପାଇଁ କାଳ ହୋଇଛି। ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପକାଶିତ ଚିଠି (ନଂ. ୬୬୨୩/୧୪।୮।୨୩) ଅନୁସାରେ ସେମାନଙ୍କ ଦରମା ବନ୍ଦ ରଖାଯାଇଛି।

ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାରେ ପ୍ରତି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି। ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ପ୍ରଧାନମନ୍ତ୍ରୀ ପୋଷଣ ପୋର୍ଟାଲ କାର୍ଯ୍ୟକାରୀ ହେଉଛି। ଏହି ପୋର୍ଟାଲ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତଥ୍ୟ ପ୍ରଦାନ କରିବେ। ସୋମବାରରୁ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ୧୧ ଟା୩୦ ଓ ଶନିବାର ସକାଳ ୯ଟା ମଧ୍ୟରେ ମଧ୍ୟାହ୍ନ ଭୋଜନର ସମସ୍ତ ତଥ୍ୟ ଉକ୍ତ ପୋର୍ଟାଲରେ ଅପ୍‌ଲୋଡ କରାଯିବାର ନିୟମ ରହିଛି। କିନ୍ତୁ ନାଉଗାଁ ବ୍ଲକର ଅନେକ ବିଦ୍ୟାଳୟରେ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଥିଲା। ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଦୀର୍ଘଦିନ ହେବ ଏହି ପୋର୍ଟାଲରେ ତଥ୍ୟ ଅପ୍‌ଲୋଡ କରୁ ନ ଥିଲେ। ଏନେଇ ଜିଲା ଶିକ୍ଷାଧିକାରୀଙ୍କ ପକ୍ଷରୁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସେମାନେ ହେଲେ ବ୍ଲକର ଅଲଣାହାଟ ଉଚ୍ଚ ବିଦ୍ୟାଳୟ, ଭାତପଡା ପ୍ରାଥମିକ ବିଦ୍ୟାଳୟ, ଚାନ୍ଦଖାଁପାଟଣା ପ୍ରୋଜେକ୍ଟ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗନ୍ଧଣ ପ୍ରାଥମିକ ବିଦ୍ୟାଳୟ, ଗୋପାଳ ଜୀଉ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ନଳାଙ୍ଗ ପ୍ରାଥମିକ ବିଦ୍ୟାଳୟ, ପୁରୁଣା ଭଟଣା ପ୍ରାଥମିକ ବିଦ୍ୟାଳୟ, ରୋହିଆ ନୋଡାଲ ଉଚ୍ଚ ବିଦ୍ୟାଳୟ, ସରିଆବର ପାଟଣା ପ୍ରାଥମିକ ବିଦ୍ୟାଳୟ, ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ଓଡପଏଙ୍ଗାର ପ୍ରଧାନ ଶିକ୍ଷକ। ଏହି ଚିଠିର ନକଲ ବ୍ଲକ ଶିକ୍ଷାଧିକାରୀ ଓ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ନିକଟକୁ ପଠାଇ ଦିଆଯାଇଛି।

# ୨୮ରେ ଏସ୍‌ଆଇଟି ବୈଠକ

## କୋଟିଏରୁ ଊର୍ଦ୍ଧ୍ୱ ସମ୍ପତ୍ତି ଜବତ ମାମଲାର ତଥ୍ୟ ଦେବ ଭିଜିଲାନ୍ସ

**କଟକ,୧୯।୮ (କାର୍ତ୍ତିକ ସାହୁ)**

କଟକ ତେଲେଙ୍ଗାବଜାରସ୍ଥିତ ଜଷ୍ଟିସ ଅରିଜିତ ପଶାୟତଙ୍କ ବାସଭବନରେ ଆସନ୍ତା ୨୮ରେ ସ୍ପେଶାଲ ଇନ୍‌ଭେଷ୍ଟିଗେଶନ୍ ଟିମ୍ (ଏସ୍‌ଆଇଟି)ର ଏକାଦଶ ବୈଠକ ଅନୁଷ୍ଠିତ ହେବ। କଳାଧନ ରୋକିବା ଦିଗରେ କାର୍ଯ୍ୟ କରୁଥିବା ବିଭିନ୍ନ ତଦନ୍ତକାରୀ ସଂସ୍ଥାର ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଏଥିପାଇଁ ଚିଠି କରାଯାଇଥିବା ଜଣାପଡ଼ିଛି। ପୂର୍ବଭଳି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି), ଆୟକର ବିଭାଗ, ଡାଇରେକ୍ଟ ଟ୍ୟାକ୍ସ ବିଭାଗ, ସେଣ୍ଟ୍ରାଲ ଏକ୍ସାଇଜ୍ ଓ କଷ୍ଟମ, ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ, ସିଟି ଜିଏସ୍‌ଟି, କ୍ରାଇମ୍‌ବ୍ରାଞ୍ଚ, ଭିଜିଲାନ୍ସ ଏବଂ ଓଡ଼ିଶା ପୋଲିସ ଆଦି ବିଭାଗର ବରିଷ୍ଠ ଅଧିକାରୀ ବୈଠକରେ ଯୋଗଦେବେ। ଜଷ୍ଟିସ ପଶାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ଗତ କିଛି ମାସ ମଧ୍ୟରେ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ଓଡ଼ିଶା ଭିଜିଲାନ୍ସ କଳାଧନ ଗଚ୍ଛିତ କରିବାକୁ ନେଇ ରୁଜୁ ମାମଲାଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ। ଏଥିପାଇଁ ରୁଜୁ ମାମଲାଗୁଡ଼ିକ ମଧ୍ୟରୁ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସମ୍ପତ୍ତି ଜବତ ହୋଇଥିବା ମାମଲାଗୁଡ଼ିକର ତଥ୍ୟ ପ୍ରଦାନ କରିବାକୁ ଓଡ଼ିଶା ଭିଜିଲାନ୍ସକୁ ଚିଠି କରାଯାଇଛି। ଏଥିସହ ଭିଜିଲାନ୍ସ ଡିଜି ଉକ୍ତ ବୈଠକରେ ଯୋଗଦେବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ପ୍ରକାଶ ଯେ, ଏସ୍‌ଆଇଟିର ଦଶମ ବୈଠକ ଜଷ୍ଟିସ ଅରିଜିତ ପଶାୟତଙ୍କ ଅଧ୍ୟକ୍ଷତାରେ ୨୦୨୩ ନଭେମ୍ବର ୨୮ରେ ତେଲେଙ୍ଗାବଜାରସ୍ଥିତ ତାଙ୍କ ବାସଭବନରେ ହୋଇଥିଲା। ରାଜ୍ୟରେ ସରକାରୀ ଅଧିକାରୀମାନଙ୍କ ପାଖରୁ କଳାଧନ ଜବତ ନେଇ ହେଉଥିବା ମାମଲାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କେଉଁପନ୍ଥା ଆପଣେଇଲେ କଳାଧନ କାରବାର ରୋକିହେବ ସେନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଓ ଇନ୍‌କମ୍ ଟ୍ୟାକ୍ସ ଅଧିକାରୀଙ୍କ ସହ ଆଲୋଚନା ହୋଇଥିଲା। ୨୦୨୪ ନିର୍ବାଚନରେ କଳାଧନ ବ୍ୟବହାର ଉପରେ ଏସ୍‌ଆଇଟି ନଜର ରଖିବ ବୋଲି ନିଷ୍ପତ୍ତି ହୋଇଥିଲା। ବର୍ତ୍ତମାନ ଦେଶରେ ନାର୍କୋଟିକ୍ସ ମାମଲା ଚିନ୍ତାର ବିଷୟ ପାଲଟିଛି। ନାର୍କୋଟିକ୍ସ ଦ୍ରବ୍ୟ ଗଞ୍ଜେଇ, ବ୍ରାଉନ୍ ସୁଗାର ଓ ହେରୋଇନ ଜବତ ଉପରେ ଆଲୋଚନା ହୋଇଥିଲା। ସେହିପରି ନାର୍କୋଟିକ୍ସ, ରିଅଲ ଇଷ୍ଟେଟ ଓ ସୁନା ବ୍ୟବସାୟ ଆଳରେ ଅଧିକ ମାତ୍ରାରେ କଳାଧନ କାରବାର ହେଉଥିବା ଆଲୋଚନା ହୋଇଥିଲା। ସୂଚନାଯୋଗ୍ୟ, ଦେଶରେ କଳାଧନ କାରବାର ଦ୍ରୁତଗତିରେ ବୃଦ୍ଧି ପାଉଛି। ଓଡ଼ିଶାରେ ଅଣାୟତ୍ତ ନିଶା କାରବାର ମଧ୍ୟ କଳାଧନ ବୃଦ୍ଧି ପାଇଁ ଦାୟୀ। କଳାଧନ କାରବାର ବନ୍ଦ ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଏସ୍‌ଆଇଟି ଗଠନ ହୋଇଛି। ଏହାର ନିୟମିତ ବୈଠକ ହେବା ସହ ସୁପ୍ରିମକୋର୍ଟଙ୍କୁ ଏସ୍‌ଆଇଟି ରିପୋର୍ଟ ପ୍ରଦାନ କରୁଛି।









# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ସରକାରୀ ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବୁଦ୍ଧ ମନ୍ଦିର, ହାଉସିଂ ବୋର୍ଡ ଛକ, ସମୟ: ଅପରାହ୍ନ ୫ଟା।
- ଓଡ଼ିଶା ଲେଖକ ସମବାୟ ସମିତି ଲିମିଟେଡ ପକ୍ଷରୁ ମାସିକ ସାହିତ୍ୟ ଆଲୋଚନାଚକ୍ର 'ସ୍ୱାଧୀନତା ସଂଗ୍ରାମରେ ଓଡ଼ିଆ ସାହିତ୍ୟିକଙ୍କ ଅବଦାନ', ସ୍ଥାନ: ଓଡ଼ିଶା ଲେଖକ ସମବାୟ ସମିତି ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ଆରାଧନା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ସସ୍ନେହା ଆୱାର୍ଡ-୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ସାମାଜିକ ଅନୁଷ୍ଠାନ 'ସୃଜନୀ'ର ୩୮ତମ ବାର୍ଷିକ ଉତ୍ସବ, ସ୍ଥାନ: ଗୀତଗୋବିନ୍ଦ ସଦନ ପରିସର, ସମୟ: ସନ୍ଧ୍ୟା ୭ଟା।

## କଟକ

- ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ପକ୍ଷରୁ କଳାକ୍ରାନ୍ତି- ଏକ ଭାରତ ଶ୍ରେଷ୍ଠ ଭାରତ କାର୍ଯ୍ୟକ୍ରମ, ସ୍ଥାନ: କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟ, ସମୟ: ଅପରାହ୍ନ ୪ଟା ୩୦।
- ପ୍ରଫେସର ଡ. ହରିହର ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: କଟକ ଶତାବ୍ଦୀ ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ୪୩ତମ ବାର୍ଷିକ ଉତ୍ସବ ଅବସରରେ ଭଜନ ସମାରୋହ, ସ୍ଥାନ: ଚାନ୍ଦିନୀଚୌକ ମେଲଣ ପଡ଼ିଆ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ମହିଳା ଓ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ, ସ୍ଥାନ: ସତ୍ୟବାଦୀ ବ୍ଲକର ପଞ୍ଚାୟତ କାର୍ଯ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ର, ସାକ୍ଷୀଗୋପାଳ, ସମୟ: ମଧ୍ୟାହ୍ନ ୧୨ଟା।

## ବାଲେଶ୍ୱର

- ଅଟଳ ଯୁବଶକ୍ତି ପରିବାର ପକ୍ଷରୁ ମହମବତୀ ଶୋଭାଯାତ୍ରା, ସ୍ଥାନ: ସିନେମା ଛକ, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା।
- ବୈଦିକ ଗୁରୁକୁଳ ଆଶ୍ରମରେ ଶ୍ରାବଣୀ ଉପାକର୍ମର ଦ୍ୱିତୀୟ ଦିବସ, ସ୍ଥାନ: ପିଞ୍ଛାବଣିଆ ଆଶ୍ରମ ପରିସର, ରୂପସା, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ

- ଖାଲି ପଡ଼ିଥିବା ପଦବୀ ପୂରଣ ଦାବିରେ ଭଞ୍ଜସେନାର ବିକ୍ଷୋଭ, ସ୍ଥାନ: ପିଆର୍‌ଏମ୍ ମେଡିକାଲ କଲେଜ ଓ ହସ୍ପିଟାଲ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଦଳା ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ନିଯୁ ରାଜସ୍ଥାନୀ କଟନ ଫେବ୍ ପ୍ରଦର୍ଶନୀ, ସ୍ଥାନ: ଛଉ ପଡ଼ିଆ ବାରିପଦା, ସମୟ: ପୂର୍ବାହ୍ନ ୧୧ଟାରୁ ରାତି ୧୦ଟା।

## ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ ସମ୍ମିଳନୀ କକ୍ଷ, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।

## କେନ୍ଦୁଝର

- ହନୁମାନ ମନ୍ଦିରରେ ବେଦ ପାଠ, ପୂଜା, ଭଜନ କୀର୍ତ୍ତନ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ: ସକାଳ ୬ ଟା ଏବଂ ଅପରାହ୍ନ ୫ ଟା।
- ମା' ମଙ୍ଗଳାଙ୍କ ମନ୍ଦିରରେ ବ୍ରତଧାରୀଙ୍କ ପୂଜା ଏବଂ ମେଳା, ସ୍ଥାନ: ଭୂଇଁପୁର, ହାଟଡ଼ିହୀ, ସମୟ: ସକାଳ ୮ ଟା।
- ଶ୍ରୀ ରାମଙ୍କ ମନ୍ଦିରରେ ପୂଜା ଏବଂ ଭଜନ, କୀର୍ତ୍ତନ ସମାରୋହ, ସ୍ଥାନ: ଡ଼ଅଁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା।

## ଗଞ୍ଜାମ

- ବିଜେଡ଼ିର ସଭା, ସ୍ଥାନ: ବେଲଗୁଣ୍ଠା ବ୍ଲକ ତନରଡ଼ା, ସମୟ: ପୂର୍ବାହ୍ନ ୧୧ ଟା।

## ରାୟଗଡ଼ା

- ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ବିଷମକଟକ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କରଲାଘାଟି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଗୁଡାରି ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲମତାପୁଟ, ସମୟ: ପୂର୍ବାହ୍ନ ୧୦ ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: କୋରାପୁଟ ବ୍ଲକର ବଡଶୁକୁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- କୋଟପାଡ଼ ଗୁମୁଡା ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ପଞ୍ଚାୟତ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।

## ନବରଙ୍ଗପୁର

- ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ ଦାବିରେ ବନ୍ଦ ପାଳନ, ସ୍ଥାନ: କୋଷାଗୁମୁଡ଼ା ସଦର, ସମୟ: ସକାଳ ୬ଟା।
- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।

## ସମ୍ବଲପୁର

- ଡାକ୍ତର ସନାତନ ବେହେରା ସ୍ମାରକୀ ସୁପର ଲିଗ ପର୍ଯ୍ୟାୟ ଫୁଟବଲ ମ୍ୟାଚ- ଡିଷ୍ଟ୍ରିକ ଜିମ୍ନାଷ୍ଟିକ ଆସୋସିଏଶନ ବନାମ ବାମରା କ୍ରୀଡା ସଂଘ , ସ୍ଥାନ : ବୀରସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୨ଟା ୧୫।
- ଦ୍ୱିଦିବସୀୟ ଶ୍ରୀଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ, ସ୍ଥାନ : ଶୀଲା ଟାୱାର ସ୍ଥିତ ସମ୍ମିଳନୀ କକ୍ଷ, ସମୟ : ସନ୍ଧ୍ୟା ୫ଟା ୩୦।

## ବଲାଙ୍ଗୀର

- ବ୍ୟାଡ୍‌ମିଣ୍ଟନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଦେଓଗାଁ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁବର୍ଣ୍ଣପୁର

- ଝୁଲଣଯାତ୍ରା ମହୋତ୍ସବ, ସ୍ଥାନ: ବୀରମହାରାଜପୁର ବ୍ଲକର ସୁବଳୟା, ସମୟ: ସକାଳ ୬ଟା।
- ଉଲୁଣ୍ଡାରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା' ସୁରେଶ୍ୱରୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତୀ, ସ୍ଥାନ: ସୋନପୁର ସୁରେଶ୍ୱରୀ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମଙ୍ଗଳ ଆଳତୀ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଅଜିତ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଡିଏଭି ପଡିଆ, ସମୟ: ଅପରାହ୍ନ ୪ଟା।
- କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ଓ ପାଲା ସମ୍ମିଳନୀ, ସ୍ଥାନ: ଗୋପବନ୍ଧୁ ପାଠାଗାର, ସମୟ: ସନ୍ଧ୍ୟା ୬ଟା୩୦।

## ବରଗଡ଼

- ସରକାରୀ ଅଧିକାରୀଙ୍କୁ ମାତୃଛାୟା ଅନ୍ତେବାସୀଙ୍କ ରକ୍ଷାବନ୍ଧନ, ସ୍ଥାନ: ସରକାରୀ ଅଧିକାରୀଙ୍କ ଆବାସିକ ଭବନ, ବରଗଡ଼, ସମୟ: ସକାଳ ୯ଟା।
- ଯୁଗ୍ମ ଜନଶୁଣାଣି ଅଭିଯୋଗ ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ସୋହେଲା, ସମୟ: ପୂର୍ବାହ୍ନ ୧୦ଟା।
- ପାଇକମାଳ ପଞ୍ଚାୟତ ସମିତି ବୈଠକ, ସ୍ଥାନ: ବ୍ଲକ ମିଟିଙ୍ଗ ହଲ, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ପାର୍ଥେ ନିୟମ ସଚେତନତା ସପ୍ତାହ ପାଳନ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ଦେବଗଡ଼, ସମୟ: ପୂର୍ବାହ୍ନ ୧୧ଟା।
- ଡିଜିଟାଲ ଫସଲ ସର୍ବେକ୍ଷଣ ଅନ୍ତର୍ଗତ ଜିଲାସ୍ତରୀୟ କିକ୍‌ଅଫ୍ ସଭା ଓ ସଚେତନତା ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରାଥମିକ ଗ୍ରେଡ ଶିକ୍ଷକମାନଙ୍କୁ ନେଇ ୩ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ: ଅପୂର୍ବ ସରକାରୀ ଉଚ୍ଚ ବିଦ୍ୟାଳୟ ସୁଗୁଡ଼ା, ସମୟ: ଅପରାହ୍ନ ୧ଟା।
- ଝୁଲଣ ଯାତ୍ରା ପାଳନ, ସ୍ଥାନ: ଜଗନ୍ନାଥ ମନ୍ଦିର, ପୁରୁଣାଗଡ, ଦେବଗଡ, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।

## କଳାହାଣ୍ଡି

- ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅଭିଯୋଗ ପ୍ରତିବିଧାନ ମଞ୍ଚ, ସ୍ଥାନ: ବିଶ୍ୱନାଥପୁର ଏସ୍‌ଡ଼ିଓ ଅଫିସ, ଲାଞ୍ଜିଗଡ଼ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଗୋଲାମୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଭାଗବତ ମହାପାରାୟଣ, ସ୍ଥାନ: ବୋଡେନ ବ୍ଲକ କେରାପଦର ଗାଁ, ସମୟ: ସକାଳ ୬ଟା ଓ ସନ୍ଧ୍ୟା ୭ଟା।
- ସାପ୍ତାହିକ ହାଟ ଶୁଭ ଉଦ୍‌ଘାଟନ, ସ୍ଥାନ: କୋମନା ବ୍ଲକ ମାନିଗୁଡା ଗାଁ ବସ୍‌ଷ୍ଟାଣ୍ଡ ପଡିଆ, ସମୟ: ସକାଳ ୭ଟା।

## ବୌଦ୍ଧ

- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ବୌଦ୍ଧ ବ୍ଲକ କାର୍ଯ୍ୟାଳୟ , ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପରଜଙ୍ଗ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଜଗତ୍‌ସିଂହପୁର

- ଆଗାମୀ ସ୍ୱାୟତ୍ତ ଶାସନ ଦିବସ ଉପଲକ୍ଷେ ପାରାଦୀପ ପୌରପରିଷଦ ପକ୍ଷରୁ ସମୂହ ସଫେଇ ଅଭିଯାନ, ସ୍ଥାନ: ୮ ଓ ୯ନଂ. ୱାର୍ଡ, ମଧୁବନ, ପାରାଦୀପ, ସମୟ: ସକାଳ ୭ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ବାସୁଦେବପୁର, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଧର୍ମଶାଳା ବିଡ଼ିଓଙ୍କ ମିଳିତ ଅଭିଯୋଗ ଶୁଣାଣୀ, ସ୍ଥାନ:ଧର୍ମଶାଳା ବ୍ଲକ୍ ଜାରକା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ଜିଲାପାଳଙ୍କ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

# ସରଳା ଷ୍ଟେଶନରେ ପଣ୍ୟବାହୀ ଟ୍ରେନ୍ ପରୀକ୍ଷଣ

**ଭୁବନେଶ୍ୱର/ସମ୍ବଲପୁର,୧୯।୮**
**(ଅନୁରାଧା ମହାରଣା/ପ୍ରମୋଦ ବହିଦାର)**

ସମ୍ବଲପୁର ନିକଟସ୍ଥ ସରଳା ଷ୍ଟେଶନରେ ପୂର୍ବତଟ ରେଳପଥ ନିକଟରେ ଏକ ପଣ୍ୟବାହୀ ଟ୍ରେନ୍ ପରୀକ୍ଷଣ ସମାପ୍ତ କରିଛି। ସେହିପରି ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାରେ ବୃଦ୍ଧି ପାଉଥିବା ଶିଳ୍ପ ଚାହିଦା ପୂରଣକୁ ଦୃଷ୍ଟିରେ ରଖି ୱାଗନ୍ ରୁଟିନ୍ ମରାମତି(ଆର୍‌ଓଏଚ୍) ସୁବିଧାକୁ ସଫଳତାର ସହ କାର୍ଯ୍ୟକ୍ଷମ କରାଯାଇଛି। ରାଇଟ୍‌ସ୍ ଲିମିଟେଡ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏବଂ ସମ୍ବଲପୁର ରେଳମଣ୍ଡଳ ଗତି ଶକ୍ତି ୟୁନିଟ(ଜିଏସ୍‌ୟୁ) ସହଯୋଗରେ ପ୍ରାୟ ୨୦୦କୋଟି ବିନିଯୋଗ ଦ୍ୱାରା ଏହି ପ୍ରକଳ୍ପକୁ ଚଳିତବର୍ଷ ଜୁନ୍‌ରେ ସମ୍ପୂର୍ଣ୍ଣ କରାଯାଇଥିବା ପୂର୍ବତଟ ରେଳପଥ ସୂଚନା ଦେଇଛି। ସମ୍ବଲପୁର ରେଳମଣ୍ଡଳ ଏହାର ପରିସୀମା ମଧ୍ୟରୁ ଇସ୍ପାତ, ଆଲୁମିନିୟମ ଏବଂ କୋଇଲା କ୍ଷେତ୍ର ସମେତ ଏହି ଅଞ୍ଚଳର ପ୍ରମୁଖ ଶିଳ୍ପଗୁଡିକରେ ସେବା ପ୍ରଦାନ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛି। ତେବେ ପୂର୍ବରୁ ପଣ୍ୟବାହୀ ଟ୍ରେନ୍ ପରୀକ୍ଷଣ ଓ ମରାମତି ପାଇଁ ଦୂର ସ୍ଥାନକୁ ପଠାଇବାକୁ ପଡୁଥିବାରୁ ଏହା ପରିଚାଳନାଗତ କାର୍ଯ୍ୟଦକ୍ଷତାକୁ ପ୍ରଭାବିତ କରୁଥିଲା। ସମ୍ପ୍ରତି ଏହି ପ୍ରକଳ୍ପ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବା ସହିତ ପରିଚାଳନାଗତ ଦକ୍ଷତା ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ନୂତନଭାବେ ବିକଶିତ ହୋଇଥିବା ସୁବିଧାଗୁଡ଼ିକ ମଧ୍ୟରେ ଆର୍‌ଓଏଚ୍ ଶେଡ୍, ଏକ ନୂତନ ଷ୍ଟେଶନ ବିଲ୍ଡିଂ, ଇଲେକ୍ଟ୍ରିକ ସବ୍‌ଷ୍ଟେଶନ, ଅଫିସ, ଟ୍ରେନିଂ ହଷ୍ଟେଲ ଏବଂ ଦୁଇଟି ପରୀକ୍ଷଣ ଲାଇନ ରହିଛି। ରାଇଟ୍ସ ଦ୍ୱାରା ୧୬୦ କୋଟି ଟଙ୍କା ମୂଲ୍ୟରେ ବିକଶିତ କରାଯାଇଛି। ସେହିପରି ଗତି ଶକ୍ତି ୟୁନିଟ ଦ୍ୱାରା ଆନୁମାନିକ ପ୍ରାୟ ୪୦ କୋଟି ମୂଲ୍ୟରେ ଗୋଟିଏ ଅତିରିକ୍ତ ଲୁପ୍ ଲାଇନ ଏବଂ ଦୁଇଟି ପଣ୍ୟ ପରିବହନ ପରୀକ୍ଷଣ ଲାଇନ ବିକଶିତ କରାଯାଇଛି। ଏହି ଲାଇନ ଗୁଡ଼ିକର ସମ୍ପୂର୍ଣ୍ଣ ବିଦ୍ୟୁତୀକରଣ କରାଯାଇଛି। ଅନ୍ୟପଟେ ସରଳା ୟାର୍ଡକୁ ୬୪ଟି ନୂତନ ଟର୍ନଆଉଟ କରାଯାଇଥିବାବେଳେ ୧୦.୪କିଲୋମିଟରର ନୂତନ ଟ୍ରାକ୍ ନିର୍ମାଣ କରାଯାଇଛି। ନୂତନ ଆଧୁନିକ ପ୍ରଣାଳୀ ଉପଯୋଗ କରାଯାଇ ରୂପାନ୍ତରିତ ସହିତ ୧୯୫ ରୁଟ୍ କାର୍ଯ୍ୟକ୍ଷମ କରାଯାଇଛି। ଏହି କାର୍ଯ୍ୟରେ ଅପ୍ ଓ ମେନ୍ ଲାଇନ୍‌ରେ ନନ୍-ଇଣ୍ଟରଲକିଂ ଓ ଇଣ୍ଟରଲକିଂ କାର୍ଯ୍ୟ ବ୍ଲକଗୁଡିକର ଗୁରୁତ୍ୱର ସହ ଯୋଜନା କରାଯାଇଥିଲା। ସୂଚନା ଥାଉ କି, ଚଳିତବର୍ଷ ଜୁନ୍ ୧୪ରେ ନୂତନ ସରଳା ୟାର୍ଡ଼କୁ ସଫଳତାର ସହିତ କାର୍ଯ୍ୟକ୍ଷମ କରାଯାଇଥିବାବେଳେ ୨୫ ତାରିଖରେ ପଣ୍ୟବାହୀ ଟ୍ରେନ ପରୀକ୍ଷା ଆରମ୍ଭ ହୋଇଥିଲା। ଅଗଷ୍ଟ ୧୩ରେ ପ୍ରଥମ ରୁଟିନ ମରାମତି କାର୍ଯ୍ୟ ହାସଲ କରାଯାଇଥିଲା। ୟାର୍ଡରେ ୯୦-୧୦୦ ଟ୍ରେନ ପରୀକ୍ଷା ଏବଂ ୧୦୦ ୱାଗନର ଆରଓଏଚ୍ ପରିଚାଳନା କରିବା ପାଇଁ ମାସିକ କ୍ଷମତା ଅଛି, ସୁରକ୍ଷାକୁ ସୁଦୃଢ଼ କରିବା ସହିତ ବିଟିଏପି (ଆଲୁମିନିୟମ ବହନ କରୁଥିବା ୱାଗନ) ର ଟର୍ନଆରାଉଣ୍ଡ ଟାଇମ (ଟିଏଟି)କୁ ୩୦% ହ୍ରାସ କରାଯାଇପାରିବ। ଅନ୍ୟପଟେ ଏହି ପ୍ରକଳ୍ପ ସମ୍ବଲପୁର ଅଞ୍ଚଳରେ ବିଶେଷକରି ପ୍ରମୁଖ ଶିଳ୍ପ ହବ୍ ଝାରସୁଗୁଡ଼ାରେ ଅର୍ଥନୈତିକ ଅଭିବୃଦ୍ଧିକୁ ଉତ୍ସାହିତ କରିବ ବୋଲି ଆଶା କରାଯାଉଛି।



**ପ୍ରଥମ ପୃଷ୍ଠାରୁ...**

## ବିଦ୍ୟୁତ୍ ତାରରେ...

ପ୍ରାୟ ୮ଟାରେ ରାମୁର ବିକଟାଳ ରଡି ଶୁଣି ପାଖେରି ଏପଟେ ଥିବା ସରକାରୀ କ୍ୱାର୍ଟର୍ସରୁ ଲୋକେ ବନ ବିଭାଗକୁ ଖବର ଦେଇଥିଲେ। ଚନ୍ଦକା ବନଖଣ୍ଡ କର୍ମଚାରୀ ପହଞ୍ଚିବା ବେଳକୁ ରାମୁର ମୃତ୍ୟୁ ଘଟିସାରିଥିଲା। ତେବେ ପ୍ରାୟ ୧୦୦ ମିଟରରୁ ଊର୍ଦ୍ଧ୍ୱ ବାଟ ପର୍ଯ୍ୟନ୍ତ ରାମୁ ସଂଘର୍ଷ କରିଥିବା ଦେଖିବାକୁ ମିଳିଥିଲା। ରାମୁ ଯେଉଁଠି ମରିପଡ଼ିଥିଲା, ସେଠାରୁ ପ୍ରାୟ ୧୦୦ ମିଟର ଦୂରରୁ ମାଟିକୁ ବିକଳରେ ଖୋଳି ପକେଇବା, ବାଉଁଶ ବୁଦାକୁ ଭାଙ୍ଗି ପକେଇବା ଆଦି ଚିହ୍ନ ରହିଥିଲା। ଖବରପାଇ ବନ୍ୟପ୍ରାଣୀ ସିସିଏଫ ତଥା ଜେଟିଏଫ ମୁଖ୍ୟ ମନୋଜ ନାୟାର ଏବଂ ଅନ୍ୟ ଉଚ୍ଚ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ପ୍ରାଥମିକ ତଦନ୍ତରୁ ରାମୁର ଶୁଣ୍ଢରେ ବିଦ୍ୟୁତ୍ ପ୍ରବାହର ଚିହ୍ନ ଥିବା ଦେଖାଯାଇଥିବାରୁ ଅଧିକାରୀମାନେ ବିଦ୍ୟୁତ୍ ଆଘାତରୁ ରାମୁର ମୃତ୍ୟୁ ହୋଇଥିବା ସନ୍ଦେହ କରିଛନ୍ତି। ଓୟୁଏଟିସ୍ଥିତ ଭେଟେରିନାରି କଲେଜର ପାଥୋଲୋଜି ବିଭାଗର ଟିମ୍ ଏବଂ ନନ୍ଦନକାନନରୁ ପ୍ରାଣୀ ଚିକିତ୍ସକ ଟିମ ପହଞ୍ଚି ରାମୁର ବ୍ୟବଚ୍ଛେଦ କରିବା ସହିତ ପରୀକ୍ଷା ପାଇଁ ନମୁନା ମଧ୍ୟ ସଂଗ୍ରହ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ, ଚନ୍ଦକା-ଡମପଡ଼ା ଅଭୟାରଣ୍ୟର ରାଜା ଥିଲା 'ରାମୁ'। ଯୁଆଡ଼େ ଇଚ୍ଛା ଯାଉଥିଲା, ଯାହା ଇଚ୍ଛା ଖାଉଥିଲା। ମଣିଷଙ୍କୁ ଖାତିର ମଧ୍ୟ କରୁ ନ ଥିଲା। କେବେ ବି ମଣିଷଙ୍କୁ ନିଜଆଡୁ ଆକ୍ରମଣ କରି ନ ଥିଲା। କେତେବେଳେ ଖୋର୍ଦ୍ଧା, କେତେବେଳେ ଚନ୍ଦକା, କେତେବେଳେ କଟକ ତାର ଅବାଧ ଆତଯାତ ଥିଲା। ଦୁଇବର୍ଷ ତଳେ ରାମୁ ବେକରେ ରେଡିଓ କଲାର ଲଗାଇବା ପାଇଁ ଦୁଇ ଦୁଇଥର ତାକୁ ଟ୍ରାଙ୍କୁଲାଇଜ୍ କରାଯାଇଥିଲା। ହେଲେ ନିଶା ଔଷଧକୁ ଖାତିର ନ କରି ରାଜାଙ୍କ ଭଳି ସେ ଚାଲି ଯାଇଥିଲା।

## ବଳାତ୍କାର ପରେ...

ରହୁ ନ ଥିବାରୁ ସିବିଆଇ ଟିମ୍ ସନ୍ତୁଷ୍ଟ ନ ଥିବା ଜଣାପଡ଼ିଛି। ମହିଳା ଡାକ୍ତର ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରଥମେ ହସ୍ପିଟାଲ କର୍ତ୍ତୃପକ୍ଷ ତାଙ୍କ ପରିବାରକୁ ଜଣାଇଥିଲେ। ଅପରାଧ ସ୍ଥଳ ସୁରକ୍ଷିତ ନ ଥିଲା, ଯାହାକୁ ଜେରାରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ମେଡିକାଲ କଲେଜର ୪ ଜଣ ଛାତ୍ରଙ୍କୁ ମଧ୍ୟ ସିବିଆଇ ଜେରା କରୁଛି। ସେମାନଙ୍କ ମଧ୍ୟରୁ ୩ ଜଣ ଘଟଣା ଘଟିବାର କିଛି ସମୟ ପୂର୍ବରୁ ପୀଡ଼ିତା ଡାକ୍ତରଙ୍କ ସହ ଏକାଠି ରାତ୍ରଭୋଜନ କରିଥିଲେ। ସେଦିନ ରାତିରେ କ'ଣ ଘଟିଥିଲା ତାହା ସିବିଆଇ ଜାଣିବାକୁ ଚାହୁଁଛି। ଏତଦ୍‌ବ୍ୟତୀତ ପୀଡ଼ିତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ସିବିଆଇ ପଚରାଉଚରା କରି ମହିଳା ଡାକ୍ତରଙ୍କ ଘନିଷ୍ଠ ବନ୍ଧୁ ଓ ହସ୍ପିଟାଲ ସମ୍ପର୍କରେ ତାଙ୍କର ଧାରଣା ବିଷୟରେ ଜାଣିବାକୁ ଚାହିଁଛି। ସନ୍ଦିଗ୍ଧ ଅଭିଯୁକ୍ତ ସଞ୍ଜୟ ରାୟଙ୍କ ମନସ୍ତାତ୍ତ୍ୱିକ ପରୀକ୍ଷା ମଧ୍ୟ ଇତିମଧ୍ୟରେ କରାଯାଇଛି। ଦିଲ୍ଲୀରୁ ଆସିଥିବା ସିଏଫ୍‌ଏସ୍‌ଏଲ୍ ଅଫିସରଙ୍କ ସହ ସିବିଆଇ ସଞ୍ଜୟଙ୍କ ସାଇକୋଲୋଜିକାଲ ଟେଷ୍ଟ କରିଥିଲା। ଏଥିସହ ସଞ୍ଜୟଙ୍କୁ ଜେରା ଜାରି ରହିଛି।

## ଆଜିଠାରୁ ଦ୍ୱିତୀୟ ପର୍ଯ୍ୟାୟ...

ପ୍ରସଙ୍ଗକୁ ନେଇ ବିରୋଧୀ ଓ ଶାସକ ଦଳ ମୁହାଁମୁହିଁ ହୋଇଥିଲେ। ରାଜ୍ୟ ସରକାର ଅଗ୍ନିବୀରଙ୍କ ପାଇଁ ୟୁନିଫର୍ମସେବାରେ ୧୦ପ୍ରତିଶତସଂରକ୍ଷଣ ଗୃହବାହାରେ ଘୋଷଣାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିରୋଧରେ କଂଗ୍ରେସର ସ୍ୱାଧିକାର ଭଙ୍ଗ ନୋଟିସ ପ୍ରସଙ୍ଗକୁ ନେଇ ବିରୋଧୀ ଗୃହରେ ହୋ ହଲ୍ଲା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନ ମଧ୍ୟ ବିଭିନ୍ନ ପ୍ରସଙ୍ଗକୁ ନେଇ ସରଗରମ ହେବ ବୋଲି ଅନୁମାନ କରାଯାଇଛି।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା...

ପୂର୍ବ ସରକାର ମୋ ଘର ଯୋଜନା କେବଳ ନିର୍ବାଚନ ପାଇଁ ଲାଗୁ କରିଥିଲେ। ଏହି ଯୋଜନାରେ କୌଣସି ଲୋକ ଉପକୃତ ହୋଇ ନାହାନ୍ତି। ଯୋଜନାର କୌଣସି ନିର୍ଦ୍ଦିଷ୍ଟ ଗାଇଡ୍ ଲାଇନ ନାହିଁ। ଏହି ଯୋଜନାରେ ୩ ଲକ୍ଷ ଟଙ୍କାର ଋଣ କରିବା କଥା ଶୁଣିବା ପରେ ଲୋକମାନେ ଚାଲି ଯାଉଛନ୍ତି। ଲୋକଙ୍କର ଏହି ଯୋଜନାରେ ସାମିଲ ହେବା ପାଇଁ ଆଗ୍ରହ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ରାଜ୍ୟ ସରକାର ଓଡ଼ିଶା ଅନ୍ତ୍ୟୋଦୟ ଗୃହ ଯୋଜନା ଆରମ୍ଭ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଯୋଜନାରେ ଯେଉଁମାନଙ୍କର ଘର ପ୍ରାକୃତିକ ବିପର୍ଯ୍ୟୟ, ହାତୀ ଆକ୍ରମଣ କିମ୍ବା ଅନ୍ୟାନ୍ୟ କାରଣରୁ ଭାଙ୍ଗିଯାଇଥିବ ସେମାନଙ୍କୁ ଆର୍ଥିକ ସହାୟତା ଦିଆଯିବ। ଏଥିସହିତ ୫୦୦ ଆଦିବାସୀ ଗାଁର ବିକାଶ ପାଇଁ ମଧ୍ୟ ରାଜ୍ୟ ସରକାର ରୋଡ୍‌ମ୍ୟାପ ପ୍ରସ୍ତୁତ କରୁଛନ୍ତି। ରାଜ୍ୟରେ ପ୍ରାୟ ୬୪ ପ୍ରକାର ଆଦିବାସୀ ସମ୍ପ୍ରଦାୟ ବସବାସ କରୁଛନ୍ତି। ପୂର୍ବ ସରକାର ସେମାନଙ୍କର ବିକାଶ ପାଇଁ ସେପରି କିଛି ଆଖିଦୃଶିଆ କାମ କଲେ ନାହିଁ।

ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସମତଳ ଅଞ୍ଚଳ ହିତାଧିକାରୀଙ୍କୁ ୨୫ ବର୍ଗ ମିଟର ପକ୍କାଘର ନିର୍ମାଣ କରିବାକୁ ୧ ଲକ୍ଷ ୨୦ ହଜାର ଟଙ୍କା ଏବଂ ପାର୍ବତ୍ୟାଞ୍ଚଳକୁ ୧ ଲକ୍ଷ ୩୦ ହଜାର ଟଙ୍କା ଯୋଗାଇ ଦିଆଯାଉଛି। ଏଥିସହିତ ଶୌଚାଳୟ ନିର୍ମାଣ ପାଇଁ ୧୨ ହଜାର ଟଙ୍କା ପ୍ରଦାନ କରାଯାଉଛି।

## ରାଖୀ ପୂର୍ଣ୍ଣିମାରେ...

ସାନଭଉଣୀ ପ୍ରଯତ୍ନଙ୍କୁ ଛୁରିରେ ଆକ୍ରମଣ କରିଥିବା ପୋଲିସ ସନ୍ଦେହ କରୁଛି। ଆକ୍ରମଣ ପରେ ସେ ହିଞ୍ଜିଳିକାଟୁ ଚାଲିଯାଇ ବସଷ୍ଟାଣ୍ଡ ନିକଟ ଏକ ମନ୍ଦିର କଡରେ ଛିଡା ହୋଇଥିଲେ। ବ୍ରହ୍ମପୁରରୁ ଝାରସୁଗୁଡାର ବନ୍ଧବାହାଲ ଯାଉଥିବା ଓଏସ୍‌ଆର୍‌ଟିସିର ଏକ ବସ ଆଗକୁ ଆସି ସେ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସେ ଗୁରୁତର ହେବାରୁ ହିଞ୍ଜିଳିକାଟୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଓଏସଆରଟିସିର ଷ୍ଟେଶନ ମାଷ୍ଟର ସନ୍ତୋଷ କୁମାର ପାତ୍ର ସୂଚନା ଦେଇଛନ୍ତି। ଆଶୁତୋଷ ସୁସ୍ଥ ହେବା ପରେ ତାଙ୍କୁ ପଚରାଉଚରା କରାଯିବ। ଏହାପରେ ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଥାନାଧିକାରୀ ବାବା ଶଙ୍କର ସରାଫ କହିଛନ୍ତି।

## ଝାଡ଼ଖଣ୍ଡକୁ ଲମ୍ବିଛି...

ଆଶାଦ୍ଦୁରଙ୍କ ସହ ରାଜୁଙ୍କ ଭେଟ ହୋଇଥିଲା। ଏହି ସମ୍ପର୍କ ବଢ଼ିବା ପରେ ସେମାନେ ଭାରତରେ ସିମ୍‌ବକ୍ସ ସେଟଅପ୍ କରିବେ ବୋଲି ଯୋଜନା କରିଥିଲେ। ଏଯାଏ ଭୁବନେଶ୍ୱର ଓ କଟକରୁ ମିଶାଇ ୧୨ଟି ସିମ୍ ବକ୍ସ ଜବତ ହୋଇଛି। ଏଥିସହ ୪୮୧ ଆକ୍ଟିଭ୍ ସିମ୍ ଓ ୮୧୦ ଷ୍ଟାଣ୍ଡବାଏ ସିମ୍ ମଧ୍ୟ ଜବତ ହୋଇଛି। ଅଭିଯୁକ୍ତଦ୍ୱୟ ଝାଡ଼ଖଣ୍ଡ ରାଞ୍ଚିରେ ସିମ୍‌ବକ୍ସ ରଖିଥିବା ସୂଚନା ମିଳିବା ପରେ ଏହାକୁ ନେଇ ଅଧିକ ଖୋଳତାଡ଼ କରାଯାଉଛି। ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ରାଞ୍ଚି ଯାଇ ସ୍ଥାନୀୟ ପୋଲିସ ସହାୟତାରେ ସିମ୍‌ବକ୍ସ ଠାବ କରିବ ବୋଲି କମିଶନର କହିଛନ୍ତି। ତେବେ ରାଜୁଙ୍କ ଆର୍ଥିକ କାରବାର ଖୋଳତାଡ଼ ସମୟରେ ତାଙ୍କର ଦୁଇଟି ବ୍ୟାଙ୍କ ଆକାଉଣ୍ଟ ଓ ତାଙ୍କ ସ୍ତ୍ରୀଙ୍କ ନାଁରେ ଥିବା ଗୋଟିଏ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଠାବ କରିଛି। ଏଥିସହ ରାଜୁଙ୍କ ଦୁଇଟି ଫୋନ୍ ପେ' ଆକାଉଣ୍ଟ ରହିଛି। ବ୍ୟାଙ୍କ ଆକାଉଣ୍ଟ ଓ ଫୋନ ପେ'ରେ ଟଙ୍କା କାରବାର ତଥ୍ୟ ଜାଣିବା ପାଇଁ ପୋଲିସ ପ୍ରୟାସ କରୁଛି।

ଅନ୍ୟପକ୍ଷରେ ୨୦୨୩ ଅକ୍ଟୋବର ୨୧ରେ ଆଶାଦ୍ଦୁର ଭାରତ ଆସି ଭୁବନେଶ୍ୱରରେ ରାଜୁଙ୍କ ସହ ଷ୍ଟେଶନ ବଜାରସ୍ଥିତ ଲିଙ୍ଗରାଜ ହୋଟେଲରେ ରହିଥିଲେ। ତେଣୁ ଅଭିଯୁକ୍ତଦ୍ୱୟ ହୋଟେଲରେ କେଉଁ ଡକ୍ୟୁମେଣ୍ଟ ଦେଇ ରହିଥିଲେ ଏବଂ କେତେଦିନ ରହିଥିଲେ, ସେନେଇ ପୋଲିସ ଖୋଳତାଡ କରିଛି। ସୋମବାର ଲକ୍ଷ୍ମୀସାଗର ଥାନାଧିକାରୀ ପି. ଶ୍ୟାମସୁନ୍ଦର ରାଓ, ଏସିପି ମାନସ କୁମାର ଦେଓ ଲିଙ୍ଗରାଜ ହୋଟେଲରେ ପହଞ୍ଚି ପଚରାଉଚରା କରିବା ସହ ଯାଞ୍ଚ କରିଥିଲେ। ପୋଲିସ ଟିମ୍ ହୋଟେଲର ରେଜିଷ୍ଟର, ସିସିଟିଭି ଫୁଟେଜ୍ ଆଦି ତନ୍ନତନ୍ନ ଯାଞ୍ଚ କରିବା ପରେ ଅଭିଯୁକ୍ତଦ୍ୱୟଙ୍କ ରହଣି ବିବରଣୀ ଆଦିର ତଥ୍ୟ ହାସଲ କରିଛି। ଇତିମଧ୍ୟରେ ରାଜୁଙ୍କ ୫ ଦିନିଆ ରିମାଣ୍ଡ ଅବଧି ମଧ୍ୟରୁ ଆଉ ୩ଦିନ ଥିବାବେଳେ ଏହି ସମୟ ମଧ୍ୟରେ ପଚରାଉଚରା କରି ପୋଲିସ ଅଧିକ ତଥ୍ୟ ହାସଲ କରିବାକୁ ଯୋଜନା କରିଛି।

## କମ୍ ପାର୍ଶ୍ୱ ପ୍ରତିକ୍ରିୟାର...

ବିଜ୍ଞାନୀମାନଙ୍କ ଦ୍ୱାରା ବର୍ତ୍ତମାନ ସୁଦ୍ଧା ଆବିଷ୍କୃତ ହୋଇନାହିଁ। ପେନ୍‌ସିଲିନ କମ୍ପାଉଣ୍ଡରେ ଅଣ କୋର୍ ଗଠନଗୁଡ଼ିକ ଏହାର କୋର୍ ଗଠନ ଅପେକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥିବା ଏହି ଅଧ୍ୟୟନ କହିଛି। ଅଧ୍ୟୟନ କରୁଥିବା ଗବେଷକ ହଣ୍ଟର ଷ୍ଟର୍ମ କହିଛନ୍ତି, "ଦକ୍ଷ ଆଣ୍ଟିବାୟୋଟିକ୍ସର ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ପ୍ରେଡିକ୍ଟିଭ ବା ପୂର୍ବାନୁମାନ ମଡେଲ ଜରୁରୀ ହୋଇଥାଏ। ରସାୟନ ବିଜ୍ଞାନ ଏବଂ ଡ୍ରଗ୍ସ ଆବିଷ୍କାର ପାଇଁ ଭବିଷ୍ୟତରେ ଏଆଇ ବହୁଳ ଭାବେ ବ୍ୟବହୃତ ହେବ।"

ସେହିପରି ମୈନିଟୋବା ବିଶ୍ୱବିଦ୍ୟାଳୟର ରସାୟନ ବିଜ୍ଞାନ ପ୍ରଫେସର ରେବେକା ଡେଭିସ୍ କହିଛନ୍ତି, "ଏହି ଅଧ୍ୟୟନକୁ ବିଶ୍ୱସ୍ତରରେ ଗ୍ରହଣ କରାଯିବାର ଉତ୍ତମ ସମ୍ଭାବନା ରହିଛି। ଅଗଷ୍ଟ ୧୮ରୁ ୨୨ ପର୍ଯ୍ୟନ୍ତ ଆମେରିକାର ଡେନ୍‌ଭର ସହରରେ ଆୟୋଜିତ ହେଉଥିବା 'ଆମେରିକାନ୍ କେମିକାଲ୍ ସୋସାଇଟି(ଏସିଏସ୍) ଫଲ୍ ୨୦୨୪' ବୈଠକରେ ଉକ୍ତ ଅଧ୍ୟୟନର ତଥ୍ୟକୁ ଉପସ୍ଥାପନ କରାଯିବ"।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଲାଭଭାବରେ ଶନିଙ୍କ ସହ ଚନ୍ଦ୍ରଙ୍କ ସ୍ଥିତି ହେତୁ ଯେଉଁ କାମରେ ହାତଦେବେ ସଫଳତା ପାଇବେ। ପ୍ରଶାସନିକ ସ୍ତରରେ ବିବାଦୀୟ ମନ୍ତବ୍ୟକୁ କେନ୍ଦ୍ରକରି ସମସ୍ୟା ଆଶଙ୍କା ରହିଛି। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, କ୍ରୟବିକ୍ରୟ କ୍ଷେତ୍ରରେ ସୁଫଳ ପାଇବେ। ସାହିତ୍ୟ, ସଙ୍ଗୀତ ତଥା ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ**
ପରିସ୍ଥିତିରେ ପଡ଼ି ଖର୍ଚ୍ଚାନ୍ତ ହେବାରୁ ମନସ୍ତାପ କରିବେ। ସ୍ୱାସ୍ଥ୍ୟହାନି ସମସ୍ୟା ଓ ପିଲାଙ୍କ ବିବାହ ସମ୍ପର୍କିତ ଚିନ୍ତାରେ ବ୍ୟସ୍ତତା ପରିଲକ୍ଷିତ ହେବ। ପାରିବାରିକ କ୍ଷେତ୍ରରେ କୌଣସି ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଓ ନିଷ୍ପତ୍ତି ନେବାକୁ ପଡ଼ିପାରେ। କଚେରି ମାମଲା,ଜମିଜମା ବିବାଦ କିମ୍ବା ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ଅବଶ୍ୟ ପାଇପାରିବେ।

**ମିଥୁନ**
ପାପଯୁକ୍ତ ବୁଧ ବାଧକାଧିପତି ଦୃଷ୍ଟ ହେତୁ ସ୍ୱାସ୍ଥ୍ୟହାନି ଓ ବନ୍ଧୁଙ୍କ ସହ କଳହର କାରଣ ହୋଇପାରେ। ମନମାନି କାମ କରିବା ହେତୁ ପରିବାରରୁ ସମାଲୋଚିତ ହେବେ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ ନ କଲେ ଅସୁବିଧା ଭୋଗିବେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଅଗ୍ରଣୀ ଭୂମିକା ଗ୍ରହଣକରି ପ୍ରଶଂସିତ ହେବେ।

**କର୍କଟ**
ଆଜି ଅଷ୍ଟମ ଚନ୍ଦ୍ରଜନିତ କର୍ମକ୍ଷେତ୍ରରେ ମତଭେଦ କାରଣରୁ କାର୍ଯ୍ୟହାନି ସାଙ୍ଗକୁ ଟେନ୍‌ସନ ଲାଗିରହିବ। ବନ୍ଧୁଙ୍କ ସାହାଯ୍ୟ ନେଇ ବିଭିନ୍ନ ଯୋଜନା କରିବାରେ ମନ ଦେଇପାରନ୍ତି। ସଭାସମିତିରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁମିଳନରୁ ଉତ୍ସାହିତ ହେବେ। ଯାତ୍ରା କାଳରେ ଅଜଣା ବ୍ୟକ୍ତିଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧହେବେ।

**ସିଂହ**
କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ସହଯୋଗ ପାଇବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମାନସିକ ଉଦ୍‌ବିଗ୍ନ ବୃଦ୍ଧିପାଇବ। ଅସମ୍ପୂର୍ଣ୍ଣ କାମ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ। ବ୍ୟବସାୟ ଓ ପରିବହନରେ ହଠାତ୍ କୌଣସି ବିବାଦୀୟ ପରିସ୍ଥିତି ସୃଷ୍ଟିହୋଇପାରେ।

**କନ୍ୟା**
ଭାଗ୍ୟସ୍ଥ ବୃହସ୍ପତିଙ୍କ ପ୍ରଭାବରୁ ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦର ଅନୁଭବ କରିବେ। ସ୍ଥଗିତ କାମ ବନ୍ଧୁଙ୍କ ସହଯୋଗରୁ ସମ୍ପନ୍ନହେବାରୁ ଉତ୍ସାହିତ ହେବେ। କେତେକ କ୍ଷେତ୍ରରେ ଯେସାକୁ ତେସା ନୀତିରେ କାମ କରିବାକୁ ଇଚ୍ଛାକରି ସମାଲୋଚିତ ହେବେ। ପରକଥାରେ ଭୁଲ୍ ମାର୍ଗ ଅନୁସରଣକରି ଅନୁତାପ କରିବାକୁ ପଡ଼ିପାରେ।

**ତୁଳା**
ପୂର୍ବର ସ୍ଥିତି ବଦଳିଯାଇଥିବାରୁ ଏକ ପ୍ରକାର ଆଶ୍ୱସ୍ତି ଲାଭ କରିପାରନ୍ତି। ଦୀର୍ଘଦିନର ପ୍ରତୀକ୍ଷା ପରେ ଅଭିଳଷିତ ଜିନିଷ ପାଇବା କାରଣରୁ ମାନସିକ ସ୍ଥିତି ଭଲ ରହିବ। ପାରିବାରିକ କ୍ଷେତ୍ର, ପରିବହନ, ଆନୁଷ୍ଠାନିକ କାମରେ ସଫଳତା ପାଇବେ। ମାଲିମକଦ୍ଦମାରେ ଆପୋସ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା**
କର୍ମକ୍ଷେତ୍ରରେ ବିଭିନ୍ନ ସମସ୍ୟା ଚିନ୍ତାକରି ମନ ଭାରାକ୍ରାନ୍ତ ରହିବ। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବା ସୂଚନା ରହିଛି। ଯେତେ ଚେଷ୍ଟାକଲେ ମଧ୍ୟ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାମ ହାସଲ କରିପାରିବେ ନାହିଁ।

**ଧନୁ**
ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣରେ ରହିବା ସହ ପାରିବାରିକ, ସାମାଜିକ ଏବଂ ଆନୁଷ୍ଠାନିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ପ୍ରତ୍ୟୁଷ ଯାତ୍ରା, ପରିବହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବାରୁ ପରିବାରରେ କଳହ ଦେଖାଦେବ। ସାଙ୍ଗଠନିକ କାର୍ଯ୍ୟକ୍ରମ ଏବଂ ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ।

**ମକର**
କର୍ମକ୍ଷେତ୍ରରେ ସମସ୍ୟା ହଠାତ୍ ଦେଖାଦେବା କାରଣରୁ ମନ ବିଚଳିତ ରହିବ। ସମ୍ପର୍କୀୟଙ୍କ ଶତ୍ରୁତା ଯୋଗୁ କାରଣ ନ ଥାଇ ମଧ୍ୟ ଦୋଷୀ ସାବ୍ୟସ୍ତ ହୋଇପାରନ୍ତି। ଆର୍ଥିକ ସଙ୍କଟ ଲାଗି ରହିଥିବାରୁ କେତେକ କାମ ଅଧୁରା ରହିଯାଇପାରେ। ବନ୍ଧୁ ପରିଜନଙ୍କ ସହ ସକାଳୁଆ ଯାତ୍ରାରେ ଲକ୍ଷ୍ୟ ହାସଲ କରିପାରିବେ।

**କୁମ୍ଭ**
ରାଶ୍ୟାଧିପତି ସ୍ୱଗୃହସ୍ଥ ହେତୁ ସହଜ ଓ ସୁବିଧାରେ ଆଜିର କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। ବନ୍ଧୁମାନଙ୍କ ସାହାଯ୍ୟ ନେଇ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟିହେବା ଆଶଙ୍କା ରହିଛି।

**ମୀନ**
ଆଜି ଶାରୀରିକ ସୁସ୍ଥତା, ନୂତନ ଯୋଜନାରମ୍ଭ, ମୂଲ୍ୟବାନ୍ ଜିନିଷ କ୍ରୟ କରିବାଜନିତ ମନ ଖୁସି ରହିବ। ନିଜର ଲୋକମାନଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ପରିବାରରେ ଭୁଲ୍ ବୁଝାମଣାଜନିତ ପରିବେଶ ସରଗରମ ରହିପାରେ। ବ୍ୟବସାୟିକ ପ୍ରଗତି ଓ କର୍ମକ୍ଷେତ୍ରରେ ଅଗ୍ରଗତି ହେତୁ ସାମୟିକ ଆଶ୍ୱସ୍ତି ଲାଭକରିବେ।

ଆଜି ଅଗଷ୍ଟ ୨୦ ତାରିଖ, ଶ୍ରୀମନ୍ଦିରରେ ଝୁଲଣଯାତ୍ରା ଶେଷ, ସଦ୍‌ଭାବନା ଦିବସ, ବିଶ୍ୱ ମଶକ ଦିବସ, ରାଜୀବ ଗାନ୍ଧୀଙ୍କ ଜୟନ୍ତୀ, ଭାଦ୍ରବ କୃଷ୍ଣ ପ୍ରତିପଦା ମଙ୍ଗଳବାର। ରାଶିନକ୍ଷତ୍ର-ଶତଭିଷା/କୁମ୍ଭ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮।୪୦ ଗତେ, ୧୦।୩୪ ମଧ୍ୟେ, ଘ.୦୧।୦୫ ଗତେ, ଘ.୦୧।୨୪ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୮ ଗତେ, ଘ.୦୪।୩୩ ମଧ୍ୟେ ରାହୁକାଳ।

# ନଗଡ଼ା ପାର୍ଶ୍ୱ ଗ୍ରାମରେ ଅତିଶୟ ଅପପୁଷ୍ଟି

## ୧୦ ଶିଶୁ ଆକ୍ରାନ୍ତ, ପାହାଡ଼ ଶିଖର ଗାଁରେ ସ୍ୱାସ୍ଥ୍ୟସେବା ଅପହଞ୍ଚ

ଯାଜପୁର,୧୯।୮
(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ଖଣି ଓ ଶିଳ୍ପସମୃଦ୍ଧ ହୋଇଥିଲେ ମଧ୍ୟ ଭୋକର ଭୂଗୋଳ ତାଲିକାରୁ ହଟିପାରୁନାହିଁ। ସୁକିନ୍ଦା ବ୍ଲକର ନଗଡ଼ାରେ ପୁଷ୍ଟିହୀନତାରେ ଶିକାର ହୋଇ ଶିଶୁମାନଙ୍କ ମୃତ୍ୟୁ ହେବା ଘଟଣା ଦେଶ ବିଦେଶରେ ଚର୍ଚ୍ଚା ହୋଇଥିଲା। ଏହି ଘଟଣାର ୮ ବର୍ଷ ପରେ ମଧ୍ୟ ନଗଡ଼ା ଅଞ୍ଚଳରୁ ହଟିପାରିନି ପୁଷ୍ଟିହୀନତା। ନଗଡ଼ା ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ଶିଶୁମାନେ ଅପପୁଷ୍ଟିର ଶିକାର ହୋଇଛନ୍ତି। ସାତକୁଲିଆ ପାହାଡ଼ର ନଗଡ଼ା ବାମ ପାର୍ଶ୍ୱ ତୁମୁଣି ଗ୍ରାମରେ ୨ ଜଣ ଅତିଶୟ ଅପପୁଷ୍ଟି ଓ ୪ ଜଣ ମଧ୍ୟମଧରଣର ଅପପୁଷ୍ଟି ଶିଶୁ ରହିଛନ୍ତି। ସେହିପରି ନଗଡ଼ା ଡାହାଣ ପାର୍ଶ୍ୱ ତଳଡ଼ିହ ଗ୍ରାମରେ ୪ଜଣ ଅତିଶୟ ଅପପୁଷ୍ଟି ଶିଶୁ ରହିଛନ୍ତି। ଏହି ଦୁଇ ଗ୍ରାମକୁ ଏଯାଏ ରାସ୍ତା ସଂଯୋଗ ହୋଇନାହିଁ। ଫଳରେ ପୁଷ୍ଟିକର ଖାଦ୍ୟ ଓ ଉପଯୁକ୍ତ ଚିକିତ୍ସା ଅଭାବରୁ ଅପପୁଷ୍ଟିରେ ଆକ୍ରାନ୍ତ ଶିଶୁଙ୍କ ଜୀବନ ବିପଦରେ ପଡ଼ିଛି। ଗୋଟିଏପଟେ ଯାଜପୁର ଜିଲାର କଳିଙ୍ଗନଗର, ସୁକିନ୍ଦା, ଦାନଗଦି, ଧର୍ମଶାଳା ଆଦି ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଶିଳ୍ପ ଗଢ଼ିଉଠିଛି। ମୂଲ୍ୟବାନ୍ ଖଣିଜ ପଦାର୍ଥ ଉତ୍ତୋଳନ ପାଇଁ ଅନେକ ଖଣି ଖାଦାନ ରହିଛି। ଅନ୍ୟପଟେ ଜିଲାର ଆଭ୍ୟନ୍ତର, ବିଶେଷକରି ଆଦିବାସୀ ଓ ଦଳିତ ବହୁଳ ବସତିକୁ ଅତିଶୟ ଦାରିଦ୍ର୍ୟ ଗ୍ରାସି ରଖିଛି। ଦୀର୍ଘଦିନର ସରକାରୀ ଅବହେଳାର ଚିତ୍ର ସେଠାରେ ସ୍ପଷ୍ଟ ଦେଖିବାକୁ ମିଳୁଛି। ଏଠାକାର ଜଙ୍ଗଲ, ଜମି, ଜଳକୁ ବ୍ୟବହାର କରି କମ୍ପାନୀଗୁଡ଼ିକ ବହୁ ହଜାର କୋଟି ଲାଭ ପାଉଥିବାବେଳେ ସେମାନଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ପ୍ରଦୂଷଣର ଜ୍ୱାଳାକୁ ସ୍ଥାନୀୟ ବାସିନ୍ଦା ଭୋଗିବା ସହ ଭୋକ ଓ ରୋଗ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି।

ଶିଶୁମୃତ୍ୟୁ ଘଟଣା ପରେ ନଗଡ଼ା ରାଜସ୍ୱ ମୌଜାର ସାମଗ୍ରିକ ବିକାଶ ନିମନ୍ତେ ପ୍ରାୟ ୧୩ କୋଟି ଟଙ୍କା ଖର୍ଚ୍ଚ କରି ପାହାଡ ଚିରି ରାସ୍ତା ନିର୍ମାଣ ହୋଇଛି। ଏହାପରେ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ, ସାଧାରଣ ବଣ୍ଟନ ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ନଗଡାଠାରୁ ୨.୭୦୦ କିମି ଦୂର ବାମପାର୍ଶ୍ୱରେ ଥିବା ତୁମୁଣି ଗ୍ରାମକୁ ଏଯାଏ ରାସ୍ତା ନିର୍ମାଣ ହୋଇପାରିନାହିଁ। ତୁମୁଣି ଗାଁଟି ପାହାଡ଼ ଶିଖରର ସମତଳ ଭୂମିରେ ରହିଛି। ପାହାଡ଼ ଉପରେ ନିଜ ପରିବାର ଚଳାଇବା ପାଇଁ ଗ୍ରାମବାସୀ ଜଙ୍ଗଲରୁ ଫଳମୂଳ, ମହୁ ସଂଗ୍ରହ କରି ସାପ୍ତାହିକ ହାଟରେ ବିକ୍ରିକରି କିରୋସିନ ଓ ଲୁଣ କିଣି ନିଅନ୍ତି। ରାଶନ ନେବାକୁ ଚିଙ୍ଗୁଡ଼ିପାଳ କିମ୍ବା ନାଳିଆଡ଼ାବାକୁ ଆସିବାକୁ ପଡ଼େ। ଏହି ଗ୍ରାମବାସୀଙ୍କ ପାଇଁ ସରକାରଙ୍କ ପ୍ରାୟ ସମସ୍ତ ଯୋଜନା ଅପହଞ୍ଚ ହୋଇପଡ଼ିଛି। ଏବେ ବି ଗର୍ଭବତୀ ମାତୃ ମୃତ୍ୟୁହାର ଓ ଶିଶୁ ଅପପୁଷ୍ଟିରେ ଲଗାମ ଲାଗି ପାରିନାହିଁ। ସ୍ୱାସ୍ଥ୍ୟକର୍ମୀମାନେ ପକ୍କା ରାସ୍ତାରେ ଯାଇ ନଗଡାବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଥିବାବେଳେ ତୁମୁଣି ଗାଁକୁ ପହଞ୍ଚିବାକୁ କଷ୍ଟକର ହେଉଛି। ପାହାଡ଼ କଡ଼ରେ ବଡ଼ ବଡ଼ ପଥର ଉପରେ ପାଦଚଲା ରାସ୍ତା ରହିଛି। ତେଣୁ ସରକାରୀ କର୍ମଚାରୀମାନେ ସେଠାକୁ ଯିବାକୁ ଅମଙ୍ଗ ହେଉଛନ୍ତି। ତୁମୁଣି ଗାଁ ଲୋକମାନେ ଲୁଣ ଟିକେ କିଣିବାକୁ ହେଲେ ଗୋଟିଏ ଦିନରେ ଘରକୁ ଫେରିପାରନ୍ତି ନାହିଁ। ପାହାଡ଼ ରାସ୍ତା ଦେଇ ଯିବା ସମୟରେ ବନ୍ୟଜନ୍ତୁ ଆକ୍ରମଣ ଭୟ ରହିଥାଏ। କେତେଜଣ ଭାଲୁ ଆକ୍ରମଣରେ ଜୀବନ ହରାଇଥିବା ଉଦାହରଣ ରହିଛି। ପ୍ରାୟ ୨୫ ପରିବାର ବସବାସ କରୁଥିବା ତୁମୁଣି ଗ୍ରାମରେ ବିଦ୍ୟୁତ୍ ଆଲୁଅ ଦିବାସ୍ୱପ୍ନ ହୋଇଛି। ୨୦୧୭ରେ ଏଠାରେ ଏକ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ ହୋଇଥିଲା। ହେଲେ ତାହା ପ୍ରାୟ ଅକାମୀ ହୋଇ ରହିଛି। ଅନୁରୂପ ପରିସ୍ଥିତି ଦେଖାଦେଇଛି ନଗଡା ଡାହାଣ ପାର୍ଶ୍ୱ ୩ କିମି ଦୂର ତଳଡ଼ିହ ଗ୍ରାମରେ। ଏଠାରେ ପ୍ରାୟ ୧୦ ପରିବାର ବସବାସ କରୁଥିବାବେଳେ ତୁମୁଣି ଭଳି ଏଠାରେ ମଧ୍ୟ ସରକାରୀ ଅବହେଳା ଜଳଜଳ ହୋଇ ଦିଶୁଛି। ସରକାରଙ୍କ ବହୁସୂତ୍ରୀ କାର୍ଯ୍ୟକ୍ରମ ଏଠାରେ କାଗଜକଲମରେ ସୀମିତ ରହିଛି।

ଅତିଶୟ ଅପପୁଷ୍ଟି ଶିଶୁଙ୍କୁ ତୁରନ୍ତ ପୁଷ୍ଟି ସାଧନ କେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ତେବେ ତୁମୁଣି ଓ ତଳଡିହ ଗ୍ରାମରେ ଅପପୁଷ୍ଟି ଶିଶୁ ରହିଥିବା ପ୍ରଶାସନ ନିକଟରେ ଖବର ରହିଥିଲେ ବି ସେମାନଙ୍କୁ ଅଣଦେଖା କରାଯିବା ସ୍ୱାସ୍ଥ୍ୟ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନ ଉଠୁଛି। ଏ ସଂକ୍ରାନ୍ତରେ ଯାଜପୁର ସିଡିଏମ୍‌ଓ ଶିବାଶିଷ ମହାରଣାଙ୍କୁ ପଚାରିବାରେ ସେ କହିଛନ୍ତି, ପ୍ରତି ଗୁରୁବାର ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ୪ ଜଣିଆ ଦଳ ତୁମୁଣି, ତଳଡ଼ିହ, ନଗଡ଼ା ପ୍ରଭୃତି ଅଞ୍ଚଳକୁ ଗସ୍ତରେ ଯାଉଛି। ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଉପଯୁକ୍ତ ଚିକିତ୍ସା କରାଯାଉଛି। ଆସନ୍ତା ଗୁରୁବାର ମଧ୍ୟ ସେହି ଅଞ୍ଚଳକୁ ଯାଇ ଆବଶ୍ୟକ ନିରୀକ୍ଷଣ କରି ବିହିତ ପଦକ୍ଷେପ ଗ୍ରହଣ କରାଯିବ।


ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ନଗଡ଼ା ପାର୍ଶ୍ୱ ତଳଡ଼ିହ ଗ୍ରାମର ପିଲାମାନେ।

## ଜଗା ହାତରେ ରାଖୀ ବାନ୍ଧିଲା ଭଉଣୀ


ଜଗାକୁ ଭଉଣୀ ରାଖୀ ବାନ୍ଧୁଛି।

ଫୁଲବାଣୀ,୧୯।୮
(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଯୋଡ଼ାମୁଣ୍ଡ ଅଲଗା ଶିଶୁ ଜଗାର ଚିକିତ୍ସା ଚାଲିଛି। ସୋମବାର ମେଡିକାଲରେ ଜଗା ରକ୍ଷା ବନ୍ଧନ ଉତ୍ସବ ପାଳିଛି। ନିଜ ସାନ ଭଉଣୀ ସୁଭଦ୍ରାର କୁନି ହାତରୁ ରାଖୀ ବାନ୍ଧି ଜଗା ବହୁତ ଖୁସି ହୋଇଛି। ସେହିପରି ଜଗାର ଅନ୍ୟ ସମ୍ପର୍କୀୟ ଭଉଣୀ ମଧ୍ୟ ଜଗା ହାତରେ ରାଖୀ ବାନ୍ଧି ମିଠା ଖୁଆଇଥିଲେ। ଜଗା ଭଉଣୀମାନଙ୍କ ଗହଣରେ ରହି ଏହି ଉତ୍ସବକୁ ଖୁବ୍ ମନଭରି ଉପଭୋଗ କରିଥିଲା।

ସୂଚନାଯୋଗ୍ୟ, ଦିଲ୍ଲୀ ଏମ୍‌ସରେ ଯୋଡ଼ାମୁଣ୍ଡ ଅଲଗା ହେବା ପରେ ଉଭୟ ଜଗା ଏବଂ କାଳିଆ ସୁସ୍ଥ ଥିଲେ। ହେଲେ କିଛିଦିନ ମଧ୍ୟରେ କାଳିଆର ସ୍ୱାସ୍ଥ୍ୟାବସ୍ଥାରେ ଅବନତି ହୋଇଥିଲା। କଟକରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜଗା ମନ ଦୁଃଖରେ ଥିଲାବେଳେ ତାଙ୍କ ସାନ ଭଉଣୀ ସୁଭଦ୍ରା ଫୁଲବାଣୀ ମେଡିକାଲରେ ଜନ୍ମ ହୋଇଥିଲା। ସେବେଠାରୁ ଜଗା ଭଉଣୀ ସହ ମିଶି ଏଠାରେ ରହୁଛି।

## ପୋଖରୀରେ ବୁଡ଼ିଗଲେ ୨ ଶିଶୁ

ନୂଆପଡ଼ା,୧୯।୮
(ମକାରୁ ବେମାଲ)

ନୂଆପଡ଼ା ଜିଲା ସଦର ବ୍ଲକ ଜୋଙ୍କ ଥାନା ବୋଇରଭାଡି ପଞ୍ଚାୟତ ସରାଇପାଲି ଗାଁରେ ସୋମବାର ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବୋଇରଭାଡି ପଞ୍ଚାୟତ ସରାଇପାଲି ଗାଁର ଜନଉ ବରିହାଙ୍କ ପୁଅ ହେମରାଜ ବରିହା (୪) ଓ ବେଦରାମ ବରିହାଙ୍କ ପୁଅ ଶଙ୍କର ବରିହା (୪)। ପ୍ରାପ୍ତ ସୂଚନା ମୁତାବକ ପୂର୍ବାହ୍ନ ୧୧ଟା ସମୟରେ ହେମରାଜ ଓ ଶଙ୍କରଙ୍କ ସହ ଟିକୁ ବରିହା (୪) ସାଙ୍ଗ ହୋଇ ଘର ନିକଟ ବର୍ଲିବନ୍ଧ (ପୋଖରୀ)କୁ ଗାଧୋଇବା ପାଇଁ ଯାଇଥିଲେ। ହେମରାଜ ଓ ଶଙ୍କର ଗଭୀର ପାଣିରେ ବୁଡିଯାଇଥିବାବେଳେ ଟିକୁ ଗାଧୋଇ ବାହାରି ଆସିଥିଲେ। ଖବର ପାଇ ପରିବାର ଲୋକେ ପହଞ୍ଚି ଦୁଇ ଶିଶୁଙ୍କୁ ଉଦ୍ଧାର କରି ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ଦୁଇ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଜୋଙ୍କ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଜୋଙ୍କ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଥାନା ଅଧିକାରୀ ଗୁରୁଦେବ କର୍ମୀ ସୂଚନା ଦେଇଛନ୍ତି।

## ବଜ୍ରପାତରେ ମହିଳାଙ୍କ ସମେତ ୨ମୃତ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ଖଇରା(ଉତ୍କଳବନ୍ଧୁ ପଣ୍ଡା), ୧୯।୮

ମୟୂରଭଞ୍ଜ ଜିଲା ଓ ବାଲେଶ୍ୱର ଜିଲାର ପୃଥକ ସ୍ଥାନରେ ସୋମବାର ବଜ୍ରପାତ ହୋଇ ଜଣେ ମହିଳାଙ୍କ ସମେତ ୨ଜଣଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବାରିପଦା ତୁଳସୀ ଚଉରା ଅଞ୍ଚଳର ସମ୍ବାରୀ ସିଂ(୫୭), ମୟୂରଭଞ୍ଜ ଜିଲା ଡାହିସାହି ଗ୍ରାମର ତୁରେକ ଜାରିକା।

ବଡ଼ସାହି ଥାନା ଅଧୀନ ଗୁଡିଆଲବନ୍ଧ ଗ୍ରାମସ୍ଥିତ ବାପଘରକୁ ସମ୍ବାରୀ ଚାଷ କାମ କରିବା ପାଇଁ ଆସିଥିଲେ। ବିଲରେ କାମ କରୁଥିବା ବେଳେ ହଠାତ୍ ବଜ୍ରପାତ ହେବାରୁ ସେ ଗୁରୁତର ହୋଇଥିଲେ। ପରିବାର ଲୋକେ ତାଙ୍କୁ ବାରିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବାରିପଦା ପିଆର୍‌ଏମ୍ ମେଡିକାଲକୁ ପଠାଇଛି। ସେହିପରି ବାଲେଶ୍ୱର ଜିଲା ଖଇରା ଥାନା ସାଇଁ ଗ୍ରାମ ନିକଟରେ ତୁରେକ ବିଲରେ କାମ କରୁଥିବା ବେଳେ ବଜ୍ରପାତ ହେବାରୁ ତାଙ୍କର ମୃତ୍ୟୁ ହୋଇଥିବା ବେଳେ ୩ଜଣ ଆହତ ହୋଇଛନ୍ତି। ଆମ୍ବୁଲାନ୍ସ ଯୋଗେ ଖଇରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯିବା ପରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ବୁଲେଟ ପାଇଁ ଜୀବନ ହାରିଲେ

ବସ୍ତା, ୧୯।୮(ଡି ଏନ ଏ)

ବୁଲେଟ କିଣିବାକୁ ବାପା ଟଙ୍କା ନ ଦେବାରୁ ପୁଅ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା ଭଳି ଚରମ ପନ୍ଥା ଅବଲମ୍ବନ କରିଛନ୍ତି। ଏଭଳି ଘଟଣା ଘଟିଛି ବାଲେଶ୍ୱର ଜିଲା ବସ୍ତା ବ୍ଲକ ବାହାର୍ଦ୍ଦା ପଞ୍ଚାୟତ ପଳାସିଆ ଗାଁରେ।

ପଦ୍ମନାଭ ଭକ୍ତାଙ୍କ ପୁଅ ଭବାନୀ ଶଙ୍କର ଏକ ବୁଲେଟ ବାଇକ କିଣିବା ପାଇଁ ବାପାଙ୍କୁ କହିଥିଲେ ଏବଂ ଏଥିପାଇଁ ଜିଦ୍ ଧରିଥିଲେ। ଏଥିରେ ବାପା ଅରାଜି ହେବାରୁ ଭବାନୀ(୧୯ ବର୍ଷ) ଘର ଗ୍ରିଲରେ ଲୁଗାରେ ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସେ ଯୁକ୍ତ ୨ ପରେ ବସ୍ତାରେ ଆଇଟିଆଇ(ଇଲେକ୍ଟ୍ରିସିଆନ)ରେ ପଢୁଥିଲେ। ବସ୍ତା ପୋଲିସ ଏ ସମ୍ପର୍କରେ ସୋମବାର ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇଛି ଓ ତଦନ୍ତ ଜାରି ରଖିଛି।

## ଡବ୍ଲ୍ୟୁଏସ୍‌ସି: 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ'ର ୮୧ ଛାତ୍ରୀଛାତ୍ରଙ୍କୁ ନିଯୁକ୍ତି ସୁଯୋଗ

ଭୁବନେଶ୍ୱର,୧୯।୮
(ଅସମାପିକା ସାହୁ)

ବିଶ୍ୱ ଦକ୍ଷତା କେନ୍ଦ୍ର(ଡବ୍ଲ୍ୟୁଏସ୍‌ସି)ର 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ବିଭାଗ ଅଧୀନରେ ଥିବା ଅତ୍ୟାଧୁନିକ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ' (ଲିଫ୍ଟ ଓ ଏସ୍କାଲେଟର ଟେକ୍ନୋଲୋଜି) ପାଠ୍ୟକ୍ରମରେ ଶତପ୍ରତିଶତ ନିଯୁକ୍ତି ସଫଳତା ମିଳିଛି। ୨୦୨୩-୨୪ ପ୍ରଥମ ବ୍ୟାଚ୍‌ରେ ତାଲିମ ନେଉଥିବା ୮୧ଜଣ ଛାତ୍ରୀଛାତ୍ର ବିଶ୍ୱର ପ୍ରମୁଖ ଲିଫ୍ଟ ସେବା ପ୍ରଦାନକାରୀ ସଂସ୍ଥା ସିଣ୍ଡଲର ଓ ଜନ୍‌ସନ୍ ଲିଫ୍ଟରେ ନିଯୁକ୍ତି ସୁଯୋଗ ପାଇଛନ୍ତି। ନିଯୁକ୍ତି ସୁଯୋଗ ପାଇଥିବା ୮୧ ଜଣଙ୍କ ଭିତରେ ୧୫ ଝିଅ ଏବଂ ୬୬ ଜଣ ପୁଅ ଅଛନ୍ତି। ଅନ୍ତର୍ଜାତୀୟସ୍ତରର କମ୍ପାନୀରେ ନିଯୁକ୍ତି ସୁଯୋଗ ପାଇଥିବାରୁ ସେମାନେ ରାଜ୍ୟ ସରକାର ଓ ବିଶ୍ୱ ଦକ୍ଷତା କେନ୍ଦ୍ରକୁ ଧନ୍ୟବାଦ ଜଣାଇଛନ୍ତି। ଏହି ଅବସରରେ ନିଯୁକ୍ତି ପାଇଥିବା ଛାତ୍ରୀଛାତ୍ରଙ୍କୁ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ତଥା ଡବ୍ଲ୍ୟୁଏସ୍‌ସିର ସିଇଓ ରଶ୍ମିତା ପଣ୍ଡା ଶୁଭେଚ୍ଛା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ସମୟରେ ବଡ଼ ବଡ଼ ସହରରେ ଥିବା ଆଧୁନିକ ବିମାନବନ୍ଦର, ରେଳ ଷ୍ଟେଶନ, ମଲ୍ ଓ ଆପାର୍ଟମେଣ୍ଟରେ ଲିଫ୍ଟ, ଏସ୍କାଲେଟର ଓ ଟ୍ରାଭେଲେଟର ଆଦିର ବହୁଳ ବ୍ୟବହାର କରାଯାଉଛି। ଏହି ଆଧୁନିକ ଯନ୍ତ୍ରାଂଶର ସ୍ଥାପନା, ପରିଚାଳନା ଓ ମରାମତି ପାଇଁ ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୩-୨୪ ଶିକ୍ଷାବର୍ଷର ସେପ୍ଟେମ୍ବର ସେସନରୁ 'ଭର୍ଟିକାଲ ଟ୍ରାନ୍ସପୋର୍ଟେଶନ' ପାଠ୍ୟକ୍ରମ ଆରମ୍ଭ କରାଯାଇଥିଲା। ଏହି ୧ବର୍ଷିଆ ଆଡ୍‌ଭାନ୍ସଡ ଡିପ୍ଲୋମା ତାଲିମ ପାଠ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ଗାଁ ଓ ସହରରୁ ଯୁବପିଢ଼ି ତାଲିମ ନେଉଛନ୍ତି। ଛାତ୍ରୀଛାତ୍ରଙ୍କୁ ତାଲିମ ଦେବା ପାଇଁ ଅତ୍ୟାଧୁନିକ ଲ୍ୟାବ ପ୍ରତିଷ୍ଠା କରାଯାଇଛି। ଶିଳ୍ପ ତାଲିମ ଓ ବୈଷୟିକ ଶିକ୍ଷାନୁଷ୍ଠାନରୁ ୨ବର୍ଷିଆ ଆଇଟିଆଇ କିମ୍ବା ୩ବର୍ଷିଆ ପଲିଟେକ୍ନିକ କରିଥିବା ଛାତ୍ରୀଛାତ୍ର ଏଥିରେ ଆବେଦନ କରିପାରିବେ।

## ବସ୍‌କୁ ଧକ୍କାଦେଲା ଟ୍ରକ୍, ୫ ଗୁରୁତର

ରାମଚନ୍ଦ୍ରପୁର, ୧୯।୮(ଗଣେଶ୍ୱର ସା)

କେନ୍ଦୁଝର ଜିଲା ୨୦ ନଂ. ଜାତୀୟ ରାଜପଥ ବେଲବାହାଲି ସିଆପଡ଼ା ଛକ ନୂଆ ବାଇପାସ୍ ନିକଟରେ ସୋମବାର ଏକ ଘରୋଇ ଯାତ୍ରୀବାହୀ ବସ୍‌କୁ ପଛ ପାଖରୁ ଟ୍ରକ୍ ଧକ୍କା ଦେଇଛି। ଦୁର୍ଘଟଣାରେ ୫ ଯାତ୍ରୀ ଗୁରୁତର ହୋଇଥିବା ବେଳେ ୮ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସୂଚନା ଅନୁଯାୟୀ, ନିରୁପମା ନାମକ ଘରୋଇ ବସ୍ (ଓଡି ୦୪ ଜେ ୫୮୮୫)ଭୁବନେଶ୍ୱରରୁ ବଉଳା ଅଭିମୁଖେ ଯିବା ପାଇଁ ବାଇପାସ ଅତିକ୍ରମ କରୁଥିଲା। ସନ୍ଧ୍ୟା ୫ଟା ସମୟରେ ସିଆପଡ଼ା ଛକ ନୂଆ ବାଇପାସ୍ ନିକଟରେ କେନ୍ଦୁଝରରୁ ପାରାଦୀପ ଅଭିମୁଖେ ଯାଉଥିବା ଲୁହାପଥର ବୋଝେଇ ଟ୍ରକ୍(ଓଡି୦୪ ୟୁ୫୯୬୧) ବସ୍‌କୁ ଧକ୍କା ଦେଇଥିଲା। ଘଟଣାରେ ବସ୍‌ରେ ବସିଥିବା ୫୦ଜଣ ଯାତ୍ରୀଙ୍କ ମଧ୍ୟରୁ ୫ ଗୁରୁତର ହୋଇଥିବା ବେଳେ ୮ଜଣ ଆହତ ହୋଇଥିଲେ। ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ ସଦଳବଳ ପହଞ୍ଚି ଟ୍ରକ୍ ଓ ବସ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି। ତେବେ ଦୀର୍ଘଦିନ ଧରି ଏହି ବାଇପାସ୍‌କୁ ଗୋଲେଇ ବାଇପାସ କରିବାକୁ ବେଲବାହାଲି ସରପଞ୍ଚ ଦୀପ୍ତି ସାହୁ ଓ ୩ ନଂ ଜୋନ୍‌ର ପୂର୍ବତନ ଜିଲା ପରିଷଦ ସଦସ୍ୟ ପ୍ରଭାକର ସାହୁଙ୍କ ସମେତ ଅଞ୍ଚଳବାସୀ ଦାବି କରିଆସୁଛନ୍ତି। ଗୋଲେଇ ବାଇପାସ୍ ନ ହେବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଇ ଗୋଲେଇ ବାଇପାସ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।


ଦୁର୍ଘଟଣାଗ୍ରସ୍ତ ବସ୍ ଓ ଯାତ୍ରୀମାନେ।

## ୨୧ରେ ଭାରତ ବନ୍ଦକୁ ସମର୍ଥନ କରିବାକୁ ଏସ୍‌ସି, ଏସ୍‌ଟି କ୍ରିୟାନୁଷ୍ଠାନ କମିଟିର ଆହ୍ୱାନ

ମାଲକାନଗିରି,୧୯।୮(ଦୁର୍ଯ୍ୟୋଧନ ପାତ୍ର)

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଭାଗୀଦାରି ଆରକ୍ଷଣକୁ ଶେଷ କରିବା ଉଦ୍ଦେଶ୍ୟରେ ଯେଉଁ ରାୟ ପ୍ରକାଶ କରିଛନ୍ତି ତାହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ବିରୋଧକରି ମାଲକାନଗିରି ଜିଲା ଅନୁସୂଚିତ ଜାତି ଓ ଜନଜାତି ସଂଘ ମିଳିତ କ୍ରିୟାନୁଷ୍ଠାନ କମିଟି ଆନୁକୂଲ୍ୟରେ ଆସନ୍ତା ୨୧ ତାରିଖ ଭାରତ ବନ୍ଦକୁ ସଫଳ କରିବା ପାଇଁ ଡାକରା ଦିଆଯାଇଛି। ଜରୁରିକାଳୀନ ସେବାକୁ ବାଦ୍‌ଦେଇ ସମସ୍ତ ଦୋକାନ ବଜାର, ଯାନବାହନ ସକାଳ ୬ ଟାରୁ ସନ୍ଧ୍ୟା ୬ ଟା ପର୍ଯ୍ୟନ୍ତ ବନ୍ଦକରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ସୋମବାର କମିଟି ସଭାପତି ଜାରାଶବର ମାଡ଼ିଙ୍କ ସଭାପତିତ୍ୱରେ ସ୍ଥାନୀୟ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି। କାର୍ଯ୍ୟକ୍ରମରେ ଉପଦେଷ୍ଟା ପ୍ରଭାକର ହନ୍ତାଳ, ସାଧାରଣ ସମ୍ପାଦକ ହରିବନ୍ଧୁ ଗଲରି, କାର୍ଯ୍ୟକାରୀ ସଭାପତି ସନ୍ତୁ ଅନୁଗୁ, ଉପଦେଷ୍ଟା ଘେନୁ ମୁଦୁଲି, ଘନଶ୍ୟାମ ମାଡକାମି, ଲଳିତ ମାଡକାମି, ଲକ୍ଷ୍ମଣ ଘରାମୀ, ଡମ୍ବରୁ ବାଘ, କୁମାର ଜାଲିଆ ଓ ସନାତନ କବାସୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ଘଟଣା ନେଲା ୨ ଯୁବକଙ୍କ ଜୀବନ

ମୋରଡ଼ା, ୧୯।୮(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଞ୍ଚଳରେ ଦୁର୍ଘଟଣାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଚିତ୍ରଡ଼ା ଫାଣ୍ଡି ଅଧୀନ ଆଣ୍ଡୁଆ ଗ୍ରାମର ସୁନ୍ଦର ମୁର୍ମୁ(୨୪) ଏବଂ ଉଲିଡିହି ଗ୍ରାମର ଶ୍ୟାମ ମାର୍ଣ୍ଡି(୨୦)। ରବିବାର ବିଳମ୍ବିତ ରାତିରେ ଉଭୟ ଏକ ବାଇକ୍‌ରେ ଘରକୁ ଫେରୁଥିବା ବେଳେ ଚିତ୍ରଡ଼ା-ଦାନ୍ତିଆମୁହାଁ ମୁଖ୍ୟ ରାସ୍ତାର ପାରିଆଉଡ଼ା ହାତୀ ଗୋଳାପୋଲ ବାଙ୍କ ନିକଟରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେମାନଙ୍କ ବାଇକ୍ ଏକ ଖଜୁରୀ ଗଛରେ ପିଟି ହେବାରୁ ଉଭୟ ରାସ୍ତା ପାର୍ଶ୍ୱ ବିଲ ପାଣିକୁ ଛିଟିକି ପଡ଼ିଥିଲେ। ଉକ୍ତ ସ୍ଥାନଟି ନିଛାଟିଆ ହୋଇଥିବାରୁ କାହାରି ନଜର ପଡ଼ି ନ ଥିଲା। ସୋମବାର ସକାଳେ ସେମାନେ ପାଣିରେ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ଚିତ୍ରଡ଼ା ଫାଣ୍ଡି ଓ ମୋରଡ଼ା ଥାନା ପୋଲିସ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୋରଡ଼ା ଥାନାରେ ଏକ ମାମଲା (ନଂ.୨୨୧/୨୪) ରୁଜୁ ହୋଇଛି।

## ରୋଗୀସେବା ଆଳରେ ହରିଲୁଟ୍

ହାଟଡିହୀ,୧୯।୮
(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲାରେ ରୋଗୀସେବା ଆଳରେ ୨୦ କୋଟି ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। କୋଭିଡ୍ ମହାମାରୀ ସମୟରେ ଏପରି ହରିଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଏହାର ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଦାବି କରି ହାଟଡିହୀ ଅଞ୍ଚଳର ଜଣେ ସୂଚନା ଅଧିକାର କର୍ମୀ ଏ ବାବଦରେ ଓଡ଼ିଶା ମୁଖ୍ୟ ଶାସନ ସଚିବ, ମୁଖ୍ୟମନ୍ତ୍ରୀ, ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ, ଭିଜିଲାନ୍ସ, କେନ୍ଦୁଝର ଜିଲାପାଳ ଏବଂ ଏସ୍‌ପି, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗ ଆଧାରରେ ମୁଖ୍ୟ ଶାସନ ସଚିବଙ୍କ କାର୍ଯ୍ୟାଳୟ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ କେନ୍ଦୁଝର ଜିଲାପାଳଙ୍କ ସହ ପ୍ଲାନିଂ ଆଣ୍ଡ କନ୍‌ଭରଜେନ୍ସ ବିଭାଗକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଓଡିଶା ଭିଜିଲାନ୍ସ ବିଭାଗ ତରଫରୁ କନ୍‌ଫିଡେନସିଆଲ ଭାବେ ଘଟଣାର ଭେରିଫିକେଶନ/ତଦନ୍ତ ଚାଲିଥିବା ଚିଠି (ନଂ. ୧୪୧୭୫/ ୭.୮.୨୦୨୪) ମାଧ୍ୟମରେ ସୂଚନା ଦିଆଯାଇଛି। କେନ୍ଦୁଝର ଏସ୍‌ପିଙ୍କ କାର୍ଯ୍ୟାଳୟ ତରଫରୁ ମଧ୍ୟ ଟାଉନ ଥାନାକୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଜାରି ହୋଇଛି।

ସୂଚନା ଅନୁଯାୟୀ, ଜିଲା ପ୍ରଶାସନକୁ କୋଭିଡ୍ ମୁକାବିଲା ପାଇଁ ୨୨ ସେପ୍ଟେମ୍ବର ୨୦୨୦ରେ ପିଏମ୍ କେୟାର୍ସରୁ ୧ କୋଟି, ସିଏମ୍‌ଆରଏଫ୍‌ରୁ ୨୪ ମାର୍ଚ୍ଚ ୨୦୨୦ରେ ୨ କୋଟି ଏବଂ ୨୦ ଜାନୁଆରୀ ୨୦୨୧ରେ ୩ କୋଟି, ଏସ୍‌ଡିଆରଏଫ୍‌ରୁ ୬ କୋଟି ୫୦ ଲକ୍ଷ, ଜିଆରଇନ କାଇଣ୍ଡରୁ ୭ କୋଟି ୨୩ ଲକ୍ଷ ୬ ହଜାର ୨୦ ଟଙ୍କା ମିଳିଥିଲା। ସେହିପରି କେନ୍ଦୁଝର ଡିଏମ୍‌ଏଫ୍ ଫଣ୍ଡରୁ ଜିଲାର ବିଭିନ୍ନ ବିଭାଗକୁ ବିଭିନ୍ନ ପର୍ଯ୍ୟାୟରେ ପ୍ରାୟ ୩୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ ସହ ଖର୍ଚ୍ଚ ହୋଇଛି। କେନ୍ଦୁଝର ଆର୍‌ଟିଓକୁ ଜିଲା ପ୍ରଶାସନ ତରଫରୁ ଚିଠି (ନଂ ୧୯୯୬/୮ ଜୁଲାଇ ୨୦୨୦)ରେ ୩୪ ଲକ୍ଷ ୪୫ ହଜାର ୭୫୦ ଟଙ୍କା ଏବଂ ରାଜ୍ୟ ପରିବହନ ବିଭାଗ ତରଫରୁ ୪ଟି ପର୍ଯ୍ୟାୟରେ ୩ ଲକ୍ଷ ୫୦ ହଜାର ଟଙ୍କା ଅନୁଦାନ ମିଳିଥିଲା। କିନ୍ତୁ କେନ୍ଦୁଝର ଆରଟିଓଙ୍କ ଚିଠି (ନଂ. ୧୩୧୩/୯ ଏପ୍ରିଲ ୨୪)ରେ ଦର୍ଶାଯାଇଛି, ସମୁଦାୟ ୩ ଲକ୍ଷ ୫୦ ହଜାର ଟଙ୍କା ରାଜ୍ୟ ପରିବହନ ବିଭାଗ ତରଫରୁ ଗ୍ରହଣ ହୋଇଛି। ଅନ୍ୟ କୌଣସି ବିଭାଗରୁ ଅନୁଦାନ ମିଳିନାହିଁ। ସେହିପରି କେନ୍ଦୁଝର ସିଡିଏମଓଙ୍କୁ ୮୫ କୋଟି ଟଙ୍କା ଅନୁଦାନ ଆସିଛି। ସେଥିରୁ କେବଳ କେନ୍ଦୁଝର ଡିଏମ୍‌ଏଫ ଫଣ୍ଡରୁ ବିଭିନ୍ନ ପର୍ଯ୍ୟାୟରେ ୮୧ କୋଟି ଟଙ୍କା ଅନୁଦାନ ମିଳିଛି। କିନ୍ତୁ ସିଡିଏମଓଙ୍କ ଚିଠି (ନଂ. ୧୧୬/୨ ନଭେମ୍ବର ୨୦୨୩) ଅନୁସାରେ ୭୨ କୋଟି ୫୫ ଲକ୍ଷ ୫୪ ହଜାର ୭୫୭ ଟଙ୍କା ଅନୁଦାନ ମିଳିଛି। ସେଥିରୁ ୬୦ କୋଟି ୭୦ ଲକ୍ଷ ୯୬ ହଜାର ୮୭୪ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ୧୧ କୋଟି ୮୪ ଲକ୍ଷ ୫୭ ହଜାର ୮୮୩ ଟଙ୍କା ବଳକା ରହିଛି। ୪ ମ୍ୟୁନିସିପାଲିଟିକୁ ୨୫ ଲକ୍ଷ ଏବଂ ଚମ୍ପୁଆ ଏନଏସିକୁ ୧୫ ଲକ୍ଷ, ଡିଏସ୍‌ଏମ୍‌ଏସ୍‌କୁ ୧୬ ଲକ୍ଷ ୩୦ ହଜାର ଏବଂ ଡିଏସଡବ୍ଲ୍ୟୁଓକୁ ୪୧ ଲକ୍ଷ ୧୪ ହଜାର ୭୧୮ ଟଙ୍କା ଅନୁଦାନ ମିଳିଛି। ତେବେ ଉର୍ଦ୍ଦିଷ୍ଟ ଗାଇଡ଼ଲାଇନ ଅନୁସାରେ ଅନୁଦାନ ଖର୍ଚ୍ଚ ହୋଇ ନ ଥିବା ଏବଂ ଅଧିକ ଅନୁଦାନ ମିଳିଥିବା ବେଳେ ବିଭିନ୍ନ ବିଭାଗୀୟ ଅଧିକାରୀ ଏହାକୁ ଲୁଚାଉଥିବା ସୂଚନା ଅଧିକାର କର୍ମୀ ଅଭିଯୋଗ ଆଣିଛନ୍ତି। ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ, ଆରଟିଓ, ଡିଏସଏମଏସ, ଡିଏସ୍‌ଡବ୍ଲ୍ୟୁଓ, ଆନନ୍ଦପୁର, ଯୋଡ଼ା, ବଡ଼ବିଲ, କେନ୍ଦୁଝର ମ୍ୟୁନିସିପାଲିଟି, ଚମ୍ପୁଆ ଏନ୍‌ଏସି, ସମସ୍ତ ଉପଖଣ୍ଡ ମେଡିକାଲ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁର୍ନୀତି ହୋଇଥିବାରୁ ଏହାର ତଦନ୍ତ ଦାବି କରାଯାଇଛି। ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି (ନଂ. ୫୨୨/୨ଅଗଷ୍ଟ୨୦୨୪)ରେ କେନ୍ଦୁଝର ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଘଟଣାର ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।



ପ୍ରତିଭାବାନ ମଣିଷମାନେ ସମସ୍ତେ ମନେ ହୁଅନ୍ତି- ସତେ କି ଅସ୍ୱାଭାବିକ ଏବଂ ସେମାନଙ୍କ ଧାତୁ ବି ମନେ ହୁଏ ଅଲଗା। କାହିଁକି ହେବ ନାହିଁ ? ପ୍ରତିଭାର ଜନ୍ମ ତ ଅସ୍ୱାଭାବିକ। ସାଧାରଣ ଧାତୁ ବା ପ୍ରକୃତିର ବାହାରେ ତା'ର ସ୍ଥାନ। **-ଶ୍ରୀଅରବିନ୍ଦ**

-ଶ୍ରୀକ୍ଷେତ୍ରେ ଶ୍ରୀମନ୍ଦିରେ ଝୁଲଣ ଯାତ୍ରା ଶେଷ



# ସାଇବର ଠକ

ପ୍ରଯୁକ୍ତିର ବିକାଶ ଆଗକୁ ବଢ଼ିବା ସହ ଏହାକୁ ନେଇ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଭାରତରେ ଡିଜିଟାଇଜେଶନ ନାରା ଦେଇ ବିଭିନ୍ନ କ୍ଷେତ୍ରରେ ବିଶେଷକରି ବ୍ୟାଙ୍କ କାରବାରରେ ସରକାରଙ୍କ ଦ୍ୱାରା ଅନ୍‌ଲାଇନ ନେଣଦେଣ ଉପରେ ଚାପ ପକାଯାଉଛି। ଏହି କ୍ରମରେ ବ୍ୟାଙ୍କ ଆକାଉଣ୍ଟ ତଥା ବିଭିନ୍ନ ସରକାରୀ ଓ ବେସରକାରୀ କାରବାରରେ ଆଧାର ଓ ପାନକାର୍ଡ ସଂଯୋଗ କରିବା ପାଇଁ ବାଧ୍ୟ କରାଯାଉଛି। ତେବେ ଏହାର ଏକ ବିରାଟ ନକାରାତ୍ମକ ଦିଗ ମଧ୍ୟ ରହୁଛି। ନିକଟ ଅତୀତରେ ଯେତେ ଅନ୍‌ଲାଇନ ଆର୍ଥିକ କାରବାର ବଢ଼ିଛି ସେତେ ମାତ୍ରାରେ ଲୋକେ ଠକେଇର ଶିକାର ହୋଇଛନ୍ତି। ଲୋକଙ୍କର ବ୍ୟକ୍ତିଗତ ତଥ୍ୟ ବିକ୍ରି ହୋଇ ତାହାକୁ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଉଛି। ବଡ଼ ପୁରସ୍କାର ଜିତିଥିବା କହି ଏସ୍‌ଏମ୍‌ଏସ୍ ଦ୍ୱାରା ଠକେଇ, ଅଘଟଣ ଘଟାଇବାର ଭୟ ଦେଖାଇ ଅର୍ଥ ଆଦାୟ କରିବା ଭଳି ଘଟଣା ଏବେ ନିତିଦିନିଆ ହୋଇଗଲାଣି। ନିକଟରେ ଭୁବନେଶ୍ୱର ଓ କଟକରେ ସିମ୍ ବକ୍ସ ର୍‍ୟାକେଟ ଧରାପଡ଼ିବା ପରେ ତାହା ଉପରେ ନଜର ଅଧିକ ପଡ଼ିଛି। ଏହାଦ୍ୱାରା ଭଏସ୍ ଓଭର ଇଣ୍ଟରନେଟ ପ୍ରୋଟୋକଲ( ଭିଓଆଇପି) ବ୍ୟବସ୍ଥାରେ ଠକାମି କରାଯାଇପାରୁଛି। ଏଥିରେ ବିଭିନ୍ନ କମ୍ପାନୀର ଜାଲ୍ ସିମ୍‌କାର୍ଡ ବ୍ୟବହାର କରାଯାଇ ବିଦେଶୀ କଲ୍‌କୁ ଲୋକାଲ କଲ୍ ଏବଂ ଲୋକାଲ କଲ୍‌କୁ ବିଦେଶୀ କଲ୍‌ରେ ପରିବର୍ତ୍ତନ କରାଯାଉଛି। ପୋଲିସ କହିବା ଅନୁଯାୟୀ, ଏହା ମାଧ୍ୟମରେ ଆପରାଧିକ କିମ୍ବା ସନ୍ତ୍ରାସବାଦୀ ନେଟୱର୍କରୁ ସାଇବର ଅପରାଧୀମାନେ ପ୍ରଚୁର ଅର୍ଥ ଆୟ କରିପାରୁଛନ୍ତି।

ଓଡ଼ିଶାର ଭୁବନେଶ୍ୱର ଓ କଟକରେ ଧରାପଡ଼ିଥିବା ସିମ୍ ବକ୍ସର ଚେର ଝାଡ଼ଖଣ୍ଡର ରାଞ୍ଚିକୁ ଲମ୍ବିଥିବା ଜଣାପଡ଼ିଛି। ଅଗଷ୍ଟ ୧୬ରେ ଭୁବନେଶ୍ୱର ଲକ୍ଷ୍ମୀସାଗର ମହାଦେବନଗରସ୍ଥିତ ଖାନ୍ ମଞ୍ଜିଲ ନାମକ କୋଠାର ଏକ ରୁମ୍‌ରୁ ପୋଲିସ ୭ଟି ସିମ୍ ବକ୍ସ ଜବତ କରିବା ସହ ପଶ୍ଚିମବଙ୍ଗର ରାଜୁ ମଣ୍ଡଳଙ୍କୁ ଗିରଫ କରିଥିଲା। ପରେ ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ କଟକ କଲ୍ୟାଣନଗର ବୃନ୍ଦାବନ ଭବନର ଏକ ଭଡ଼ାଘରୁ ୫ଟି ସିମ୍ ବକ୍ସ ସହ ଅନ୍ୟାନ୍ୟ ଜିନିଷ ଜବତ କରାଯାଇଛି। ଏହି ଘଟଣାରେ ବିଦେଶୀ ଲିଙ୍କ୍ ରହିଥିବା କୁହାଯାଉଛି। କାରଣ ଜବତ କରାଯାଇଥିବା ସିମ୍ ବକ୍ସର ଡିଭାଇସରେ ପାକିସ୍ତାନ, ଆଫଗାନିସ୍ତାନ, ମ୍ୟାନମାର ଆଦି ଦେଶର ଆଇଏସ୍‌ଡି କୋଡ୍ ଷ୍ଟକରିଂ ହୋଇଥିବା ଦେଖିବାକୁ ମିଳିଛି । ଏଭଳି ବେଆଇନ ଟେଲିଫୋନ ଏକ୍ସଚେଞ୍ଜରେ ଆତଙ୍କବାଦୀଙ୍କ ଲିଙ୍କ୍ ଥିବା ପୋଲିସ ସନ୍ଦେହ କରୁଛି। ଓଡ଼ିଶାରେ ଧରାପଡ଼ିଥିବା ର୍‍ୟାକେଟର ମାଷ୍ଟରମାଇଣ୍ଡ ବାଂଲାଦେଶର ଆଶାଦ୍ଦୁର ଜମାନ ବୋଲି ଜଣାପଡ଼ିଛି। ସେ ଭଡ଼ା ଘରେ ସିମ୍ ବକ୍ସ ସେଟ କରିବା ସହ ରାଜୁଙ୍କୁ ଏହାର ମେଣ୍ଟେନାନ୍ସ ଦାୟିତ୍ୱରେ ରଖିଥିଲେ। ଉଲ୍ଲେଖନୀୟ ଯେ, ଡିସେମ୍ବର ୨୦୨୦ରେ ମୁମ୍ବାଇ ପୋଲିସ କ୍ରାଇମ ବ୍ରାଞ୍ଚ ପୂର୍ବ ମୁମ୍ବାଇର ଶିବାଜୀ ନଗର ଓ ଚିତାହ କ୍ୟାମ୍ପ ଅଞ୍ଚଳରୁ ୧୪ଟି ସିମ୍‌ବକ୍ସ ଜବତ କରିବା ସହ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ମହାରାଷ୍ଟ୍ର ଆଣ୍ଟି ଟେରୋରିଜମ ସ୍କ୍ୱାଡ୍ ତିନୋଟି ବେଆଇନ ଟେଲିଫୋନ ଏକ୍ସଚେଞ୍ଜରେ ପାକିସ୍ତାନର ପ୍ରମୁଖ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ସମ୍ପୃକ୍ତି ଥିବା ପ୍ରକାଶ କରିଥିଲା। ଏହା ନିଶ୍ଚିତ ଯେ, ଏଭଳି ସାଇବର ସ୍କାମ୍ ନାଗରିକଙ୍କ ଆର୍ଥିକ କ୍ଷତି କରିବା ସହ ସେମାନଙ୍କ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି।

> **ବ୍ୟାଙ୍କ ଆକାଉଣ୍ଟ ସହ ଆଧାର, ପ୍ୟାନ୍ ଓ ସବୁ ପ୍ରକାର ବ୍ୟକ୍ତିଗତ ତଥ୍ୟ ଯୋଡ଼ିବା ପାଇଁ ଭାରତ ସରକାର ଜୋର୍ ଦେଲାବେଳେ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବାରେ ବିଫଳ ହେଉଛନ୍ତି । ଡିଜିଟାଇଜେଶନ ଉପରେ ଜୋର୍ ଦେବା ଯୋଗୁ ଏହିସବୁ ଅପରାଧ ବଢ଼ିଚାଲିଛି।**

ଓଡ଼ିଶା ପରିପ୍ରେକ୍ଷୀରେ ଏବକାର ସିମ୍ ବକ୍ସ ଘଟଣାକୁ ଦେଖିଲେ ଏଠାରେ ଅନ୍ତର୍ଜାତୀୟ ଉଗ୍ରବାଦୀ ଏବଂ ସାଇବର ଅପରାଧୀଙ୍କ ପ୍ରବେଶ ହୋଇଗଲାଣି ବୋଲି ବୁଝିବାକୁ ହେବ। ଜଣେ ବାଂଲାଦେଶୀ ନାଗରିକ ପ୍ରବେଶ କରି ରାଜ୍ୟର ଦୁଇଟି ପ୍ରମୁଖ ସହରରେ ଭଡ଼ାଘରେ ସିମ୍ ବକ୍ସ ସେଟ କରିବା ବାସ୍ତବରେ ରାଜ୍ୟ ପୋଲିସ ପାଇଁ ସତର୍କ ଘଣ୍ଟି। ଅନ୍ୟ ପକ୍ଷରେ ଘର ଭଡ଼ା ନେଉଥିବା ବାହାର ରାଜ୍ୟର ଲୋକଙ୍କ ସମ୍ପର୍କରେ ଘର ମାଲିକମାନେ ପୋଲିସକୁ ସୂଚନା ଦେଉଛନ୍ତି କି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ। ଯଦି ସୂଚିତ କରୁଥିବେ ତେବେ ସେମାନଙ୍କ ଉପରେ ପୋଲିସର ନଜର ରହୁ ନ ଥିବା ଏହି ଦୁଇଟି ଘଟଣା ସ୍ପଷ୍ଟ କରୁଛି। ଅନ୍ୟ ଏକ ଦିଗ ହେଲା, ଭାରତବର୍ଷରେ ଡିଜିଟାଇଜେଶନ ଉପରେ ଯେତେ ଜୋର୍ ଦିଆଯାଉଛି ସେହି ମାତ୍ରାରେ ସାଇବର ପୋଲିସ ଏବଂ ଗୋଇନ୍ଦା ବିଭାଗ ନିଜକୁ ପ୍ରସ୍ତୁତ କରିପାରି ନାହାନ୍ତି। ସାଇବର କ୍ରାଇମର ଏକ ବଡ଼ ଅଂଶ ହେଲା ଆର୍ଥିକ ଠକେଇ। ବ୍ୟାଙ୍କ ଆକାଉଣ୍ଟ ସହ ଆଧାର, ପ୍ୟାନ୍ ଓ ସବୁ ପ୍ରକାର ବ୍ୟକ୍ତିଗତ ତଥ୍ୟ ଯୋଡ଼ିବା ପାଇଁ ଭାରତ ସରକାର ଜୋର୍ ଦେଲାବେଳେ ନାଗରିକଙ୍କ ସୁରକ୍ଷା ନିଶ୍ଚିତ କରିବାରେ ବିଫଳ ହେଉଛନ୍ତି । ଡିଜିଟାଇଜେଶନ ଉପରେ ଜୋର୍ ଦେବା ଯୋଗୁ ଏହିସବୁ ଅପରାଧ ବଢ଼ିଚାଲିଛି। ପ୍ରଥମେ ସାଇବର କ୍ରାଇମକୁ ସାମ୍ନା କରିବା ପାଇଁ ସରକାରଙ୍କ ସବୁ ଅଙ୍ଗ ପ୍ରସ୍ତୁତ ହେବା ଜରୁରୀ ଥିଲା। ତା'ପରେ ହିଁ ଡିଜିଟାଲ ଇଣ୍ଡିଆର ପ୍ରକୃତ ରୂପାନ୍ତରଣ ହୋଇପାରିଥାଆନ୍ତା।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 2 | | | | |
| 6 | | | | | | | | |
| | | 9 | 4 | | | 3 | 2 | 6 |
| | 9 | | 7 | | | 4 | 6 | |
| | | 2 | | 5 | | | | |
| | 1 | | | | 8 | 9 | | |
| | | | | 7 | | 2 | 5 | |
| | 5 | | | | 9 | | | 8 |
| 2 | | 8 | | | | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 7 | 2 | 5 | 3 | 4 | 1 | 9 | 6 |
| 9 | 5 | 6 | 7 | 8 | 1 | 2 | 3 | 4 |
| 4 | 3 | 1 | 9 | 2 | 6 | 7 | 8 | 5 |
| 7 | 6 | 9 | 1 | 4 | 8 | 3 | 5 | 2 |
| 3 | 1 | 8 | 6 | 5 | 2 | 9 | 4 | 7 |
| 5 | 2 | 4 | 3 | 7 | 9 | 8 | 6 | 1 |
| 2 | 8 | 5 | 4 | 9 | 7 | 6 | 1 | 3 |
| 1 | 9 | 3 | 2 | 6 | 5 | 4 | 7 | 8 |
| 6 | 4 | 7 | 8 | 1 | 3 | 5 | 2 | 9 |

ଗତକାଲିର ଉତ୍ତର

# ଗ୍ରାମୀଣ ଭାରତର ମେରୁଦଣ୍ଡ ସମବାୟ ବ୍ୟାଙ୍କ



ପ୍ରତାପ ଚନ୍ଦ୍ର ସାମଲ

ଆଜକୁ ୪ହଜାରରୁ ଅଧିକ ବର୍ଷ ପୂର୍ବେ ବେବିଲୋନିଆନମାନେ ମନ୍ଦିରମାନଙ୍କରେ ବ୍ୟାଙ୍କ ସେବା ପ୍ରଦାନ କରୁଥିବାର ଜାଣିବାକୁ ମିଳେ। ଦ୍ୱାଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଭେନିସ୍ ଓ ଜେନେଭାଠାରେ ବ୍ୟାଙ୍କ ପ୍ରତିଷ୍ଠା ହୋଇଥିଲା। ୧୪ଶ ଶତାବ୍ଦୀରେ ଫ୍ଲୋରେନ୍ସଠାରେ ଋଣଦାତାମାନଙ୍କ ଦ୍ୱାରା ବ୍ୟାଙ୍କ ପ୍ରତିଷ୍ଠା କରାଯାଇଥିଲା। ହିନ୍ଦୁଧର୍ମରେ ମନୁଙ୍କ ଦ୍ୱାରା ପ୍ରଦତ୍ତ ନୀତିରେ ସଚ୍ଚୋଟ ଲୋକମାନଙ୍କ ନିକଟରେ ବଳକା ଅର୍ଥ ଜମା ପାଇଁ ଦିଆଯିବା ଉଚିତ ବୋଲି ଲେଖାଅଛି। ବିପଦ ବେଳେ ଟଙ୍କା ଉଧାର ଦେଲେ ବିପଦମୁକ୍ତ ହେବା ସଙ୍ଗେ ସଙ୍ଗେ ଟଙ୍କା ଉଧାର ଦେଇଥିବା ଲୋକର ଅଶେଷ ଅଶେଷ ଧର୍ମ ହୁଏ। ସେହିପରି ଉଧାର ନେଇ ନ ଶୁଝିବା ମଧ୍ୟ ପାପ ଅର୍ଜନ କରିବା ବୋଲି ଉଲ୍ଲେଖ ଅଛି। ବେଦରେ ବ୍ୟାଙ୍କରେ ଅର୍ଥ ଜମା କରିବା ଓ ଅର୍ଥ ଯୋଗାଣ ବିଷୟରେ ଉଲ୍ଲେଖ ରହିଛି। ବ୍ରିଟିଶ ପ୍ରଶାସନ ଭାରତରେ ୧୮୦୯ ମସିହାରେ ବ୍ୟାଙ୍କ ଅଫ୍ ବେଙ୍ଗଲ, ୧୮୪୦ ମସିହାରେ ବ୍ୟାଙ୍କ ଅଫ୍ ବମ୍ବେ ଓ ୧୮୪୩ ମସିହାରେ ବ୍ୟାଙ୍କ ଅଫ୍ ମାଡ୍ରାସ ଭଳି ତିନୋଟି ପ୍ରେସିଡେନ୍ସି ବ୍ୟାଙ୍କର ପ୍ରତିଷ୍ଠାକଲେ ଓ ପରବର୍ତ୍ତୀ କାଳରେ ୧୯୨୦ ମସିହାରେ ଇମ୍ପେରିଆଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଆକ୍ଟ ଅନୁଯାୟୀ ୨୭ ଜୁନ୍ ୧୯୨୧ରେ ଏହି ବ୍ୟାଙ୍କ କାର୍ଯ୍ୟ କଲା। ୧୯୩୪ ମସିହାରେ ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଭାବେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ପ୍ରତିଷ୍ଠା କରାଯାଇ ଉପମହାଦେଶ ଭାରତର ସମସ୍ତ ବ୍ୟାଙ୍କ ସେବାକାର୍ଯ୍ୟ ୧୯୩୫ ମସିହାରେ କାର୍ଯ୍ୟକାରୀ କରାଯାଇଥିଲା। ତା'ର ପରବର୍ତ୍ତୀ ସମୟରେ ଘରୋଇ ସ୍ତରରେ ଭିନ୍ନ ଭିନ୍ନ ନାମରେ ବାଣିଜିକ ବ୍ୟାଙ୍କମାନ ପ୍ରତିଷ୍ଠାହୋଇ ସେବା ପ୍ରଦାନ କରାଗଲା। ୧୯୬୯ ମସିହା ଜୁଲାଇ ୧୯ରେ ୧୪ଟି ବୃହତ୍ ପର୍ଯ୍ୟାୟ ବ୍ୟାଙ୍କ ଜାତୀୟକରଣ ଭାରତର ତତ୍କାଳୀନ ପ୍ରଧାନମନ୍ତ୍ରୀ ସ୍ୱର୍ଗତା ଇନ୍ଦିରା ଗାନ୍ଧୀଙ୍କ ନିର୍ଦ୍ଦେଶରେ କରାଯାଇ ରାଷ୍ଟ୍ରର ସମୃଦ୍ଧିରେ ସେବା ନିଯୁକ୍ତ କରାଗଲା। ୧୯୭୧ ମସିହା ୩୧ ଡିସେମ୍ବରରେ ଭାରତରେ ୧୨ଟି ବିଦେଶ ବ୍ୟାଙ୍କ ପ୍ରେସିଡେନ୍ସି ସିଟିଗୁଡ଼ିକରେ କାର୍ଯ୍ୟ ଆରମ୍ଭ କରିଥିଲେ। ୧୯୦୪ ଓ ୧୯୧୨ ମସିହାରେ କେନ୍ଦ୍ର ସରକାର ଦେଶର ଗ୍ରାମାଞ୍ଚଳ ଓ ସାଧାରଣ ଜନତାଙ୍କ ଭାଗୀଦାରି ପାଇଁ ସମବାୟ ସମିତି ପ୍ରତିଷ୍ଠା ପାଇଁ ଆଇନ ପ୍ରଣୟନକରି ବ୍ୟାଙ୍କସେବାର ଅନ୍ୟ ଏକ ଦ୍ୱାର ଉନ୍ମୁକ୍ତକରି ରଖିଲେ। ଦେଶରେ ବ୍ୟାଙ୍କସେବାକୁ ପର୍ଯ୍ୟାପ୍ତ କରିବା ପାଇଁ ଆଞ୍ଚଳିକ ସ୍ତରରେ ୧୯୭୫ ମସିହାରେ ରିଜିଓନାଲ ରୁରାଲ ବ୍ୟାଙ୍କ ବା ଗ୍ରାମ୍ୟବ୍ୟାଙ୍କ ପ୍ରତିଷ୍ଠା କରାଗଲା ଏବଂ ଏହି ସମସ୍ତ ବ୍ୟାଙ୍କର ସେବାକୁ ଭାରତୀୟ ରିଜର୍ଭ ବ୍ୟାଙ୍କ ବ୍ୟାଙ୍କିଙ୍ଗ୍ ରେଗୁଲେଶନ ଆକ୍ଟ ଦ୍ୱାରା ନିୟନ୍ତ୍ରିତ କଲା।



ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ବୃହତ୍ ଋଣ ଚାହିଦା ପୂରଣ କରୁଥିଲା ବେଳେ ଆଞ୍ଚଳିକ ବ୍ୟାଙ୍କ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ଦ୍ୱାରା ସଂଶ୍ଲେଷଣ ପାଇଁ ଗ୍ରାମ ତଥା ସହରାଞ୍ଚଳର ଋଣ ଯୋଗାଣ ଓ ଜମା ସଂଗ୍ରହର କାର୍ଯ୍ୟ ସମ୍ପାଦନକଲେ। ମାତ୍ର ଗ୍ରାମୀଣ ଜନସାଧାରଣଙ୍କ ସେବା ପାଇଁ ଉଦ୍ଦିଷ୍ଟ ଥିବା ଏକମାତ୍ର ବ୍ୟାଙ୍କ ହେଲା ସମବାୟ ବ୍ୟାଙ୍କ। ସମବାୟ ବ୍ୟାଙ୍କ ପ୍ରଥମରୁ କୃଷିଋଣ ପ୍ରଦାନ ପାଇଁ ଲକ୍ଷ୍ୟ ରଖି ସେବା ପ୍ରଦାନ କରିବାରେ ଲାଗିଛି। ସମବାୟ ବ୍ୟାଙ୍କଗୁଡ଼ିକର ପ୍ରଥମ ଲକ୍ଷ୍ୟହେଲା ଏହାର ସଭ୍ୟ ଓ ସମାଜର ସେବା କରିବା ଯେଉଁଠି ଅନ୍ୟ ବ୍ୟାଙ୍କଗୁଡ଼ିକ ଲାଭ ଉପାର୍ଜନକୁ ଲକ୍ଷ୍ୟକରି ବ୍ୟବସାୟ କରିଥାନ୍ତି।

ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆର ଜାତୀୟ କୃଷି ଓ ଗ୍ରାମ୍ୟ ଉନ୍ନୟନ ବ୍ୟାଙ୍କ (ନାବାର୍ଡ) ଦ୍ୱାରା ଆର୍ଥିକ ଲଗାଣର ସୁବିଧା ପାଇଁ ସମବାୟ ବ୍ୟାଙ୍କଗୁଡ଼ିକ କାର୍ଯ୍ୟ କରିଥାନ୍ତି। ଭାରତର ପ୍ରତ୍ୟେକ ରାଜ୍ୟରେ ଗୋଟିଏ ଗୋଟିଏ ସମବାୟ ବ୍ୟାଙ୍କ କାର୍ଯ୍ୟ କରିଥାଏ। ରାଜ୍ୟ ସମବାୟ ବ୍ୟାଙ୍କଗୁଡ଼ିକୁ ନାବାର୍ଡ କୃଷିଋଣ ପାଇଁ ଅର୍ଥ ଯୋଗାଏ ଏବଂ ଜିଲାସ୍ତରରେ ଗଠନ କରାଯାଇଥିବା ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକୁ ରାଜ୍ୟ ସମବାୟ ବ୍ୟାଙ୍କ ନାବାର୍ଡଠାରୁ ପାଇଥିବା କୃଷି ଋଣ ଅର୍ଥକୁ ଯୋଗାଇଥାନ୍ତି। ପ୍ରତି ପଞ୍ଚାୟତ ବା ୨/୩ ଟି ପଞ୍ଚାୟତକୁ ନେଇ ପ୍ରାଥମିକ କୃଷିଋଣ ସମବାୟ ସମିତି ଗଠନ କରାଯାଇଛି ଏବଂ ଏହାର ସଭ୍ୟ ହୋଇଥାନ୍ତି ସେହି ଅଞ୍ଚଳର ଚାଷୀଭାଇମାନେ। ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କଗୁଡ଼ିକ ପ୍ରାଥମିକ କୃଷିଋଣ ସମବାୟ ସମିତିଗୁଡ଼ିକୁ ଋଣ ଯୋଗାଇବା ଦ୍ୱାରା ସମିତିଗୁଡ଼ିକ ସେମାନଙ୍କ ସଭ୍ୟ କୃଷକମାନଙ୍କୁ କୃଷିଋଣ ସ୍ୱଳ୍ପ ସୁଧରେ ଯୋଗାଇଥାନ୍ତି।

ବର୍ତ୍ତମାନ ଭାରତରେ ୩୨ଟି ରାଜ୍ୟ ସମବାୟ ବ୍ୟାଙ୍କର ୮୦୭ ଗୋଟି ଶାଖା କାର୍ଯ୍ୟକରୁଛି। ୩୭୭ଟି ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଓ ସେମାନଙ୍କର ୧୨,୨୭୦ଟି ଶାଖା, ୯୭,୦୦୦ ପ୍ରାଥମିକ କୃଷିଋଣ ସେବା ସମବାୟ ସମିତି ଦେଶର କୋଣ ଅନୁକୋଣରେ କାର୍ଯ୍ୟ କରୁଛନ୍ତି ସଭ୍ୟ ଚାଷୀମାନଙ୍କୁ ଋଣଦେବା ଓ ଜମା ସଂଗ୍ରହ କାର୍ଯ୍ୟରେ। ଓଡ଼ିଶାର କୃଷି ଋଣରେ ଦୀର୍ଘ ମିଆଦୀ ଋଣ ଦେବା ପାଇଁ ସମବାୟ ଭୂ-ଉନ୍ନୟନ ବ୍ୟାଙ୍କ ଗଠନ କରାଯାଇଥିଲେ ମଧ୍ୟ ସବୁଗୁଡ଼ିକ ପରିଚାଳନା ଅବ୍ୟବସ୍ଥାରୁ ବନ୍ଦ ହୋଇଯାଇଛି। ସହରାଞ୍ଚଳରେ କ୍ଷୁଦ୍ର ବ୍ୟବସାୟୀ ଓ ଖଟିଖିଆ, ମଧ୍ୟବିତ୍ତ ଶ୍ରେଣୀର ଲୋକଙ୍କ ସେବା ପାଇଁ ୧୫୦୦ଟି ସିଡ୍ୟୁଲ୍ଡ ଓ ନନ୍ ସିଡ୍ୟୁଲ୍ଡ(୨୯।୦୨।୨୦୨୪ ସୁଦ୍ଧା) ଅର୍ବାନ କୋ-ଅପରେଟିଭ ବ୍ୟାଙ୍କ ଗଠନ କରାଯାଇ ସେମାନଙ୍କର ୧୧,୦୦୦ ଶାଖା ମାଧ୍ୟମରେ ସେବା ଯୋଗାଉଛନ୍ତି। ସମବାୟ ବ୍ୟାଙ୍କ ଗ୍ରାମୀଣ ଭାରତର ନିଃଶ୍ୱାସ କହିଲେ ଅତ୍ୟୁକ୍ତି ହେବ ନାହିଁ। ସମବାୟ ବ୍ୟାଙ୍କ ଅନ୍ୟ ବ୍ୟାଙ୍କଗୁଡ଼ିକଠାରୁ ଅଧିକ ଲୋକଙ୍କୁ ସେବା ପ୍ରଦାନ କରିବା ସହ ନିଯୁକ୍ତି ଦେବା ସାଙ୍ଗକୁ ଲୋକଙ୍କୁ ସେବା ଯୋଗାଇପାରିଛି ଏବଂ ବ୍ୟବସାୟରେ ମଧ୍ୟ ସଫଳତା ଆଣି ଦେଇପାରିଛି। ଦେଶରେ ଯେତେ ବ୍ୟାଙ୍କ ବ୍ୟବସ୍ଥା ରହିଥିଲେ ମଧ୍ୟ ସମବାୟ ବ୍ୟାଙ୍କଗୁଡ଼ିକ ହିଁ ସେବାଧର୍ମୀ ହେବା ସହ ଗରିବ ଲୋକଙ୍କ ନିକଟରେ ପହଞ୍ଚି ଦିବାରାତ୍ର ସେମାନଙ୍କ ସମୃଦ୍ଧି ପାଇଁ ସ୍ୱପ୍ନ ଦେଖିଚାଲିଛନ୍ତି। ମନେହେଉଛି ଜନତାଙ୍କ ଦ୍ୱାରା, ଜନତାଙ୍କ ପାଇଁ ଓ ଜନତାଙ୍କ ଅନୁଷ୍ଠାନ ହେଉଛି ସମବାୟ ବ୍ୟାଙ୍କ। ପ୍ରତ୍ୟେକ ଭାରତୀୟ ତାରି ସେବା ଗ୍ରହଣକରି ଏକ ନିର୍ମଳ, ସ୍ୱଚ୍ଛନ୍ଦ, ସମୃଦ୍ଧ ଭାରତ ନିର୍ମାଣ କରିବାକୁ ଆଗେଇଆସିବା ଦରକାର। ସମବାୟ ବ୍ୟାଙ୍କଗୁଡ଼ିକ ଅତି କମ୍ ସୁଧହାରରେ ସମିତିର ସଭ୍ୟମାନଙ୍କୁ ଋଣ ଯୋଗାଇବା ଦ୍ୱାରା ସେମାନଙ୍କର ସମବାୟ ବ୍ୟାଙ୍କ ପ୍ରତି ଦୁର୍ବଳତା ବଢ଼ିଯାଇଛି। ଓଡ଼ିଶାରେ ସମବାୟ ବ୍ୟାଙ୍କଗୁଡ଼ିକ ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ ଶସ୍ତାରେ କୃଷିଋଣ ଯୋଗାଇ ଦେଉଛନ୍ତି। ପ୍ରତ୍ୟେକ ଚାଷୀ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ଠିକ୍ ସମୟରେ ଶୁଝିଲେ ସୁଧ ଦେବାକୁ ପଡ଼େନାହିଁ। ସରକାର ପ୍ରଚଳିତ ସୁଧକୁ ବ୍ୟାଙ୍କକୁ ଦେବା ପାଇଁ ଇ-ରେଷ୍ଟ ସଲ୍‌ଭେନ୍‌ଶନ୍ ଯୋଜନା ମାଧ୍ୟମରେ ଆଇନ ପ୍ରଣୟନ କରିଛନ୍ତି। ଭାରତ ଏକ ଗ୍ରାମବହୁଳ ଦେଶ ହୋଇଥିବାରୁ ଏହାର ଅର୍ଥନୀତି ଗ୍ରାମର କୃଷି ଉପରେ ନିର୍ଭରକରେ। ଏଥିରେ ରାଜ୍ୟ ସରକାରମାନେ ସମସ୍ତ ପ୍ରକାର ସୁବିଧା ସୁଯୋଗ ଦେଇପାରିଲେ ଦେଶ ସମବାୟ କ୍ଷେତ୍ରରେ ଆଗକୁ ବଢ଼ିପାରିବ ଓ ଗ୍ରାମୀଣ ଭାରତର ସ୍ୱପ୍ନ ସାକାର ହେବ ଏବଂ ଗ୍ରାମୀଣ ଭାରତର ମେରୁଦଣ୍ଡ ଶକ୍ତ ହୋଇପାରିବା ସଙ୍ଗେ ସଙ୍ଗେ ଆର୍ଥିକ ବିକାଶରେ ଭାରତ ଆତ୍ମନିର୍ଭର ହୋଇପାରିବ। କୃଷିକ୍ଷେତ୍ରରେ ଦିଆଯାଉଥିବା ଋଣରୁ ୭୦ ଭାଗ ସମବାୟ ବ୍ୟାଙ୍କ ବହନକରୁଥିବାରୁ ଗ୍ରାମୀଣ ଭାରତର ମେରୁଦଣ୍ଡ ବୋଲି ସମବାୟ ବ୍ୟାଙ୍କକୁ କୁହାଯାଏ।

ମୋ: ୯୦୯୦୩୨୫୮୦୨

# ବିଷମରେ ବିଶି



ଡ. ଦ୍ୟୁତୀ ଚନ୍ଦ୍ର ସାହୁ

ମାଆଙ୍କ ଦେହାନ୍ତ ପରେ ଯେତେସବୁ ପୂଜାପାର୍ବଣର ଦାୟିତ୍ୱ ଗାଁରେ ଥିବା ବଡ଼ ଭାଇନା ଓ ଭାଉଜଙ୍କ ଉପରେ ନ୍ୟସ୍ତ। ସେମାନେ ଆମର ମୁରବି। ଆମେ ଜାଣିଥିଲେ ବି ମୁରବି ହିସାବରେ ଶ୍ରାଦ୍ଧ ଓ ପର୍ବପର୍ବାଣି ବିଷୟରେ ସେମାନେ ଜଣାଇ ଦିଅନ୍ତି ଆଗୁଆ। ପୂଜାପାର୍ବଣରେ ଆମିଷ ନ ଖାଇବାକୁ ତାଗିଦ। ତା' ସହ ଗାଁକୁ ଆସିବାକୁ ଆମନ୍ତ୍ରଣ। ଅନ୍ତରଙ୍ଗ ଡାକରାରେ ଗାଁ ମାଟି ପ୍ରତି ମମତା ଆହୁରି ବଢ଼ିଯାଏ। ଯିବାକୁ ମନ ବାଧ୍ୟକରାଏ। ଗାଁକୁ ଗଲେ ପିଲାଦିନ କଥା ବହୁତ ମନେପଡ଼େ। ଗାଁ ବିଲ, ସାଙ୍ଗସାଥୀ, ତୋଟା, ନଦୀ ଓ ଗାଁ ପରମ୍ପରା ମନକୁ ଛୁଇଁଯାଏଁ। ମନ ଭାବୁକ ହୋଇଯାଏ। ସବୁ କଥା ଭୁଲି ପଛ କଥା ଭାବିବାକୁ ମନବଳାଏ। ଏମିତିରେ ନିକଟରେ ଗାଁକୁ ଯାଇଥିଲି। ଗାଁରେ ଆଧୁନିକତା ଲେସି ହୋଇସାରିଥିଲା। ସହର ଭଳି ଚକମକ ଗାଁ। ଗାଡ଼ିର ଭିଡ଼। ଟ୍ରାଫିକ ଜାମ୍। ଗାଁ ପାଖ ଜମି ସବୁରେ ଘର। ଅଣ୍ଟା ଯାଏ ଖାଲୁଆ ଜମିରେ ବଡ଼ ବଡ଼ ପକ୍କାଘର। ବର୍ଷାଦିନେ ସେଠି ପାଣି ଲହଡ଼ି ମାରୁଥିଲା। ପିଲାଦିନେ ଲୁଗା କି ଚିରା ମଶାରି ଖଣ୍ଡ ଧରି ବିଲରେ ପଶି ନୂଆ ପାଣିରେ ମାଛଧରା ସହ ପାଣିରେ ପହଁରାର ମଜା। ବୁଡ଼ିବାର କି ଭାସିବାର ଭୟ ନ ଥିଲା। ବିଶି ଚଷାଘରର ପିଲା। ଚାଷବାସ କାମରେ ସେ ଧୁରନ୍ଧର। ବର୍ଷା ମାସରେ ସେ ବିଦ୍ୟାଳୟ ଅପେକ୍ଷା ବିଲବାଡ଼ି କାମରେ ଲାଗେ। ତା' ବାପାକୁ ସାହାଯ୍ୟକରେ। ହାଇସ୍କୁଲ ପଢ଼ିଲା ବେଳକୁ ବିଲର ସବୁ କାମ ଶିଖିଯାଇଥିଲା। ହଳ କାମ, କଟିହଣା କାମ, କାଦୁଅ କରିବା ଭଳି କଷ୍ଟ କାମରେ ବି ପାରଙ୍ଗମତା ହାସଲ କରିଥିଲା। ପାଠ ପଢ଼ାରେ ଆଗୁଆ ନ ଥିଲେ ବି ମନ୍ଦ ନ ଥିଲା।

ଆମ ସାଙ୍ଗ ଭିତରେ ଗୋଟେ ଧାରଣା ହୋଇଯାଇଥିଲା ବିଶି ପାଠ ପଢ଼ି ଚାକିରିବାକିରି କଲେ ବି ଚାଷକାମ ଛାଡ଼ିବନାହିଁ। ଚାଷ ପ୍ରତି ତା'ର ଆତ୍ମିକ ଭାବ ଥିଲା। ବିଶେଷକରି ଧାନ ଚାଷ ଉପରେ ସେ ଆମ ସାଙ୍ଗମାନଙ୍କୁ ସବୁ କଥା ଗୋଟି ଗୋଟି କହୁଥିଲା। ଆମେ ସବୁ ତାକୁ କହୁଥିଲୁ - 'ଚାଷ କାମ ଯାହାର, କି ଆନନ୍ଦ ତାହାର।' ସେଥିରେ ସେ ଖୁସିହୋଇ ଯାଉଥିଲା। ସତକୁ ସତ ବିଶି କଲେଜ ପଢ଼ିଲା ପରେ ଆଉ ଚାକିରି ପଛରେ ନ ଗୋଡ଼େଇ ଚାଷର ଧାର ଧରିଲା। ଚାଷରେ ନୂଆ ନୂଆ ପ୍ରୟୋଗ କଲା। ଭଲ ଉତ୍ପାଦନ ବି କରିବା ଶିଖିଲା। ମଝିରେ ମଝିରେ ଦେଖା ହେଲେ ତା' କାହାଣୀ ଗପେ। ଗାଁରେ ରହି ସୁଖକୁ ହାତମୁଠାରେ ଧରି ରଖିପାରିଥିବାରୁ ତାକୁ ସବୁବେଳେ କହେ, "ତୁ ଭାଗ୍ୟବାନ୍‌ରେ ବିଶି! ଗାଁ ମାଟିରେ ବଢ଼ିଲୁ, ଗାଁ ମାଟିରେ ରହିଲୁ। ଏଠି ସବୁ ଭୋଗିପାରୁଛୁ। ଆମେ ପର ରାଇଜର ଲୋକ। ଗାଁ ପାଇଁ କୁଣିଆ। ଚାକିରିର ମୋହରେ ଏ ମାଟି ବି ପର କରିଦେଉଛି।" ସେ କହେ, "ଭାଇ ! ଆମେ ଖଟିଖିଆ ମଣିଷ। ଖଟିଲେ ଖାଇବୁ। ନ ହେଲେ ଉପାସ। ତୁମର ଖଞ୍ଜା ପଇସା।



ମାସ ପୂରିଲେ ପଇସା ମିଳିବ। ଚିନ୍ତା ନାହିଁ।" କିନ୍ତୁ ବିଶି ଜାଣିପାରେନି ଚାକିରିଆଙ୍କୁ ଜବାବ ଦେବାକୁ ପଡ଼ିବ। ଏକଥା ତାକୁ କହିବାକୁ ଇଚ୍ଛା କରେନି। ବରଂ ଚାଷବାସ ପାଇଁ ତାକୁ ପ୍ରଶଂସା କରେ ସବୁଥର। ଏଥର ଗାଁରେ କିନ୍ତୁ ବିଶି ସହ ଦେଖାହେଲା ପରେ ତା'ର କଥାରେ ଖୁସି କରାଇବାର ଶବ୍ଦ ମୋ ପାଖେ ନ ଥିଲା। ବରଂ ତା' ସହ ଦୁଃଖୀ ହେବାକୁ ପଡ଼ିଲା। ବିଶି ଦେଖି ସାଇକେଲଟିକୁ ହ କରି ଆମ ଘର ଦାଣ୍ଡପିଣ୍ଡାରେ ବସିଗଲା। ଦୁଃଖସୁଖ ହେଲା। ଶ୍ରାବଣ ସରି ଆସୁଥିଲେ ବି ରୁଆରୋଇ ସରି ନ ଥିବାରୁ ସେ ବେଶି ଚିନ୍ତିତ ଥିଲା। ଅନିୟମିତ ବର୍ଷା, ମଜୁରିଆଙ୍କ ଅଭାବ ଓ ଆକାଶଛୁଆଁ ଦର ଭିତରେ ଚାଷବାସରେ ମଜା ନାହିଁ ବୋଲି ଜଣାଇଲା। କଷ୍ଟମଷ୍ଟେ ଯାହା କରିବୁ ଦଇବ ସହିବ ନାହିଁ। ଅଦିନିଆ ବର୍ଷାରେ ନାଶ କରିଦେବ। ବର୍ଷାଦିନେ ବର୍ଷା ହେବନି। କଟାକଟି ବେଳକୁ ଏମିତି ବର୍ଷା ହେବ ଯେ ବିଲରେ କଟା ଧାନ ଭାସିବ। ଭିଜିଯାଇଥିବା ଧାନକୁ ଏଫ୍‌ଏକ୍ୟୁ ନାମରେ ବିକିଲା ବେଳକୁ ତୁଚ୍ଛା ଧନ୍ଦାରେ ଧନ୍ଦି ହେବାକୁ ପଡ଼େ। ଟଙ୍କା ପାଇଁ ତେଣିକି ବୁଲିବାକୁ ପଡ଼ିବ। ସେଥିପାଇଁ ଗଲା ୫ ବର୍ଷ ହେଲା ଡିପଜମିରେ ଧାନ ବଦଳରେ କପା କରୁଥିବା ସେ ସୂଚନା ଦେଲା। ବାକି କିଛି ଜମି ଭାଗକୁ ଦେଇଦେଇଛି। ନିଜେ ଖାଇବା ଲାଗି କିଛି ଜମିରେ ଧାନଚାଷ କରୁଛି। ଗାଁଟା ସାରା ଲୋକଙ୍କ ସେଇ ଅବସ୍ଥା। ଧାନ କମ୍, କପା ଅଧିକ। ଆଉ ଗାଁ ପାଖ ଜମିଗୁଡ଼ିକ ପ୍ଲଟିଂକରି ବିକି ଅନେକ ଲୋକ ଭଲ ଅର୍ଥ କମେଇଛନ୍ତି।

ଜଳବାୟୁ ପରିବର୍ତ୍ତନର ପ୍ରଭାବରେ ବିଶି ଏବେ ବିଷମରେ। ଗାଁଠାରୁ ବଣ ଘୁଞ୍ଚିଯାଇଛି। ନିର୍ମାଣରେ ଅନେକ ଗଛ ବଳି ପଡୁଛି। ନୂଆ ଗଛ ଯାହା ଲଗାଯାଉଛି ତା' ବଡ଼ ହେଲାବେଳକୁ ପୁଣି ଟାଙ୍ଗିଆ ଚୋଟରେ ହେଉ କିମ୍ବା ଯନ୍ତ୍ରର ସ୍ପର୍ଶରେ ଅକାରଣରେ ବଳିପଡୁଛି। ଚାଷ ଜମିରେ ବ୍ୟାପକ ରାସାୟନିକ ସାର ପ୍ରୟୋଗରେ ମାଟିର ଉର୍ବରତା ହ୍ରାସ ହେବାରେ ଲାଗିଛି। ଆଧୁନିକ ଚାଲିଚଳଣ, ଗାଡ଼ିମୋଟର ବ୍ୟାପକ ବୃଦ୍ଧି, ଜଳାଶୟ ପୋତି ହୋଇଯିବା ଓ ନଦୀରେ ଜଳସ୍ତର କମିଯିବା ସମସ୍ୟାକୁ ବହୁଗୁଣିତ କରିଦେଇଛି। ସବୁଠି କଂକ୍ରିଟ ରାସ୍ତା। ମାଟି ଭିତରକୁ ପାଣି ପଶିବାକୁ ବାଟ ବନ୍ଦ। ଗାଁରେ ପିଇବା ପାଣିର ସଙ୍କଟ ଘାରିଲାଣି। ଅସମ୍ଭବ ଗରମ ହେଉଛି। ଏଣେ ରାଜ୍ୟରେ ଆଳୁ, ପିଆଜ ମିଳୁନାହିଁ। ମାଛ, ଅଣ୍ଡା ଓ ପରିବା ପାଇଁ ବି ବାହାର ରାଜ୍ୟ ଉପରେ ନିର୍ଭର। ଏ ଦିଗରେ ଚାଷୀଙ୍କ ଆଗ୍ରହ ବି ନାହିଁ। ସେଇ ପାରମ୍ପରିକ ଚାଷ ଭିତରେ ଆମର ଅଧିକାଂଶ ଚାଷୀ ସୀମିତ। ନୂଆ ପରୀକ୍ଷଣ କରିବାକୁ ସାହସ ଜୁଟାଉନାହାନ୍ତି। ଯିଏ ବି କରୁଛି ବିଭିନ୍ନ କାରଣରୁ ବିଶେଷ ସଫଳ ହେଉନାହାନ୍ତି। ଯିଏ ହେଉଛି ସେ ଖୁସି। ବାକି ଚାଷୀ ହତାଶ। ଆଗକୁ ପରିସ୍ଥିତି ଜଟିଳ ହେବ। ବାଦଲଫଟା ବର୍ଷାର ସ୍ଥିତି ବଢ଼ି ବଢ଼ି ଚାଲିଛି। ଭୟଙ୍କର ପରିସ୍ଥିତି ସୃଷ୍ଟି ହେଉଛି। ଢେର ସମୟ ନିଜ ଦୁଃଖ ବଖାଣିବା ପରେ କାନ୍ଧରେ ଗାମୁଛା ପକେଇ ସାଇକେଲ ଚଢ଼ି ଆଗକୁ ଗଡ଼େଇଲା ଓ ତା' ସହ କହିଲା, "ଦେଖାଯାଉ ଆଗକୁ ଏ ମାଟି ମାଆ କି ରାସ୍ତା ଦେଖାଉଛି। ଆମକୁ ମାଟି କରିବ କି ସୁନା କରିବ ତା' ହାତରେ ଅଛି।" ମୁଁ କହିବାକୁ ଇଚ୍ଛା ଥିଲେ ବି ତାକୁ କହିଲିନି, "ମାଟି ମାଆ ହାତରେ କିଛି ନାହିଁ। ବିନାଶକୁ ମଣିଷ ଡାକୁଛି। ଯେମିତି ସେ କରୁଛି, ସେମିତି ତ ଭୋଗିବାର ଅଛି।"

ଇନ୍ଦିରାନଗର ,ରାୟଗଡ଼ା
ମୋ: ୯୪୩୭୯୦୯୬୭୧

## ଏଇ ଭାରତରେ

ମଣିଷ ଓ ପକ୍ଷୀ ଉଭୟ ରହୁଥିବା ଘରଟିଏ ଦେଖିବାକୁ ମିଳେ ନୋଏଡାରେ। ୭୦୦୦ ବର୍ଗଫୁଟର ଏହି ଘରର ନାଁ ' ଅଶ୍ୱତ୍ଥ', କାରଣ ଏହାକୁ ଏକ ଅଶ୍ୱତ୍ଥ ଗଛ ନିକଟରେ ନିର୍ମାଣ କରାଯାଇଛି। ଦିଲ୍ଲୀର ଆର୍କିଟେକ୍ କମ୍ପାନୀ ଆର୍କିଓପେଟ୍ରିକ୍ସ ଦ୍ୱାରା ଏହାକୁ ନିର୍ମାଣ କରାଯାଇଛି। ଏହି ଘରଟି ସମ୍ପୂର୍ଣ୍ଣ ପରିବେଶ ଉପଯୋଗୀ । ଅନେକ ହଜାର ପକ୍ଷୀ ଏହି ଘରକୁ ଆସୁଛନ୍ତି। ଘର ଛାତ ଉପରେ ସେମାନଙ୍କ ବସିବା ଲାଗି ଜାଗା ରଖାଯାଇଛି। ପ୍ରତିଦିନ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରାଯାଉଛି। ସବୁଠୁ ବଡ଼ କଥା ହେଉଛି ଏହି ଘରେ ବର୍ଷାପାଣି ସଂଗ୍ରହ କରାଯିବାର ବ୍ୟବସ୍ଥା କରାଯାଇଛି। ପାଣିକୁ ଗଚ୍ଛିତ ରଖାଯାଇ ବିଭିନ୍ନ କାର୍ଯ୍ୟରେ ବ୍ୟବହାର କରାଯାଉଛି। ପାରମ୍ପରିକ ଟେକ୍‌ନିକରେ 'ଅଶ୍ୱତ୍ଥ' ଘରକୁ ନିର୍ମାଣ କରାଯାଇଛି। କଂକ୍ରିଟ ଓ ଷ୍ଟିଲ୍ ବଦଳରେ ଏହି ଘରକୁ କେବଳ ମାଟି ଓ ପଥରରେ ନିର୍ମାଣ କରାଯାଇଛି। ଏହି ଘରେ ସବୁବେଳେ ସବୁ ଋତୁରେ ତାପମାତ୍ରା ସନ୍ତୁଳିତ ରହୁଛି। ଘର ଭିତରକୁ ସୂର୍ଯ୍ୟାଲୋକ ପ୍ରବେଶ କରିପାରୁଛି। ଘର ପାଖ ବଗିଚାରେ ସିଞ୍ଚନ ଜଳସେଚନର ବ୍ୟବସ୍ଥା ରହିଛି। ଏଥିପାଇଁ ପକ୍ଷୀମାନେ ଏହି ଘରେ ରହିବାକୁ ଆସୁଛନ୍ତି। ବିନା ବାଧାରେ ପକ୍ଷୀମାନେ ଏଠାରେ ରହୁଛନ୍ତି । ଘରର ବାଲ୍‌କୋନିକୁ ରିସାଇକେଲ ପ୍ଲାଷ୍ଟିକ ଓ କାଠରେ ନିର୍ମାଣ କରାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

**୨୦ ଅଗଷ୍ଟ ୧୯୭୫**

- କ୍ରିକେଟ ଅଧିନାୟକ ମନସୁର ଅଲ୍ଲୀ ଖାଁ ପଟଉଦିଙ୍କ ପ୍ରଥମଶ୍ରେଣୀ କ୍ରିକେଟରୁ ଅବସର ଘୋଷଣା।
- ପଶ୍ଚିମବଙ୍ଗର ଉପକୂଳବର୍ତ୍ତୀ ମେଦିନପୁର ଜିଲା ଅଞ୍ଚଳରେ ପ୍ରବଳ ଝଡ଼ତୋଫାନ ହେବା ଫଳରେ ମାଛଧରା ଡଙ୍ଗାରେ ସମୁଦ୍ର ଭିତରକୁ ଯାଇଥିବା ୧୨ ଜଣ ଧିବର ନିରୁଦ୍ଦିଷ୍ଟ।
- ବାଂଲାଦେଶର ରାଷ୍ଟ୍ରପତି ଖଣ୍ଡକାର ମୁସ୍ତାକ ଅହମ୍ମଦଙ୍କ ନୂତନ ସରକାରକୁ ୮ମ ରାଷ୍ଟ୍ର ଭାବେ ବର୍ମାର ସ୍ୱୀକୃତି ପ୍ରଦାନ।

## ଚିରନ୍ତନୀ

ତୁମରି ପ୍ରେମେ ଭୁବନ ଭଲ ଲାଗଇ
ଚେତନା ମମ ସକଳ ପଥେ ଜାଗଇ
ହତାଶେ ଆଉ ନୁହେଁ ମୁଁ ଜଡ଼
ମରଣ ଆଉ ନ ମଣେ ବଡ଼
ତୁମରି ଲାଗି ଶତ ଜୀବନ
ଆଜି ଗୋ ଏଥି ମାଗଇ।
-(ପ୍ରସାଧନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଅନୁପ୍ରବେଶକାରୀଙ୍କ ଉପରେ ନଜର ରଖାଯାଉ

ମହାଶୟ,

ଦୀର୍ଘ ବର୍ଷ ଧରି ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ସର୍ଭେ କାର୍ଯ୍ୟ ବନ୍ଦ ରହିଥିବାରୁ ରାଜ୍ୟରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବୃଦ୍ଧି ଏବେ ସମସ୍ତଙ୍କ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇଛି। ବିଶେଷକରି ରାଜ୍ୟର ବିଭିନ୍ନ ଜିଲାରେ ପୋଲିସ ପକ୍ଷରୁ ଟେଜାଣ୍ଟ ରେଜିଷ୍ଟର କାର୍ଯ୍ୟକ୍ଷମ ହେଉ ନ ଥିବାରୁ ଅନୁପ୍ରବେଶକାରୀଙ୍କ ସମ୍ପର୍କରେ ବିଶେଷ ତଥ୍ୟ ସଂଗ୍ରହ ହୋଇ ପାରୁନାହିଁ। ସେହିଭଳି ରାଜ୍ୟର ଉପକୂଳରେ ଅନୁପ୍ରବେଶକାରୀମାନେ ଲୁଚିରହି ଆପରାଧିକ କାର୍ଯ୍ୟକଳାପ ଜାରି ରଖିବା ସହିତ ବ୍ରାଉନସୁଗାର କାରବାର କରୁଥିବାରୁ ରାଜ୍ୟରେ ବିଭିନ୍ନ ଅପରାଧ ଘଟିଚାଲିଛି। ଅନୁପ୍ରବେଶକାରୀଙ୍କୁ ରୋକିବା ପାଇଁ ଦୀର୍ଘ ବର୍ଷ ପୂର୍ବେ ଏକ ଯୁଗ୍ମ ଟିମ୍ ଗଠନ କରାଯାଇଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ଏହା ନିଷ୍କ୍ରିୟ ହେବାରୁ ରାଜ୍ୟରେ ସେମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଅନ୍ୟପକ୍ଷେ ଏଥିପାଇଁ ବିଭିନ୍ନ ସମୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ ବୈଠକରେ ସର୍ଭେ ପାଇଁ ଆଲୋଚନା ହୋଇଥିଲେ ମଧ୍ୟ ପଦକ୍ଷେପ ଗ୍ରହଣ କରା ନ ଯିବା ଦୁର୍ଭାଗ୍ୟଜନକ। ଏଣୁ ଅନୁପ୍ରବେଶକାରୀଙ୍କ ଉପରେ ନଜର ରଖାଯାଉ।

-ବିଷ୍ଣୁ ପ୍ରସାଦ ମହାରଣା, ବାଜିଚୌକ, ଢେଙ୍କାନାଳ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ପ୍ରେମିକ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିଲେ ସ୍ତ୍ରୀ

## ଭଡାଘରୁ ଯୁବକଙ୍କ ଗଳିତ ମୃତଦେହ ଜବତ ଘଟଣା

ଯାଜପୁରରୋଡ଼,୧୯।୮(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ଼ ଥାନା ଅନ୍ତର୍ଗତ ପଦ୍ମପୁର କପିଳେଶ୍ୱର କଲୋନୀର ଏକ ଭଡାଘରୁ ସୁରେନ୍ଦ୍ର ଖିଲାର (୩୦)ଙ୍କ ଗଳିତ ମୃତଦେହ ପୋଲିସ ଗତ ବୁଧବାର ଜବତ କରିଥିଲା। ସୁରେନ୍ଦ୍ରଙ୍କ ପରିବାର ଲୋକ ଏନେଇ ପୋଲିସ ନିକଟରେ ହତ୍ୟା ଅଭିଯୋଗ ଆଣିଥିଲେ । ଏନେଇ ସୁରେନ୍ଦ୍ରଙ୍କ ଭାଇ ରମେଶ ଖିଲାର ଯାଜପୁରରୋଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଘଟଣାକୁ ଗୁରୁତ୍ୱ ଦେଇ ତଦନ୍ତ ଚଳାଇଥିଲା। ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୋଲିସ ତଦନ୍ତରୁ ଜଣାପଡିଛି । ପୋଲିସ ବ୍ୟବଚ୍ଛେଦ ରିପୋର୍ଟ ଓ ସାଇଣ୍ଟିଫିକ ଟିମ୍ ତଦନ୍ତକୁ ଆଧାର କରି ଏହି ହତ୍ୟାକାଣ୍ଡର ପର୍ଦାଫାଶ କରିଛି । ପ୍ରେମିକଙ୍କ ସହ ମିଶି ସ୍ତ୍ରୀ ସରସ୍ୱତୀ ନିଜ ସ୍ୱାମୀ ସୁରେନ୍ଦ୍ରଙ୍କୁ ହତ୍ୟା କରିଥିବା ସ୍ପଷ୍ଟ ହୋଇଛି । ଏହି ଘଟଣାରେ ସରସ୍ୱତୀ ଓ ତାଙ୍କ ପ୍ରେମିକଙ୍କୁ ଯାଜପୁରରୋଡ଼ ଥାନା ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।



ଗିରଫ ହତ୍ୟାକାରୀ ସ୍ତ୍ରୀ ଓ ତାଙ୍କ ପ୍ରେମିକ ।

ପୋଲିସ ସୂଚନା ଅନୁଯାୟୀ, ଶ୍ୱାସରୁଦ୍ଧ ଅବସ୍ଥାରେ ଯୁବକଙ୍କ ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡିଥିଲା । ପୋଲିସ ପୂର୍ବରୁ ସନ୍ଦେହରେ ଅଟକ ରଖିଥିବା ସରସ୍ୱତୀଙ୍କୁ ଜେରା କରିଥିଲା। ସରସ୍ୱତୀ ନିଜ ପ୍ରେମିକ କୋରେଇ ଥାନା ଅନ୍ତର୍ଗତ ପାଣ୍ଡୁଳା ଗ୍ରାମର ରଞ୍ଜିତ ମଲିକଙ୍କ ସହ ମିଶି ସ୍ୱାମୀଙ୍କୁ ହତ୍ୟା କରିଥିବା ପୋଲିସ ନିକଟରେ ସ୍ୱୀକାର କରିଥିଲେ । ତାଙ୍କ କହିବା ଅନୁଯାୟୀ, ଗତ ସୋମବାର ଭଡ଼ାଘରେ ନିଶାସକ୍ତ ଅବସ୍ଥାରେ ସୁରେନ୍ଦ୍ର ଶୋଇଥିଲେ । ତାଙ୍କ ହାତଗୋଡ଼କୁ ଏକ ରଶିରେ ବାନ୍ଧିବା ପରେ ତଣ୍ଟିକୁ ଚିପି ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ହତ୍ୟା ପରେ ଘରର ବାହାରପଟୁ ତାଲା ପକାଇ ଉଭୟ ଫେରାର ହୋଇଯାଇଥିଲେ। ବୁଧବାର ସରସ୍ୱତୀ ଭଡ଼ାଘରକୁ ଆସି ଜିନିଷ ନେବା ବାହାନାରେ ଚାବି ଖୋଲି ତାଙ୍କ ସ୍ୱାମୀଙ୍କୁ କିଏ ମାରି ଦେଇଥିବା ଘର ମାଲିକଙ୍କୁ କହିଥିଲେ । ଏ ନେଇ ଘର ମାଲିକ ପୋଲିସକୁ ଜଣାଇଥିଲେ। ପୋଲିସ ତଦନ୍ତ କରି ସୋମବାର ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରି (କେସ ନଂ. ୫୦୧/୨୪) କୋର୍ଟ ଚାଲାଣ କରିଥିଲା । ସେଠାରେ ଉଭୟଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି ।

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଜଙ୍ଘାର ଗ୍ରାମରେ ସୁରେନ୍ଦ୍ରଙ୍କ ଘର। ସୁରେନ୍ଦ୍ର ସରସ୍ୱତୀଙ୍କ ସହ କପିଳେଶ୍ୱର କଲୋନୀର କିଛିଦିନ ହେବ ଏକ ଭଡାଘରେ ରହୁଥିଲେ । ସରସ୍ୱତୀ ଏକ ମଲ୍‌ରେ କାମ କରୁଥିଲେ । ବିଭିନ୍ନ କାରଣରୁ ଉଭୟଙ୍କ ମଧ୍ୟରେ କଳହ ଲାଗି ରହୁଥିଲା। ଏହି କାରଣରୁ ସରସ୍ୱତୀ ତାଙ୍କ ବାପଘର ଯାଜପୁରରୋଡ଼ ଅନ୍ତର୍ଗତ ପାଇକରାପୁରରେ ନିଜ ପିଲାଙ୍କ ସହ ରହୁଥିଲେ ।

# ଭାରତ ବନ୍ଦକୁ ୟୁନାଇଟେଡ଼ ଫୋରମ,ମିଳିତ ଏସ୍‌ସି ଏସ୍‌ଟି ସଙ୍ଗଠନର ସମର୍ଥନ

ଧର୍ମଶାଳା, ୧୯।୮ ( ବଟକୃଷ୍ଣ ପରିଡା):

ସୁପ୍ରିମକୋର୍ଟଙ୍କ ୭ଜଣିଆ ଖଣ୍ଡପୀଠ ଅନୁସୂଚିତ ଜାତି ଓ ଜନଜାତି ବର୍ଗଙ୍କ ସଂରକ୍ଷଣ ଉପରେ ଜାତି ଓ ଉପଜାତି ସୃଷ୍ଟି ପାଇଁ ରାୟ ଦେଇଛନ୍ତି । ଏହି ରାୟ ସଂରକ୍ଷଣକୁ ଅକାମୀ ଓ ବହୁଜନମାନଙ୍କୁ ବିଭାଜନ କରିବା ସହ ସେମାନଙ୍କ ମୌଳିକ ଅଧିକାରର ସ୍ୱରକୁ ଚାପିଦେଇ ଆଉ ଏକ ଜାତିବାଦ ସୃଷ୍ଟି କରିବ ବୋଲି ଜାତୀୟସ୍ତରରେ ବିବେଚନା କରି ଏସ୍‌ସି ଏସ୍‌ଟି ସଙ୍ଗଠନ ଆସନ୍ତା ୨୧ ତାରିଖରେ 'ସମ୍ପୂର୍ଣ୍ଣ ଭାରତ ବନ୍ଦ'ଆହ୍ୱାନ ଦେଇଛନ୍ତି । ଏହାକୁ ମୂଳନିବାସୀ ୟୁନାଇଟେଡ଼ ଫୋରମ ଓଡ଼ିଶା ତରଫରୁ ସମର୍ଥନ ସହ ସଫଳ ପାଇଁ ଯାଜପୁର ଜିଲାବାସୀଙ୍କୁ ନିବେଦନ କରାଯାଇଛି। ଏହି ରାୟ ଦୀର୍ଘ ୨୦ ବର୍ଷ ଧରି ସୁପ୍ରିମକୋର୍ଟରେ ପଡି ରହିଥିଲା । ଏହି ଲମ୍ବା ସମୟ ମଧ୍ୟରେ କୋର୍ଟ ଦେଶର ଏସସି/ଏସଟି ବର୍ଗଙ୍କ ସ୍ଥିତି, ଜାତି, ଯାତନା, ମୌଳିକ ସମସ୍ୟା ଓ ଅଧିକାର ପାଇଁ ଏକ କମିଶନ ମାଧ୍ୟମରେ ସାଧାରଣ ନାଗରିକଙ୍କ ସହ ଆଲୋଚନା କରା ନ ଯାଇ ଏକପାଖିଆ ଭାବେ କରାଯାଇଥିବା ସଙ୍ଗଠନ ପକ୍ଷରୁ କୁହାଯାଇଛି । ବନ୍ଦକୁ ସଫଳ କରିବା ନିମନ୍ତେ ସଙ୍ଗଠନ ପକ୍ଷରୁ ସୋମବାର ଧର୍ମଶାଳା ବ୍ଲକ ଜାରକାଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସଙ୍ଗଠନର କାର୍ଯ୍ୟକାରୀ ଅଧକ୍ଷ ମନୋରଞ୍ଜନ ଜେନା, ଏସ୍‌ସି ଏସ୍‌ଟି ସଂଘ ଜିଲା ସଭାପତି ପବନେଶ୍ୱର ଜେନା,ଆର୍ତ୍ତତ୍ରାଣ ମଲିକ,ଯତୀନ୍ଦ୍ର କୁମାର ଜେନା, ସସ୍ମିତା ଜେନା, ଉମାକାନ୍ତ ମଲିକ,କାର୍ତ୍ତିକ ମଲିକ, ସୁରେନ୍ଦ୍ର ମଲିକ, ମାନସ ମଲିକ, ପ୍ରତାପ ଦାସ, ଦୁଷ୍ମନ୍ତ କୁମାର ଜେନା, ରମେଶ ଜେନା,ଦେବବ୍ରତ ଜେନା,ଅଭିମନ୍ୟୁ ମଲିକ, ରସାନନ୍ଦ ଜେନା, ଉମାକାନ୍ତ ମଲିକ, ରମେଶ ଜେନା, ଶଙ୍କର ଜେନା,ହୃଷିକେଶ ଜେନା ପ୍ରମୁଖ ଯୋଗଦେଇ ଭାରତ ବନ୍ଦ ସଫଳ ପାଇଁ ନିବେଦନ କରିଥିଲେ ।




ଖବରଦାତା ସମ୍ମିଳନୀରେ ମିଳିତ ସଂଗଠନର କର୍ମକର୍ତ୍ତା ।

# ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦେବା ଦାବିରେ ୨୪ ଘଣ୍ଟା ନିର୍ଜଳା ଅନଶନ



## କୋଲକାତା ବଳାତ୍କାର-ହତ୍ୟା ଘଟଣା

ଯାଜପୁରରୋଡ଼,୧୯।୮(ପବିତ୍ର ରଞ୍ଜନ ମହାନ୍ତି):

କୋଲକତା ଆର.ଜି.କର ମେଡିକାଲ କଲେଜର ଜଣେ ଡାକ୍ତରୀ ଛାତ୍ରୀଙ୍କ ଗଣବଳାତ୍କାର ଓ ହତ୍ୟା ଘଟଣାରେ ସମ୍ପୃକ୍ତ ଦୋଷୀଙ୍କୁ ତୁରନ୍ତ ଦଣ୍ଡ ଦେବାକୁ ଦାବି ହୋଇଛି । ବ୍ୟାସନଗର ସହରର ଜାତୀୟ କ୍ରୀଡ଼ାବିତ୍ ବି.ଏସ୍.କେ.ସାମଲ ୨୪ ଘଣ୍ଟିଆ ନିର୍ଜଳା ଅନଶନ କରି ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ କରିବାକୁ ଦାବି କରିଛନ୍ତି । କ୍ରୀଡ଼ାବିତ ସାମଲ ସୋମବାର ସକାଳ ୬ଟାରୁ ସ୍ଥାନୀୟ ଗୋପବନ୍ଧୁ ଛକରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ତଳେ ବସି ପ୍ରତିବାଦ ଜଣାଇଛନ୍ତି। ସେ ପୂର୍ବରୁ କରିଥିବା ଘୋଷଣା ଅନୁଯାୟୀ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ୨୪ ଘଣ୍ଟା ବିନା ଖାଦ୍ୟ ଓ ପାଣିରେ ବର୍ଷାରେ ବସି ରହିଛନ୍ତି । ସେ କହିଛନ୍ତି, ଏହି ଘଟଣା ଆମ ସମାଜ ପାଇଁ ଅତି ହୃଦୟବିଦାରକ, ନିଷ୍ଠୁର, ଲଜ୍ୟାଜନକ ଘଟଣା । ଏଣୁ ଏହି ଘଟଣାରେ ସମ୍ପୃକ୍ତ ଦୋଷୀମାନଙ୍କୁ ଶୀଘ୍ର ଦଣ୍ଡ ବିଧାନ ପାଇଁ ସରକାରଙ୍କ ନିକଟରେ ଦାବି କରିଛନ୍ତି । କ୍ରୀଡ଼ାବିତ୍ ସାମଲଙ୍କ ସହ ଦେବଦତ୍ତ ପାତ୍ର, ପ୍ରଶାନ୍ତ ସାମଲ, ଅମୂଲ୍ୟ କୁମାର ସାମଲ, ରାଜାରାମ ତ୍ରିବେଦୀ, ସୁଦର୍ଶନ ସାଇଁ, ତପନ କୁମାର ସାହୁ, ସମ୍ବିତ୍ କୁମାର ମହାନ୍ତି, ମନୋଜ କୁମାର ନାୟକ, ଜିତେନ୍ଦ୍ର କୁମାର ପରିଡ଼ା, ପୁରୁଷୋତ୍ତମ ସାହୁ, ଜଗନ୍ନାଥ ସାମଲ, ଦିନେଶ ଚନ୍ଦ୍ରକାନ୍ତ ମହାନ୍ତି, ମମତା ପଣ୍ଡା, ରଶ୍ମିତା ରାଉତ, ହୋମାଦି ବାହାଦୁର, ହରପ୍ରିୟା ବାରିକ, ସନ୍ଧ୍ୟାରାଣୀ ତିରିଆ, ଆଞ୍ଚଲ ତ୍ରିବେଦୀ, ସଞ୍ଜୀବ କୁମାର ମିଶ୍ର, ପ୍ରିୟଙ୍କା ମଲିକ, ମଧୁସୂଦନ ମଣ୍ଡଳ, ସସ୍ମିତା ମହାକୁଡ, ଅର୍ପିତା ଜେନା ପ୍ରମୁଖ ତାଙ୍କୁ ସମର୍ଥନ କରି ଅନଶନରେ ସାମିଲ ହୋଇଛନ୍ତି।

# ସରସ୍ୱତୀ ଶିଶୁ ମନ୍ଦିରରେ ଜଳାଭିଷେକ,ରକ୍ଷାବନ୍ଧନ

ପାଣିକୋଇଲି,୧୯।୮(ବିକାଶ କୁମାର ମଲିକ):

କୋରେଇ ବ୍ଲକ୍ ମୂଳାପାଳସ୍ଥିତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ପ୍ରାରମ୍ଭ ଓ ବୋଧ ଶ୍ରେଣୀର ୮୫ ଜଣ ଛାତ୍ରୀଛାତ୍ରଙ୍କୁ ନେଇ କାଉଡିଆ ଯାତ୍ରା କରାଯାଇ ବାବା ଲିଙ୍ଗେଶ୍ୱରଙ୍କୁ ଜଳାଭିଷେକ କରାଯାଇଥିଲା । ଲିଙ୍ଗେଶ୍ୱର ଉନ୍ନୟନ କମିଟି ସଭାପତି ବିଷ୍ଣୁ ଚରଣ ଧଳ, ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲୀପ କୁମାର ଧଳ, ଯୁଗ୍ମ ସମ୍ପାଦକ ରାଜକିଶୋର ମଲିକ, ଉପସଭାପତି ଶଙ୍କର୍ଷଣ ପରିଡ଼ା, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁଙ୍କ ସମେତ ବିଦ୍ୟାଳୟର ସମସ୍ତ ଗୁରୁମା,ଗୁରୁଜୀ, ଅଭିଭାବକ ଉପସ୍ଥିତ ଥିଲେ । ଏହି ଅବସରରେ ବିଦ୍ୟାଳୟର ବୌଦ୍ଧିକ ମଣ୍ଡପରେ ରକ୍ଷା ବନ୍ଧନ ପାଇଁ ଏକ ସଭାର ଆୟୋଜନ କରାଯାଇଥିଲା । ଲିଙ୍ଗେଶ୍ୱର ଉନ୍ନୟନ କମିଟି ଓ ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶିଶୁମାନଙ୍କୁ ରକ୍ଷା ବନ୍ଧନର ଗୁରୁତ୍ୱ ବିଷୟରେ ଦିଗଦର୍ଶନ ଦିଆଯାଇଥିଲା । ଶିକ୍ଷା ସହିତ ଭାରତୀୟ ସଂସ୍କୃତି ଉପରେ ଭାସ୍କର ଗୁରୁଜୀ ମତବ୍ୟକ୍ତ କରିଥିଲେ । ଶେଷରେ ପିଲାମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

(1)ଟେଣ୍ଡର ବିଜ୍ଞପ୍ତି ସଂ.eT-North-WAT-21-2024, ତା.12.08.2024ରିଖ

**କାର୍ଯ୍ୟର ନାମ:** "ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନସ୍ଥ କୋରାପୁଟ-ରାୟଗଡ଼ା ଲାଇନ୍‌ରେ 60 କି.ଗ୍ରା.(16 ରେ 1) PSC ଲେଆଉଟ୍-03 ସେଟ୍‌ର ନବୀକରଣ ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନସ୍ଥ ରାୟପୁର-ବିଜୟନଗରମ୍ ଲାଇନ୍‌ରେ ଅପ୍ ଲାଇନ୍‌ରେ କି.ମି.388.186 ଠାରୁ କି.ମି.407.563 ପର୍ଯ୍ୟନ୍ତ 19.377 Tkm ଲାଗି ନିମନ୍ତେ ନୂଆ ଇଲାଷ୍ଟିକ୍ ଫାଷ୍ଟେନିଙ୍ଗସ ଦ୍ୱାରା ଥ୍ରୁ ଫାଷ୍ଟେନିଙ୍ଗ୍ ନବୀକରଣ ଏବଂ R.V. ଲାଇନ୍‌ରେ PSC ଲେଆଉଟ୍‌ରେ ନୂଆ 60 କି.ଗ୍ରା.(8 ½ ରେ 1) କର୍ଭଡ୍ ସୁଇଚ୍ ଏବଂ CMS କ୍ରସିଙ୍ଗ୍-17 ସେଟ୍ ଏବଂ CS+CMSC (12 ରେ 1)-10 ସେଟ୍ ଦ୍ୱାରା ଟର୍ଣ୍ଣଆଉଟ୍‌ର କମ୍ପ୍ଲିଟ୍ ନବୀକରଣ" ସମ୍ବନ୍ଧୀୟ ବିଭିନ୍ନ P.Way କାର୍ଯ୍ୟଗୁଡ଼ିକର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,50,93,353.25, EMD(ଟଙ୍କାରେ): 2,25,500/- ।

(2)ଟେଣ୍ଡର ବିଜ୍ଞପ୍ତି ସଂ.eT-North-WAT-22-2024, ତା.12.08.2024ରିଖ

**କାର୍ଯ୍ୟର ନାମ:** "ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନସ୍ଥ କୋରାପୁଟ-ରାୟଗଡ଼ା ଲାଇନ୍‌ରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନସ୍ଥ ରାୟପୁର-ବିଜୟନଗରମ୍ ଲାଇନ୍‌ରେ ସିଙ୍ଗାପୁର ରୋଡ୍-ବିଜୟନଗରମ୍ ମଧ୍ୟରେ 14.549 Tkm (ପ୍ୟାଚ୍ ଗୁଡ଼ିକରେ)ଲାଗି ନିମନ୍ତେ RDSO ଡ୍ରଇଂ ନଂ. RDSO/T/7008 ଅନୁଯାୟୀ PSC-14 ସ୍ଲିପର ଏବଂ ନୂଆ 60 କି.ଗ୍ରା. 90 UTS ରେଲ୍ ଦ୍ୱାରା PSC-12 ସ୍ଲିପରରେ ଲାଗିଥିବା ବର୍ତ୍ତମାନର 52 କି.ଗ୍ରା. 90 UTS ରେଲ୍‌ର କମ୍ପ୍ଲିଟ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ)" ସମ୍ବନ୍ଧୀୟ P.Way କାର୍ଯ୍ୟଗୁଡ଼ିକର ସମ୍ପାଦନ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 3,42,71,089.39, EMD(ଟଙ୍କାରେ): 3,21,400/- ।

କାର୍ଯ୍ୟ ଶେଷ ହେବା ଅବଧି: 12(ବାର) ମାସ (ଉଭୟ ଟେଣ୍ଡର ନିମନ୍ତେ) ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.09.2024ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ୱାଲ୍ଟିୟର

PR-436/P/24-25

See Career Appointment on every Wednesday & Saturday

**AUCTION SALE NOTIFICATION**

This is for information to all concerned that inspite of our repeated Legal Notices and reminders of the Registered Owners.
1). M/S. KRISH COAL MOVERS, Vehicle- Bharat Benz (Truck), Regn. No.- OD23C9023, VIN No.- MEC2411BAGP024989, 2). M/S. KRISH COAL MOVERS, Vehicle- Bharat Benz (Truck), Regn. No.- OD23C9018, VIN No.- MEC2411BAGP025232, 3). Mr. Dillip Barik, Vehicle - Bharat Benz (Truck), Regn. No.- OD09C3732, VIN No.- MEC2241CBGP026298, 4). Mr. Sudhir Singh, Vehicle- Bharat Benz (Truck), Regn. No.- OD14H3448, VIN No.- MEC2241CEGP030706, 5). Mr. Sunil Kumar Barik, Vehicle- Volkswagen Polo Car, Regn. No.- OR02BG3653, VIN No.- WVWF1060XAT003714, are not come to take delivery.
The Vehicles are ready for **Auction Sale** to be hold on Dated **28.08.2024** between **10 AM to 4 PM** at M/S. **Shree Bharat Motors Ltd.**, N.H.-5, Pahal, Bhubaneswar - 752101.

**OFFICE THE ROURKELA MUNICIPAL CORPORATION, ROURKELA**
INVITATION FOR BID
No. 10144 Dated : 16.08.24
**Bid Identification No. : MC/RMC/18/2024**
No.C-440 : The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/18/2024 for 09 Nos. Civil work with value of Rs. 5.58 lakh to 34.25 lakh.
1. Bid documents will be available in website www.tendersorissa.gov.in from 16.08.2024.
2. Bids must be submitted on "online" on or before 28.08.2024 by 17.00 hours.
3. Bids shall be opened at 11.00 hours on 29.08.2024 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in
Sd./- Municipal Commissioner,
Rourkela Municipal Corporation
OIPR-13131/11/0016/2425

**OFFICE OF THE MUNICIPAL COUNCIL, CHOUDWAR**
Cuttack (Odisha) PIN - 754071
Phone No. : 0671-2394272(O), Fax No. : 0671-2394272
Letter No. : 2565 Date : 16.08.2024
**QUOTATION CALL NOTICE**
No.C-441 : Sealed quotations are invited from interested reputed firms/registered distributors/Manufacturers/Suppliers for supply of Two Nos. of 30 KVA, 3 Phase Silence DG Set to Choudwar Municipality for use of Office work. The detailed documents can be received from Electrical Section of Choudwar Municipality with effect from 11.00 A.M. of 20.08.2024 to 03.09.2024 (Excluding Holidays) during office hours on payment of Rs. 1000.00 (Rupees One Thousand only) towards paper cost in shape of Cash. All the documents shall be received at the office of the Executive Officer, Choudwar Municipality through Courier/Registered Speed post/by person on or before date 04.09.2024 up to 3.00 PM (Excluding Holidays). The quotations will be opened on the 04.09.2024 at 04.00 PM in presence of the quotationers or their authorized representatives. The quotation received beyond the schedule date and time will not be considered at all. The above quotation call notice also available in Choudwar Municipality website i.e. www.choudwarmunicipality.in. The undersigned has the rights to accept, cancel or reject any or all the quotation without assigning any reason thereof.
Sd./- Executive Officer
Choudwar Municipality
OIPR-13138/11/0002/2425

# ଭାରତ ବନ୍ଦ ଆନ୍ଦୋଳନକୁ କଳିଙ୍ଗନଗରରେ ସମର୍ଥନ

ଯାଜପୁର,୧୯।୮(ହର୍ଷବର୍ଦ୍ଧନ ବେହେରା)

ସର୍ବୋଚ୍ଚ ନ୍ୟାୟାଳୟ ୧।୮।୨୦୨୪ରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ସଂରକ୍ଷଣ କ୍ଲାସିଫିକେଶନ କରାଯାଇପାରିବ ବୋଲି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଦ୍ୱାରା ସମ୍ବିଧାନ ପ୍ରଣେତା ବାବା ସାହେବ ଆମ୍ବେଡ଼କରଙ୍କୁ ଅପମାନ ସଦୃଶ ହୋଇଛି। ଦଳିତ ଆଦିବାସୀ ଏକତାକୁ ଦୁର୍ବଳ କରି ଭାଇଚାରା ନଷ୍ଟ କରିବାକୁ ଚକ୍ରାନ୍ତ କରାଯାଇଛି। ଉକ୍ତ ନିର୍ଦ୍ଦେଶନାମା ସମ୍ବିଧାନର ଧାରା ୩୪୧ ଓ ୩୪୨ର ଖୋଲା ଉଲ୍ଲଂଘନ କରୁଛି। ଏହି ସରଂକ୍ଷଣକୁ ଗୋଟିଏ ପିଢ଼ିରେ ସୀମିତ ରଖିବା ଏବଂ ସଂରକ୍ଷଣକୁ ବନ୍ଦ କରିବାକୁ ଷଡ଼ଯନ୍ତ୍ର ରଚାଯାଇଛି। ଏହି ପରିପ୍ରେକ୍ଷୀରେ ସାରା ଦେଶର ଗଣସଂଗଠନ ସମୂହ ପକ୍ଷରୁ ଆସନ୍ତା ୨୧ତାରିଖରେ ଭାରତ ବନ୍ଦ ଡାକରା ଦିଆଯାଇଛି। ଏହିକ୍ରମରେ ଯାଜପୁର ଜିଲା ସୁକିନ୍ଦା ଦଳିତ ମଞ୍ଚ, ସାମାଜିକ ସମତା ଅଭିଯାନ, ମୂଳ ନିବାସୀ ଛାତ୍ର ସାମ୍ମୁଖ୍ୟ, ସିଭିଲ ସୋସାଇଟି ଫୋରମ୍ ପକ୍ଷରୁ ଯାଜପୁର ଜିଲା କଳିଙ୍ଗନଗର (ଡୁବୁରି ) ଛକ ସହ ଦାନଗଦି ମିଲିଟାରୀ ଛକରେ ଭାରତ ବନ୍ଦ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି। ଏହିମର୍ମରେ କଳିଙ୍ଗନଗର ଅତିରିକ୍ତ ଏସ୍‌ପିଙ୍କ ସହ କଳିଙ୍ଗନଗର ଆଇଆଇସିଙ୍କୁ ଲିଖିତ ସୂଚନା ପ୍ରଦାନ କରାଯାଇଛି। ସଂଗଠନ ପକ୍ଷରୁ ସୁଶାନ୍ତ ମଲିକ, ସହଦେବ ଜେନା, ମାନସ ମଲିକ, ପଙ୍କଜ ମଲିକ, ସୁଜିତ ମଲ୍ଲିକ, ଅନିଲ ନାଗବଂଶୀ, ବିଶ୍ୱନାଥ ପାତ୍ର, କାଳନ୍ଦୀ ମଲ୍ଲିକ ପ୍ରମୁଖ ଭାଗ ନେଇଛନ୍ତି।



ମିଳିତ ସଂଗଠନ ପକ୍ଷରୁ କଳିଙ୍ଗନଗର ଆଇଆଇସିଙ୍କୁ ଲିଖିତ ସୂଚନାପତ୍ର ପ୍ରଦାନ କରାଯାଉଛି ।

# ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ପକ୍ଷରୁ ତଦନ୍ତ ଆରମ୍ଭ

- ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ପ୍ରସଙ୍ଗ
- ମଙ୍ଗଳବାର ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରିବେ




ରସୁଲପୁର,୧୯।୮(ରଞ୍ଜିତ ରାଉତ):

ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘଦିନ ହେଲା ଅଚଳାବସ୍ଥା ଲାଗି ରହିଛି । ଡାକ୍ତର ଓ କର୍ମଚାରୀମାନେ ଡିଉଟିରେ ଅବହେଳା କରୁଥିବାରୁ ରୋଗୀମାନେ ସେବା ପାଇବାରୁ ବଞ୍ଚିତ ହେଉଛନ୍ତି । ଏଥିପାଇଁ ଡାକ୍ତରଖାନା ଉପରୁ ଆସ୍ଥା ତୁଟି ଯାଉଛି । ଏହାକୁ ନେଇ ଶନିବାର ଯାଜପୁର ଜିଲାପାଳ ପି. ଅନ୍ୱେଷା ରେଡ୍ଡିଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନରେ ଆସିଥିଲେ । ଡାକ୍ତରଖାନା ପରିସରରେ ଉପସ୍ଥିତ ଥିବା ସୁରେଶ କୁମାର ପତି, ସୌମ୍ୟରଞ୍ଜନ ଦ୍ୱିବେଦୀ, ପ୍ରବୀର ନାୟକ, ସହଦେବ ମଲିକ, ନିରଞ୍ଜନ ନାୟକ ପ୍ରମୁଖ ଡାକ୍ତରଖାନାର ଦୁରାବସ୍ଥା ସମ୍ପର୍କରେ ଜିଲାପାଳଙ୍କୁ ଅବଗତ କରାଇଥିଲେ । ଜନସାଧାରଣଙ୍କ ଅଭିଯୋଗ ଆଧାରରେ ଜିଲାପାଳ ବିଭିନ୍ନ ପ୍ରକୋଷ୍ଠକୁ ଯାଇ ରୋଗୀମାନଙ୍କୁ ଡାକ୍ତରଖାନାରେ ମିଳୁଥିବା ସ୍ୱାସ୍ଥ୍ୟସେବା ସ୍ଥିତିକୁ ପରଖି ଥିଲେ । ଲୋକମାନଙ୍କ ଅଭିଯୋଗରେ ସତ୍ୟତା ରହିଥିବା ଅନୁଭବ କରିବା ସହ ଏ ନେଇ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ନିର୍ଦ୍ଦେଶ ଆଧାରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଶିବାଶିଷ ମହାରଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିବା ଅଭିଯୋଗ ସମ୍ପର୍କରେ ତଦନ୍ତ ଆରମ୍ଭ କରିଛନ୍ତି। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ତଦନ୍ତ ରିପୋର୍ଟ ଉପସ୍ଥାପନ କରିବେ ବୋଲି ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ଥାୟୀ ସ୍ୱାସ୍ଥ୍ୟ ଅଧିକାରୀ ନିଯୁକ୍ତି ପାଉ ନ ଥିବାରୁ ଡାକ୍ତରଖାନାରେ ପରିଚାଳନାଗତ ତ୍ରୁଟି ପରିଲକ୍ଷିତ ହେଉଛି। ଡାକ୍ତରମାନେ ପାଳି କରି ଡିଉଟି କରୁଛନ୍ତି। ଡାକ୍ତରଖାନାରେ ୬ ଜଣରୁ ଊର୍ଦ୍ଧ୍ୱ ଡାକ୍ତର ନିଯୁକ୍ତ ଥାଇ ବହିର୍ବିଭାଗରେ ଜଣେ ଡାକ୍ତର ଡିଉଟି କରୁଛନ୍ତି । ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର ନିଯୁକ୍ତ ପାଇଛନ୍ତି। ଗର୍ଭବତୀଙ୍କୁ ଡାକ୍ତରଖାନାରେ ପ୍ରସବ କରାଇବା ପାଇଁ ସରକାରୀସ୍ତରରେ ପ୍ରୋତ୍ସାହିତ କରାଯାଉଛି। ଏହି ଡାକ୍ତରଖାନାରେ ପ୍ରସବ ସ୍ଥିତି ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଅଭିଯୋଗ ହୋଇଛି। ଗର୍ଭବତୀଙ୍କୁ ସେଠାରେ ଚିକିତ୍ସା କରା ନ ଯାଇ ଅନ୍ୟତ୍ର ଯିବାକୁ ପରାମର୍ଶ ଦିଆଯାଉଛି। ଏହାଛଡା ଡାକ୍ତରଖାନା କର୍ମଚାରୀଙ୍କ ଅବହେଳା ଯୋଗୁ ରୋଗୀମାନଙ୍କୁ ଉନ୍ନତ ସ୍ୱାସ୍ଥ୍ୟସେବା ମିଳିପାରୁ ନାହିଁ । ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ହେଉ ଅବା ଡାକ୍ତରଖାନାକୁ ଆହତ ଜନିତ ସମସ୍ୟା ନେଇ ଆସୁଥିବା ରୋଗୀମାନଙ୍କୁ ସର୍ବନିମ୍ନ ସୁବିଧା ଠିକ୍ ସମୟରେ ମିଳି ପାରୁନାହିଁ । ଅଧିକାଂଶ ଷ୍ଟାଫନର୍ସ, ଅଫିସ କର୍ମଚାରୀମାନେ ଦୀର୍ଘବର୍ଷ ଧରି ଡାକ୍ତରଖାନାରେ ଚାକିରିରେ ରହି ଆସୁଛନ୍ତି । ପୁରୁଣା କର୍ମଚାରୀମାନଙ୍କ କ୍ଷେତ୍ରରେ ବଦଳି ନିୟମ ଲାଗୁ କରାଯାଉ ନ ଥିବାରୁ ସେମାନେ ଡିଉଟିରେ ଖାମଖିଆଲ ମନୋଭାବ ପୋଷଣ କରୁଛନ୍ତି । ଏହିଭଳି ନାନା ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଜିଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ। ଉକ୍ତ ଅଭିଯୋଗ ପତ୍ର ଆଧାରରେ ଜିଲାପାଳ ବିଭିନ୍ନ ପ୍ରକୋଷ୍ଠକୁ ପରିଦର୍ଶନ କରିବା ସହ ଡାକ୍ତରଖାନାରେ ବହୁ ଅନିୟମିତତା ହେଉଥିବା ନେଇ ଅବଗତ ହୋଇଥିଲେ । ଏ ସମ୍ପର୍କରେ ତଦନ୍ତ କରାଯାଇ ତୁରନ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହାରଣାଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ତଦନ୍ତ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ମହାରଣାଙ୍କୁ ପଚାରିବାରୁ ଅଭିଯୋଗରେ ସତ୍ୟତା ରହିଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଭିନ୍ନ ସମସ୍ୟା ରହିଥିବା ନେଇ ସେ ଆଗରୁ ଅବଗତ ଅଛନ୍ତି ବୋଲି କହିବା ସହ ଆଗକୁ ଡାକ୍ତରଖାନାରେ କିଭଳି ଉନ୍ନତ ରୋଗୀସେବା ଉପଲବ୍ଧ ହେବ ସେ ଦିଗରେ ଧ୍ୟାନ ଦିଆଯିବ। ତଦନ୍ତ ସମୟରେ ହସ୍ତଗତ ହୋଇଥିବା ଅନିୟମିତତା ସମ୍ପର୍କରେ ସେ ଜିଲାପାଳଙ୍କୁ ଅବଗତ କରାଇବେ ବୋଲି କହିଛନ୍ତି ।

**Bhubaneswar Municipal Corporation**
**Phone:0674-2431253, Fax:0674-2432895,**
**Email:info@bmc.gov.in, Web:bmc.gov.in**
**No.33818 / Date.17.08.2024**
**XXXX-III-ENU-31/2023**

**"ନଗରବନ୍ଧୁ" ନିମନ୍ତେ ବିଜ୍ଞପ୍ତି**

**ସରସ ସବୁଜ ଭୁବନେଶ୍ୱର ପାଇଁ ଏକ ଆହ୍ୱାନ**

**CAD:** ଭୁବନେଶ୍ୱର ମହାନଗର ନିଗମ ଆନୁକୁଲ୍ୟରେ ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ଓ ଓଡ଼ିଶା ଏନଭାଇରମେଣ୍ଟ ସୋସାଇଟିର ମିଳିତ ସହଯୋଗରେ ସଚେତନ ନାଗରିକମାନଙ୍କୁ "ନଗରବନ୍ଧୁ" ସମ୍ମାନ ପ୍ରଦାନ କରାଯାଉଅଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ଭୁବନେଶ୍ୱର ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ, ଶକ୍ତି ଓ ଜଳ ସଂରକ୍ଷଣ, ପରିମଳ ତଥା ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ରହିଛି ; ସେମାନଙ୍କୁ "ନଗରବନ୍ଧୁ" ଭାବରେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ-୩୧ ଅଗଷ୍ଟ ୨୦୨୪ରିଖ ଦିନ ସମ୍ମାନିତ କରାଯିବ। ଏହି ସମ୍ମାନ ନିମନ୍ତେ ବିଏମ୍‌ସିର ୬୭ ଟି ୱାର୍ଡ଼ ମଧ୍ୟରୁ ବ୍ୟକ୍ତି ତଥା ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚୟନ କରାଯିବ।

ଏହି ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ସତ୍ୟ ନଗର କାଳୀ ମନ୍ଦିର ସମ୍ମୁଖ ସ୍ଥିତ ୟୁନିଟ-୯, ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟର (LG Floor) ରେ ଥିବା ପରିବେଶ ଉପବିଭାଗରୁ ଦରଖାସ୍ତ ଫର୍ମ ସଂଗ୍ରହ କରି ଫର୍ମରେ ଦିଆଯାଇଥିବା ନିଜର / ଅନୁଷ୍ଠାନର ନାମ ଲେଖି ଆନୁସଙ୍ଗିକ ପ୍ରମାଣପତ୍ର ସହ ଦରଖାସ୍ତ ପ୍ରେରଣ କରିପାରିବେ କିମ୍ବା କେହି ତୃତୀୟ ପକ୍ଷ ସେମାନଙ୍କ ମନୋନୟନ ପତ୍ର ପଠାଇ ପାରିବେ। ତା ୨୩ ଅଗଷ୍ଟ ୨୦୨୪ ରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ନାମାଙ୍କନ ପହଞ୍ଚିବା ଆବଶ୍ୟକ। ନାମାଙ୍କନ ପଠାଇବାର ଠିକଣା - ପରିବେଶ ଉପବିଭାଗ, (LG Floor), ମୁଖ୍ୟ କାର୍ଯ୍ୟାଳୟ, (BMC ICOMC Tower), ଭୁବନେଶ୍ୱର ମହାନଗର ନିଗମ, ୟୁନିଟ-୯, ଭୁବନେଶ୍ୱର-୭୫୧୦୦୭।

ସ୍ୱା/- ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

**ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ବିବରଣୀ**

୧. ନିର୍ଦ୍ଦିଷ୍ଟ ଅଞ୍ଚଳରେ ସବୁଜିକରଣ ପାଇଁ ନେଇଥିବା ପଦକ୍ଷେପ (ବୃକ୍ଷରୋପଣ କରାଯାଇଥିବା ଜାଗାର ନିର୍ଦ୍ଦିଷ୍ଟ ବିବରଣୀ ସହିତ)।
୨. ବିଦ୍ୟୁତ ଶକ୍ତି ସଞ୍ଚୟ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଗ୍ରହଣ କରିଥିବା ପରିବେଶଧର୍ମୀ ପଦକ୍ଷେପ।
୩. ନିଜ ହତା ତଥା ଆଖପାଖ ଅଞ୍ଚଳରୁ ବାହାରୁଥିବା କଠିନ ଅଳିଆ / ଆବର୍ଜନା ଏବଂ ମଇଳା ପାଣି ପରିଚାଳନା ତଥା ପରିମଳ ବ୍ୟବସ୍ଥା ନିମନ୍ତେ ଗ୍ରହଣ କରିଥିବା ପଦକ୍ଷେପ।
୪. ପ୍ରାକୃତିକ ସମ୍ପଦ ସଂରକ୍ଷଣ ତଥା ପରିବେଶ ସୁରକ୍ଷା ନିମନ୍ତେ ନେଇଥିବା ପଦକ୍ଷେପ।
୫. ଦରଖାସ୍ତକାରୀଙ୍କର ଏହି କ୍ଷେତ୍ରକୁ ଅବଦାନ ନିମନ୍ତେ ପ୍ରାପ୍ତ ଅନ୍ୟାନ୍ୟ ପୁରସ୍କାର ଓ ସ୍ୱୀକୃତିର ବିବରଣୀ।
୬. ପୂର୍ବରୁ "ନଗରବନ୍ଧୁ" ସମ୍ମାନ କେବେ ପାଇଥିଲେ କି?
୭. ସଦ୍ୟତମ ହୋଲଡିଂ ଟିକସ ଦେୟ ରସିଦ ନକଲ ସଂଲଗ୍ନ କରିବେ।

OIPR

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ମହିଳାଙ୍କ ରାସ୍ତା ଅବରୋଧ



ମାଛଗଦି ରାସ୍ତାରେ ଧାରଣା ଦେଇଥିବା ମହିଳାମାନେ।

## ପୌରଉପାଧକ୍ଷା, ତାଙ୍କ ସ୍ୱାମୀଙ୍କୁ ଆକ୍ରମଣ ଘଟଣା

ପାରାଦୀପ,୧୯।୮(ଶରତ ରାଉତ)

ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ଅଠରବାଙ୍କୀ ବାଲିପ୍ଲଟ ମାଛଗଦି ରାସ୍ତାକୁ ସୋମବାର ସନ୍ଧ୍ୟାରେ ମହିଳାମାନେ କିଛି ସମୟ ପାଇଁ ଅବରୋଧ କରିବା ସହ ଏକ ମାଛ ପରିବହନ କରୁଥିବା ଗାଡ଼ି ଆଗରେ ବସିଥିଲେ। ଅଗଷ୍ଟ ୧୪ ତାରିଖ ମଧ୍ୟରାତିରେ ପୌର ଉପାଧକ୍ଷା ଛବିଳତା ରାଉତ ଓ ତାଙ୍କ ସ୍ୱାମୀ ନରି ରାଉତଙ୍କୁ ଆକ୍ରମଣ କରିଥିବା ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ସେମାନେ ଦାବି କରିଥିଲେ। ସମ୍ପୃକ୍ତ ଅଭିଯୁକ୍ତଙ୍କ ମାଛ ଟ୍ରାନ୍ସପୋର୍ଟିଂ ବ୍ୟବସାୟ ଅଛି। ତାଙ୍କ ସମେତ ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନେ ମଧ୍ୟ ଖୋଲାରେ ବୁଲୁଛନ୍ତି। ପୋଲିସ ସେମାନଙ୍କୁ ଗିରଫ କରିବାରେ ଟାଳଟୁଳ ନୀତି ଆପଣାଉଛି ବୋଲି ଧାରଣାକାରୀ ମହିଳା ରେବତୀ ମଣ୍ଡଳ କୁହନ୍ତି। ସୂଚନାଯୋଗ୍ୟ, ଅଗଷ୍ଟ ୧୪ ରାତିରେ ଅଠରବାଙ୍କୀ ଲକ୍‌ପଡାରେ ରହୁଥିବା ଉପାଧକ୍ଷା ଛବିଳତାଙ୍କ ଘର ଆଗରେ ଏକ କାର ଲଗାତର ହର୍ନ ବଜାଇ ଥିଲା। ଛବିଳତା ଆସି କାହିଁକି ଏପରି ହର୍ନ ବଜାଉଛ ବୋଲି କହିବାରୁ ୬ ରୁ ୭ ଜଣ ଯୁବକ ପ୍ରଥମେ ଛବିଳତା ଓ ପରେ ତାଙ୍କ ସ୍ୱାମୀ ନରିଙ୍କୁ ଲୁହାରଡ୍‌ରେ ଆକ୍ରମଣ କରିଥିଲେ। ଏବେ ବି ନରିଙ୍କ ଅବସ୍ଥା ଗୁରୁତର ଅଛି। ସେ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ପରେ ଛବିଳତା ସମ୍ପୃକ୍ତ ଅଭିଯୁକ୍ତଙ୍କ ନାମରେ ଅଭିଯୋଗ କରିଥିଲେ। ଏହାପରେ ପୋଲିସ ମାମଲା (୨୦୨/୨୪)ରୁଜୁ କରିଥିବା ବେଳେ ଏପର୍ଯ୍ୟନ୍ତ କୌଣସି ଅଭିଯୁକ୍ତ ଧରାପଡ଼ି ନାହାନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ମହିଳାମାନେ ରାସ୍ତା ଅବରୋଧ କରି ଧାରଣା ଦେଇଥିଲେ। ଏ ସମ୍ପର୍କରେ ଥାନାଧିକାରୀ ସୁଚିତ୍ରବୀର୍ଯ୍ୟ ଦାସଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ପ୍ରତିକ୍ରିୟା ଦେଇନାହାନ୍ତି।

# ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ଶୋଭାଯାତ୍ରା, ଥାନାରେ ଦାବିପତ୍ର




ବଜରଙ୍ଗ ଦଳ ଓ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା କରାଯାଉଛି।

ନାଉଗାଁ,୧୯।୮(ସୁଧା ବେହୁରା)

## କୋଲକାତାରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ମାମଲା

କୋଲକାତାର ଆର.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ଜଣେ ଟ୍ରେନି ଡାକ୍ତରୀ ଛାତ୍ରୀଙ୍କୁ ଅଗଷ୍ଟ ୯ରେ ବଳାତ୍କାର ଓ ହତ୍ୟା କରଯାଇଥିଲା। ଏହି ଘଟଣାକୁ ନାଉଗାଁ ବଜରଙ୍ଗ ଦଳ ଓ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବାକୁ ଦାବି କରି ସୋମବାର ଅପରାହ୍ନରେ ବଜରଙ୍ଗ ଦଳ ଓ ବିଭିନ୍ନ ସଙ୍ଗଠନର କର୍ମୀମାନେ ଏକ ଶୋଭାଯାତ୍ରାରେ ବାହାରି ଥିଲେ। ସେମାନେ ହାତରେ ବିଭିନ୍ନ ପ୍ଲା କାର୍ଡ ଧରି ପଶ୍ଚିମବଙ୍ଗ ସରକାର ବିରୋଧରେ ନାରାବାଜି କରିଥିଲେ। ଏହି ଘଟଣାରେ ସେଠାକାର ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଦାବି କରି ପୀଡ଼ିତାଙ୍କ ପରିବାରକୁ ନ୍ୟାୟ ଦେବା ଉଦ୍ଦେଶ୍ୟରେ ଏକ ଦାବିପତ୍ର ନାଉଗାଁ ଥାନା ଅଧିକାରୀ ସଂଘମିତ୍ରା ନାୟକଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନିଲୁରାମ ଜେନା, ଜ୍ଞାନ ରଞ୍ଜନ ଜେନା, ରାଜ ପ୍ରସାଦ ମହାନ୍ତି, ଆକାଶ କୁମାର ଜେନା, ପିଙ୍କୁ ସ୍ୱାଇଁ ଓ ଆଦର୍ଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ବିଶ୍ୱ ଫଟୋଗ୍ରାଫି ଦିବସ, ରକ୍ଷା ବନ୍ଧନ ଉତ୍ସବ

## ଭିନ୍ନକ୍ଷମ ଭାଇଙ୍କ ହାତରେ ରାଖୀ ବାନ୍ଧିଲେ

ଜଗତ୍‌ସିଂହପୁର, ୧୯।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଫଟୋ ଓ ଭିଡିଓଗ୍ରାଫି ଟ୍ରେଡର୍ସ ଆସୋସିଏଶନ୍ (ଜେପିଭିଟି ଆସୋସିଏଶନ୍) ପକ୍ଷରୁ ଜଗତ୍‌ସିଂହପୁର ବ୍ଲକ ସିଂହାରପୁର ପଞ୍ଚାୟତ ଅନ୍ତର୍ଗତ ଆଶ୍ରା ସ୍ୱତନ୍ତ୍ର ଭିନ୍ନକ୍ଷମ ବିଦ୍ୟାଳୟ ପରିସରରେ ବିଶ୍ୱ ଫଟୋଗ୍ରାଫି ଦିବସ, ରକ୍ଷା ବନ୍ଧନ ସହ ଚାରାରୋପଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ରକ୍ଷା ବନ୍ଧନ ଉପଲକ୍ଷେ ଭିନ୍ନକ୍ଷମ କୁନି କୁନି ଭାଇମାନଙ୍କ ହାତରେ ଭିନ୍ନକ୍ଷମ ଭଉଣୀମାନେ ରାଖୀ ବାନ୍ଧି ଉତ୍ସବ ମନାଇବା ନିଆରା ଦୃଶ୍ୟ ସୃଷ୍ଟି କରିଥିଲା। ବିଶ୍ୱ ଫଟୋଗ୍ରାଫି ଦିବସ ଅବସରରେ ଜିଲାର ପୁରାତନ ଫଟୋଗ୍ରାଫର ସଂଘ ଦ୍ୱାରା ବିଦ୍ୟାଳୟ ପରିସରରେ ରକ୍ଷା ବନ୍ଧନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ଉତ୍ସବରେ ପିଲାମାନଙ୍କୁ ମିଠା ବଣ୍ଟା ଯାଇଥିଲା। ଏଥିସହ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏସବୁ କାର୍ଯ୍ୟକ୍ରମ ଅବସରରେ ଆସୋସିଏଶନ୍‌ର କର୍ମକର୍ତ୍ତାମାନେ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଏଥିରେ ଶୁଭଙ୍କର ଜେନା, ଲାଲାସଂଗ୍ରାମ କେଶରୀ ରାୟ, ଅତନୁ କୁମାର ସ୍ୱାଇଁ, ବାସୁଦେବ ସ୍ୱାଇଁ, ସୁଧାକର ଜେନା, ବିଶ୍ୱଜିତ ମହାନ୍ତି, ବାସୁଦେବ ବେହେରା ଓ ଦେବେନ୍ଦ୍ର ନନ୍ଦୀ ପ୍ରମୁଖ ଯୋଗଦେଇଥିବା ବେଳେ ଶିକ୍ଷାନୁଷ୍ଠାନର ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।



ଭିନ୍ନକ୍ଷମ ବିଦ୍ୟାଳୟରେ ଭିଡିଓଗ୍ରାଫି ଟ୍ରେଡର୍ସ ଆସୋସିଏଶନର କର୍ମକର୍ତ୍ତା ଓ ପିଲାମାନେ।



ବାଲିକୁଦା ବ୍ଲକ ଓରାଣ୍ଡସ୍ଥିତ ଅଖଣ୍ଡେଶ୍ୱର ଦେବଙ୍କ ପୀଠକୁ ଶ୍ରାବଣମାସର ଶେଷ ସୋମବାରରେ ପାଣିଢ଼ାଳିବାକୁ ଆସିଥିବା କାଉଡ଼ିଆମାନେ।

# ସରଳା ଦେବୀଙ୍କ ଜୟନ୍ତୀ ପାଳିତ

ଜଗତ୍‌ସିଂହପୁର, ୧୯।୮ (ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ସୋମବାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ମା'ସରଳା ଦେବୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ସରଳା ମଣ୍ଡପ ନିକଟରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ଜିଲାପାଳ ଜେ.ସୋନାଲ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସରଳା ଦେବୀ ଏକାଧାରରେ ଜଣେ ସ୍ୱାଧୀନତା ସଂଗ୍ରାମୀ, ସାମାଜିକ କର୍ମୀ, ନାରୀନେତ୍ରୀ ତଥା ଲେଖିକା ଥିଲେ। ପ୍ରଥମ ଓଡ଼ିଆ ମହିଳା ହିସାବରେ ସେ ମହାତ୍ମା ଗାନ୍ଧୀଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଜଗତ୍‌ସିଂହପୁର ପୌରାଧକ୍ଷା ଅର୍ଚ୍ଚନା ସିଂହ, ଉପାଧକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ନିର୍ବାହୀ ଅଧିକାରୀ କଳ୍ପିତା କୁମାରୀ ଜେନା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ପ୍ରକୃତିର ସନ୍ତୁଳନ ପାଇଁ ସବୁଜ ବଳୟ ଆବଶ୍ୟକ

## ସବୁଜିମା ପତ୍ରିକା ଉନ୍ମୋଚିତ, କବିତା ପାଠ ଉତ୍ସବ

ପାରାଦୀପ,୧୯।୮(ଶରତ ରାଉତ)

ପାରାଦୀପ ପୌର ସମ୍ମିଳନୀ କକ୍ଷରେ 'ସବୁଜିମା' ପତ୍ରିକାର ବାର୍ଷିକ ସଂଖ୍ୟା ରବିବାର ଉନ୍ମୋଚିତ ହୋଇଯାଇଛି। ପତ୍ରିକା ସମ୍ପାଦିକା ବନପ୍ରଭା ପରିଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସାରସ୍ୱତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ହାରାମଣି ମହାପାତ୍ର ଯୋଗଦେଇ ପତ୍ରିକା ଉନ୍ମୋଚିତ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ପୌରାଧକ୍ଷ ବସନ୍ତ ବିଶ୍ୱାଳ, ନାଇଜର କୁଳପତି ଡ.ଅଭୟ କୁମାର ନାୟକ, ପରିବେଶବିତ୍ ଉତ୍କଳ ମହାନ୍ତି, ହେମନ୍ତ କୁମାର ରାଉତ, ଅଧ୍ୟାପକ ସନ୍ତୋଷ କୁମାର ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ପରେ ନଗେନ୍ଦ୍ର ସ୍ୱାଇଁଙ୍କ ସଞ୍ଚାଳନରେ କବୟିତ୍ରୀ ଓ କବିଙ୍କୁ ନେଇ କବିତା ପାଠ କରାଯାଇଥିଲା। ପରିବେଶ ଦିନକୁ ଦିନ ଅଧିକ ପ୍ରଦୂଷିତ ହେବାରେ ଲାଗିଛି। ପ୍ରକୃତିର ସନ୍ତୁଳନ ପାଇଁ ବ୍ୟାପକ ସବୁଜ ବଳୟ ଆବଶ୍ୟକ। ଏବେର ପିଢ଼ି ଗଛ ଲଗାନ୍ତୁ। କାରଣ ଗଛ ବଞ୍ଚିଲେ ଆମେ ବଞ୍ଚିବା ବୋଲି ମୁଖ୍ୟ ଅତିଥି ହାରାମଣି କହିଥିଲେ। ଶେଷରେ ପରିବେଶ ପାଇଁ କାର୍ଯ୍ୟ କରୁଥିବା ଦୁଇ ସଙ୍ଗଠନର କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା।

# ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ

କୁଜଙ୍ଗ,୧୯।୮(ମନୋଜ ପ୍ରଧାନ): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କୁଜଙ୍ଗ ଥାନା ଅନ୍ତର୍ଗତ ତାଳଦଣ୍ଡା ବଜାରରେ ସୋମବାର ସନ୍ଧ୍ୟାରେ ଜଣେ ବ୍ୟକ୍ତିଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସେ ହେଲେ ଜିଲାନସି ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଆ ଖମାର ଗ୍ରାମର ଫିଲିପ୍ସ ରାଉତ। ଗୁରୁତର ଅବସ୍ଥାରେ ଫିଲିପ୍ସଙ୍କୁ ପ୍ରଥମେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ଜମିବାଡ଼ିକୁ କେନ୍ଦ୍ର କରି ଫିଲିପ୍ସ ଓ ଅଭିଯୁକ୍ତଙ୍କ ପରିବାର ମଧ୍ୟରେ ବର୍ଷେ ହେବ ବିବାଦ ଲାଗି ରହିଥିଲା। ପୋଲିସ ଓ ଭଦ୍ରଲୋକଙ୍କ ହସ୍ତକ୍ଷେପ ଫଳରେ ଉକ୍ତ ସମସ୍ୟାର ସମାଧାନ ହୋଇଥିବା ଫିଲିପ୍ସଙ୍କ ଦାଦା କୁମର ରାଉତ କହିଛନ୍ତି। ସନ୍ଧ୍ୟାରେ ଫିଲିପ୍ସ ତାଳଦଣ୍ଡା ବଜାରକୁ କୌଣସି କାମରେ ଆସିଥିଲେ। ବଜାରରେ ଅଭିଯୁକ୍ତ ତାଙ୍କୁ ଦେଖି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସେଠାରେ ଦରଜି ଦୋକାନ କରିଥିବା ପୁଅକୁ ଟେଲିଫୋନ କରି ଡାକିଥିଲେ। ଏହାପରେ ଅଭିଯୁକ୍ତ ଓ ପୁଅ ମିଶି ଫିଲିପ୍ସଙ୍କୁ ଏକ ବିଅର ବୋତଲରେ ଆକ୍ରମଣ କରି ଗୁରୁତର କରିଥିଲେ।

# 'ବରଗଛ ଚାରାରୋପଣ କଲେ ଅଶ୍ୱମେଧ ଯଜ୍ଞଠାରୁ ଅଧିକ ପୁଣ୍ୟ ମିଳେ'



ପରିବେଶ ସଚେତନା କାର୍ଯ୍ୟକ୍ରମରେ ବାବା ଦିବାକର ଦାସ ମହାରାଜ ଓ ଅନ୍ୟ ଅତିଥିମାନେ।

ତିର୍ତ୍ତୋଲ, ୧୯।୮ (ଗୌରାଙ୍ଗ ଚରଣ ସ୍ୱାଇଁ)

ବର ଓ ଅଶ୍ୱତ୍ଥ ଗଛ ଦେବବୃକ୍ଷ ଭାବେ ପୁରାତନ କାଳରୁ ପୂଜାପାଇ ଆସୁଛି। ଏହି ଗଛର ଚାରାରୋପଣ ସହ ପୂଜାର୍ଚ୍ଚନା କଲେ ଅଶ୍ୱମେଧ ଯଜ୍ଞଠାରୁ ମଧ୍ୟ ଅଧିକ ପୁଣ୍ୟ ମିଳିଥାଏ। ଏହି ବୃକ୍ଷର ଔଷଧୀୟ ଗୁଣ ଦ୍ୱାରା ବହୁ ମାରାତ୍ମକ ରୋଗରୁ ମୁକ୍ତି ମିଳିଥାଏ। ଏମିତିକି ଏହି ବୃକ୍ଷ ଛାଇ ତଳେ ପ୍ରତିଦିନ ବିଶ୍ରାମ ନେଲେ ହୃଦ୍‌ରୋଗରୁ ରକ୍ଷା ମିଳିଥାଏ ବୋଲି ଆଧ୍ୟାତ୍ମିକ ପ୍ରବକ୍ତା ବାବା ଦିବାକର ଦାସ ମହାରାଜ କହିଛନ୍ତି।

ତିର୍ତ୍ତୋଲ ବ୍ଲକ ପୋରଗଦେଇ ପଞ୍ଚାୟତ ବଉଳାଙ୍ଗ ରାମଚରିତ ପରିଷଦ ପରିସରରେ ସୋମବାର ପରିବେଶ ସଚେତନତା ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥିଭାବେ ବାବା ଦିବାକର ଦାସ ମହାରାଜ ଯୋଗଦେଇ ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ପବିତ୍ର ରକ୍ଷାବନ୍ଧନ ଓ ବଳଦେବଙ୍କ ଜନ୍ମ ଦିବସରେ କରାଯାଇଥିବା ଏହି ମହତ କାର୍ଯ୍ୟ ଅନ୍ୟମାନଙ୍କ ଲାଗି ଉଦାହରଣ ହେବବୋଲି ସେ କହିଥିଲେ। ଏଥିରେ ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ୍ କାଉନସିଲର ବରିଷ୍ଠ କାର୍ଯ୍ୟକର୍ତ୍ତା ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟ ବକ୍ତାଭାବେ ଇଣ୍ଟରନ୍ୟାଶନାଲ ହ୍ୟୁମାନ ରାଇଟ କାଉନସିଲର ଜଗତ୍‌ସିଂହପୁର ଜିଲା ସଭାପତି ଇଂ.ଗଗନ ବିହାରୀ ପୃଷ୍ଟି, ସମ୍ମାନିତ ଅତିଥିଭାବେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ବଂଶୀଧର ମଲ୍ଲିକ, ସାମାଜିକ କର୍ମୀ ରାଧାଶ୍ୟାମ ଦାସ, ରଞ୍ଜନ କୁମାର ଦାସ, ରାଜୀବ ଲୋଚନ ଖଟୁଆ, କେଦାର ପଟ୍ଟନାୟକ, ଦେବେନ୍ଦ୍ର ଦାସ, ଦୋଳଗୋବିନ୍ଦ ଦାସ, ଜଗବନ୍ଧୁ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅରୁଣ ସ୍ୱାଇଁ, ବିକ୍ରମ ମହାପାତ୍ର, ଗିରାଜା ଶଙ୍କର ମହାନ୍ତି, ଶଶିକାନ୍ତ ମହାପାତ୍ର, ନିକୁଞ୍ଜ ବିହାରୀ ଦାସ, ସୁଧୀର ମଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାମଚରିତ ମାନସ ପରିଷଦର ସଭ୍ୟ ଅଜୟ କୁମାର ମଲ୍ଲିକ, ଅଶୋକ ସାହୁ, ପ୍ରିତୀଶ ରାଉତରାୟ, ରାମଚନ୍ଦ୍ର ମଲ୍ଲିକ, ଦୀପକ ଦାସ, ଶୁକଦେବ ମଲ୍ଲିକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। ଏହାପରେ ପରିଷଦ ପରିସର ପଡ଼ିଆରେ ବିଭିନ୍ନ ପ୍ରକାର ଫଳ ଏବଂ ଔଷଧୀୟ ଚାରାରୋପଣ କରାଯାଇଥିଲା।

## ପୂର୍ବ ତଟ ରେଳପଥ

(1)ଟେଣ୍ଡର ବିଜ୍ଞପ୍ତି ସଂ.eT-North-WAT-21-2024, ତା.12.08.2024ରିଖ

କାର୍ଯ୍ୟର ନାମ: "ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନସ୍ଥ କୋରାପୁଟ-ରାୟଗଡ଼ା ଲାଇନ୍‌ରେ 60 କି.ଗ୍ରା.(16 ରେ 1) PSC ଲେଆଉଟ୍-03 ସେଟ୍‌ର ନବୀକରଣ ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନସ୍ଥ ରାୟପୁର-ବିଜୟନଗରମ୍ ଲାଇନ୍‌ରେ ଅପ୍ ଲାଇନ୍‌ରେ କି.ମି.388.186 ଠାରୁ କି.ମି.407.563 ପର୍ଯ୍ୟନ୍ତ 19.377 Tkm ଲାଗି ନିମନ୍ତେ ନୂଆ ଇଲାଷ୍ଟିକ୍ ଫାଷ୍ଟେନିଙ୍ଗସ ଦ୍ୱାରା ଥ୍ରୁ ଫାଷ୍ଟେନିଙ୍ଗ୍ ନବୀକରଣ ଏବଂ R.V. ଲାଇନ୍‌ରେ PSC ଲେଆଉଟ୍‌ରେ ନୂଆ 60 କି.ଗ୍ରା.(8 ½ ରେ 1) କର୍ଭଡ୍ ସୁଇଚ୍ ଏବଂ CMS କ୍ରସିଙ୍ଗ୍-17 ସେଟ୍ ଏବଂ CS+CMSC (12 ରେ 1)-10 ସେଟ୍ ଦ୍ୱାରା ଟର୍ଣ୍ଣଆଉଟ୍‌ର କମ୍ପ୍ଲିଟ୍ ନବୀକରଣ" ସମ୍ବନ୍ଧୀୟ ବିଭିନ୍ନ P.Way କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 1,50,93,353.25, EMD(ଟଙ୍କାରେ): 2,25,500/-।

(2)ଟେଣ୍ଡର ବିଜ୍ଞପ୍ତି ସଂ.eT-North-WAT-22-2024, ତା.12.08.2024ରିଖ

କାର୍ଯ୍ୟର ନାମ: "ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନସ୍ଥ କୋରାପୁଟ-ରାୟଗଡ଼ା ଲାଇନ୍‌ରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନସ୍ଥ ରାୟପୁର-ବିଜୟନଗରମ୍ ଲାଇନ୍‌ରେ ସିଙ୍ଗାପୁର ରୋଡ୍-ବିଜୟନଗରମ୍ ମଧ୍ୟରେ 14.549 Tkm (ପ୍ୟାଚ୍ ଗୁଡ଼ିକରେ)ଲାଗି ନିମନ୍ତେ RDSO ଡ୍ରଇଂ ନଂ. RDSO/T/7008 ଅନୁଯାୟୀ PSC-14 ସ୍ଲିପର ଏବଂ ନୂଆ 60 କି.ଗ୍ରା. 90 UTS ରେଲ୍ ଦ୍ୱାରା PSC-12 ସ୍ଲିପରରେ ଲାଗିଥିବା ବର୍ତ୍ତମାନର 52 କି.ଗ୍ରା. 90 UTS ରେଲ୍‌ର କମ୍ପ୍ଲିଟ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ)" ସମ୍ବନ୍ଧୀୟ P.Way କାର୍ଯ୍ୟଗୁଡ଼ିକର ସମ୍ପାଦନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 3,42,71,089.39, EMD(ଟଙ୍କାରେ): 3,21,400/-।

କାର୍ଯ୍ୟ ଶେଷ ହେବା ଅବଧି: 12(ବାର) ମାସ (ଉଭୟ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.05.09.2024ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ ୱାଲ୍ଟିୟର

PR-436/P/24-25

See Career Appointment on every Wednesday & Saturday

## AUCTION SALE NOTIFICATION

This is for information to all concerned that inspite of our repeated Legal Notices and reminders of the Registered Owners. 1). M/S. KRISH COAL MOVERS, Vehicle- Bharat Benz (Truck), Regn. No.- OD23C9023, VIN No.- MEC2411BAGP024989, 2). M/S. KRISH COAL MOVERS, Vehicle- Bharat Benz (Truck), Regn. No.- OD23C9018, VIN No.- MEC2411BAGP025232, 3). Mr. Dillip Barik, Vehicle - Bharat Benz (Truck), Regn. No.- OD09C3732, VIN No.- MEC2241CBGP026298, 4). Mr. Sudhir Singh, Vehicle- Bharat Benz (Truck), Regn. No.- OD14H3448, VIN No.- MEC2241CEGP030706, 5). Mr. Sunil Kumar Barik, Vehicle- Volkswagen Polo Car, Regn. No.- OR02BG3653, VIN No.- WVWF1060XAT003714, are not come to take delivery.
The Vehicles are ready for **Auction Sale** to be hold on Dated **28.08.2024** between **10 AM to 4 PM** at M/S. **Shree Bharat Motors Ltd.**, N.H.-5, Pahal, Bhubaneswar - 752101.

## OFFICE THE ROURKELA MUNICIPAL CORPORATION, ROURKELA

INVITATION FOR BID
No. 10144 Dated : 16.08.24

**Bid Identification No. : MC/RMC/18/2024**

No.C-440 : The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/18/2024 for 09 Nos. Civil work with value of Rs. 5.58 lakh to 34.25 lakh.
1. Bid documents will be available in website www.tendersorissa.gov.in from 16.08.2024.
2. Bids must be submitted on "online" on or before 28.08.2024 by 17.00 hours.
3. Bids shall be opened at 11.00 hours on 29.08.2024 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

Sd./- Municipal Commissioner,
Rourkela Municipal Corporation

OIPR-13131/11/0016/2425

## OFFICE OF THE MUNICIPAL COUNCIL, CHOUDWAR

Cuttack (Odisha) PIN - 754071
Phone No. : 0671-2394272(O), Fax No. : 0671-2394272
Letter No. : 2565 Date : 16.08.2024

**QUOTATION CALL NOTICE**

No.C-441 : Sealed quotations are invited from interested reputed firms/registered distributors/Manufacturers/Suppliers for supply of Two Nos. of 30 KVA, 3 Phase Silence DG Set to Choudwar Municipality for use of Office work. The detailed documents can be received from Electrical Section of Choudwar Municipality with effect from 11.00 A.M. of 20.08.2024 to 03.09.2024 (Excluding Holidays) during office hours on payment of Rs. 1000.00 (Rupees One Thousand only) towards paper cost in shape of Cash. All the documents shall be received at the office of the Executive Officer, Choudwar Municipality through Courier/Registered Speed post/by person on or before date 04.09.2024 up to 3.00 PM (Excluding Holidays). The quotations will be opened on the 04.09.2024 at 04.00 PM in presence of the quotationers or their authorized representatives. The quotation received beyond the schedule date and time will not be considered at all. The above quotation call notice also available in Choudwar Municipality website i.e. www.choudwarmunicipality.in. The undersigned has the rights to accept, cancel or reject any or all the quotation without assigning any reason thereof.

Sd./- Executive Officer
Choudwar Municipality

OIPR-13138/11/0002/2425

## Bhubaneswar Municipal Corporation

Phone:0674-2431253, Fax:0674-2432895,
Email:info@bmc.gov.in, Web:bmc.gov.in
No.33818 / Date.17.08.2024
XXXX-III-ENU-31/2023

### "ନଗରବନ୍ଧୁ" ନିମନ୍ତେ ବିଜ୍ଞପ୍ତି

### ସରସ ସବୁଜ ଭୁବନେଶ୍ୱର ପାଇଁ ଏକ ଆହ୍ୱାନ

**CAD:** ଭୁବନେଶ୍ୱର ମହାନଗର ନିଗମ ଆନୁକୂଲ୍ୟରେ ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ଓ ଓଡ଼ିଶା ଏନଭାରମେଣ୍ଟ ସୋସାଇଟିର ମିଳିତ ସହଯୋଗରେ ସଚେତନ ନାଗରିକମାନଙ୍କୁ "ନଗରବନ୍ଧୁ" ସମ୍ମାନ ପ୍ରଦାନ କରାଯାଉଅଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ଭୁବନେଶ୍ୱର ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ, ଶକ୍ତି ଓ ଜଳ ସଂରକ୍ଷଣ, ପରିମଳ ତଥା ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ରହିଛି ; ସେମାନଙ୍କୁ "ନଗରବନ୍ଧୁ" ଭାବରେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ-୩୧ ଅଗଷ୍ଟ ୨୦୨୪ରିଖ ଦିନ ସମ୍ମାନିତ କରାଯିବ। ଏହି ସମ୍ମାନ ନିମନ୍ତେ ବିଏମ୍‌ସିର ୬୭ ଟି ୱାର୍ଡ଼ ମଧ୍ୟରୁ ବ୍ୟକ୍ତି ତଥା ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚୟନ କରାଯିବ।

ଏହି ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ସତ୍ୟ ନଗର କାଳୀ ମନ୍ଦିର ସମ୍ମୁଖ ସ୍ଥିତ ୟୁନିଟ-୯, ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟର (LG Floor) ରେ ଥିବା ପରିବେଶ ଉପବିଭାଗରୁ ଦରଖାସ୍ତ ଫର୍ମ ସଂଗ୍ରହ କରି ଫର୍ମରେ ଦିଆଯାଇଥିବା ନିଜର / ଅନୁଷ୍ଠାନର ନାମ ଲେଖି ଆନୁସଙ୍ଗିକ ପ୍ରମାଣପତ୍ର ସହ ଦରଖାସ୍ତ ପ୍ରେରଣ କରିପାରିବେ କିମ୍ବା କେହି ତୃତୀୟ ପକ୍ଷ ସେମାନଙ୍କ ମନୋନୟନ ପତ୍ର ପଠାଇ ପାରିବେ। ତା ୨୩ ଅଗଷ୍ଟ ୨୦୨୪ ରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ନାମାଙ୍କନ ପହଞ୍ଚିବା ଆବଶ୍ୟକ। ନାମାଙ୍କନ ପଠାଇବାର ଠିକଣା - ପରିବେଶ ଉପବିଭାଗ, (LG Floor), ମୁଖ୍ୟ କାର୍ଯ୍ୟାଳୟ, (BMC ICOMC Tower), ଭୁବନେଶ୍ୱର ମହାନଗର ନିଗମ, ୟୁନିଟ-୯, ଭୁବନେଶ୍ୱର-୭୫୧୦୦୭।

ସ୍ୱା/- ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

### ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ବିବରଣୀ

୧. ନିର୍ଦ୍ଦିଷ୍ଟ ଅଞ୍ଚଳରେ ସବୁଜିକରଣ ପାଇଁ ନେଇଥିବା ପଦକ୍ଷେପ (ବୃକ୍ଷରୋପଣ କରାଯାଇଥିବା ଜାଗାର ନିର୍ଦ୍ଦିଷ୍ଟ ବିବରଣୀ ସହିତ)।
୨. ବିଦ୍ୟୁତ ଶକ୍ତି ସଞ୍ଚୟ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଗ୍ରହଣ କରିଥିବା ପରିବେଶଧର୍ମୀ ପଦକ୍ଷେପ।
୩. ନିଜ ହତା ତଥା ଆଖପାଖ ଅଞ୍ଚଳରୁ ବାହାରୁଥିବା କଠିନ ଅଳିଆ / ଆବର୍ଜନା ଏବଂ ମଇଳା ପାଣି ପରିଚାଳନା ତଥା ପରିମଳ ବ୍ୟବସ୍ଥା ନିମନ୍ତେ ଗ୍ରହଣ କରିଥିବା ପଦକ୍ଷେପ।
୪. ପ୍ରାକୃତିକ ସମ୍ପଦ ସଂରକ୍ଷଣ ତଥା ପରିବେଶ ସୁରକ୍ଷା ନିମନ୍ତେ ନେଇଥିବା ପଦକ୍ଷେପ।
୫. ଦରଖାସ୍ତକାରୀଙ୍କର ଏହି କ୍ଷେତ୍ରକୁ ଅବଦାନ ନିମନ୍ତେ ପ୍ରାପ୍ତ ଅନ୍ୟାନ୍ୟ ପୁରସ୍କାର ଓ ସ୍ୱୀକୃତିର ବିବରଣୀ।
୬. ପୂର୍ବରୁ "ନଗରବନ୍ଧୁ" ସମ୍ମାନ କେବେ ପାଇଥିଲେ କି ?
୭. ସଦ୍ୟତମ ହୋଲଡିଂ ଟିକସ ଦେୟ ରସିଦ ନକଲ ସଂଲଗ୍ନ କରିବେ।

OIPR

# ଓଡ଼ଗାଁରେ ମାନସିକ ବିକାରଗ୍ରସ୍ତଙ୍କ ଉନ୍ମତ୍ତକାଣ୍ଡ

ଓଡ଼ଗାଁ,୧୯।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁରେ ଜଣେ ମାନସିକ ବିକାରଗସ୍ତ ଯୁବକଙ୍କ ଉନ୍ମତ୍ତକାଣ୍ଡ ଯୋଗୁ ସୋମବାର ଅପରାହ୍ନରେ ସ୍ଥାନୀୟ ଲକ୍ଷ୍ମୀବଜାର କ୍ଷଣିକେ ଜନଶୂନ୍ୟ ହୋଇ ଯାଇଥିଲା। ବଜାରକୁ ଆସିଥିବା ଲୋକେ ଦୋକାନ ଭିତରେ ପଶିଗଲେ। ଏପରିକି ୨୦ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ସବୁ କିଛି ଠପ୍ ହୋଇଗଲା। ଘଟଣାସ୍ଥଳରେ ଓଡ଼ଗାଁ ପୋଲିସ ପହଞ୍ଚି ଉନ୍ମତ୍ତ ଯୁବକଙ୍କୁ ନିୟନ୍ତ୍ରଣ କରିବା ପରେ ଲକ୍ଷ୍ମୀବଜାର ସ୍ୱାଭାବିକ ଅବସ୍ଥା ଫେରିଥିଲା।

ଘଟଣା କ୍ରମରେ ଓଡ଼ଗାଁ ଉପକଣ୍ଠରେ ଥିବା ବାହାଡାପିଠା ଗାଁର ମାନସିକ ବିକାରଗସ୍ତ ଯୁବକ ପ୍ରଶାନ୍ତ ବାରିକ(୩୫) ଅପରାହ୍ନରେ ଶ୍ରୀରଘୁନାଥଜୀଉଙ୍କ ଝୁଲଣ ମଣ୍ଡପରେ ବିନା କାରଣରେ ତଳେ ମୁଣ୍ଡ ବାଡେଉ ଥିଲେ। ମୁଣ୍ଡ ଫାଟି ରକ୍ତ ବାହାରିବାରୁ ସ୍ଥାନୀୟ ଲୋକେ ତାଙ୍କୁ ଓଡ଼ଗାଁ ଡାକ୍ତରଖାନାକୁ ପଠାଇ ଦେଲେ। ସେଠାରେ କାହା କଥା ନ ମାନି ଲକ୍ଷ୍ମୀବଜାରକୁ ଚାଲିଆସିଥିଲେ। ବଜାରରେ ଥିବା ହନୁମାନଙ୍କ ମନ୍ଦିର


ମାନସିକ ବିକାରଗ୍ରସ୍ତ ପ୍ରଶାନ୍ତ ବାରିକଙ୍କୁ ପୋଲିସ କାବୁ କରି ନେଉଛି।

ଖୋଲି ଓଳା ଓଳି କରିବା ସହ ଜୋରରେ ପାଟିତୁଣ୍ଡ କରିଥିଲେ। ପରିବା ନେଇ ଯାଉଥିବା ଗୋଟେ ପିଲାର ବ୍ୟାଗ ଛଡ଼ାଇ ଆଣି ହନୁମାନଙ୍କ ମନ୍ଦିର ମଧ୍ୟରେ ରଖିଥିଲେ। ଏତିକିବେଳେ ଆସୁଥିବା ଏକ ବସ୍‌ର ଚକା ତଳେ ଶୋଇ ପଡିଥିଲେ। ପରେ ସେଠାରୁ ଉଠି ବସ୍‌ରେ ଚଢ଼ି ଯାଇଥିଲେ। ଛୁଆକୁ କାଖରେ ଧରି ଆସୁଥିବା ଜଣେ ମହିଳାଙ୍କ ୨ଗୋଡ଼କୁ ଜାବୁଡ଼ି ଧରି ପକାଇ ଛାଡି ନ ଥିଲେ। କେତେଜଣ ଲୋକ ଯାଇ ଛଡ଼ା ଛଡ଼ି କରିବା ପରେ ମହିଳା ଜଣକ ସେଠାରୁ ଯାଇଥିଲେ। ପ୍ରଶାନ୍ତ ସେଠାରୁ ଯାଇ ପୁଣି ଜଣେ ବୃଦ୍ଧାଙ୍କ ଗୋଡକୁ ଜାବୁଡ଼ି ଧରିଥିଲେ। ଏପରି ହଇରାଣ ଚାଲୁ ରହିଥାଏ। ଯେତେବେଳେ ସେ ଟେକାପଥର ଗୋଟାଇ ଆଣି ଏକାଠି କଲେ ସେତେବେଳେ ଯେଉଁ ଲୋକମାନେ ତାକୁ ନିୟନ୍ତ୍ରଣ କରିବାକୁ ଉଦ୍ୟମ କରୁଥିଲେ ଭୟରେ ଛାଡ଼ି ପଳାଇ ଆସିଥିଲେ। ଖବରପାଇ ଓଡ଼ଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରଶାନ୍ତକୁ ନିୟନ୍ତ୍ରଣକୁ ନେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ତେବେ ଏଠାରୁ ଯିବା ପରେ ନିଜ ଗାଁ ବାହାଡାପିଠାରେ ପାଟିତୁଣ୍ଡ କରି ଲୋକଙ୍କୁ ଭୟଭୀତ କରିଥିଲେ। ଏହି ଗାଁରେ ୫ ରୁ ୭ ଜଣ ମାନସିକ ବିକାରଗସ୍ତ ରହିଥିବା ବେଳେ ଆଗକୁ ଏହି ସଂଖ୍ୟା ବୃଦ୍ଧି ପାଇବାର ସମ୍ଭାବନା ଥିବାରୁ ସ୍ୱାସ୍ଥ୍ୟ ବିଭାଗ ଏ ନେଇ ସ୍ୱତନ୍ତ୍ର ଦୃଷ୍ଟି ଦେବାର ଆବଶ୍ୟକତା ରହିଛି। ସୂଚନାଥାଉ କି ପ୍ରାୟ ୫ ବର୍ଷ ପୂର୍ବେ ଜଣେ ମାନସିକ ବିକାରଗସ୍ତ ୨ ଜଣଙ୍କୁ ହତ୍ୟା କରିଥିବା ବେଳେ ତତ୍କାଳିନ ଆଇଆଇସି ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସମେତ ୫ ଜଣଙ୍କୁ ଆକ୍ରମଣ କରିବା ଫଳରେ ସେମାନେ ଗୁରୁତର ଭାବେ ଆହତ ହୋଇଥିଲେ।

# ଜଗତ କଲ୍ୟାଣ ପାଇଁ ସୁଦର୍ଶନ ଜୀଉଙ୍କ ୪ ଆଶ୍ରମ ପରିକ୍ରମା

ଖଣ୍ଡପଡ଼ା,୧୯।୮(ଅଜୟ କୁମାର ମହାରଣା)

ଶ୍ରୀନୀଳମାଧବ ପୀଠରେ ୫ଦିନ ବ୍ୟାପୀ ଚାଲିଥିବା ଝୁଲଣ ଯାତ୍ରା ସୋମବାର ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ନୀଳମାଧବ ଜୀଉଙ୍କ ଆୟୁଧ ସୁଦର୍ଶନ ଜଗତ କଲ୍ୟାଣ ନିମନ୍ତେ ରାତି ସାଢ଼େ ୯ଟାରେ ସ୍ୱତନ୍ତ୍ର ନୀତି ସମ୍ପନ୍ନ ପରେ ଏକ ମଣି ବିମାନରେ ଆରୁଢ ହୋଇ ୪ ଆଶ୍ରମ ସହ ଗ୍ରାମ ବିଜେ କରିଛନ୍ତି। ଏହି ଅବସରରେ ସକାଳ ଧୂପ ପରେ ଶ୍ରୀବଳଭଦ୍ର ଦେବଙ୍କ ଜନ୍ମନୀତି ସମ୍ପନ୍ନ ହେବା ସହ ସନ୍ଧ୍ୟାରେ ସୁଦର୍ଶନଙ୍କ ୪ ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଥିଲା। ପୌରାଣିକ କଥାବସ୍ତୁକୁ ଆଧାର କରି ଶ୍ରାବଣ ମାସରେ ଅତ୍ୟଧିକ ବୃଷ୍ଟିପାତ ହେବା ସହ ଦୂଷିତ ପାଣି ବ୍ୟବହାର ଯୋଗୁ ଗାଁ ଗାଁରେ ଝାଡ଼ାବାନ୍ତି, ଜ୍ୱର ଆଦି ବ୍ୟାପିଥାଏ। ଉପଯୁକ୍ତ ଚିକିତ୍ସା ଅଭାବରୁ ଏହି ରୋଗ ହଇଜା ଓ ମହାମାରୀ ରୂପ ନେଇଥାଏ। ଲୋକେ ଏହି ସବୁ ରୋଗରୁ ମୁକ୍ତି ପାଇବା ଲାଗି ଠାକୁରଙ୍କୁ ଉପାସନା କରୁଥିଲେ। ପ୍ରବାଦ ଅଛି, ଶ୍ରାବଣ ମାସ ଗହ୍ମା ପୂର୍ଣ୍ଣମୀ ତିଥିରେ ଶ୍ରୀଜୀଉଙ୍କ ଆୟୁଧ ସୁଦର୍ଶନ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ତଥା ଜଗତ କଲ୍ୟାଣ ଲକ୍ଷ୍ୟରେ ଗ୍ରାମ ବିଜେ କରିଥାନ୍ତି। ଏହି ବିଶ୍ୱାସ ଆଜି ବି ଲୋକମାନଙ୍କ ମନରେ ରହିଛି। ପରମ୍ପରା


କଣ୍ଟିଲୋ ଗ୍ରାମରେ ସୁଦର୍ଶନ ଜୀଉଙ୍କୁ ଗ୍ରାମ ପରିକ୍ରମା କରାଯାଉଛି।

ଅନୁଯାୟୀ ଶ୍ରୀନୀଳମାଧବ ଜୀଉଙ୍କ ସନ୍ଧ୍ୟା ଆଳତି ପରେ ସପ୍ତଋଷିଙ୍କ ହୋମ ନିମନ୍ତେ ସୁଦର୍ଶନଙ୍କୁ ବିଜେ କରାଯାଇ ହୋମ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ପରେ ସୁଦର୍ଶନଙ୍କୁ ଗ୍ରାମ ବିଜେ କରାଯାଇଥିଲା। ଗ୍ରାମ ପରିକ୍ରମା ସମୟରେ ଗାଁରେ ବିରାଜିତ ବଟେଶ୍ୱର ମହାଦେବ ଓ କୃଷ୍ଣେଶ୍ୱର ମହାଦେବଙ୍କ ପାଖରେ ସୁଦର୍ଶନଙ୍କୁ ପୂଜା କରାଯାଇଥିଲା। ଗ୍ରାମ ପରିକ୍ରମା ପରେ ସୁଦର୍ଶନ ଜୀଉ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

# ମା'ସନ୍ତୋଷୀଙ୍କ ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୧୯।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପଞ୍ଚାୟତ ରାଜକିଆରୀସ୍ଥିତ ମା' ସନ୍ତୋଷୀଙ୍କ ଜନ୍ମ ବାର୍ଷିକ ଉତ୍ସବ ସୋମବାର ପାରମ୍ପରିକ ରୀତିରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଓ ପରେ ପାଲା ପୂଜା ଅନୁଷ୍ଠିତ ହୋଇଥିଲା। ରୀତିନୀତି ଅନୁଯାୟୀ ହୋମ ଯଜ୍ଞ ଓ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଅନ୍ତର୍ଯ୍ୟାମୀ ନାୟକ ଓ ଭଗବାନ ବେହେରା ପରିଚାଳନା କରିଥିଲେ।


ରାଜକିଆରସ୍ଥିତ ସନ୍ତୋଷୀ ମା'ଙ୍କ ବାର୍ଷିକ ଉତ୍ସବରେ ମହିଳାପୁରୁଷଙ୍କ ପକ୍ଷରୁ ସଂକୀର୍ତ୍ତନ କରାଯାଉଛି।

# ରକ୍ତଦାନ ଶିବିର, ୨୨ ୟୁନିଟ୍ ସଂଗୃହୀତ

ଖଣ୍ଡପଡ଼ା,୧୯।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ପ୍ରାଥମିକ ବିଦ୍ୟାଳୟ ପରିସରରେ ସୋମବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରୁ ୨୨ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ସିଧାମୂଳା ଗୋକୁଳାନନ୍ଦ ବିଦ୍ୟାପୀଠର ୨୦୦୪ ବ୍ୟାଚ୍ ସହପାଠୀ ଓ ଖଣ୍ଡପଡ଼ା ପଠାଣି ସାମନ୍ତ ପୂଜ୍ୟପୂଜା ପରିଷଦର ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କଣ୍ଟିଲୋ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରର ଚିକିତ୍ସାଧିକାରୀ ଡା. ଅଙ୍କିତା ମଣ୍ଡଳ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ନୟାଗଡ଼ ବ୍ଲଡ୍ ବ୍ୟାଙ୍କ କର୍ତ୍ତୃପକ୍ଷ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ବ୍ଲଡ୍ ବ୍ୟାଙ୍କ ପକ୍ଷରୁ ଅଜୟ କୁମାର ପଟ୍ଟନାୟକ, ରବୀନ୍ଦ୍ର କୁମାର ସାହୁ, ପଞ୍ଚୁ ଦଳେଇ ଓ ସହଯୋଗୀମାନେ ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ନନାଙ୍କ ଡାଏରି ପୁସ୍ତକ ଉନ୍ମୋଚିତ



ପୁସ୍ତକକୁ ବିଧାୟକ ଅରୁଣ ସାହୁ ଓ ଅତିଥିମାନେ ଉନ୍ମୋଚିତ କରୁଛନ୍ତି।

ନୟାଗଡ଼,୧୯।୮(ଲୋକନାଥ ମିଶ୍ର)

ଓଡ଼ିଆ ନାଟ୍ୟ ସାହିତ୍ୟର କିମ୍ବଦନ୍ତୀ ପୁରୁଷ, ବିଶିଷ୍ଟ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରାଧ୍ୟାପକ ରାମଚନ୍ଦ୍ର ମିଶ୍ରଙ୍କ ଜୀବନୀ ପୁସ୍ତକ 'ନନାଙ୍କ ଡାଏରି' ନୟାଗଡ଼ ବ୍ଲକ୍ ସଭାଗୃହରେ ସୋମବାର ପୂର୍ବାହ୍ନରେ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି। ନାଟ୍ୟକାରଙ୍କ ପୁତ୍ର ଅଧ୍ୟାପକ ଅଶୁତୋଷ ମିଶ୍ରଙ୍କ ଦ୍ୱାରା ଲିଖିତ ଜୀବନୀ ପୁସ୍ତକ ଉନ୍ମୋଚନ ସମାରୋହ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ନୟାଗଡ଼ ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ପ୍ରକାଶକ ବନୋଜ ମିଶ୍ର ବିଶିଷ୍ଟ ଅତିଥି ଭାବେ ସାହିତ୍ୟିକ ତଥା ଗବେଷକ ସନ୍ତୋଷ କୁମାର ତ୍ରିପାଠୀ ଏବଂ ଅନ୍ୟତମ ଅତିଥି ଭାବେ ଔପନ୍ୟାସିକ ଅଜୟ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଓଡ଼ିଶାର ସମୃଦ୍ଧ ନାଟ୍ୟ ପରମ୍ପରାକୁ ବେଗବାନ, ଗତିଶୀଳ ଓ ରୁଚିଶୀଳ କରିବାରେ ନାଟ୍ୟକାର ରାମଚନ୍ଦ୍ରଙ୍କ ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ବର୍ଣ୍ଣନା କରିଥିଲେ। ସୁଧା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ପାଠକାର୍ପଣ ଉତ୍ସବରେ ସାମାଜିକ କର୍ମୀ ପ୍ରମୋଦ ପଟ୍ଟନାୟକ ପୌରୋହିତ୍ୟ କରିଥିବା ବେଳେ ଅଧ୍ୟାପକ ଆଶୁତୋଷ ମିଶ୍ର ଉତ୍ସବ ସମ୍ବନ୍ଧିତ ସୂଚନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଡ.ବାନାମ୍ବର ପୃଷ୍ଟି ଉନ୍ମୋଚିତ ଜୀବନୀ ପୁସ୍ତକର ସମୀକ୍ଷା କରିଥିଲେ। ସେହିପରି କବି ଗୋଦବରୀଶ ମିଶ୍ର, ନାଟ୍ୟକାର ତଥା ଔପନ୍ୟାସିକ ବିଶ୍ୱନାଥ ମହାପାତ୍ର, କବୟିତ୍ରୀ ପ୍ରବାସିନୀ ବରାଡ଼ ଏବଂ ଅଧ୍ୟାପକ ସହଦେବ ବେହେରା ପ୍ରମୁଖ ପୁସ୍ତକ ସମ୍ପର୍କରେ ପାଠକୀୟ ମନ୍ତବ୍ୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ କବୟିତ୍ରୀ ହରପ୍ରିୟା ଦ୍ୱିବେଦୀ ମନ୍ତ୍ରପାଠ କରିଥିବା ବେଳେ ଶେଷରେ କବି ଶେଖ ଅବଦୁଲ ଖାଲିକ ଧନ୍ୟବାଦ ଦେଇଥିଲେ।

# ଅଖିଳ ଭାରତୀୟ ଗ୍ରାହକଙ୍କ ସମାବେଶ

ନୟାଗଡ଼,୧୯।୮(ଲୋକନାଥ ମିଶ୍ର)

ଅଖିଳ ଭାରତୀୟ ଗ୍ରାହକ କର୍ମକର୍ତ୍ତା ଓ ଗ୍ରାହକଙ୍କ ସମାବେଶ ନୟାଗଡ଼ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁଖ୍ୟବକ୍ତା ରୂପେ କ୍ଷେତ୍ରୀୟ ସଙ୍ଗଠନ ମନ୍ତ୍ରୀ ରାମଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଥିଲେ, ଗ୍ରାହକମାନେ ହେଲେ ଦେଶର ମୂଳପିଣ୍ଡ। ସେମାନେ ସଚେତନ ରହି ସଙ୍ଗଠିତ ଭାବେ କାର୍ଯ୍ୟ କରିବା ପାଇଁ ଉପଦେଶ ଦେଇ ଥିଲେ। ଗ୍ରାହକ ସଦସ୍ୟତା ଅଭିଯାନକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟର ଅଧିବକ୍ତା ମହେନ୍ଦ୍ର ପ୍ରଧାନ ଯୋଗଦେଇ କଞ୍ଜୁମର ଓ ଆରଟିଆଇ ଆକ୍ଟ ଉପରେ ବିଶଦ ଭାବେ ଆଲୋଚନା କରିଥିଲେ। ଅବସରପ୍ରାପ୍ତ ଭିଜିଲାନ୍ସ ଅଧିକାରୀ ଅନ୍ତର୍ଯ୍ୟାମୀ ମହାନ୍ତି ଓ ପରିବେଶବିତ୍ ସୁକାନ୍ତ କୁମାର ଚୌଧୁରୀ ପରିବେଶ ସୁରକ୍ଷା, ପ୍ଲାଷ୍ଟିକ ବର୍ଜନ ଉପରେ ଟିପଣି ରଖିଥିଲେ। ଅନ୍ୟପକ୍ଷେ ଅଖିଳ ଭାରତୀୟ ଗ୍ରାହକ ପଞ୍ଚାୟତର ନୂତନ ଜିଲା କମିଟି ଘୋଷଣା କରାଯାଇଛି। ଅବସରପ୍ରାପ୍ତ ପୋଲିସ ଅଧିକାରୀ ଅଭିମନ୍ୟୁ ପରିଡାଙ୍କୁ ଜିଲା ସଭାପତି, ଅବସରପ୍ରାପ୍ତ ଭିଜିଲାନ୍ସ ଅଧିକାରୀ ମହାନ୍ତିଙ୍କୁ ଉପସଭାପତି,ସାମାଜିକ କର୍ମୀ ରମେଶ ସେଠୀଙ୍କୁ ସମ୍ପାଦକ, ସନ୍ତୋଷ ବିଶ୍ୱାଳଙ୍କୁ ସଙ୍ଗଠନ ସମ୍ପାଦକ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଅଧିବକ୍ତା ଯଜ୍ଞ ନାରାୟଣ ପାତ୍ର, ସାମାଜିକ କର୍ମୀ ଯୋଗେନ୍ଦ୍ର ପ୍ରଧାନ, ସାଧୁଚରଣ ମାଝୀ, ରମେଶ ବେହେରା, ମନ୍ଦାକିନୀ ସାହୁ ପ୍ରମୁଖଙ୍କୁ କର୍ମକର୍ତ୍ତା ଭାବେ ଚୟନ କରାଯାଇଛି। କାର୍ଯ୍ୟକ୍ରମକୁ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ନଗର ସଂଘ ଚାଳକ ଦୟାନିଧି ରଥ ପରିଚାଳନା କରିଥିଲେ। ପ୍ରକାଶ ଥାଉ କି ବୈଠକରେ ୮ଟି ବ୍ଲକରୁ ୫୧ ଜଣ କର୍ମକର୍ତ୍ତା ଯୋଗଦେଇଥିଲେ।



ସମାବେଶରେ ଯୋଗ ଦେଇଥିବା ଅତିଥି ଓ ବିଭିନ୍ନ ବ୍ଲକରୁ ଆସିଥିବା ଲୋକମାନେ।

## ପୂର୍ବ ତଟ ରେଳପଥ

(1)ଟେଣ୍ଡର ବିଜ୍ଞପ୍ତି ସଂ.eT-North-WAT-21-2024, ତା.12.08.2024ରିଖ

**କାର୍ଯ୍ୟର ନାମ:** "ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନସ୍ଥ କୋରାପୁଟ-ରାୟଗଡ଼ା ଲାଇନ୍‌ରେ 60 କି.ଗ୍ରା.(16 ରେ 1) PSC ଲେଆଉଟ୍-03 ସେଟ୍‌ର ନବୀକରଣ ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନସ୍ଥ ରାୟପୁର-ବିଜୟନଗରମ୍ ଲାଇନ୍‌ରେ ଅପ୍ ଲାଇନ୍‌ରେ କି.ମି.388.186 ଠାରୁ କି.ମି.407.563 ପର୍ଯ୍ୟନ୍ତ 19.377 Tkm ଲମ୍ବ ନିମନ୍ତେ ନୂଆ ଇଲାଷ୍ଟିକ୍ ଫାଷ୍ଟେନିଙ୍ଗ୍‌ସ ଦ୍ୱାରା ଥ୍ରୁ ଫାଷ୍ଟେନିଙ୍ଗ୍ ନବୀକରଣ ଏବଂ R.V. ଲାଇନ୍‌ରେ PSC ଲେଆଉଟ୍‌ରେ ନୂଆ 60 କି.ଗ୍ରା.(8 ½ ରେ 1) କର୍ଭଡ୍ ସୁଇଚ୍ ଏବଂ CMS କ୍ରସିଙ୍ଗ୍-17 ସେଟ୍ ଏବଂ CS+CMSC (12 ରେ 1)-10 ସେଟ୍ ଦ୍ୱାରା ଟର୍ଣ୍ଣଆଉଟ୍‌ର କମ୍ପ୍ଲିଟ୍ ନବୀକରଣ" ସମ୍ବନ୍ଧୀୟ ବିଭିନ୍ନ P.Way କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 1,50,93,353.25, EMD(ଟଙ୍କାରେ): 2,25,500/-।

(2)ଟେଣ୍ଡର ବିଜ୍ଞପ୍ତି ସଂ.eT-North-WAT-22-2024, ତା.12.08.2024ରିଖ

**କାର୍ଯ୍ୟର ନାମ:** "ୱାଲ୍ଟିୟର ମଣ୍ଡଳର ସହାୟକ ମଣ୍ଡଳ ଯନ୍ତ୍ରୀ/ଲକ୍ଷ୍ମୀପୁର ପରିସୀମା ଅଧୀନସ୍ଥ କୋରାପୁଟ-ରାୟଗଡ଼ା ଲାଇନ୍‌ରେ କୋରାପୁଟ-ସିଙ୍ଗାପୁର ରୋଡ୍ ମଧ୍ୟରେ ଏବଂ ସହାୟକ ମଣ୍ଡଳ ଯନ୍ତ୍ରୀ/ରାୟଗଡ଼ା ପରିସୀମା ଅଧୀନସ୍ଥ ରାୟପୁର-ବିଜୟନଗରମ୍ ଲାଇନ୍‌ରେ ସିଙ୍ଗାପୁର ରୋଡ୍-ବିଜୟନଗରମ୍ ମଧ୍ୟରେ 14.549 Tkm (ପ୍ୟାଚ୍ ଗୁଡ଼ିକରେ)ଲମ୍ବ ନିମନ୍ତେ RDSO ଡ୍ରଇଂ ନଂ. RDSO/T/7008 ଅନୁଯାୟୀ PSC-14 ସ୍ଲିପର ଏବଂ ନୂଆ 60 କି.ଗ୍ରା. 90 UTS ରେଲ୍ ଦ୍ୱାରା PSC-12 ସ୍ଲିପରରେ ଲାଗିଥିବା ବର୍ତ୍ତମାନର 52 କି.ଗ୍ରା. 90 UTS ରେଲ୍‌ର କମ୍ପ୍ଲିଟ ଟ୍ରାକ୍ ନବୀକରଣ (ସେକେଣ୍ଡାରୀ)" ସମ୍ବନ୍ଧୀୟ P.Way କାର୍ଯ୍ୟଗୁଡ଼ିକର ସମ୍ପାଦନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 3,42,71,089.39, EMD(ଟଙ୍କାରେ): 3,21,400/-।

କାର୍ଯ୍ୟ ଶେଷ ହେବା ଅବଧି: 12(ବାର) ମାସ (ଉଭୟ ଟେଣ୍ଡର ନିମନ୍ତେ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.05.09.2024ରିଖ 1500 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ)/ୱାଲ୍ଟିୟର
PR-436/P/24-25

See Career Appointment on every Wednesday & Saturday

## AUCTION SALE NOTIFICATION

This is for information to all concerned that inspite of our repeated Legal Notices and reminders of the Registered Owners.
1). M/S. KRISH COAL MOVERS, Vehicle- Bharat Benz (Truck), Regn. No.- OD23C9023, VIN No.- MEC2411BAGP024989, 2). M/S. KRISH COAL MOVERS, Vehicle- Bharat Benz (Truck), Regn. No.- OD23C9018, VIN No.- MEC2411BAGP025232, 3). Mr. Dillip Barik, Vehicle - Bharat Benz (Truck), Regn. No.- OD09C3732, VIN No.- MEC2241CBGP026298, 4). Mr. Sudhir Singh, Vehicle- Bharat Benz (Truck), Regn. No.- OD14H3448, VIN No.- MEC2241CEGP030706, 5). Mr. Sunil Kumar Barik, Vehicle- Volkswagen Polo Car, Regn. No.- OR02BG3653, VIN No.- WVWF1060XAT003714, are not come to take delivery.
The Vehicles are ready for **Auction Sale** to be hold on Dated **28.08.2024** between **10 AM to 4 PM** at M/S. **Shree Bharat Motors Ltd.**, N.H.-5, Pahal, Bhubaneswar - 752101.

## OFFICE THE ROURKELA MUNICIPAL CORPORATION, ROURKELA

INVITATION FOR BID
No. 10144 Dated : 16.08.24

**Bid Identification No. : MC/RMC/18/2024**

No.C-440 : The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/18/2024 for 09 Nos. Civil work with value of Rs. 5.58 lakh to 34.25 lakh.
1. Bid documents will be available in website www.tendersorissa.gov.in from 16.08.2024.
2. Bids must be submitted on "online" on or before 28.08.2024 by 17.00 hours.
3. Bids shall be opened at 11.00 hours on 29.08.2024 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in

**Sd./- Municipal Commissioner,**
**Rourkela Municipal Corporation**
OIPR-13131/11/0016/2425

## OFFICE OF THE MUNICIPAL COUNCIL, CHOUDWAR

Cuttack (Odisha) PIN - 754071
Phone No. : 0671-2394272(O), Fax No. : 0671-2394272
Letter No. : 2565 Date : 16.08.2024

**QUOTATION CALL NOTICE**

No.C-441 : Sealed quotations are invited from interested reputed firms/registered distributors/Manufacturers/Suppliers for supply of Two Nos. of 30 KVA, 3 Phase Silence DG Set to Choudwar Municipality for use of Office work. The detailed documents can be received from Electrical Section of Choudwar Municipality with effect from 11.00 A.M. of 20.08.2024 to 03.09.2024 (Excluding Holidays) during office hours on payment of Rs. 1000.00 (Rupees One Thousand only) towards paper cost in shape of Cash. All the documents shall be received at the office of the Executive Officer, Choudwar Municipality through Courier/Registered Speed post/by person on or before date 04.09.2024 up to 3.00 PM (Excluding Holidays). The quotations will be opened on the 04.09.2024 at 04.00 PM in presence of the quotationers or their authorized representatives. The quotation received beyond the schedule date and time will not be considered at all. The above quotation call notice also available in Choudwar Municipality website i.e. www.choudwarmunicipality.in. The undersigned has the rights to accept, cancel or reject any or all the quotation without assigning any reason thereof.

**Sd./- Executive Officer**
**Choudwar Municipality**
OIPR-13138/11/0002/2425

## Bhubaneswar Municipal Corporation

Phone:0674-2431253, Fax:0674-2432895,
Email:info@bmc.gov.in, Web:bmc.gov.in
No.33818 / Date.17.08.2024
XXXX-III-ENU-31/2023

### "ନଗରବନ୍ଧୁ" ନିମନ୍ତେ ବିଜ୍ଞପ୍ତି

### ସରସ ସବୁଜ ଭୁବନେଶ୍ୱର ପାଇଁ ଏକ ଆହ୍ୱାନ

**CAD:** ଭୁବନେଶ୍ୱର ମହାନଗର ନିଗମ ଆନୁକୁଲ୍ୟରେ ଏବଂ ପ୍ଲାଣ୍ଟ ଲଭର୍ସ ଆସୋସିଏସନ ଓ ଓଡ଼ିଶା ଏନଭାରମେଣ୍ଟ ସୋସାଇଟିର ମିଳିତ ସହଯୋଗରେ ସଚେତନ ନାଗରିକମାନଙ୍କୁ "ନଗରବନ୍ଧୁ" ସମ୍ମାନ ପ୍ରଦାନ କରାଯାଉଅଛି। ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳର ଯେଉଁ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନର ଭୁବନେଶ୍ୱର ପୌରାଞ୍ଚଳର ସୌନ୍ଦର୍ଯ୍ୟକରଣ, ଶକ୍ତି ଓ ଜଳ ସଂରକ୍ଷଣ, ପରିମଳ ତଥା ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ଅବଦାନ ରହିଛି ; ସେମାନଙ୍କୁ "ନଗରବନ୍ଧୁ" ଭାବରେ ଆସନ୍ତା ସ୍ୱାୟତ୍ତ ଶାସନ ଦିବସ-୩୧ ଅଗଷ୍ଟ ୨୦୨୪ରିଖ ଦିନ ସମ୍ମାନିତ କରାଯିବ। ଏହି ସମ୍ମାନ ନିମନ୍ତେ ବିଏମ୍ସିର ୬୭ ଟି ୱାର୍ଡ଼ ମଧ୍ୟରୁ ବ୍ୟକ୍ତି ତଥା ଶିକ୍ଷାନୁଷ୍ଠାନ ଏବଂ ଅନ୍ୟାନ୍ୟ ଅନୁଷ୍ଠାନଗୁଡ଼ିକ ମଧ୍ୟରୁ ଚୟନ କରାଯିବ।

ଏହି ସମ୍ମାନ ପାଇଁ ଯୋଗ୍ୟ ବ୍ୟକ୍ତି ବା ଅନୁଷ୍ଠାନ ସତ୍ୟ ନଗର କାଳୀ ମନ୍ଦିର ସମ୍ମୁଖ ସ୍ଥିତ ୟୁନିଟ-୯, ଭୁବନେଶ୍ୱର ମହାନଗର ନିଗମ ମୁଖ୍ୟ କାର୍ଯ୍ୟାଳୟର (LG Floor) ରେ ଥିବା ପରିବେଶ ଉପବିଭାଗରୁ ଦରଖାସ୍ତ ଫର୍ମ ସଂଗ୍ରହ କରି ଫର୍ମରେ ଦିଆଯାଇଥିବା ନିଜର / ଅନୁଷ୍ଠାନର ନାମ ଲେଖି ଆନୁସଙ୍ଗିକ ପ୍ରମାଣପତ୍ର ସହ ଦରଖାସ୍ତ ପ୍ରେରଣ କରିପାରିବେ କିମ୍ବା କେହି ତୃତୀୟ ପକ୍ଷ ସେମାନଙ୍କ ମନୋନୟନ ପତ୍ର ପଠାଇ ପାରିବେ। ତା ୨୩ ଅଗଷ୍ଟ ୨୦୨୪ ରିଖ ସନ୍ଧ୍ୟା ୫ ଘଟିକା ସୁଦ୍ଧା ନାମାଙ୍କନ ପହଞ୍ଚିବା ଆବଶ୍ୟକ। ନାମାଙ୍କନ ପଠାଇବାର ଠିକଣା - ପରିବେଶ ଉପବିଭାଗ, (LG Floor), ମୁଖ୍ୟ କାର୍ଯ୍ୟାଳୟ, (BMC ICOMC Tower), ଭୁବନେଶ୍ୱର ମହାନଗର ନିଗମ, ୟୁନିଟ-୯, ଭୁବନେଶ୍ୱର-୭୫୧୦୦୭।

ସ୍ୱା/- ଉପ ଆୟୁକ୍ତ
ଭୁବନେଶ୍ୱର ମହାନଗର ନିଗମ

### ନିମ୍ନଲିଖିତ ବିଷୟରେ ସଂକ୍ଷିପ୍ତ ବିବରଣୀ

୧. ନିର୍ଦ୍ଦିଷ୍ଟ ଅଞ୍ଚଳରେ ସବୁଜିକରଣ ପାଇଁ ନେଇଥିବା ପଦକ୍ଷେପ (ବୃକ୍ଷରୋପଣ କରାଯାଇଥିବା ଜାଗାର ନିର୍ଦ୍ଦିଷ୍ଟ ବିବରଣୀ ସହିତ)।
୨. ବିଦ୍ୟୁତ ଶକ୍ତି ସଞ୍ଚୟ ଏବଂ ଜଳ ସଂରକ୍ଷଣ କ୍ଷେତ୍ରରେ ଗ୍ରହଣ କରିଥିବା ପରିବେଶଧର୍ମୀ ପଦକ୍ଷେପ।
୩. ନିଜ ହତା ତଥା ଆଖପାଖ ଅଞ୍ଚଳରୁ ବାହାରୁଥିବା କଠିନ ଅଳିଆ / ଆବର୍ଜନା ଏବଂ ମଇଳା ପାଣି ପରିଚାଳନା ତଥା ପରିମଳ ବ୍ୟବସ୍ଥା ନିମନ୍ତେ ଗ୍ରହଣ କରିଥିବା ପଦକ୍ଷେପ।
୪. ପ୍ରାକୃତିକ ସମ୍ପଦ ସଂରକ୍ଷଣ ତଥା ପରିବେଶ ସୁରକ୍ଷା ନିମନ୍ତେ ନେଇଥିବା ପଦକ୍ଷେପ।
୫. ଦରଖାସ୍ତକାରୀଙ୍କର ଏହି କ୍ଷେତ୍ରକୁ ଅବଦାନ ନିମନ୍ତେ ପ୍ରାପ୍ତ ଅନ୍ୟାନ୍ୟ ପୁରସ୍କାର ଓ ସ୍ୱୀକୃତିର ବିବରଣୀ।
୬. ପୂର୍ବରୁ "ନଗରବନ୍ଧୁ" ସମ୍ମାନ କେବେ ପାଇଥିଲେ କି ?
୭. ସଦ୍ୟତମ ହୋଲଡିଂ ଟିକସ ଦେୟ ରସିଦ ନକଲ ସଂଲଗ୍ନ କରିବେ।

OIPR

## ସଂକ୍ଷେପରେ

### ଟେବୁଲ ଡ୍ରରେ ଥିବା ସର୍ପଦଂଶନରେ ଶିଶୁ ଗୁରୁତର

କାଳିଆପାଣି,୧୯।୮(ଅସିତ ମହାନ୍ତ): ଯାଜପୁର ଜିଲା କାଳିଆପାଣି ଥାନା ଅନ୍ତର୍ଗତ ଓସ୍ତିଆ ଗାଁର ଜଣେ ଶିଶୁ ସର୍ପ ଦଂଶନରେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛି। ସେ ହେଲେ କାଳିଆପାଣି ପଞ୍ଚାୟତ ଓସ୍ତିଆ ଗାଁର ମଙ୍ଗୁଲୁ ମହାନ୍ତଙ୍କ ପୁଅ ସତ୍ୟ। ସୋମବାର ସକାଳେ ଘରେ ଥିବା ଟେବୁଲ ଡ୍ରରୁ କୌଣସି ଜିନିଷ ବାହାର କରିବାକୁ ସତ୍ୟ ହାତ ପୂରେଇଥିଲେ। ତାଙ୍କ ହାତକୁ କିଏ କାମୁଡ଼ିବା ପରି ଲାଗିଥିଲା। ସେ ଡ୍ରରୁ ହାତ ବାହାରକୁ ଆଣିଥିଲେ। ହେଲେ ହାତରୁ ରକ୍ତ ବାହାରୁଥିଲା । ବାପା ମଙ୍ଗୁଲୁ ଟେବୁଲ ଡ୍ର ଖୋଲି ଦେଖିଲା ବେଳକୁ ତା'ଭିତରେ ଏକ ଚିତିସାପ ରହିଥିଲା। ସାପକୁ ମଙ୍ଗୁଲୁ ବାହାରେ ଫିଙ୍ଗିଦେବା ପରେ ସତ୍ୟକୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

### ଦଶରଥପୁରରେ ରକ୍ଷା ବନ୍ଧନ,ଗହ୍ମା ପୂର୍ଣ୍ଣିମା

ଝୁମ୍ପୁରୀ,୧୯।୮(ସରୋଜ ନାୟକ): ଦଶରଥପୁର ବ୍ଲକ୍‌ରେ ରକ୍ଷା ବନ୍ଧନ,ଗହ୍ମା ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ନାରୀଗାଁ ଜଗନ୍ନାଥ ମନ୍ଦିରରେ ସ୍ୱତନ୍ତ୍ର ନୀତିରେ ପୂଜାର୍ଚ୍ଚନା କରାଯାଇଥିଲା । ଦେବୀ ସୁଭଦ୍ରା ପ୍ରଭୁ ଜଗନ୍ନାଥ ଓ ବଳଭଦ୍ରଙ୍କ ହାତରେ ରାଖୀ ବାନ୍ଧିଥିଲେ । ଏଥିପାଇଁ ମନ୍ଦିରରେ ପ୍ରବଳ ଗହଳି ଲାଗି ରହିଥିଲା । ଏହି ଅବସରରେ ଗୋ–ମାତାଙ୍କୁ ପୂଜା କରାଯାଇଥିଲା । ବ୍ଲକ୍ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏହି ଅବସରରେ ବିରୁହାଁ ପଞ୍ଚାୟତସ୍ଥ ଶିରିପୁରା ଗ୍ରାମଠାରେ ବଜରଙ୍ଗ ଦଳ ବ୍ଲକ୍ ପ୍ରମୁଖ ପ୍ରଭୁଦେବ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ ଗୋ–ମାତାଙ୍କୁ ଏକାଠି କରି ସେମାନଙ୍କ ମଥାରେ ସିନ୍ଦୂର ଓ ଅରୁଆ ଚାଉଳ ଲଗାଇବା ସହ ରାକ୍ଷୀ ବାନ୍ଧି ପୂଜା କରାଯାଇଥିଲା । ଏଥିରେ ଶତାଧିକ ବଜରଙ୍ଗ ଦଳ କର୍ମୀ ଯୋଗଦେଇଥିଲେ। ସେହିପରି ପ୍ରତି ଘରେ ଭଉଣୀମାନେ ଭାଇମାନଙ୍କୁ ରାଖୀ ବାନ୍ଧିଥିଲେ ।

### ରକ୍ଷାବନ୍ଧନ ପାଇଁ ମିଠା ଦୋକାନ ଖାଲି

ପାଣିକୋଇଲି,୧୯।୮ (ବିକାଶ କୁମାର ମଲ୍ଲିକ): ସୋମବାର ରାଖୀ ପୂର୍ଣ୍ଣିମା ତଥା ବଳଦେବଙ୍କ ଜୟନ୍ତୀ ପାଇଁ ସବୁଠି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ସବୁଠି ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ବିଶେଷ କରି ମିଠା ଦୋକାନରେ ପ୍ରବଳ ଭିଡ ଜମିଥିଲା। ଦୋକାନ ଖୋଲିବାର କିଛି ଘଣ୍ଟା ଭିତରେ ମିଠା ବିକ୍ରି ଶେଷ ହୋଇଯାଇଥିଲା । ଫଳରେ ସହରର ଅଧିକାଂଶ ଦୋକାନରେ ମିଠା ନ ଥିବା ଦେଖିବାକୁ ମିଳିଥିଲା । ଏହି ଅବସରରେ ଭଉଣୀମାନେ ଭାଇମାନଙ୍କୁ ପୂଜାର୍ଚ୍ଚନା କରିବା ପରେ ରାଖୀ ବାନ୍ଧିଥିଲେ । ବିଭିନ୍ନ ଗାଁ ଓ ମଠ ମନ୍ଦିରରେ ବଳଦେବଙ୍କ ଜନ୍ମନୀତି ପାଳିତ ହୋଇଥିଲା। ସେଥିପାଇଁ ଗୋରୁମାନଙ୍କୁ ସକାଳୁ ପୋଖରୀ,ନାଳରେ ଗାଧୋଇ ପୂଜାର୍ଚ୍ଚନା କରାଯାଇଥିଲା । ସେମାନଙ୍କୁ ବିଭିନ୍ନ ପ୍ରକାର ପିଠା ଖାଇବାକୁ ଦିଆଯାଇଥିଲା ।

# ନିଶାମୁକ୍ତ ସମାଜ ଗଠନ ପାଇଁ ବରିଷ୍ଠ ନାଗରିକଙ୍କ ଶୋଭାଯାତ୍ରା

ସିଂହପୁର,୧୯।୮ (ଅନଙ୍ଗ ଉଦୟ ବେହୁରିଆ):



ନିଶାମୁକ୍ତ ଆନ୍ଦୋଳନରେ ସାମିଲ ହୋଇଥିବା ବରିଷ୍ଠ ନାଗରିକ ବୃନ୍ଦ ।

ନିଶା କେବଳ ଜଣଙ୍କୁ ନୁହେଁ ବରଂ ସମଗ୍ର ସମାଜକୁ ନଷ୍ଟ କରିଦିଏ । ନିଶା ପାଇଁ ଅନେକ ପରିବାର ଉଜୁଡ଼ିଯାଉଛି। ଦୁର୍ଘଟଣା ବୃଦ୍ଧି ପାଉଛି । ସମାଜରେ ଅନେକ ଅମାନୁଷିକ ଅପରାଧ ମଧ୍ୟ ଘଟୁଛି। ସୁସ୍ଥ ଓ ସୁନ୍ଦର ସମାଜ ଗଠନରେ ନିଶାର କୌଣସି ସ୍ଥାନ ନାହିଁ। ଯୁବପିଢ଼ି ନିଶାଠାରୁ ଦୂରେଇ ରହି ସୁନ୍ଦର ସମାଜ ଗଠନ ପାଇଁ ଜାଗ୍ରତ ହେବାକୁ ଆହ୍ୱାନ ଦେଇ ବିଞ୍ଝାରପୁର ବ୍ଲକ୍ ବାଲମୁକୁଳିସ୍ଥିତ ବରୁଣେଇଁ ବରିଷ୍ଠ ନାଗରିକ ସଂଘ ପକ୍ଷରୁ ସୋମବାର ନିଶା ନିବାରଣ ସଚେତନତା ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପବିତ୍ର ରକ୍ଷାବନ୍ଧନ ଅବସରରେ ଆୟୋଜିତ ଏହି ଶୋଭାଯାତ୍ରା ବିଭିନ୍ନ ପଞ୍ଚାୟତରେ ସଚେତନତା ସୃଷ୍ଟି କରିଥିଲା । ସଂଘର ମୁଖ୍ୟ କାର୍ଯ୍ୟାଳୟ ପରିସରରୁ ଉପସଭାପତି ଶ୍ରୀଧର ସାହୁ, ସମ୍ପାଦକ ନିରଞ୍ଜନ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ଶୋଭାଯାତ୍ରା ବାହାରି ଟିଣା, ବାଛୋଳ, ଫତେପୁର ଆଦି ପଞ୍ଚାୟତ ବୁଲି ବିଭିନ୍ନ ବର୍ଗର ଲୋକଙ୍କୁ ସଚେତନ କରାଯାଇଥିଲା। ଟିଣା ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ବିଟାରଶ୍ମି ମଲିକ ଏହି ସଚେତନତା ଶୋଭାଯାତ୍ରାକୁ ସ୍ୱାଗତ କରିବା ସହ ବରିଷ୍ଠ ନାଗରିକଙ୍କୁ ପୁଷ୍ପଗୁଚ୍ଛ ଉତ୍ତରୀୟ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବାଛୋଳ ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ କଳ୍ପନା ବେହେରା ଓ ଫତେପୁର ପଞ୍ଚାୟତ କାର୍ଯ୍ୟାଳୟଠାରେ ସରପଞ୍ଚ ମାଧବୀଲତା ସାହୁ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ । ବରିଷ୍ଠ ନାଗରିକ ସଂଘର ସଭ୍ୟ ସୁଧୀର ଆଚାର୍ଯ୍ୟ, ଉମାଶଙ୍କର ଗୁରୁ, ସଚ୍ଚିଦାନନ୍ଦ ଗୁରୁ, ସୁବାସ ଚନ୍ଦ୍ର ସ୍ୱାଇଁ, ସୁରେନ୍ଦ୍ର ପତି, ଡାକ୍ତର ବାସୁଦେବ ପଣ୍ଡା, କୃପାସିନ୍ଧୁ ପତି, ରବିନାରାୟଣ ସାମଲ, ଅର୍ଜୁନ ରାଉତ, ରାଜେନ୍ଦ୍ର ସାମଲ, କୀର୍ତ୍ତନ ସାହୁ, ପ୍ରଫୁଲ୍ଲ ବେହେରା, ବସନ୍ତ ସେଠୀ, ବ୍ରଜସୁନ୍ଦର ପରିଡ଼ା, ଜାଗିଲ ମଲିକ, ବ୍ରହ୍ମାନନ୍ଦ ସାହୁ, ବିଜୟ ସାମଲ, ରବୀନ୍ଦ୍ର ମଲିକ, ସହଦେବ ସେଠୀ, ବନମାଳୀ ବେହେରା ପ୍ରମୁଖ ବରିଷ୍ଠ ନାଗରିକ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

# ବିଞ୍ଝାରପୁର ବିଜେଡି, ଭାଜପାର ରକ୍ଷାବନ୍ଧନ ଉତ୍ସବ

ସିଂହପୁର,୧୯।୮ (ଅନଙ୍ଗ ଉଦୟ ବେହୁରିଆ): ବିଞ୍ଝାରପୁର ବ୍ଲକ୍ ଫତେପୁରର ଏକ ମଣ୍ଡପରେ ବିଞ୍ଝାରପୁର ବିଜେଡି ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଞ୍ଝାରପୁର ବିଧାୟିକା ତଥା ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଯୋଗଦେଇ ବିଭିନ୍ନ ପଞ୍ଚାୟତରୁ ଆସିଥିବା ବିଜେଡି କର୍ମୀମାନଙ୍କ ହାତରେ ରାଖୀ ବାନ୍ଧି ଶୁଭ ମନାସିଥିଲେ । ବ୍ଲକ୍ ଅଧ୍ୟକ୍ଷା ରଞ୍ଜିତା ଦାସ ଓ ଫତେପୁର ସରପଞ୍ଚ ମାଧବୀଲତା ସାହୁ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ସାମାଜିକ କର୍ମୀ କୈଳାସ ସେଠୀ, ଜିଲା ପରିଷଦ ନନ୍ଦକିଶୋର ସାମଲ, ଖଗେଶ୍ୱର ମହାନ୍ତି, ମୁକ୍ତିକାନ୍ତ ସାମଲ, ଦର୍ପନାରାୟଣ ଦାସ, ସୁଶାନ୍ତ ରାଉତରାୟ, ରବୀନ୍ଦ୍ର ପରିଡ଼ା, ମାନସ ରଞ୍ଜନ କବି, ସାଧୁଚରଣ ମଲିକ, ରମେଶ ଗୁରୁ, କାଜଲ ସାହୁ, ବଟକୃଷ୍ଣ ନାୟକ, ରାଧାକାନ୍ତ ମଲିକ, ସୁବାସ ମଲିକ ପ୍ରମୁଖଙ୍କ ହାତରେ ବିଧାୟିକା ରାଖୀ ବାନ୍ଧିଥିଲେ ।

ସେହିପରି ବିଞ୍ଝାରପୁର ଭାଜପାର ବରିଷ୍ଠ ନେତ୍ରୀ ବବିତା ମଲିକ ମଧ୍ୟ ସିଂହପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ରକ୍ଷାବନ୍ଧନ କାର୍ଯ୍ୟକ୍ରମରେ ଯୋଗଦେଇ ଭାଜପା କର୍ମୀମାନଙ୍କ ହାତରେ ରାଖୀ ବାନ୍ଧି ସେମାନଙ୍କ ଦୀର୍ଘାୟୁ କାମନା କରିଥିଲେ । ନିରଞ୍ଜନ ବେଉରିଆ, ଭୁବନାନନ୍ଦ ସାମଲ, ଜ୍ୟୋତିପ୍ରକାଶ ନାୟକଙ୍କ ସମେତ ବହୁ ଭାଜପା କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ।

# ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ



ଅଖିଳଚକ୍ର କର୍ମକର୍ତ୍ତାମାନେ ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ।

ପ୍ରୀତିପୁର,୧୯।୮ (ସୁଶାନ୍ତ ବେହୁରିଆ): ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ସୋମବାର ବିଞ୍ଝାରପୁର ବ୍ଲକ୍ ବରୁଣେଶ୍ୱର ମହାବିଦ୍ୟାଳୟ ପରିସରରେ ଅଖିଳ ଚକ୍ର ପକ୍ଷରୁ ପାଳିତ ହୋଇଯାଇଛି । ସହକାରୀ ସମ୍ପାଦକ ଗୌରାଙ୍ଗ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅତିଥିମାନେ ମେହେରଙ୍କ କାବ୍ୟ କବିତା ଓ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। ସହ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା,ପୀତାମ୍ବର ସ୍ୱାଇଁ, ରଞ୍ଜନ ଧଳ, ଆଡଭୋକେଟ ମାନଗୋବିନ୍ଦ ଧଳ, ଶରତ ଚନ୍ଦ୍ର ମିଶ୍ର, ସତ୍ୟଶେଖର ଦାସ, ଶରତ ଚନ୍ଦ୍ର ସାମଲ, ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ଗଙ୍ଗାଧରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ହରେକୃଷ୍ଣ ପଣ୍ଡା ଗଙ୍ଗାଧରଙ୍କ କାବ୍ୟକବିତା ଉପରେ ଆଜିର କବିମାନେ ଅନୁଶୀଳନ କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ଅନୁଷ୍ଠାନର ସଦସ୍ୟମାନେ ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ ।

# ନଡ଼କା ନାଳରୁ ନିଖୋଜ ବୃଦ୍ଧଙ୍କ ମୃତଦେହ ମିଳିଲା



ବୃଦ୍ଧଙ୍କ ମୃତଦେହ ରଖି ଗ୍ରାମବାସୀ ରାସ୍ତା ଅବରୋଧ କରିଛନ୍ତି ।

### ଉତ୍ତେଜନା, ମୃତଦେହ ରଖି ରାସ୍ତା ଅବରୋଧ

ପ୍ରୀତିପୁର,୧୯।୮ (ସୁଶାନ୍ତ ବେହୁରିଆ): ଯାଜପୁର ଜିଲା ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ଉଡ଼ରଙ୍ଗ ପଞ୍ଚାୟତ ସାଇଁକୁଳ ଗ୍ରାମର ନଟବର ସେଠୀ(୬୦) ରବିବାରଠାରୁ ନିଖୋଜ ଥିଲେ । ବୃନ୍ଦାବନପୁର ଗ୍ରାମର ନଡ଼କା ନାଳ ପୋଲ ପାରି ହେଉଥିବାବେଳେ ନାଳକୁ ଖସିପଡ଼ି ନିଖୋଜ ହୋଇଯାଇଥିବା ଅନୁମାନ କରାଯାଉଥିଲା । ଏ ସମ୍ପର୍କରେ ଖବର ପାଇ ଦଶରଥପୁର ଅଗ୍ନିଶମ ବାହିନୀ ରବିବାର ସନ୍ଧ୍ୟା ପର୍ଯ୍ୟନ୍ତ ନାଳରେ ପଶି ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କୁ ପାଇ ନ ଥିଲେ । ସୋମବାର ଭୋର ସମୟରେ ଗ୍ରାମବାସୀ ନଡ଼କା ନାଳରେ ତାଙ୍କ ମୃତଦେହ ଭାସୁଥିବା ଦେଖି ବାହାର କରିଥିଲେ। ଏହାପରେ ଗ୍ରାମବାସୀ ରାହସୋଇରୁ ଉଡ଼ରଙ୍ଗକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଉପରେ ମୃତଦେହ ରଖିବା ସହ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଦଶରଥପୁର ଥାନା ଆଇଆଇସି ବଦ୍ରିକାନାଥ ବେହେରା ପହଞ୍ଚି ଯଥାଶୀଘ୍ର ସେତୁ କାମ ଶେଷହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ ।

ସୂଚନାଯୋଗ୍ୟ, ନଡ଼କା ସେତୁର ମରାମତି କାମ ଗତ ୧ବର୍ଷ ହେବ ଚାଲିଛି । ଏଥିପାଇଁ ସେତୁର ସୁରକ୍ଷା ବାଡ଼ାକୁ ଠିକାଦାର ଭାଙ୍ଗିଦେଇଥିବାରୁ ଅଧିକାଂଶ ସମୟରେ ଏପରି ଦୁର୍ଘଟଣା ଘଟୁଛି। ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କୁ ବାରମ୍ବାର ଅଭିଯୋଗକଲେ ମଧ୍ୟ ଉକ୍ତ ସମସ୍ୟାର ସମାଧାନ ହେଉନାହିଁ । ଫଳରେ ଗ୍ରାମବାସୀ ସେତୁ ଉପରେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି । ନଟବର ସେହି ସେତୁରୁ ନାଳକୁ ଖସିପଡ଼ି ପ୍ରାଣ ହରାଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି ।

### ବଜ୍ରପାତରେ ଯୁବକ ଗୁରୁତର

କାଳିଆପାଣି,୧୯।୮(ଅସିତ ମହାନ୍ତ): ଯାଜପୁର ଜିଲା ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ରାଂଶୋଳ ପଞ୍ଚାୟତ ବରଗଜି ଗାଁରେ ରବିବାର ବଜ୍ରପାତ ଘଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ରଞ୍ଜିତ ମୁଣ୍ଡା । ଘଟଣା ଦିନ ପରମେଶ୍ୱର ମୁଣ୍ଡାଙ୍କ ଘର ଉପରେ ବଜ୍ରପାତ ହୋଇଥିଲା। ବାରଣ୍ଡାରେ ବସିଥିବା ତାଙ୍କ ପୁଅ ରଞ୍ଜିତ ଗୁରୁତର ହୋଇଥିଲେ । ଏହି ସମୟରେ ଗାଁରେ ଥିବା ରାଂସୋଳ ପଞ୍ଚାୟତ ସରପଞ୍ଚ କନକଲତା ସର୍ଦ୍ଦାର ପହଞ୍ଚି ଟାଟା ଷ୍ଟିଲ୍ ଆମ୍ବୁଲାନ୍ସରେ ରଞ୍ଜିତଙ୍କୁ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତିକରିଥିଲେ। ଏବେ ରଞ୍ଜିତଙ୍କ ଅବସ୍ଥା ଭଲ ଅଛି ବୋଲି ପରିବାର ଲୋକେ କହିଛନ୍ତି ।

### ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ରକ୍ଷାବନ୍ଧନ

ବଡ଼ଚଣା,୧୯।୮(ଦିଲୀପ କୁମାର ମହାନ୍ତି): ସୋମବାର ବଡ଼ଚଣା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟରେ ମହାସମାରୋହରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଭଉଣୀ ମାନସୀ, ସୁଧା, ସରୋଜିନୀ, ପଦ୍ମା, ସୁମିତ୍ରା ପ୍ରମୁଖଙ୍କ ସହିତ ଭାଇ ସରୋଜ , ଶରତ, ପ୍ରବୋଧ, କୁନାନନ୍ଦ, ଦୟାନିଧି ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମାନସୀ ସମସ୍ତଙ୍କ ହାତରେ ରାଖୀ ବାନ୍ଧି ସୁଖମୟ ଜୀବନ କାମନା କରିଥିଲେ ।

# ନବୀନଙ୍କୁ ସାକ୍ଷାତ କଲେ ପୂର୍ବତନ ବିଧାୟକଙ୍କ ୨ ପୁଅ



ନବୀନଙ୍କ ସହ ପୂର୍ବତନ ବିଧାୟକ ରବି ଲାବଣ୍ୟଙ୍କ ୨ ପୁଅ ।

ଧର୍ମଶାଳା,୧୯।୮ (ବଟକୃଷ୍ଣ ପରିଡ଼ା): ବିଜୁ ବାବୁଙ୍କ ଘନିଷ୍ଠ ରାଜନୈତିକ ସହଯୋଗୀ ତଥା ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ବିୟୋଗରେ ପ୍ରକାଶ ପାଇଥିବା ସ୍ମରଣିକା 'ସ୍ୱାଭିମାନ' ବିଜେଡି ସଭାପତି ତଥା ବିରୋଧି ଦଳର ନେତା ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଛି। ସ୍ୱର୍ଗତ ରବି ଲାବଣ୍ୟଙ୍କ ଦୁଇ ପୁଅ ପ୍ରାଧ୍ୟାପକ ବଳଭଦ୍ର ଦାଶ ଏବଂ ଆଇନଜୀବୀ ଶ୍ୟାମପ୍ରସାଦ ଦାଶ ନବୀନ ନିବାସଠାରେ ନବୀନଙ୍କୁ ସାକ୍ଷାତ କରି ସ୍ୱାଭିମାନ ପତ୍ରିକାକୁ ପ୍ରଦାନ କରିଥିଲେ । ସ୍ୱର୍ଗତ ଲାବଣ୍ୟ ବିଜୁ ବାବୁଙ୍କ ଜଣେ ଦୃଢ ସମର୍ଥକ ଥିଲେ । ତାଙ୍କ ବିୟୋଗରେ ଦଳ ଜଣେ ନିଷ୍ଠାପର କର୍ମୀଙ୍କୁ ହରାଇଥିଲା ବୋଲି ନବୀନ କହିଥିଲେ । ଆସନ୍ତା ଅକ୍ଟୋବରରେ ସ୍ୱର୍ଗତ ଲାବଣ୍ୟଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅନୁଷ୍ଠିତ ହେବ । ଏଥିରେ ଯୋଗଦେବା ପାଇଁ ଲାବଣ୍ୟଙ୍କ ଦୁଇ ପୁତ୍ର ନବୀନଙ୍କୁ ଅନୁରୋଧ କରିଥିଲେ।

# ରାଧାରାହାସ ବିହାରୀଙ୍କ ଝୁଲଣ ଯାତ୍ରା ଉଦ୍‌ଯାପିତ



ଧର୍ମଶାଳା,୧୯।୮ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଚୋରମୁହାଁ ଗ୍ରାମର ଇଷ୍ଟ ଦେବତା ଶ୍ରୀରାହାସ ବିହାରୀଙ୍କ ଝୁଲଣ ଯାତ୍ରା ରବିବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ୫ଦିନ ବ୍ୟାପୀ ଠାକୁରଙ୍କ ଝୁଲଣ ସମ୍ମୁଖରେ ଭଜନକୀର୍ତ୍ତନ ଅନୁଷ୍ଠିତ ହେବା ସହ ଗାଁରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ମନ୍ଦିର ଓ ଗ୍ରାମର ବିଭିନ୍ନ ଛକକୁ ରଙ୍ଗୀନ ଆଲୋକମାଳାରେ ସଜା ଯାଇଥିଲା । ଜାତି ଧର୍ମବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏହି ଝୁଲଣ ଯାତ୍ରାରେ ସାମିଲ ହୋଇ ପ୍ରଭୁଙ୍କ କୃପାଲାଭ କରିଥିଲେ । ଏହି ଉତ୍ସବକୁ ଗ୍ରାମର ଉତ୍ସାହୀ ଯୁବକମାନେ ପରିଚାଳନା କରିଥିଲେ ।

# ସ୍ୱଭାବ କବିଙ୍କ ସାହିତ୍ୟକୃତି ସର୍ବଦା ଅମ୍ଳାନ୍

ଧର୍ମଶାଳା,୧୯।୮ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ପଞ୍ଚାୟତ ନରସିଂହପୁରସ୍ଥିତ ପଞ୍ଚାୟତ ହାଇସ୍କୁଲରେ ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ୧୬୩ତମ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି କାହ୍ନୁ ଚରଣ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ସ୍କୁଲର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ପ୍ରଧାନ ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ କବି ଡ. ରବିନ୍ଦ୍ର ବିହାରୀ ଯୋଗଦେଇ ମେହେରଙ୍କ ସାହିତ୍ୟ ଦିଗ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ଗ୍ରନ୍ଥକାର ମନୋରଞ୍ଜନ ମହାନ୍ତି ଯୋଗଦେଇ ମେହେରଙ୍କ ତପସ୍ୱିନୀ କାବ୍ୟ ଉପରେ ଆଲୋଚନା କରିବା ସହ ତାଙ୍କର ସାହିତ୍ୟକୃତି ସର୍ବଦା ଅମ୍ଳାନ୍ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଓ ଅଧ୍ୟାପକ ପ୍ରଭାତ କୁମାର ତ୍ରିପାଠୀ ଯୋଗଦେଇ ମହେରଙ୍କ ସାହିତ୍ୟ ଓ ରକ୍ଷାବନ୍ଧନ ଉପରେ ଅଲୋକପାତ କରିଥିଲେ । କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ । ସାଧାରଣ ସମ୍ପାଦକ ଡ. ପ୍ରଶାନ୍ତ କୁମାର ସ୍ୱାଇଁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସୁଶ୍ରୀ ସାଇକୃପା ଓ ଋତୁପର୍ଣ୍ଣା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ ଗଙ୍ଗାଧରଙ୍କ କବିତା ଆବୃତି କରାଯାଇଥିଲା । କବି ବିଜୟ କୁମାର ଦେବତା, ସବିତା ମିଶ୍ର ଓ ଗଣେଶ୍ୱର ବେହେରା ସଂଯୋଜନା କରିଥିଲେ । କବି ପଦ୍ମଜା ଶରଣ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ପ୍ରେମଲତା ମହାରଣା ମିନତୀ ସାହୁ, ସରୋଜିନୀ ପଣ୍ଡା ରାଜେଶ୍ୱରୀ ବେହେରା, ସତ୍ୟାନନ୍ଦ ପ୍ରଧାନ, ଯୁଗଳ କିଶୋର ଦାସ, ଦିନବନ୍ଧୁ ତ୍ରିପାଠୀ, ଗୋଲକ ଚନ୍ଦ୍ର ପଲେଇ, ଅଙ୍କିତା ମହାରଣା, ସସ୍ମିତା ସାହୁ,ଇତିଶ୍ରୀ ପଣ୍ଡା, ଶୁଭକାନ୍ତ ନାୟକ, ଗାୟତ୍ରୀ ସେଠୀ, ସ୍ୱାଧୀନଲିପ୍ସା ସାହୁ ପ୍ରମୁଖ କବିତା ଆବୃତ୍ତି କରିଥିଲେ । ଶିକ୍ଷକ ଅରବିନ୍ଦ ଦାସ ଧନ୍ୟବାଦ ଦେଇଥିଲେ ।



ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଉତ୍ସବରେ ମଞ୍ଚାସୀନ ଅତିଥି ।

# ସ୍ୱାଧୀନତା ସଂଗ୍ରାମରେ ବରୀବାସୀଙ୍କ ଅବଦାନ ଅତୁଳନୀୟ

### ୮୨ତମ ଶହୀଦ ଦିବସ ପାଳିତ

ବରୀ,୧୯।୮ (ମହେନ୍ଦ୍ର ସ୍ୱାଇଁ): ଯାଜପୁର ଜିଲା ବରୀ ବ୍ଲକ୍ ଅଧୀନ କଳାମାଟିଆ ଶହୀଦ ପୀଠରେ ୮୨ତମ ଶହୀଦ ଦିବସ ସୋମବାର ପାଳିତ ହୋଇଯାଇଛି । ଶହୀଦ ପୀଠ ଚାରିଟେବୁଲ ଟ୍ରଷ୍ଟର ଆବାହକ ଶୁକଦେବ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଦେବପ୍ରସାଦ ସାମଲ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲିକ, ମୁଖ୍ୟବକ୍ତା ଭାବେ ବରିଷ୍ଠ ଖବରଦାତା ପ୍ରଦ୍ୟୁମ୍ନ ଶତପଥୀ, ସମ୍ମାନନୀୟ ଅତିଥି ଜିଲା ପରିଷଦ ସଭ୍ୟ ସନ୍ତୋଷ ସାମଲ, ଅବସରପ୍ରାପ୍ତ ସେନା କର୍ମଚାରୀ ଗୟାଧର ଦାସ ଓ ସାମାଜିକ କର୍ମୀ ଅଞ୍ଜନା ଧଳ ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ଅତିଥି ବିଧାୟକ ମଲିକ କହିଲେ, ବରୀ ସଂଗ୍ରାମୀ ମାଟିର ଦାୟାଦ ହିସାବରେ ସେ କେବେ କର୍ତ୍ତବ୍ୟ କରିବାରେ ଅବହେଳା କରିବେ ନାହିଁ। ଶହୀଦମାନଙ୍କ ତୈଳ ଚିତ୍ର ଜିଲା ସଂସ୍କୃତି ଭବନରେ କିଭଳି ଭାବେ ସ୍ଥାନିତ ହେବ ଓ ରାଜ୍ୟସ୍ତରରେ ଏହା ସ୍ୱତନ୍ତ୍ର ମାନ୍ୟତା ପାଇବ ସେଥିପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଶହୀଦ ପୀଠର ବିକାଶ ପାଇଁ ବରୀର ଯେଉଁ ବନ୍ଧୁମାନେ ରାଜ୍ୟ ବାହାରେ ଅଛନ୍ତି ସେମାନେ ଆର୍ଥିକ ସହାୟତା ଯୋଗାଇଦେବାକୁ ସେ ଅନୁରୋଧ କରିଥିଲେ । ଏଥିପାଇଁ ବିଧାୟକ ୨ ମାସର ଦରମା ପ୍ରଦାନ କରିବେ ବୋଲି କହିଛନ୍ତି । ମୁଖ୍ୟବକ୍ତା ଶତପଥୀ କହିଲେ, ଏହି ମାଟିର ବାସ୍ନା, ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ପୂଜ୍ୟପୂଜାକୁ ସମ୍ମାନଦେବା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି । ଭାରତ ଛାଡ଼ ଆନ୍ଦୋଳନରେ ଯୋଗଦେଇ ଏହି ମାଟିର ସନ୍ତାନ ସାଉଁଟି ମଲିକ, ସାନନ୍ଦ ସ୍ୱାଇଁ, ହାଡ଼ିବନ୍ଧୁ ପଣ୍ଡା ଓ ମାୟାଧର ଭୂୟାଁ ବ୍ରିଟିଶ ଗୁଳିରେ ଶହୀଦ ହୋଇଥିଲେ। ସେହିଦିନକୁ ସ୍ମରଣକରି ପ୍ରତିବର୍ଷ କଳାମାଟିଆ ଶହୀଦ ପୀଠରେ ଶହୀଦ ଦିବସ ପାଳନ କରାଯାଉଛି । ସ୍ୱାଧୀନତା ଆନ୍ଦୋଳନରେ ବରୀର ଦାନ ଅତୁଳନୀୟ ବୋଲି ସେ ମତବ୍ୟକ୍ତ କରିଥିଲେ ।



ଶହୀଦ ଦିବସ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ ।

ଚଳିତ ବର୍ଷ ଶହୀଦ ସ୍ମାରକୀ ସମ୍ମାନ ପ୍ରଦ୍ୟୁମ୍ନ କର, ନୀଳମଣି ସାମଲ,ଗିରୀଶ କୁମାର ମିଶ୍ର ଓ ଅଶୋକ କୁମାର ସାହୁଙ୍କୁ ପ୍ରଦାନ କରାଯାଇଥିଲା ବେଳେ ମେଧା ସମ୍ମାନ ସିପ୍ରା ରାୟଙ୍କୁ ପ୍ରଦାନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ମିତାଲି ପାଳିତ, ସ୍ମୃତିରଞ୍ଜନ ଧଳ,ସୁକାନ୍ତ ଧଳ, ପ୍ରଶାନ୍ତ ରାଉତ, ସନ୍ତୋଷ ପାତ୍ରଙ୍କ ସମେତ କଳାମାଟିଆ ପଞ୍ଚାୟତର ଯୁବକମାନେ ସହଯୋଗ କରିଥିଲେ।

# ବ୍ରାହ୍ମଣୀ ନଦୀ ସୁବଳପୁରଠାରେ ଅତଡ଼ା ଖସୁଛି

ପଟ୍ଟାମୁଣ୍ଡାଇ,୧୯।୮ (କଳ୍ପତରୁ ନାୟକ)



କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅଳପୁଆ ପଞ୍ଚାୟତ ଦାମୋଦରପାଟଣା, ସୁବଳପୁର, ମଣିରାମପୁର ପ୍ରଭୃତି ଗ୍ରାମଗୁଡିକ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ। ଏବେ ନଦୀ ତା'ର ଗତିପଥ ବଦଳାଇ ଗାଁ ମୁହାଁ ହେଉଥିବା ଦେଖି ଗ୍ରାମବାସୀ ଆତଙ୍କିତ ହୋଇପଡିଛନ୍ତି। ଗାଁର ଚାଷଜମି ଏବେ ନଦୀ ଗର୍ଭରେ ହଜିବାକୁ ବସିଲାଣି। ନଦୀ ପାର୍ଶ୍ୱରେ ନିର୍ମାଣ ହୋଇଥିବା ପଥରପ୍ୟାକିଂ ନଷ୍ଟ ହେଉଥିବା ନେଇ ସ୍ଥାନୀୟ ବାସିନ୍ଦା ବାରମ୍ବାର ତଟବନ୍ଧ ବିଭାଗର ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଅଭିଯୋଗ ହୋଇଛି।

ଅଳପୁଆ ଗ୍ରାମର ସାମାଜିକ କର୍ମୀ ନରେନ୍ଦ୍ର ଧଳ କହିଛନ୍ତି, ନଦୀ କୂଳ ଲଘିଂବା ପ୍ରସଙ୍ଗରେ ଆଳି ତଟବନ୍ଧ ବିଭାଗୀୟ ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ କେହି ମୁଣ୍ଡ ଖେଳାଉନାହାନ୍ତି। ତେବେ ଆଗକୁ ବ୍ରାହ୍ମଣୀ ନଦୀରେ ବନ୍ୟା ଆସିବ। ବ୍ରାହ୍ମଣୀ ବନ୍ୟା ସମୟରେ ଏହି ଅଞ୍ଚଳ ଲୋକଙ୍କ ଆଖିରୁ ନିଦ ହଜିଯାଇଥାଏ। ଯଦି ନଦୀରେ ୨୦ ଫୁଟରୁ ଅଧିକ ବନ୍ୟା ଜଳ ଆସେ ଲୋକେ ନାହିଁ ନ ଥିବା ଅସୁବିଧାରେ ରାତ୍ରି କାଟିଥାନ୍ତି। ସମିତିସଭ୍ୟ ରାମଚନ୍ଦ୍ର ସେଠୀ କହିଛନ୍ତି, ବ୍ରାହ୍ମଣୀ ନଦୀର ଦକ୍ଷିଣପାର୍ଶ୍ୱ ପଟ୍ଟାମୁଣ୍ଡାଇ ଜଳସମ୍ପଦ ବିଭାଗ ନଦୀ ବନ୍ଧକୁ ପଥର ପ୍ୟାକିଂ କରାଯାଇ ସୁଦୃଢ଼ କରାଯାଉଛି। କିନ୍ତୁ ବାମପାର୍ଶ୍ୱ ନଦୀବନ୍ଧ ତଟବନ୍ଧ ବିଭାଗ ଅଧୀନରେ ରହିଛି। ଏଠାରେ ପ୍ରତିବର୍ଷ ଅତଡା ଖାଉଥିବା ନେଇ ଆଳି ତଟବନ୍ଧ ବିଭାଗରେ ଗ୍ରାମବାସୀ ଅଭିଯୋଗ କରି ଆସୁଛନ୍ତି। ମାତ୍ର ତଟବନ୍ଧ ବିଭାଗ ଏଠାରେ ପଥର ଗୋଟିଏ ନ ପକାଇ ପ୍ୟାକିଂ କରିଥିବା ଦର୍ଶାଇ ଫଲ୍ସ ବିଲ୍ କରି ନେଉଥିବା ଅଭିଯୋଗ ହେଉଛି। ଦାମୋଦରପାଟଣା ବୁଦ୍ଧିଜୀବୀ ଗଗନ ମାହାଳିକ, ରଶ୍ମିକାନ୍ତ ବେହେରା କହିଛନ୍ତି, ବ୍ରାହ୍ମଣୀ ବାମପାର୍ଶ୍ୱ ନଦୀ ଦାମୋଦରପାଟଣା ନଦୀ ଖାଦାନରୁ ବେଆଇନ ବାଲି ଉଠାଣ ଯୋଗୁ ବନ୍ଧ ଦୁର୍ବଳ ହେବାରେ ଲାଗିଛି। ଏ ସମ୍ପର୍କରେ ବାରମ୍ବାର ତହସିଲଦାରଙ୍କୁ ଅଭିଯୋଗ କରିବା ସହ ଧାରଣା ମଧ୍ୟ ଦିଆଯାଇଥିଲା। କିନ୍ତୁ କେବଳ ପ୍ରତିଶ୍ରୁତି ମିଳିଛି, କୌଣସି

■ ବାରମ୍ବାର ଅଭିଯୋଗ ପରେ ଫଳ ଶୂନ
■ ବନ୍ୟା ଆଶଙ୍କାରେ ସ୍ଥାନୀୟ ଲୋକେ
■ ବିଭାଗ ପ୍ରତିବର୍ଷ ପ୍ରତିଶ୍ରୁତି ଦେଉଛି

ପଦକ୍ଷେପ ନିଆଯାଉନାହିଁ। ଏଠାରୁ ବାର୍ଷିକ ଲକ୍ଷାଧିକ ଟ୍ରିପ୍ ବାଲି ଚାଲାଣ ହେବାଦ୍ୱାରା ନଦୀ ବନ୍ଧ ଦୁର୍ବଳ ହେଉଛି। ଯଦି ବନ୍ୟା ସମୟରେ ନଦୀ ବନ୍ଧ ଭାଙ୍ଗିଯାଏ ତାହା ହେଲେ ହଜାର ହଜାର ଲୋକଙ୍କ ଜୀବନ ଓ ଜୀବିକା ନଷ୍ଟ ହେବା ଆଶଙ୍କା ପ୍ରକାଶ ପାଇଛି। ତେଣୁ ଏଥିପାଇଁ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ସେ କହିଛନ୍ତି। ମଣିରାମପୁର ଗାଁର କିଶୋର ରାଉତ କହିଛନ୍ତି, ଲଗାଣବର୍ଷା ହେଲେ ବ୍ରାହ୍ମଣୀ ନଦୀ ଫୁଲୁଥିବା ବେଳେ କୂଳଖାଇ ମାଟି ଅତଡା ଖସୁଛି। ପ୍ରତିବର୍ଷ ନଦୀ ଗତିପଥ ପରିବର୍ତ୍ତନ କରି ଗାଁ ଆଡ଼କୁ ମାଡ଼ି ଆସୁଛି। ଫଳରେ ଲୀନ ହେବାକୁ ବସିଲାଣି ଲୋକଙ୍କ ଘରଦ୍ୱାର, ଚାଷଜମି। ସୁବଳପୁର ଗାଁର ୩୦ ପରିବାରଙ୍କ ଡିଅପାଖକୁ କୂଳ ଖାଇ ମାଡି ଆସିଛି। ଅନେକଙ୍କ ଚାଷଜମି ନଦୀରେ ମିଶି ଗଲାଣି। ଅଧିକାଂଶ ଲୋକଙ୍କ ଜୀବିକା ଚାଷବାସ ହୋଇଥିଲେ ବି ନଦୀକୂଳ ଖାଉଥିବାରୁ ଜମିକୁ ପଡ଼ିଆ ପକାଇଛନ୍ତି। କିଛିବର୍ଷ ତଳେ ନଦୀ ୩ ଶହ ମିଟର ଦୂରରେ ଥିବାବେଳେ ୨ ବର୍ଷ ହେଲା ମାଟି ଧସି ୫୦ ମିଟରରେ ପହଞ୍ଚିଛି। ସ୍ଥାୟୀ ସମାଧାନ ନେଇ ଗାଁ ଲୋକ ପ୍ରଶାସନକୁ ଜଣାଇଥିଲେ ବି ସୁଫଳ ମିଳୁନାହିଁ। ସ୍ଥାନୀୟ ଲୋକେ କହିଛନ୍ତି, ବ୍ରାହ୍ମଣୀ ନଦୀରେ ବନ୍ୟା ଆସିଲେ ବନ୍ୟା ନିରୋଧକ ବନ୍ଧ ଭିତରେ ବସବାସ କରୁଥିବା ଲୋକେ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ବିଶେଷକରି ସୁବଳପୁରଠାରୁ ବିଦୁପା ପର୍ଯ୍ୟନ୍ତ ଲୋକେ ପୂର୍ବ କଥା ମନେପକାଇ ଆତଙ୍କିତ ହୋଇପଡୁଛନ୍ତି। ଅତୀତରେ ପ୍ରାୟ ଦେଢ଼ କିମି ବ୍ୟାପୀ ମନେଇଘାଇ ଭାଙ୍ଗିବା ଘଟଣା ଲୋକଙ୍କ ମନରୁ ଲିଭିନାହିଁ। ମନେଇଘାଇଠାରେ ପ୍ରାୟ ୫ଥର ବନ୍ୟା ସମୟରେ ବନ୍ଧ ଭାଙ୍ଗି ଲୋକଙ୍କୁ ହୀନସ୍ତା କରିଥିଲା। ତଟବନ୍ଧ ବିଭାଗର ଖାମଖିଆଲ ନୀତି ଏହି ଗ୍ରାମର ଜନସାଧାରଣଙ୍କୁ ଅସୁବିଧାରେ ପକାଇପାରେ। ତେଣୁ ଏଥର ବନ୍ୟା ଆସିଲେ, ପୁଣି ବ୍ୟାପକ ଫସଲ, ଧନ ଜୀବନ ନଷ୍ଟ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏ ନେଇ ଆଳି ବନ୍ଧବାଡ ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ସୁବ୍ରତ ଦାଶଙ୍କୁ ପଚାରିବାରେ ଏହି ଘଟଣା ସମ୍ପର୍କରେ ଅବଗତ ଅଛି। ଏହି କାର୍ଯ୍ୟ ପାଇଁ ବ୍ୟୟବରାଦ କରାଯାଇ ଖୁବ୍‌ଶୀଘ୍ର ହାତକୁ ନିଆଯିବ ବୋଲି ସେ କହିଛନ୍ତି। ମାତ୍ର ଦାମୋଦରପାଟଣା, ମଣୀରାମପୁର, ସୁବଳପୁର ଗାଁ ଲୋକେ ଅଧୀକ୍ଷଣ ଯନ୍ତ୍ରୀଙ୍କ କଥାରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସେମାନେ କୁହନ୍ତି, ପ୍ରତ୍ୟେକ ବର୍ଷ ଏହିଭଳି ପ୍ରତିଶ୍ରୁତି ଦେଉଛନ୍ତି, ମାତ୍ର ତାଙ୍କ କଥା କାର୍ଯ୍ୟରେ ଲାଗୁନାହିଁ।

## ସୁପ୍ରିୟାଙ୍କୁ ଆଜୀବନ ଭଉଣୀ ଭାବେ ଗ୍ରହଣ



ସୁପ୍ରିୟା ସଙ୍ଗଠନର କର୍ମକର୍ତ୍ତାଙ୍କ ହାତରେ ରାଖୀ ବାନ୍ଧୁଛନ୍ତି।

ରାଜନଗର, ୧୯।୮ (ଭାସ୍କର ରାଉତରାୟ)

**ଘରପୋଡ଼ି, ଭଉଣୀଭାଇ ଜୀବନ୍ତ ଦଗ୍ଧ ଘଟଣା**

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା କୁରୁଣ୍ଟି ପଞ୍ଚାୟତର ବଳରାମପୁର ଗାଁର ସୁକାନ୍ତ ସାହାଣୀଙ୍କ ଝିଅ ଅନୁପମା(୧୧) ଓ ପୁଅ ସତ୍ୟ ରଞ୍ଜନ (୮) ନିଆଁରେ ପୋଡ଼ିହୋଇ ଜୀବନ୍ତଦଗ୍ଧ ହେବା ଘଟଣା ସବୁ ମହଲକୁ ଶୋକାକୁଳ କରିଦେଇଛି। ସ୍ୱାଧୀନତା ଦିବସରେ ଭଉଣୀଭାଇ ନିଆଁରେ ଜୀବନ୍ତଦଗ୍ଧ ହେବା ଖବରପାଇ ବିଦ୍ୟାଳୟରୁ ବଡ ଭଉଣୀ ସୁପ୍ରିୟା ଘରକୁ ଫେରି ଦାଣ୍ଡ ମଝିରେ ଘୋଡ଼ାହୋଇ ଥୁଆ ହୋଇଥିବା ତାଙ୍କ ସାନ ଭଉଣୀଭାଇଙ୍କ ମୃତଦେହ ଦେଖି ଅବାକ୍ ହୋଇଯାଇଥିଲେ। ସେ କିଣିକି ଆଣିଥିବା ରାଖୀ କାହା ହାତରେ ବାନ୍ଧିବେ କହି ଭୋ ଭୋ କାନ୍ଦିବାର ଦୃଶ୍ୟ ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ସୋମବାର ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ କେନ୍ଦ୍ରାପଡ଼ା ପକ୍ଷରୁ ବିପନ୍ନ ପରିବାରକୁ ସହାୟତା ସହ ୫ ଲକ୍ଷ ଟଙ୍କାର ବୀମା କରାଇଛନ୍ତି। ଏଥିସହ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଏବଂ ପାଠପଢ଼ା ବହି ପ୍ରଦାନ କରିଛନ୍ତି। ରାଖୀ ପୂର୍ଣ୍ଣିମାର ୩ ଦିନ ପୂର୍ବରୁ ଭାଇକୁ ହରାଇଥିବା ସୁପ୍ରିୟାଙ୍କୁ ଏହି ସଙ୍ଗଠନ ସାହସ ଦେବା ସହ ତାଙ୍କୁ ଆଜୀବନ ସାନଭଉଣୀ ଭାବେ ଗ୍ରହଣ କରିଛି। ସଙ୍ଗଠନର ସଦସ୍ୟମାନେ ସୁପ୍ରିୟାଙ୍କ ହାତରୁ ରାଖୀ ବାନ୍ଧିବା ସହିତ ସେମାନେ ତାଙ୍କ ଭାଇ ହେଲେ। ସବୁ ସମୟରେ ତାଙ୍କ ପାଖରେ ସୁଖଦୁଃଖରେ ଛିଡା ହେବେ, କେବଳ ସୁପ୍ରିୟା ନୁହନ୍ତି ତାଙ୍କ ପରିବାର କିଭଳି ରୋଜଗାରକ୍ଷମ ହେବେ ସେ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଟ୍ରଷ୍ଟର ସଭାପତି ଦାମନ ମହାନ୍ତି, ଉପସଭାପତି ରଶ୍ମିରଞ୍ଜନ ବାରିକ, ସଂସ୍କୃତି ବିଭାଗ ଅଧିକାରୀ ସଞ୍ଜୀବ କୁମାର ତରାଇ, ବରିଷ୍ଠ ସଦସ୍ୟ ଧନେଶ୍ୱର ସେଠୀ, ରାକେଶ କୁମାର ପଣ୍ଡା, ସୁରେନ୍ଦ୍ର ପରିଡ଼ା ପ୍ରମୁଖ ବିପନ୍ନ ପରିବାରକୁ ସମବେଦନା ଜଣାଇଛନ୍ତି।

## ୩ ବର୍ଷର ଶିଶୁ ପାଇଁ ବଞ୍ଚିଗଲା ୨ ଭଉଣୀଙ୍କ ଜୀବନ

ରାଜନଗର,୧୯।୮ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ୍ ଡାଙ୍ଗମାଳ ପଞ୍ଚାୟତ ତ୍ରିଲୋଚନପୁର ଗାଁର ବାବୁରାମ ଗିରିଙ୍କ ୭ ବର୍ଷର ଝିଅ ଶୁଭଶ୍ରୀ ଓ ଦାଶରଥି ଗିରିଙ୍କ ୬ ବର୍ଷର ଝିଅ ବର୍ଷା ଘର ଆଗରେ ଥିବା ପୋଖରୀରେ ସାଙ୍ଗ ହୋଇ ଗାଧୋଉଥିଲେ। ପରିବାର ଲୋକେ ଚାଷ କାର୍ଯ୍ୟରେ ବିଲରେ ଥିବା ବେଳେ ମା' ଘର ଭିତରେ କାମ କରୁଥିଲେ। ୨ଜଣ ବାଳିକା ପୋଖରୀରେ ଗାଧୋଉଥିବା ସମୟରେ ଗୋଡ଼ ଖସିଯିବାରୁ ପୋଖରୀ ମଝିକୁ ଚାଲିଯାଇଥିଲେ। ପୋଖରୀ ମଝିରେ ୨ଜଣ ବୁଡ଼ି ଯାଇଁ ପାଣି ପିଇ ଦେଇଥିଲେ। ବୁଡ଼ି ଯାଉଥିବା ସମୟରେ ସେମାନଙ୍କ ଚିତ୍କାର ଶୁଣି ପାଖରେ ଖେଳୁଥିବା ଶୁଭଶ୍ରୀଙ୍କ ସାନଭଉଣୀ ଜୟଶ୍ରୀ(୩) ପାଟି କରିବା ସହ ଘର ଭିତରକୁ ଦୌଡ଼ି ଯାଇ ମା'ଙ୍କୁ ଡାକିଥିଲା। ମା' ଅପର୍ଣ୍ଣାଙ୍କ ସହିତ ଦାଦା ଦୌଡି ଆସି ପୋଖରୀ ମଧ୍ୟକୁ ଡେଇଁ ୨ଭଉଣୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଉଭୟଙ୍କୁ ଡାଙ୍ଗମାଳସ୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଚିକିତ୍ସା ପରେ ଶୁଭଶ୍ରୀ ଓ ବର୍ଷା ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୩ ବର୍ଷର ଝିଅ ଜୟଶ୍ରୀଙ୍କ ପାଇଁ ୨ ଭଉଣୀଙ୍କ ଜୀବନ ବଞ୍ଚିଗଲା ବୋଲି ସବୁଠି ଚର୍ଚ୍ଚା ହେଉଛି।

## ଶ୍ରୀବଳଦେବ ଜୀଉ ଗୋମଙ୍ଗଳ ସମିତିରେ ଗୋପୂଜା



ରାଖୀ ପୂର୍ଣ୍ଣିମା ଅବସରରେ ଶ୍ରୀବଳଦେବ ଜୀଉ ଗୋମଙ୍ଗଳ ସମିତି ପକ୍ଷରୁ ଗୋରୁଙ୍କୁ ପୂଜାର୍ଚ୍ଚନା ଚାଲିଛି।

ଡେରାବିଶ, ୧୯।୮ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ କାଉପଡ଼ା ପଞ୍ଚାୟତ ନିଳିକଣାଠାରେ ଥିବା ଶ୍ରୀବଳଦେବ ଜୀଉ ଗୋମଙ୍ଗଳ ସମିତିରେ ପବିତ୍ର ରାଖୀ ପୂର୍ଣ୍ଣିମା ଅବସରରେ ସୋମବାର ଗୋପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁସାରେ ପ୍ରଥମେ ଗୋମାତାଙ୍କ ନିକଟରେ ପ୍ରାତଃରୁ ମଙ୍ଗଳ ଆଳତି ଅନୁଷ୍ଠିତ ହୋଇଥିଲା। ପରେ ପୂର୍ବାହ୍ନରେ ଗୋମାତାଙ୍କୁ ପୂଜାର୍ଚ୍ଚନା କରାଯାଇଛି। ଏହି ପୂଜା ଉତ୍ସବ କାର୍ଯ୍ୟକ୍ରମରେ ଗୋମାହାତ୍ମ୍ୟ ପଠନ ମଧ୍ୟ କରାଯାଇଛି। ବିଶ୍ୱାସ ରହିଛି ଗୋମାତାଙ୍କ ମଧ୍ୟରେ ୩୩ କୋଟି ଦେବଦେବୀ ବାସ କରୁଛନ୍ତି। ଏହି ବିଶ୍ୱାସକୁ ପାଥେୟକରି ପ୍ରତ୍ୟେକ ପରିବାରରେ ଗୋପୂଜନ ଉତ୍ସବ ଅତି ନିଷ୍ଠାର ସହ କରାଯାଇଛି। ପୁରାଣର କଥାବସ୍ତୁ ଓ ବୈଜ୍ଞାନିକଙ୍କ ମତକୁ ପାଥେୟକରି ଗୋମାତାଙ୍କ ଗୋବର ଓ ମୂତ୍ରରେ ଜୈବିକ ସାର ପ୍ରସ୍ତୁତ କରାଯାଇ କ୍ଷେତରେ ପକାଇଲେ ଉନ୍ନତମାନର ଫସଲ ସୃଷ୍ଟି ହୋଇଥାଏ ବୋଲି ବିଦ୍ୟୁଭୂଷଣ କହିଛନ୍ତି। ଏଥିରେ ଗୋମଙ୍ଗଳ ସମିତିର ସଭାପତି ଫକୀର ଚରଣ ଖଟୁଆ, ସମ୍ପାଦକ ସୁଶୀଲ କୁମାର ପ୍ରଧାନ, ବିଦ୍ୟୁଭୂଷଣ ମହାପାତ୍ର, ରାମନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀନିବାସ ବରାଳ, ବିଶ୍ୱଭୂଷଣ ଓଝା, ଅଶୋକ କୁମାର ଜେନା, ତରୁଣକାନ୍ତି ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ, ସ୍ୱର୍ଗତ ଭାଗବତ ପ୍ରସାଦ ମହାନ୍ତି ଓ ବଟକୃଷ୍ଣ ପ୍ରଧାନଙ୍କ ମିଳିତ ଉଦ୍ୟମରେ ୨୦୧୪ ମସିହାରୁ ଆରମ୍ଭ ହୋଇଥିବା ଏହି ଗୋମଙ୍ଗଳ ସମିତିରେ କ୍ରମଶଃ ଗୋରୁଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

## ପାରିବାରିକ କଳହରୁ ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

ରାଜକନିକା,୧୯।୮(ରବୀନ୍ଦ୍ର କୁମାର ଦାସ)

ରାଜକନିକା ଥାନା କୋଇଲିପୁର ପଞ୍ଚାୟତ ତରପଦା ଗାଁର ପରମେଶ୍ୱର ନାୟକଙ୍କ ସ୍ତ୍ରୀ ରଶ୍ମିତା (୩୨) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ତାଙ୍କ ବାପା ଗୋପୀନାଥ ବିଶ୍ୱାଳ ସୋମବାର ଲିଖିତ ଅଭିଯୋଗ କରିଛନ୍ତି। ପାରିବାରିକ କଳହରୁ ରଶ୍ମିତା ଏପରି ଚରମ ନିଷ୍ପତ୍ତି ନେଇଥିବା କୁହାଯାଉଛି। ରଶ୍ମିତାଙ୍କ ସ୍ୱାମୀ ଦୁବାଇରେ ରହୁଥିବା ବେଳେ ତାଙ୍କ ଶାଶୁଶ୍ୱଶୁର ବେଙ୍ଗାଲୁରୁରେ ରୁହନ୍ତି। ତେବେ ପୋଲିସ ରଶ୍ମିତାଙ୍କ ମୃତଦେହକୁ ଜବତକରି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ପରେ ବ୍ୟବଚ୍ଛେଦ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି। ରଶ୍ମିତାଙ୍କ ଦେଢ଼ବର୍ଷର ପିଲା ଥିବାବେଳେ ଗୋଟିଏ ଦିନ ପୂର୍ବରୁ ରଶ୍ମିତା ତାଙ୍କ ବାପାଙ୍କ ସହ ତାଙ୍କ ପିଲାକୁ ବାପଘର କଟଣା ପାଞ୍ଚୟତ, ବିଶାଘାଟ ଗାଁକୁ ପଠାଇ ଦେଇଥିବା ଗ୍ରାମବାସୀ କହିଛନ୍ତି। ତେବେ ରଶ୍ମିତା କାହିଁକି ଆତ୍ମହତ୍ୟା କଲେ ତାହାର କାରଣ ଅସ୍ପଷ୍ଟ ଅଛି। ପୋଲିସର ତଦନ୍ତ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଉଛି।

## ପୁରୁଷୋତ୍ତମପୁରରେ ଶ୍ରୀରାମ ଚରିତ ମାନସ

କେନ୍ଦ୍ରାପଡ଼ା,୧୯।୮(ଜଗନ୍ନାଥ ଧଳ)



କେନ୍ଦ୍ରାପଡ଼ା ବ୍ଲକ୍ ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିରରେ ଚଳିତମାସ ୧୧ ତାରିଖଠାରୁ ଆରମ୍ଭ ହୋଇଥିବା ଶ୍ରୀରାମ ଚରିତ ମାନସ ଓ ନବାହ୍ନ ପାରାୟଣ ସୋମବାର ସନ୍ଧ୍ୟାରେ ଶେଷ ହୋଇଛି। ମାନସ ଭୂଷଣ ପଣ୍ଡିତ ହୃଷୀକେଶ ରଥଙ୍କ ତତ୍ତ୍ୱାବଧାନରେ ୯ଦିନ ବ୍ୟାପୀ ପାରାୟଣରେ ପଣ୍ଡିତ ରାଜକିଶୋର ମହାପାତ୍ର ବ୍ୟାସ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରତ୍ୟହ ସନ୍ଧ୍ୟାରେ ପଣ୍ଡିତମାନଙ୍କ ଦ୍ୱାରା ପ୍ରବଚନ ସହ ଭଜନ ସଂକୀର୍ତ୍ତନ ପରିବେଶକୁ ଭକ୍ତିମୟ କରିଥିଲା। ସୋମବାର ଶେଷ ସନ୍ଧ୍ୟାରେ ଭାବଗ୍ରାହୀ କଳା ନିକେତନର କଳାକାରଙ୍କ ଦ୍ୱାରା ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ଦୀପକ କୁମାର ରଥ, ଦୀନେଶ କୁମାର ରଥ ଓ ମାନସ କୁମାର ରଥ ପ୍ରମୁଖ ପରିଚାଳନା କରିଥିଲେ।

## ନିଆଁ ଲାଗି ୩ ବଖରା ଜଳିଗଲା

ପଟ୍ଟାମୁଣ୍ଡାଇ, ୧୯।୮
(କଳ୍ପତରୁ ନାୟକ)



ପଟ୍ଟାମୁଣ୍ଡାଇ ତହସିଲ ବଡପାଳ ଆରଆଇ ସର୍କଲ ଅଧୀନ ଓଉପଦା ପଞ୍ଚାୟତ କଜଳବନ୍ଧ ଗାଁର ସୁଶାନ୍ତ କୁଣ୍ଡଙ୍କ ଘରେ ସୋମବାର ସନ୍ଧ୍ୟା ୭ଟାରେ ନିଆଁ ଲାଗି ୩ ବଖରା ପୋଡ଼ି ପାଉଁଶ ହୋଇଯାଇଛି। ରୋଷେଇ ଚାଲିଥିବା ବେଳେ ଗ୍ୟାସରୁ ନିଆଁ ଲାଗିବାରୁ ପରିବାର ଲୋକେ ଦେଖି ଘରୁ ପଦାକୁ ଆସି ଗାଁ ଲୋକଙ୍କୁ ଡାକ ପକାଇ ଥିଲେ। ପଡ଼ିଶା ଲୋକ ପହଞ୍ଚି ନିଆଁକୁ ଆୟତ କରିବା ପାଇଁ ଚେଷ୍ଟା କରି ବିଫଳ ହୋଇଥିଲେ। ଖବରପାଇ ପଟ୍ଟାମୁଣ୍ଡାଇ ଦମକଳ ବାହିନୀ ପହଞ୍ଚିବା ବେଳକୁ ସମ୍ପୂର୍ଣ୍ଣ ଘର ନିଆଁ ଆଁକୁ ଚାଲି ଯାଇଥିଲା। ଏଥିରେ ଘରେ ଥିବା ସମସ୍ତ ଆସବାବପତ୍ର ସମେତ ଧାନ, ଚାଉଳ, ପିନ୍ଧାଲୁଗା ସମେତ ଘରେ ଥିବା ୪୫ ହଜାର ଟଙ୍କା ପୋଡ଼ିଯାଇଛି ବୋଲି କୁହାଯାଇଛି। ନିଆଁର ପ୍ରଖରତା ଏପରି ଥିଲା ଯେ, ଘରୁ କୌଣସି ଜିନିଷ ବାହାର କରିବା ସମ୍ଭବ ହୋଇ ନ ଥିଲା।

## ବୈଜୟନ୍ତଙ୍କୁ ନୂଆ ଦାୟିତ୍ୱ, ବିଭିନ୍ନ ମହଲରୁ ଶୁଭେଚ୍ଛା

ପଟ୍ଟାମୁଣ୍ଡାଇ,୧୯।୮ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କୁ ସଂସଦର ପବ୍ଲିକ ଅଣ୍ଡରଟେକିଂ କମିଟିର ଅଧ୍ୟକ୍ଷ ଭାବେ ନିଯୁକ୍ତ ମିଳିଛି। ଏମ୍‌ପି ବୈଜୟନ୍ତଙ୍କ ଉପରେ ଆସ୍ଥା ପ୍ରକଟକରି ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ଗୁରୁଦାୟିତ୍ୱ ଦେଇଛନ୍ତି। ବୈଜୟନ୍ତଙ୍କୁ ଏହି ଦାୟିତ୍ୱ ମିଳିବା ପରେ ପଟ୍ଟାମୁଣ୍ଡାଇ ଭାଜପା ପକ୍ଷରୁ ନଗର ପ୍ରଭାରୀ ସୁଶୀଲ ପରିଡ଼ା, ଗିରିଜା ଶଙ୍କର ସାମଲ, ଜିଲା ଭାଜପା ସମ୍ପାଦକ ଚନ୍ଦନ ପାତ୍ର, ଭାରତ ଭୂଷଣ ଦାଶ, ପରେଶ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଗହ୍ମା ପୂର୍ଣ୍ଣିମାରେ ଶହେ ଫୁଟର ବଳଭଦ୍ରଙ୍କ ପୂଜା



ଶହେ ଫୁଟ୍‌ର ବାଲିରେ ବଳଭଦ୍ରଙ୍କ ମୂର୍ତ୍ତି କରି ପୂଜାର୍ଚ୍ଚନା କରାଯାଉଛି।

ରାଜକନିକା,୧୯।୮(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ବରାଡ଼ିଆ ପଞ୍ଚାୟତ ହରିହରପୁର ଶାସନ ଗାଁରେ ରାଜାରାଜୁଡ଼ା ସମୟରୁ ଗହ୍ମା ପୂର୍ଣ୍ଣିମା ଚାଲି ଆସୁଛି। ସୋମବାର ବଳଭଦ୍ରଙ୍କ ଜନ୍ମଦିନ ପାଳିତ ହୋଇଯାଇଛି। କନିକା ରାଜାଙ୍କ ସମୟରୁ ବଳଭଦ୍ରଙ୍କ ପ୍ରାୟ ଶହେ ଫୁଟର ଭୂମିସ୍ଥ ମାଟିର ମୂର୍ତ୍ତି ତିଆରି କରାଯାଇ କନିକା ଇଷ୍ଟେଟରେ ଏକମାତ୍ର ହରିହରପୁର ଶାସନ ଗାଁର ଶାସିନୀ ବ୍ରାହ୍ମଣ ଦେବତାଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯାଉଥିଲା। କାଳକ୍ରମେ ଗ୍ରାମବାସୀଙ୍କ ଦ୍ୱାରା ଏହି ମହାନ୍ ପରମ୍ପରାକୁ ଉଜ୍ଜୀବିତ ରଖି ଆସୁଥିଲେ। ସରକାରୀ ସ୍ତରରେ ସିମେଣ୍ଟ ମୂର୍ତ୍ତି ହେବାର ଯୋଜନା ମଧ୍ୟ କରାଯାଇଥିଲା। ତେବେ ଏହି ପ୍ରରିପ୍ରେକ୍ଷୀରେ ସୋମବାର ଗହ୍ମା ପୂର୍ଣ୍ଣିମା ତିଥି ତଥା ରାଖୀ ପୂର୍ଣ୍ଣିମା ଅବସରରେ ହରିହରପୁର ଶାସନ ଗାଁ ମୁଣ୍ଡ ବିଦ୍ୟାଳୟ ନିକଟରେ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ରଜତ କୁମାର ଦାଶ ଏବଂ ରଜନୀକାନ୍ତ ମିଶ୍ରଙ୍କ ସମେତ ଗ୍ରାମବାସୀଙ୍କ ଉଦ୍ୟମରେ ବାଲୁକାରେ ନିର୍ମିତ ପ୍ରାୟ ଶହେ ଫୁଟର ମୂର୍ତ୍ତିର ବଳଭଦ୍ରଙ୍କ ଜନ୍ମଦିନ ପାଳିତ ହୋଇଯାଇଛି।

## ଭିତରଗଡ଼ରେ ଝୁଲଣଯାତ୍ରା

ରାଜନଗର,୧୯।୮(ଭାସ୍କର ରାଉତରାୟ)

ରାଜନଗର ବ୍ଲକର ଭିତରଗଡ଼ଠାରେ ବାସୁଦେବ ମନ୍ଦିରରେ ଜଗତଗୁରୁ ଠାକୁର ଶ୍ରୀ ଶ୍ରୀ ଅଭିରାମ ପରମହଂସ ଦେବ ଓ ରାଧାକୃଷ୍ଣଙ୍କ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅଗଷ୍ଟ ୧୫ଠାରୁ ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଷୋଡ଼ଶ ଉପଚାର ପୂଜା, ଝୁଲଣଯାତ୍ରା ଓ କଳି ଭାଗବତ ପାଠ କରାଯାଇଥିଲା। ପଣ୍ଡିତ ରାଜେନ୍ଦ୍ର ନାରାୟଣ ଦାଶ କଳି ଭାଗବତ ପାଠ କରିଥିଲେ। ପଣ୍ଡିତ ପ୍ରଫୁଲ୍ଲ କଣ୍ଠ ଓ ଗାୟକ ରଜନୀକାନ୍ତ ଚଣ୍ଡ ହରିକଥା ଶୁଣାଇଥିଲେ। ପୂଜକ ଜିତେନ୍ଦ୍ର ନାରାୟଣ ଦାଶ, ରବୀନ୍ଦ୍ର ନାରାୟଣ ଦାଶ, ସୀତାକାନ୍ତ ସାମଲ, ଧରଣୀଧର ରାଉଳ, ହୃଷୀକେଶ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଏବେ ବି ଚାଷୀଙ୍କ ସାଥୀ ପଖିଆର ଚାହିଦା ରହିଛି

ଡେରାବିଶ,୧୯।୮ (ବେବର୍ତ୍ତା ଅଜୟ ଦାସ)



ଜଣେ ଚାଷୀ ମୁଣ୍ଡରେ ପଖିଆ ଦେଇଛନ୍ତି।



ଜଣେ କାରିଗର ପଖିଆ ତିଆରି କରୁଛନ୍ତି।

ବର୍ଷାଋତୁ ଆସିଲେ ଗ୍ରାମାଞ୍ଚଳରେ ଥିବା ଚାଷୀଙ୍କ ପାଇଁ ଆବଶ୍ୟକ ପଡ଼େ ତାଳପତ୍ରର ପଖିଆ। ଆଧୁନିକତାର ଚାକଚକ୍ୟ ଭିତରେ ଏବେ ବି ଗ୍ରାମଗୁଡ଼ିକରେ ପଖିଆର ଚାହିଦା ଅକ୍ଷୁଣ୍ଣ ରହିଛି। ଆଧୁନିକ ଯୁଗରେ ପ୍ଲାଷ୍ଟିକ୍‌ର ବହୁଳ ପ୍ରସାର ମଧ୍ୟରେ ପ୍ରାଚୀନ କାଳରୁ ବ୍ୟବହୃତ ପଖିଆକୁ ମୁଣ୍ଡରେ ଦେଇ ଚାଷୀମାନେ କ୍ଷେତ ମଧ୍ୟକୁ କାମ କରିବା ଉଦ୍ଦେଶ୍ୟରେ ଯାଇଥାନ୍ତି। ଡେରାବିଶ ବ୍ଲକ୍ ଅଞ୍ଚଳରେ ବର୍ଷାରେ ଚାଷ କାର୍ଯ୍ୟ ପାଇଁ ବ୍ଲକ୍ ଅଧୀନ ବିଭିନ୍ନ ଗ୍ରାମରେ ପଖିଆ ନିର୍ମାଣ ହୋଇଥାଏ। ତାଳପତ୍ରରେ ନିର୍ମିତ ପଖିଆ ବ୍ୟବହାରକଲେ ବଜ୍ରପାତରୁ ରକ୍ଷାମିଳିଥାଏ ବୋଲି ବୈଜ୍ଞାନିକ ମଧ୍ୟ ମତ ପୋଷଣ କରିଛନ୍ତି।

ବ୍ଲକ୍ ଅଧୀନ ଚଷାଖଣ୍ଡ ଗ୍ରାମର ରବୀନ୍ଦ୍ର ବେହେରା (୬୦) ପ୍ରତ୍ୟେକ ବର୍ଷ ଶତାଧିକ ପଖିଆ ତିଆରି କରି ନିଜର ପରିବାର ଭରଣପୋଷଣ କରିଥାନ୍ତି। ନିକଟସ୍ଥ ହାଟ ଓ ବଜାରରେ ବର୍ଷାଋତୁରେ ଦୈନିକ ୧୦ରୁ ୧୫ଟି ପଖିଆ ବିକ୍ରି କରିଥାନ୍ତି। ସେ କୁହନ୍ତି, ଏହା ଆମର କୁଳବେଉସା। ଖରାଦିନେ ତାଳଗଛର ମଞ୍ଜିପତ୍ରକୁ ଆଣି ୪ରୁ୫ ଦିନ ବାରି ଭିତରେ ପୋଖରୀର ପଙ୍କ ଭିତରେ ପୋତି ରଖିଥାଉ। ପରେ ପତ୍ରଗୁଡ଼ିକୁ ଖରାରେ ଶୁଖାଇବା ପରେ ସଜାଡିଥାଉ। ପରେ ପତ୍ରଗୁଡିକୁ ଆଣି ପଖିଆ ତିଆରି କରିଥାଉ। ତାଳପତ୍ରଗୁଡିକୁ ସରୁ ପତ୍ରରେ ସିଲେଇକରି ପଖିଆର ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥାଏ। ତେବେ ପରିବାରର ସମସ୍ତଙ୍କ ସହଯୋଗରେ ଦୈନିକ ୧୦ରୁ୧୨ଟି ପଖିଆ ତିଆରି କରି ତାକୁ ଗଚ୍ଛିତ ରଖିଥାଉ। ବର୍ଷାର ଆରମ୍ଭରେ ଗ୍ରାହକଙ୍କ ଚାହିଦାକୁ ଲକ୍ଷ୍ୟ କରି ବିଭିନ୍ନ ହାଟ ବଜାରକୁ ନେଇ ପଖିଆ ବିକ୍ରି କରିଥାଉ। ଏହି ପଖିଆ ନିର୍ମାଣ ପାଇଁ ଏକ ଲୁହାର କାତି ଦରକାର ହୋଇଥାଏ। ପଲିଥିନ ଓ ଛତାର ଯଥେଷ୍ଟ ଚାହିଦା ଥିଲା ବେଳେ ପଖିଆ ପ୍ରତି ଲୋକଙ୍କ ଆଗ୍ରହ କମି ନ ଥିବା ଅତି ଦୃଢ଼ତାର ସହ ରବୀନ୍ଦ୍ର କହିଛନ୍ତି। ତାଳଗଛ କ୍ରମଶଃ ଲୋପପାଇଯାଉଥିବାରୁ ଏହି କୁଟୀର ଶିଳ୍ପକୁ ବଞ୍ଚାଇରଖିବା ପାଇଁ ସମସ୍ୟା ଉପୁଜିଛି। ତେବେ ସରକାରୀ ପ୍ରୋତ୍ସାହନ ଏବଂ ଅଭାବ ପଡୁଥିବା କଞ୍ଚାମାଲ ମିଳିଲେ ଏହି ଶିଳ୍ପକୁ ବଞ୍ଚାଇ ରଖିହେବ। ଏ ସମ୍ପର୍କରେ ଚାଷୀ ଭାଗବତ ମଲ୍ଲିକ ଚାଷ ସମୟରେ ପଖିଆ ଯଦି ମୁଣ୍ଡରେ ଥିଲେ ବଜ୍ରପାତ ଆଶଙ୍କା ଆମ ମନରେ ନ ଥାଏ। କୌଣସି ପରିସ୍ଥିତିରେ ପଖିଆକୁ ଆମ୍ଭେ ପରିତ୍ୟାଗ କରିବାକୁ

■ ତାଳପତ୍ର ପଖିଆ କାରିଗରଙ୍କୁ ମିଳୁନି ପ୍ରୋତ୍ସାହନ
■ ବଜ୍ରପାତରୁ ରଖାକରେ ପଖିଆ

ଆଜିଯାଏ ପଛାଇନାହୁଁ। ଏପରି ପଖିଆ ତାଳପତ୍ରରେ ତିଆରି ହୋଇଥିବାରୁ ଏହାର ପ୍ରଭାବରେ ଚର୍ମରୋଗ ହେବା ସମ୍ଭବପର ନୁହେଁ ବୋଲି ଗ୍ରାମର ବୟୋଜ୍ୟୋଷ୍ଠ ବୃଦ୍ଧଙ୍କ ମଧ୍ୟରେ ଧାରଣା ବଳବତ୍ତର ଥିବାରୁ ପଖିଆର ଚାହିଦା ଆମ ଅଞ୍ଚଳରେ ଏବେ ବି ରହିଛି ବୋଲି କଂସାରିପାଟଣା ଗ୍ରାମର ଦିଗମ୍ବର ମିଶ୍ର କହିଛନ୍ତି। ବର୍ଷା ପୂର୍ବରୁ ଚାଷ ପାଇଁ ପ୍ରତ୍ୟେକ ବର୍ଷ ୨ରୁ ୩ଟି ପଖିଆ ଆମେ କିଣି ଘରେ ସାଇତି ଥାଉ। ତେବେ ଏହି ପଖିଆ ଏକ କୁଟୀରଶିଳ୍ପରେ ପରିଣତ ହୋଇଥିବାବେଳେ ପ୍ରଶାସନ ପକ୍ଷରୁ ଏ ନେଇ ପ୍ରୋତ୍ସାହନ ବ୍ୟବସ୍ଥା କରାଗଲେ ଏହି ପ୍ରାଚୀନ ଶିଳ୍ପ ନୂତନ ଯୁବପିଢ଼ିଙ୍କ ମଧ୍ୟରେ ବଞ୍ଚି ରୁହନ୍ତା ବୋଲି ଗୋଲରାହାଟ ଗ୍ରାମର ସାହାଜାନ ଖାଁ କହିଛନ୍ତି। ଏ ସଂକ୍ରାନ୍ତରେ ବିଶିଷ୍ଟ ବୈଜ୍ଞାନିକ ପ୍ରହ୍ଲାଦ ନାୟକ କହିଛନ୍ତି, ପୂର୍ବରୁ ଗ୍ରାମାଞ୍ଚଳଗୁଡ଼ିକରେ ପଖିଆ ଓ ତାଳପତ୍ରର ଛତାକୁ ଲୋକମାନେ ବହୁଳ ପରିମାଣରେ ବ୍ୟବହାର କରୁଥିଲେ। ଚାଷ ସମୟରେ ଚାଷୀମାନେ ମୁଣ୍ଡରେ ଦେଇଥିବା ପଖିଆ ଦ୍ୱାରା ବର୍ଷାରୁ ରକ୍ଷା ମିଳିବା ସହ ବଜ୍ରପାତଜନିତ କ୍ଷୟକ୍ଷତିରୁ ମଧ୍ୟ ସୁରକ୍ଷା ପାଉଥିଲେ। ପଖିଆ ଭିତରେ ଲୋକମାନେ ଗରମ ଅନୁଭବ କରୁଥିବାରୁ ବାହାରର ପବନ ସେମାନଙ୍କୁ ସ୍ପର୍ଶ କରୁ ନ ଥିଲା। ବର୍ତ୍ତମାନ ବଜ୍ରପାତରୁ ରକ୍ଷାପାଇବା ପାଇଁ ତାଳପତ୍ରର ପଖିଆର ଯଥେଷ୍ଟ ଆବଶ୍ୟକତା ରହିଛି ବୋଲି ବୈଜ୍ଞାନିକ ନାୟକ ମତ ଦେଇଛନ୍ତି। ଏ ବିଷୟରେ ଡେରାବିଶ ବିଡିଓ ଦାଶରଥି ଜେନାଙ୍କୁ ପଚାରିବାରେ ଚଳିତବର୍ଷ ବ୍ଲକ୍ ଅଞ୍ଚଳରେ ଥିବା ପତିତ ଜମିରେ ବହୁଳ ପରିମାଣରେ ତାଳ ଚାରା ରୋପଣ ପାଇଁ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ସିଧାମୂଳାରେ ଝୁଲଣ ଉତ୍ସବ ସମ୍ପନ୍ନ

ଖଣ୍ଡପଡ଼ା,୧୯।୮(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗୋକୁଳାନନ୍ଦ କ୍ଷେତ୍ରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗୁରୁବାରଠାରୁ ଆରମ୍ଭ ହୋଇଥିବା ଝୁଲଣଯାତ୍ରା ସୋମବାର ସମ୍ପନ୍ନ ହୋଇଛି। ସନ୍ଧ୍ୟା ଆଳତି ପରେ ଝୁଲଣ ଦୋଳିକୁ ରାଧାକୃଷ୍ଣ ବିଜେ ପ୍ରତିମାଙ୍କୁ ବିରାଜମାନ କରାଯାଇଥିଲା। ପରେ ଠାକୁରଙ୍କ ପୂଜାନୀତି ସମ୍ପନ୍ନ କରାଯାଇ କୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ରାସଗୀତ ବୋଲା ଯାଇଥିଲା। ବିଶେଷକରି କୁନି କୁନି ପିଲାମାନଙ୍କୁ ନେଇ ଅଷ୍ଟସଖୀ ଓ ରାଧାକୃଷ୍ଣ ବେଶରେ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ପରିବେଷିତ ଝୁଲଣନୃତ୍ୟ ଓ ସଙ୍ଗୀତକୁ ଦର୍ଶକମାନେ ମନଭରି ଉପଭୋଗ କରିଥିଲେ। ୫ଦିନ ବ୍ୟାପୀ ଅନୁଷ୍ଠିତ ଝୁଲଣ ଉତ୍ସବରେ ମହିଳା କୀର୍ତ୍ତନ, ପାଲା, ଭଜନ ଓ ଭାରତଲୀଳା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ନିକଟସ୍ଥ ବଳରାମପ୍ରସାଦ ଶ୍ରୀ ଶ୍ରୀ ଗୁରୁଦେବ ସୋଽହମଚର୍ଯ୍ୟ ସ୍ୱାମୀଙ୍କର ଜନ୍ମପୀଠ ଅକୁରାବନ୍ଧ ଶ୍ରୀମଦ୍ ଆତ୍ମଗୀତା ଆଶ୍ରମରେ ଝୁଲଣ ପର୍ବ ଉଦ୍‌ଯାପିତ ହୋଇଯାଇଛି। ଅନୁରୂପ ଭାବେ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ମନ୍ଦିରରେ ସନ୍ଧ୍ୟାରେ ବହୁ ଶ୍ରଦ୍ଧାଳୁଙ୍କ ଗହଣରେ ବିଜେ ପ୍ରତିମା ମଦନମୋହନଙ୍କୁ ଦୋଳିରେ ବସାଇ ମହିଳାମାନେ ଝୁଲାଇଥିଲେ। ଠାକୁରଙ୍କ ରାତ୍ର ଧୂପ ସମ୍ପନ୍ନ ହୋଇ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମା ମଦନ ମୋହନ, ସରସ୍ୱତୀଙ୍କୁ ଝୁଲଣ ଦୋଳିକୁ ବିଜେ କରାଯାଇ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏ ଅବସରରେ ୩ଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ପକ୍ଷରୁ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବକୁ ଦେଖିବାକୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା।

### ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ପାରଳାଖେମୁଣ୍ଡି,୧୯।୮(ଗିରିଧାରୀ ପରିଚ୍ଛା):

ଗୁମ୍ମା ବ୍ଲକ ସେରଙ୍ଗ ଥାନା ଅନ୍ତର୍ଗତ ଆବାସିଂ ଗ୍ରାମର ଘାଟି ଉପରେ ବୁଲାଣି ରାସ୍ତାରେ ବାଇକ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣକ ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗୋସାଣି ବ୍ଲକ ଅନ୍ତର୍ଗତ ଭୁଶୁକୁଡି ଗ୍ରାମର କେ. ଆକାଶ। ସେ ଗ୍ରାମର ଏସ. ବିଜୟ କୁମାର ଗୁରୁତର ଆହତ ହୋଇଥିବାରୁ ପ୍ରଥମେ ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ସେଠାରୁ ଅଧିକ ଚିକିତ୍ସା ପାଇଁ ଆନ୍ଧ୍ର ଶ୍ରୀକାକୁଲମ ସ୍ଥାନାନ୍ତର ହୋଇଛନ୍ତି। ପ୍ରକାଶ ଯେ, ଆକାଶ ଓ ବିଜୟ କୌଣସି କାମରେ ଗୁମ୍ମା ଯାଇ ଫେରୁଥିବା ବେଳେ ବାଇକ୍‌ଟି ଦ୍ରୁତ ଗତିରେ ଆସି ଆବାସିଂ ଗ୍ରାମର ଘାଟି ଠାରେ ଏକ ବଡ ପଥରରେ ପିଟି ହୋଇଥିଲା। ଫଳରେ ଘଟଣା ସ୍ଥଳରେ ଆକାଶଙ୍କ ମୃତ୍ୟୁ ହୋଇଥିବା ବେଳେ ବିଜୟ ଗୁରୁତର ହୋଇଥିଲେ। ସେରଙ୍ଗ ପୋଲିସ ବିଜୟଙ୍କୁ ଡାକ୍ତରଖାନାକୁ ନେଇଥିଲା। ଏ ନେଇ ନଂ.୭୪/୨୪ରେ ମାମଲା ରୁଜୁ କରି ତଦନ୍ତ ଚାଲାଇଛି।

### ବିଷ ପିଇ ନାବାଳିକାଙ୍କ ମୃତ୍ୟୁ

ଖଲ୍ଲିକୋଟ,୧୯।୮(ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ଥାନା ଅନ୍ତର୍ଗତ ବିକ୍ରମପୁର ପଞ୍ଚାୟତ ଅଞ୍ଚଳରେ ଘର ଭିତରେ ବିଷ ପିଇ ସୋମବାର ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସନ୍ଧ୍ୟା ୫ଟାରେ ବିକ୍ରମପୁର ପଞ୍ଚାୟତ ଅଞ୍ଚଳର ଜଣେ ନାବାଳିକା କୌଣସି କରଣ ବଶତଃ ପିଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖଲ୍ଲିକୋଟ ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଯାଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖଲ୍ଲିକୋଟ ଥାନାଧିକାରୀ ନରେଶ କୁମାର ସାହୁ, ଏସଆଇ ପୀଙ୍କିନି ପଟ୍ଟନାୟକ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ଘଟଣାର ତଦନ୍ତ ଚଳାଇଛନ୍ତି।

# ଜୈବ ପରିବେଶ ଚାଷର ପ୍ରସାର

ଦଶପଲ୍ଲା,୧୯।୮( ପ୍ରକାଶ କୁମାର ପାଣି)


ସଙ୍ଗଠନ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ।

ଦଶପଲ୍ଲାରେ ବ୍ଲକର ବିଭିନ୍ନ ଅଞ୍ଚଳରେ ନିର୍ମାଣ ସ୍ୱେଚ୍ଛାସେବୀ ସଙ୍ଗଠନ ଦ୍ୱାରା ଜୈବ ପରିବେଶ ସହାୟକ ଚାଷର ପ୍ରଚାର ଓ ପ୍ରସାର କାର୍ଯ୍ୟ ଚାଲୁ ରହିଥିବା ବିଷୟ ଅନୁଷ୍ଠାନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଦଶପଲ୍ଲାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ନିର୍ମାଣ ସଂସ୍ଥାର ରାଜ୍ୟ ସଂଯୋଜିକା ଅରୁଣିମା ସ୍ୱାଇଁ ଅଂଶଗ୍ରହଣ କରି ସ୍ୱାଗତ ଭାଷଣ ଦେବା ସହ ଅନୁଷ୍ଠାନର କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ। ନିର୍ମାଣ ବର୍ତ୍ତମାନ ଦଶପଲ୍ଲା ବ୍ଲକର ୭ଟି ପଞ୍ଚାୟତର ଯଥା ଟାକେରା, କୁଲୁରୁକୁମ୍ପା, ସରିଗଣ୍ଡା, ନଛିପୁର, ଘୁଗୁଡ଼ିପଡ଼ା, ପୋଖରିଗୋଚ୍ଛା, ଡୁମାଣ୍ଡି, ଭୋଗବାଡି, ଦୁଡାର ୨୦୦୦ରୁ ଅଧିକ ଚାଷୀଙ୍କ ସହ ଜୈବ ପରିବେଶ ସହାୟକ ଚାଷର ପ୍ରଚାର ପ୍ରସାର ଓ ପ୍ରାକୃତିକ ସମ୍ବଳର ପରିଚାଳନା ଓ ପୁନରୁଦ୍ଧାର ଉପରେ କାମ କରୁଛି। ନିର୍ମାଣର ସହଯୋଗ ବଳରେ ଗୋଷ୍ଠୀ ବିହନ ବ୍ୟାଙ୍କ ମାଧ୍ୟମରେ ଚାଷୀମାନେ ୪ ପ୍ରକାରର ଧାନ ତଥା ବିଭିନ୍ନ ପ୍ରକାରର କ୍ଷୁଦ୍ରଶସ୍ୟ ଏବଂ ତୈଳବୀଜ ମଞ୍ଜି ସଂରକ୍ଷଣ କରିବା ସହ ପ୍ରାକୃତିକ ପ୍ରଣାଳୀରେ ନିଜ ଜମିରେ ଚାଷ କରିଆସୁଛନ୍ତି ବୋଲି ଅରୁଣିମା ମତବ୍ୟକ୍ତ କରିଛନ୍ତି। ଚାଷୀମାନେ ଭୁଲି ଯାଇଥିବା ଅଭ୍ୟାସ ଯଥା ମିଶ୍ରିତ ଫସଲ ଚାଷ, ମାଣ୍ଡିଆ ଚାଷ ଏବଂ କମଦିନ ବ୍ୟବଧାନରେ ଅମଳ ହୋଇପାରୁଥିବା ଫସଲ ଚାଷକୁ ପୁନରୁଦ୍ଧାର କରିପାରିଛନ୍ତି। ୪୭ ଟି ଗ୍ରାମରେ ଗୋଷ୍ଠୀ ଜଙ୍ଗଲ ଅଧୀନରେ ଗ୍ରାମସଭାଗୁଡିକ ନିଜର ଦାବିନାମା ଦାଖଲ କରିଛନ୍ତି। ଏଥିମଧ୍ୟରୁ ୨ଟି ଗ୍ରାମସଭା ସେମାନଙ୍କର ଶିରୋନାମା ପାଇ ସାରିଛନ୍ତି। ଏହି ଗ୍ରାମରେ ଗୋଷ୍ଠୀ ସମ୍ବଳ ପରିଚାଳନା କମିଟିଗୁଡିକ ଗୋଷ୍ଠୀ ଜଙ୍ଗଲର ସୁରକ୍ଷା ଓ ଜଗା ରଖା ସହ ଲୁପ୍ତପ୍ରାପ୍ତ ଅନେକ ପ୍ରଜାତିର ଗଛ ଓ ବିହନର ପୁନରୁଦ୍ଧାର କାମରେ ସଫଳତା ପାଇପାରିଛନ୍ତି। ସାମ୍ପ୍ରତିକ ସମୟରେ ଚାଷୀମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ସଫଳତାକୁ ନିଜ ଲେଖା ମାଧ୍ୟମରେ ଯୋଜନା ପ୍ରଣେତାମାନଙ୍କୁ ପ୍ରଭାବିତ କରିବା, ପ୍ରାକୃତିକ ଭାବରେ ଉତ୍ପାଦିତ ଖାଦ୍ୟର ଉପକାରିତା ବିଷୟରେ ଉପଭୋକ୍ତାଙ୍କୁ ସମ୍ବେଦନଶୀଳ କରାଇବା, ଅଧିକ ସଂଖ୍ୟକ ହିତାଧିକାରୀଙ୍କୁ ଏହି ବିଷୟ ସହ ଯୋଡ଼ିବାରେ ଗଣମାଧ୍ୟମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇ ପାରିବ ବୋଲି ସେ କହିଥିଲେ। ଗତ ୧୫ ବର୍ଷରେ ପ୍ରାକୃତିକ ସମ୍ବଳର ପରିଚାଳନା ଓ ପୁନରୁଦ୍ଧାର, ଜୈବ ପରିବେଶ ସହାୟକ କୃଷି କ୍ଷେତ୍ରରେ ଅନୁଷ୍ଠାନର ଉପଲବ୍ଧିକୁ ଜିଲା ସଂଯୋଜକ ସିଦ୍ଧାର୍ଥ ରାଉତ ଉପସ୍ଥାପନା କରିଥିଲେ। ଏଥିରେ ପାଣିପାଗ ପରିବର୍ତ୍ତନର ଚାଷ ଓ ଚାଷୀ ଉପରେ ପଡୁଥିବା କୁପ୍ରଭାବ, ଦେଶୀ ଉତ୍ପାଦିତ ସାମଗ୍ରୀର ବିକ୍ରିବଟା, ଯୁବ ଗୋଷ୍ଠୀ ଚାଷ ପ୍ରତି ଅନାଗ୍ରହ ଦେଖେଇବା ଇତ୍ୟାଦି ସମସ୍ୟାକୁ କହିଥିଲେ। ଏନ୍‌ସିଏନ୍‌ଏଫ୍‌ର ରାଜ୍ୟ ସଂଯୋଜକ ଡ. ମହମ୍ମଦ ଇମ୍ରାନ୍ ଅଲ୍ଲୀ କିପରି ଗଣମାଧ୍ୟମ ପ୍ରାକୃତିକ କୃଷିକୁ ଲୋକପ୍ରିୟ କରାଇପାରିବେ, ସେ ବିଷୟରେ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଜଗତ କଲ୍ୟାଣ ପାଇଁ ବୃକ୍ଷକୁ ରାଖୀ ବାନ୍ଧିଲେ

ଖଣ୍ଡପଡ଼ା,୧୯।୮(ଅଜୟ କୁମାର ମହାରଣା)

**ରକ୍ଷାବନ୍ଧନ ଉତ୍ସବ**

ଘରେ ଘରେ ରାଖୀପର୍ବ ଆନନ୍ଦ ଉଲ୍ଲାସ ସହକାରେ ସୋମବାର ପାଳିତ ହୋଇଯାଇଛି। ସିଧାମୂଳାସ୍ଥିତ ଗୋକୁଳାନନ୍ଦଙ୍କ ପୀଠରେ ପ୍ରଭୁ ଗୋକୁଳାନନ୍ଦ ଓ ପାର୍ଶ୍ୱ ଠାକୁରଙ୍କ ରକ୍ଷାସୂତ୍ର ବନ୍ଧନ ଉତ୍ସବ ପାଳିତ ହୋଇଯାଇଛି। ଠାକୁରଙ୍କ ସମସ୍ତ ଦେବନୀତି ସମ୍ପନ୍ନ ପରେ ନବ ବସ୍ତ୍ର ପରିଧାନ କରାଯାଇ ଏହି କାର୍ଯ୍ୟ ସମ୍ପନ୍ନ କରାଯାଇଛି। ରକ୍ଷାବନ୍ଧନ ଅବସରରେ ସ୍ଥାନୀୟ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଥିଲା। ଝିଅମାନେ ସେମାନଙ୍କ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ଖୁସି ମନାଉଥିବାବେଳେ ଆଉ କେତେଜଣ ଦୂର ସମ୍ପର୍କୀୟ ଭାଇମାନଙ୍କ ହାତରେ ରାଖୀ ବାନ୍ଧି ସମ୍ପର୍କ ଯୋଡୁଥିବା ପରିଲକ୍ଷିତ ହେଉଥିଲା। ଅପରପକ୍ଷରେ ବୃକ୍ଷ ବଞ୍ଚିଲେ ଆମେ ବଞ୍ଚିବା, ସାମ୍ପ୍ରତିକ ପରିସ୍ଥିତିରେ ପରିବେଶ ସୁରକ୍ଷାରେ ବୃକ୍ଷର ଗୁରୁତ୍ୱ ଅଧିକ ଏବଂ ଜଗତର କଲ୍ୟାଣ ନିମନ୍ତେ ବହୁ ଛାତ୍ରୀ, ଯୁବତୀ ବିଭିନ୍ନ ଗଛରେ ରାଖୀ ବାନ୍ଧି ରକ୍ଷାବନ୍ଧନ ଉତ୍ସବ ମନାଇଛନ୍ତି। ସେମାନଙ୍କ କହିବାନୁସାରେ, ମାନବ ସମାଜ ପାଇଁ ଭାଇଠାରୁ ଅଧିକ ଗୁରୁତ୍ୱ ରହିଛି ବୃକ୍ଷର। ଗଛ ବଞ୍ଚିଲେ ଆମେ ତିଷ୍ଠି ରହିପାରିବା। ସେହିପରି ବ୍ରାହ୍ମଣ ପୁରୋହିତମାନେ ଯଜମାନ ହାତରେ ରଙ୍ଗିନ ସୂତା ଗୁଡାଇ ଆଶୀର୍ବାଦ ପ୍ରଦାନ କରିଥିଲେ। ବିଶେଷକରି ଈଶ୍ୱରୀୟ ବ୍ରହ୍ମାକୁମାରୀମାନେ ପ୍ରତି ଘରକୁ ଘର ବୁଲି ଭାଇମାନଙ୍କ ହାତରେ ରାଖୀ ବାନ୍ଧି ଆଜିର ପବିତ୍ର ରକ୍ଷାବନ୍ଧନ ଦିବସରେ ନିଜ ମନରେ ଲୁକ୍କାୟିତ ଥିବା ମନ୍ଦ ଗୁଣକୁ, ଭଉଣୀମାନଙ୍କୁ ଉପହାର ଦେଉଛ ମନେକରି, ତ୍ୟାଗ କରିବାକୁ ଏକ ଅଭିନବ ଚିନ୍ତାଧାରାରେ ନିବେଦନ କରୁଥିବା ଦେଖିବାକୁ ମିଳିଥିଲା।

## ଶ୍ରୀକ୍ଷେତ୍ର ରଥଚକ ମହୋତ୍ସବ ପାଳିତ


ପୁରୀରୁ ଆସିଥିବା ସୁସଜ୍ଜିତ ରଥଚକ।

ନୂଆଗାଁ, ୧୯।୮ (ଧନେଶ୍ୱର ସାହୁ)

ନୂଆଗାଁ ବ୍ଲକ ଦୁରୁଦୁରା ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପକ୍ଷରୁ ରକ୍ଷାବନ୍ଧନ ଦିବସ ଉପଲକ୍ଷେ ସୋମବାର ଶ୍ରୀକ୍ଷେତ୍ର ରଥଚକ ମହୋତ୍ସବ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳୁ ଦୁରୁଦୁରା ଜଗନ୍ନାଥ ମନ୍ଦିରରୁ ଆଜ୍ଞାମାଳ ଆସି ଗତବର୍ଷ ପୁରୀରୁ ଆସିଥିବା ରଥଚକରେ ଲାଗି କରାଯାଇଥିଲା। ସ୍ଥାନୀୟ ଲୋକମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଯାଇଥିଲା। ମଞ୍ଚରେ ପ୍ରିୟମ୍ବଦା ଦାସଙ୍କ ଦ୍ୱାରା ଜଗନ୍ନାଥ କଥାମୃତ ଉପରେ ଆଲୋଚନା ହୋଇଥିଲା। ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରୁ ଆସିଥିବା କବିମାନଙ୍କୁ ନେଇ ଏକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଥିଲା। ଗଣିଆ ବ୍ଲକ କଣ୍ଟିଲୋ ଅଞ୍ଚଳର ଗଛ ସାର ନାମରେ ଜଣାଶୁଣା ଅନ୍ତର୍ଯ୍ୟାମୀ ସାହୁ ଗଛ ସୁରକ୍ଷା ଉପରେ ଅନେକ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାରର ପ୍ରତିଷ୍ଠାତା ସଞ୍ଜୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦାମୋଦର ସାହୁ, ପ୍ରଫୁଲ୍ଲ ବାରିକ, ଭଜମନ ପରିଡା, ନିର୍ମଳ ଶୂରଦେଓ, ଧୀରେନ୍ଦ୍ର କୁମାର ସାହୁ, ନିତ୍ୟାନନ୍ଦ ସାହୁ, ତପୋଇ ସେଠୀ, ମମତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଗଛକୁ ରାଖୀ ବାନ୍ଧି ରକ୍ଷାବନ୍ଧନ ଉତ୍ସବ




ନୟାଗଡ଼,୧୯।୮(ଲୋକନାଥ ମିଶ୍ର)

ଗଛକୁ ରାଖୀ ବାନ୍ଧି ରକ୍ଷାବନ୍ଧନ ଉତ୍ସବକୁ ନିଆରା ଢ଼ଙ୍ଗରେ ପାଳନ କରିଛି ନୟାଗଡ଼ର ମା' ଫାଉଣ୍ଡେଶନ ପକ୍ଷରୁ କରାଯାଇଛି। ଫାଉଣ୍ଡେଶନର ସମ୍ପାଦକ ରଞ୍ଜନ ରଶ୍ମୀ ଜେନା, ବିଜୟାନନ୍ଦ ମହାପାତ୍ରଙ୍କ ସଂଯୋଜନାରେ ସ୍ଥାନିତ ନାରାୟଣ ପାର୍କ ପରିସରରେ ସୋମବାର ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଥିଲା। କାର୍ଯ୍ୟକ୍ରମରେ ପରିବେଶବିତ ଦାମୋଦର ସାହୁ, ଅଧ୍ୟାପକ ଆଶୁତୋଷ ମିଶ୍ର ଓ ବାନାମ୍ବର ପୃଷ୍ଟି, ଅଧ୍ୟାପିକା ନୀଳିମା ନନ୍ଦ, ସଂଘମିତ୍ରା ସ୍ୱାଇଁ, ଦେବେନ୍ଦ୍ର ପରମଗୁରୁ, କବି ପ୍ରଭାତ ମିଶ୍ର, ଜ୍ଞାନ ପ୍ରକାଶ ଦାସ, ପ୍ରତାପ ଷଡ଼ଙ୍ଗୀ, ଲକ୍ଷ୍ମୀକାନ୍ତ ରଥ, ସତ୍ୟ ସୁନ୍ଦର ଦାସ, ରବି ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ସେମାନେ ନାରାୟଣୀ ପାର୍କ ଆଗରେ ଥିବା ଗଛଗୁଡିକରେ ସଚେତନତା ମୂଳକ ବିଭିନ୍ନ ପ୍ରଜ୍ଞାପନ ଲିପିଫଳକ ସ୍ୱରୂପ ରାଖୀ ବାନ୍ଧି ଥିଲେ। କାର୍ଯ୍ୟକ୍ରମକୁ ଗୋପୀ ନାଥ ସେଠୀ ପରିଚାଳନା କରିଥିଲେ।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ ନେଇ ଉତ୍ତେଜନା

**କ୍ଷତିପୂରଣ ଦାବି କଲେ ପରିବାର**

ଦାରିଙ୍ଗବାଡି, ୧୯।୮(ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ଅଞ୍ଚଳରେ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ସୋମବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପର୍ତ୍ତମାହା ପଞ୍ଚାୟତ ପେତାରବାଡି ଗ୍ରାମର ରଞ୍ଜନ ପ୍ରଧାନଙ୍କ ପୁଅ ଆବେଦନ ପ୍ରଧାନ। ପୁଅର ମୃତ୍ୟୁକୁ ନେଇ ପରିବାର ଲୋକେ କ୍ଷତିପୂରଣ ଦାବି କରିଥିଲେ। ଯାହାକୁ ନେଇ ଉତ୍ତେଜନା ପରିସ୍ଥିତି ସୃଷ୍ଟି ହୋଇଥିଲା। ପେତାରବାଡି ନିକଟ ଏକ ରାସ୍ତା ସାମ୍ପ୍ରସାରଣ କାର୍ଯ୍ୟ ଚାଲିଥିବା ବେଳେ ଏକ ଠିକା ସଂସ୍ଥା ପକ୍ଷରୁ ରାସ୍ତାରେ ଆବେଦନଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ସେ ଏକ ଲୁହାର ଲମ୍ବା ସ୍କେଲରେ ମାପିବା ବେଳେ ସେହି ରାସ୍ତା କଡରେ ୧୧ କେଭି ବିଦ୍ୟୁତ ସଂଯୋଗରେ ଆବେଦନ ଆସିଯାଇଥିଲେ ସେଠାରେ ସେ ଗୁରୁତର ହୋଇ ପଡ଼ିଯାଇଥିଲେ। ତାଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତରେ ଠିକସଂସ୍ଥା ପକ୍ଷରୁ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଦାରିଙ୍ଗବାଡି ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲେ। ତେବେ ସେଠାରେ ଚାପା ଉତ୍ତେଜନା ଦେଖାଯାଇଥିଲା। ଠିକସଂସ୍ଥା କ୍ଷତିପୂରଣ ଦେବାକୁ ପରିବାର ଲୋକେ ଦାବି କରିଥିଲେ। କ୍ଷତିପୂରଣ ଦେବାକୁ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ବ୍ୟବଚ୍ଛେଦ ହୋଇଥିବା ପୋଲିସ କହିଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଘାଟିରେ ଟ୍ରକ୍ ଦୁର୍ଘଟଣା

ଖଜୁରିପଡ଼ା,୧୯।୮(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଗାଡିଆ ପଡା ଘାଟିରେ ସୋମବାର ଏକ ଟ୍ରକ (ନଂ ଡବ୍ଲୁ ବି ୨୩ ଇ ୩୯୭୪) ରାୟଗଡ଼ାରୁ କଲିକତା ଯାଉଥିବା ବେଳେ ଭାରସାମ୍ୟ ହରାଇ ଦୁର୍ଘଟଣା ଘଟିଛି। ଏଥିରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଡ୍ରାଇବର ପିଣ୍ଟୁ କୁମାର୍। ପୋଲିସ ସମେତ ଖଜୁରିପଡ଼ା ବ୍ଲକ ଡ୍ରାଇବର ସଂଘର ସଭାପତି ବିଷ୍ଣୁ ଚରଣ ବେହେରା ପହଞ୍ଚି ଡ୍ରାଇବର ପିଣ୍ଟୁ କୁମାର୍‌ଙ୍କୁ ଉଦ୍ଧାର କରିଛନ୍ତି।

# ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ


ମଞ୍ଚାସୀନ ଅତିଥି ବୃନ୍ଦ।

ଦଶପଲ୍ଲା,୧୯।୮ (ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ଫଟୋ ଗ୍ରାଫର ଆସୋସିଏଶନ୍ ତରଫରୁ ବିଶ୍ୱ ଫଟୋଗ୍ରାଫି ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ସୀତାରାମ କ୍ଲବଠାରେ ଅନୁଷ୍ଠାନର ସଭାପତି ପ୍ରତାପ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲା ବରିଷ୍ଠ ଫଟୋଗ୍ରାଫର ମାନବ କିଶୋର ରାୟ, ବୀରେନ୍ଦ୍ର ନାଥ ଦାଶ, ଦଶପଲ୍ଲା ବରିଷ୍ଠ ଫଟୋ ଗ୍ରାଫର ମୁରଲିଧର ମହାରଣା, ଅଶ୍ୱିନୀ ଶଙ୍କର ଖଟେଇ, ଆର୍‌ଏସ୍‌ଏସ୍‌ର ମାନସ କୁମାର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ପାଦକ ପିଣ୍ଟୁ ରଞ୍ଜନ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଶ୍ୱ ଫଟୋଗ୍ରାଫି ସହ ଏକତା ବିଷୟରେ ଆଲୋଚନା ହୋଇଥିଲା। ଅତିଥି ରାୟ ଫଟୋଗ୍ରାଫି ଉପରେ ବିଭିନ୍ନ ଟେକ୍ନୋଲୋଜି ଉପରେ ଉଦ୍‌ବୋଧନ ଦେଇଥିଲେ। କୋଷାଧ୍ୟକ୍ଷ ବାବୁଲି ଦାଶ, ମନୋରଞ୍ଜନ ଗୋଛି, ସୁଧାଂଶୁ ଶେଖର ପରିଡ଼ା, ବିଜୟ କୁମାର ସିଠ ସମେତ ଦଶପଲ୍ଲାର ବହୁ ଫଟୋଗ୍ରାଫର ଯୋଗ ଦେଇଥିଲେ।

# ରକ୍ଷା ବନ୍ଧନ ଉତ୍ସବ


ନିଗମାନନ୍ଦ ଆଶ୍ରମରେ ଉତ୍ସବ।

ଦଶପଲ୍ଲା,୧୯।୮ (ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲାରେ ପବିତ୍ର ରକ୍ଷା ବନ୍ଧନ ଉତ୍ସବ ଓ ଗମ୍ଭାଡିଆଁ ପର୍ବ ପାଳିତ ହୋଇଯାଇଛି। ଭଉଣୀମାନେ ଭାଇଙ୍କ ହାତରେ ରାଖୀ ବାନ୍ଧି ଉତ୍ସବକୁ ପାଳନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ରାକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଥିଲା। ସେହିପରି ଶ୍ରୀ ଶ୍ରୀନିଗମାନନ୍ଦଙ୍କ ଆଶ୍ରମରେ ରକ୍ଷା ବନ୍ଧନ ଉତ୍ସ। ପାଳନ କରାଯାଇଥିଲା। ଦିନ ତମାମ ଆଶ୍ରମରେ ହୋମ୍‌ଯଜ୍ଞ, ସଂକୀର୍ତ୍ତନ ଆୟୋଜନ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ବହୁ ଭକ୍ତଙ୍କ ସମାଗମ ହୋଇଥିଲା।

# ପିଲାମାନେ ଉପକାରାଗାରରେ ରକ୍ଷାବନ୍ଧନ ପାଳିଲେ

ଖଣ୍ଡପଡ଼ା,୧୯।୮(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲାର ପାଣିପୋଲଲାସ୍ଥିତ ସରସ୍ୱତୀ ଶିଶୁମନ୍ଦିରର କୁନି କୁନି ଛାତ୍ରୀଛାତ୍ରମାନେ ଗୁରୁମାଗୁରୁଜୀଙ୍କ ଗହଣରେ ଖଣ୍ଡପଡ଼ା ଉପକାରାଗାରରେ ପହଞ୍ଚି କର୍ମଚାରୀ ଓ ଅନ୍ତେବାସୀଙ୍କୁ ଭେଟି ରାଖୀ ବାନ୍ଧି ମିଠା ଖୁଆଇ ଏକ ନିଆରା ଢଙ୍ଗରେ ରକ୍ଷା ବନ୍ଧନ ପର୍ବ ପାଳଛନ୍ତି। ପିଲାମାନଙ୍କର ଏହି କାର୍ଯ୍ୟକ୍ରମ ଅନ୍ୟମାନଙ୍କୁ ପ୍ରେରଣା ଦେଉ ବୋଲି ଉପକାରାଗାର କର୍ମଚାରୀମାନେ ମତ ଦେବା ସହ ଖୁସିବ୍ୟକ୍ତ କରିଥିଲେ।


ଉପକାରାଗାରର କର୍ମଚାରୀଙ୍କୁ ପିଲାମାନେ ରାଖୀ ବାନ୍ଧୁଛନ୍ତି।

# ଗାଁ ଗାଁରେ ଜଳସେଚନ ବ୍ୟବସ୍ଥାକୁ ଗୁରୁତ୍ୱ

ଦାରିଙ୍ଗବାଡ଼ି,୧୯।୮(ଅରୁଣ ସାହୁ)

**ଜିଲାପାଳଙ୍କ ୨ ଦିନିଆ ଦାରିଙ୍ଗବାଡ଼ି ଗସ୍ତ**

ଦାରିଙ୍ଗବାଡ଼ି ଅଞ୍ଚଳରେ ଜଳସେଚନ ବ୍ୟବସ୍ଥାକୁ ଜିଲା ପ୍ରଶାସନ ଅଧିକ ଗୁରୁତ୍ୱ ଦେଇଛନ୍ତି। ବର୍ଷା ଭଲ ହେଲେ ଚାଷ ଭଲ ହେଉଥିବା ବେଳେ ଅନ୍ୟ ସମୟରେ ଗ୍ରୀଷ୍ମ ଓ ଶୀତଋତୁରେ ଫସଲ କରାଯାଉ ନ ଥିବା ଉଦ୍‌ବେଗଜନକ ସ୍ଥିତି ହୋଇଥାଏ। ତେଣୁ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା କରାଗଲେ ଚାଷର ବିକାଶ ହୋଇପାରିବ ବୋଲି ୨ଦିନିଆ ଗସ୍ତରେ ଆସିଥିବା କନ୍ଧମାଳର ଜିଲାପାଳ ଅମ୍ରିତ ଋତୁରାଜ କହିଛନ୍ତି। ସେ ସୋମବାର ପୂର୍ବାହ୍ନରେ ସ୍କୁଟିରେ ବନ ବିଭାଗ ଡାକ ବଙ୍ଗଳାରୁ ବାହାରି ଅଞ୍ଚଳର ଦୁର୍ଗମ ଗାଁ ଅଭିମୁଖେ ଯାତ୍ରା କରିଥିଲେ। ତାଙ୍କ ସହ ବିଡିଓ ଗଦାଧର ପାତ୍ର, ଏପିଓ କେଦାର ଚନ୍ଦ୍ର ପଣ୍ଡା ଓ ସୁରକ୍ଷା କର୍ମୀ ମଧ୍ୟ ସ୍କୁଟି ଓ ବାଇକ୍ ଧରି ବାହାରିଥିଲେ। ପ୍ରଥମେ ଜିଲାପାଳ ଡୁଲୁରୀ ପାଇନବଣର ରୂପାନ୍ତର କାର୍ଯ୍ୟ ପରିଦର୍ଶନ କରିବା ସହ ପ୍ଲିହେରି ପଞ୍ଚାୟତର ପାଙ୍ଗାଲି ଜଳପ୍ରପାତ ବୁଲି ଦେଖିବା ସହ ଗ୍ରାମବାସୀଙ୍କୁ ଭେଟି ସରକାରଙ୍କ ବିଭିନ୍ନ ଯୋଜନା କିଭଳି ପାଉଛନ୍ତି ପଚାରି ବୁଝିଥିଲେ। ପରେ ପାଙ୍ଗାଲି ଘାଟିରେ ପର୍ଯ୍ୟଟକଙ୍କ ପାଇଁ ସୁବିଧା କରାଯିବା ପାଇଁ ପରିଦର୍ଶନ କରିବା ସହ ମିଡିୟୁବାନ୍ଧା ଜଳପ୍ରପାତ ଦେଖି ତା'ର ବିକାଶ ପାଇଁ ବିଡିଓଙ୍କ ସହ ଆଲୋଚନା କରିଛନ୍ତି। ପରେ ସେ ଜୁରୁଣ୍ଡା ଭ୍ୟୁ ପଏଣ୍ଟ ଦେଖିବା ସହ ଯୁଆଙ୍ଗିଆ, ସୋନପୁର ସେବାଶ୍ରମରେ ପହଞ୍ଚିଥିଲେ। ସେଠାରେ କେବଳ କୁକ୍ କମ୍ କେୟାରଟେକର ରହିଥିବା ବେଳେ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଅନୁପସ୍ଥିତ ଥିବାରୁ ଜିଲାପାଳ ଉଦ୍‌ବେଗ ପ୍ରକାଶ କରିଥିଲେ। ପରେ ସେ ମୁଟୁଡ଼ିପାଙ୍କା ଗ୍ରାମର ଜଳସେଚନ ପ୍ରକଳ୍ପ ଦେଖି ସ୍ଥାନୀୟ ଲୋକଙ୍କୁ ଏଣିକି ବର୍ଷା ନୁହେଁ, ଶୀତ ଓ ଗ୍ରୀଷ୍ମଦିନରେ ମଧ୍ୟ ଉକ୍ତ ପ୍ରକଳ୍ପରୁ ଆସୁଥିବା ଜଳର ସଦୁପଯୋଗ କରି ବିଭିନ୍ନ ଫସଲ ଅମଳ କରିବାକୁ ପରାମର୍ଶ ଦେଇଥିଲେ। ଯେଉଁ ଗାଁରେ ନଦୀ, ନାଳ ପ୍ରବାହିତ ହୋଇଥିବ ସେଠାରେ ଛୋଟ ଛୋଟ ଜଳସେଚନ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ କହିବା ସହ ବିଦ୍ୟାଳୟ ଓ ସେବାଶ୍ରମଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପଢ଼ାର ଉନ୍ନତି ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ନୂତନ ଭାବେ ଦାୟିତ୍ୱ ନେଇଥିବା ଜିଲାପାଳ ଅମ୍ରିତ ଋତୁରାଜ ୨ ଦିନିଆ ଦାରିଙ୍ଗବାଡ଼ି ଗସ୍ତରେ ଆସିଛନ୍ତି। ସେ ରବିବାର ଅପରାହ୍ନରେ ଦାରିଙ୍ଗବାଡ଼ିର ବନ ବିଭାଗ ଡାକବଙ୍ଗଳାରେ ପହଞ୍ଚି ପୂର୍ବ ପ୍ରସ୍ତୁତି ପ୍ରକାରେ ଏକ ସ୍କୁଟି ଧରି ସାଧାରଣ ଲୋକଙ୍କ ଭଳି ଘୂରି ବୁଲିଥିଲେ। ହୋଟେଲରେ ସାଧାରଣ ଲୋକ ଭଳି ଖାଇବା ସହ କଫି ବଗିଚା ସମ୍ମୁଖରେ ମହୁ, ଚେରିକୋଳି ଆଦି କିଣିଛନ୍ତି। ଏହାକୁ ନେଇ 'ଜିଲାପାଳ ହେବ ତ ଏମିତି' ବୋଲି ଲୋକେ କହିଛନ୍ତି। ପ୍ରଥମେ ସେ ଦାରିଙ୍ଗବାଡ଼ି ଡବେରୀ ଓ ଗ୍ରୀନ୍‌ବାଡି ପଞ୍ଚାୟତର କିଲାବାଡ଼ି ସେବାଶ୍ରମ ଦେଖିବା ସହ ସୁଲେଇସାରୁ ଭ୍ୟୁ ପଏଣ୍ଟ, କଫି ବଗିଚା, କଫି କାଫେ, ନେଚର ପାର୍କ, ହିଲ୍ ଭ୍ୟୁ ପାର୍କ, ଗୋଲମରିଚ ଚାଷ ଆଦି ବୁଲି ଦେଖିଥିଲେ।

# ଝାଡ଼ାବାନ୍ତି: ୨୨ ଆକ୍ରାନ୍ତ, ଜଣେ ମୃତ

ରାଜନଗର, ୧୯।୮ (ଭାସ୍କର ରାଉତରାୟ)

## ଚାରିପୋଖରିଆ ଗାଁ

ରାଜନଗର ବ୍ଲକ୍‌ରେ ଝାଡ଼ାବାନ୍ତି ଯୋଗୁ ଉଦ୍‌ବେଗଜନିତ ସ୍ଥିତି ସୃଷ୍ଟି ହୋଇଛି। ବ୍ଲକ୍‌ର ଭିତରଗଡ଼ ପଞ୍ଚାୟତ ଚାରିପୋଖରିଆ ଗାଁରେ ଝାଡ଼ାବାନ୍ତିରେ ୨୨ଜଣ ଆକ୍ରାନ୍ତ ହୋଇଥିବା ବେଳେ ଜଣେ ୯ ବର୍ଷ ବାଳକଙ୍କ ମୃତ୍ୟୁ ଘଟିଛି।

ଚାରିପୋଖରିଆ ଗାଁରେ ଝାଡ଼ାବାନ୍ତି ଉଦ୍‌ବେଗଜନକ ସ୍ଥିତି ସୃଷ୍ଟି କରିଛି। ରବିବାରଠାରୁ ସୋମବାର ଭିତରେ ୨୨ ଜଣ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଛନ୍ତି। ରବିବାର ଗାଁରୁ ୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ରାତିରୁ ସୋମବାର ଭିତରେ ଆଉ ୧୬ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଛନ୍ତି। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିବା ଗଜେନ୍ଦ୍ର ବେହେରାଙ୍କ ପୁଅ ଅଭିରାମ (୯)ଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଭିରାମଙ୍କର ରାତିରେ ମୃତ୍ୟୁ ଘଟିଛି। ଅଭିରାମଙ୍କ ପରିବାରରେ ଆଉ ୩ ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ଏହି ଗାଁରୁ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା ସୁଚିତ୍ରା ବାରିକ, ଭାରତୀ ବେହେରା, ସୁଷମା ପ୍ରଧାନ, ଯମୁନା ବାରିକ, କ୍ରିଶ୍ ପ୍ରକାଶ ବାରିକ, ବିଜୟାଲକ୍ଷ୍ମୀ ପାତ୍ର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ଭୁବନେଶ୍ୱରରେ ଝରଣା ବେହେରା ଓ କଟକରେ ଜିରାମଣୀ ବେହେରା ଚିକିତ୍ସିତ ହେଉଛନ୍ତି। ରାଜନଗର ସିଏଚ୍‌ସିରେ ରଙ୍ଗଲତା ଦାସ, ଗଜାନନ ପାତ୍ର, ଭଗବତୀ ବେହେରା, ପାୟଲ ବାରିକ, ଅରୁଣ ବାରିକ ଚିକିତ୍ସା ହେଉଛନ୍ତି। ଅନ୍ୟମାନେ ସ୍ୱାସ୍ଥ୍ୟକେନ୍ଦ୍ରରୁ ସୁସ୍ଥହୋଇ ଘରକୁ ଫେରିଛନ୍ତି।

## ଚିକିତ୍ସା ଅଭାବରୁ ବାଳକଙ୍କ ମୃତ୍ୟୁ ଅଭିଯୋଗ

କେନ୍ଦ୍ରାପଡ଼ା, ୧୯।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ଅଭାବରୁ ବାଳକଙ୍କ ମୃତ୍ୟୁ ହୋଇଥିବା ସୋମବାର ଅଭିଯୋଗ ହୋଇଛି। ରାଜନଗର ତହସିଲ ଚାରିପୋଖରିଆ ଗାଁର ମୃତକ ଅଭିରାମ ବେହେରା(୯)ଙ୍କ ବାପା ଗଜେନ୍ଦ୍ର ଏ ସମ୍ପର୍କରେ ସିଡିଏମ୍‌ଓଙ୍କୁ ଏକ ଅଭିଯୋଗ ଦେଇଛନ୍ତି। ଏ ସମ୍ପର୍କରେ ଗଜେନ୍ଦ୍ର କହିଛନ୍ତି, ଝାଡ଼ାବାନ୍ତି ହେବାରୁ ପ୍ରଥମେ ରାଜନଗର ସିଏଚ୍‌ସି ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ରବିବାର ରାତିରେ ପୁଅକୁ ଆଣିଥିଲି। ଡାଇରିଆ ୱାର୍ଡରେ ଭର୍ତ୍ତି ପରେ ପ୍ରାୟ ୩ ଘଣ୍ଟା ଧରି ଚିକିତ୍ସା ସେବା ଯୋଗାଇ ଦିଆଯାଇ ନ ଥିଲା। ପୁଅର ଚିକିତ୍ସା ପାଇଁ ୱାର୍ଡରେ ଥିବା ନର୍ସଙ୍କୁ କହିଥିଲେ ମଧ୍ୟ କୌଣସି ଡାକ୍ତର ପହଞ୍ଚି ନ ଥିଲେ। ସମ୍ପୃକ୍ତ ଡାକ୍ତର ଓ ନର୍ସଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସିଡିଏମ୍‌ଓଙ୍କୁ ଲିଖିତ ଅଭିଯୋଗ ଦିଆଯାଇଛି। କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଚିକିତ୍ସାଳୟ ସମ୍ମୁଖରେ ଅନଶନ କରିବେ ବୋଲି ଗଜେନ୍ଦ୍ର କହିଛନ୍ତି। ଏ ସମ୍ପର୍କରେ ଏଡିଏସ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ଅଭିଯୋଗ ସମ୍ପର୍କରେ ନିଶ୍ଚିତ ତଦନ୍ତ ହେବ। କର୍ତ୍ତବ୍ୟରେ ଅବହେଳା ହୋଇଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ମନୀଷ



@ ସରୋଜ



@ କେଶବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଜୀଉଙ୍କୁ ଲାଗିହେଲା ପାଟ ରାଖୀ, ଚିତା ଓ କାଠି ମୁକୁଟ



କେନ୍ଦ୍ରାପଡ଼ା, ୨୦।୮ (ଜଗନ୍ନାଥ ଧଳ)

## ତୁଳସୀ କ୍ଷେତ୍ରାଧିପତିଙ୍କ ଜନ୍ମୋତ୍ସବ

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ଜନ୍ମୋତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କୁ ସ୍ୱର୍ଣ୍ଣ ଚିତା, କାଠି ମୁକୁଟ ଲାଗି କରାଯିବା ସହ ଶ୍ରୀଜୀଉଙ୍କ ତୁଳସୀ ବେଶ ଅନୁଷ୍ଠିତ ହୋଇଛି। ଦଶମୀ ତିଥିରେ ପୁରୀ ଶ୍ରୀମନ୍ଦିରର ସୁଭଦ୍ରାଙ୍କ ନିକଟରୁ ଆସିଥିବା ପାଟ ରାଖୀ ବଡ଼ଭାଇ ଶ୍ରୀବଳଦେବଜୀଉ ଓ ସାନଭାଇ ଶ୍ରୀଜଗନ୍ନାଥ ଜୀଉଙ୍କୁ ଲାଗି କରାଯାଇଛି। ଶ୍ରୀଜୀଉଙ୍କ ଜନ୍ମୋତ୍ସବ ଉପଲକ୍ଷେ ସହରର ଇଚ୍ଛାପୁରସ୍ଥିତ ମନ୍ଦିରରେ ସକାଳ ୫ରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଗହଳି ଲାଗି ରହିଥିଲା। ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ ପରେ ଜନ୍ମୋତ୍ସବ ଉପଲକ୍ଷେ ପେଡା ଭୋଗ ମଣୋହି ହୋଇଥିଲା। ଏହାପରେ କାଠିମୁକୁଟ ଓ ଅଧରମାଳ ଲାଗି କରାଯାଇ ଗହ୍ମା ଅଭିଷେକ ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରୀକ୍ଷେତ୍ରରୁ ଆସିଥିବା ପାଟ ରାଖୀକୁ ମଝିବାଡ ପୂଜାପଣ୍ଡା ଅର୍ପଣ କରିଥିଲେ। ଗହ୍ମା ଅଭିଷେକ ଉପଲକ୍ଷେ ହୋମ ଯଜ୍ଞ ସହ ୧ ଲକ୍ଷ ତୁଳସୀ ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ମନ୍ଦିର ଭିତରେ ଓ ବାହାରେ ଭଜନ, କୀର୍ତ୍ତନ, ସ୍ତୁତି, ନାମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଦେବୋତ୍ତର ସଂସ୍ଥା କାର୍ଯ୍ୟନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ସୁପରଭାଇଜର ନୃସିଂହ ଚରଣ ପତ୍ରୀ, ପୂର୍ବତନ ଟ୍ରଷ୍ଟି ଧୀରେନ ସାହୁ, ବଳରାମ ସୁଆର, ଗଗନ ପତ୍ରୀ, ଧର୍ମଦର୍ଶୀ କର, ୩ ବାଡର ପୂଜାପଣ୍ଡା ପ୍ରମୁଖ ପରିଚାଳନା ଓ ନିରୀକ୍ଷଣ କରିଥିଲେ।

# ୩ ମାସର ରେଲଓ୍ୱେ ରାସ୍ତା ଧସିଲା

ଯାଜପୁର, ୧୯।୮ (ହର୍ଷବର୍ଦ୍ଧନ ବେହେରା)



ପୂର୍ବତଟ ରେଳପଥ ଯାଜପୁର ରୋଡ୍ ରେଳଷ୍ଟେଶନ ଅଧୀନରେ ଚାଲିଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ହୋଇଆସୁଛି। ଏହି ରେଳଷ୍ଟେଶନର ଦକ୍ଷିଣ ପଟକୁ ଥିବା ଗୁଡ୍ସ ଶେଡ୍ ପରିସରରେ ପ୍ରାୟ ୩ ମାସ ତଳେ ନିର୍ମାଣ ହୋଇଥିବା ପିଚୁ ରାସ୍ତାର ଏକ ପାର୍ଶ୍ୱ ଧସି ଯାଇଥିବା ଦେଖିବାକୁ ମିଳିଛି। ସମ୍ପୃକ୍ତ ଠିକାଦାରଙ୍କ ଦ୍ୱାରା ମନମାନି କାର୍ଯ୍ୟ ସହିତ ଆବଶ୍ୟକ ନିର୍ମାଣ ସାମଗ୍ରୀ ବ୍ୟବହାର ନ ହେବା ଏବଂ ଦାୟିତ୍ୱରେ ଥିବା ଯନ୍ତ୍ରୀ ଉପଯୁକ୍ତ ଭାବେ ନିରୀକ୍ଷଣ ନ କରିବା ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ମତପ୍ରକାଶ ପାଇଛି। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ମାଲବୋଝେଇ ଟ୍ରକ୍ ଯାତାୟାତ କରିଥାନ୍ତି। ଏପରିକି ଯାତ୍ରୀମାନେ ମଧ୍ୟ ଫୁଟ୍ ଓଭରବ୍ରିଜ ଦ୍ୱାରା ଯିବାଆସିବା କରିଥାନ୍ତି। କିନ୍ତୁ ଅତି ନିମ୍ନମାନର କାର୍ଯ୍ୟ ଯୋଗୁ ଆଗାମୀ ବର୍ଷକ ମଧ୍ୟରେ ଏହି ରାସ୍ତା ପୂର୍ବ ଅବସ୍ଥାକୁ ପୁଣି ଫେରିଆସିବ ବୋଲି କୁହାଯାଉଛି। ପୂର୍ବରୁ ମଧ୍ୟ ସାଇ ମନ୍ଦିର ରେଳଫାଟକ ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତା ଧସି ଯାଇଥିବା ଦେଖିବାକୁ ମିଳିଥିଲା। ଗତ ଜାନୁୟାରୀରେ ପଶ୍ଚିମ ପଟ ସାଇ ମନ୍ଦିର ସମ୍ମୁଖରେ ଥିବା ରେଳଫାଟକକୁ ବନ୍ଦ କରି ନିକଟସ୍ଥ ମା' ଚାରିଆଖିଆ ଠାକୁରାଣୀ ମନ୍ଦିର ନିକଟକୁ ସ୍ଥାନାନ୍ତର କରାଯାଇଛି। ଏହା ସାପଗଡ଼ିଆ ରାସ୍ତା ସହିତ ସଂଯୋଗ ହୋଇଛି। ଏହି ରାସ୍ତା ଖାଲଖମାରେ ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏହାବାଦ ଉକ୍ତ ଫାଟକ ଡାହାଣ ପାର୍ଶ୍ୱ ରାସ୍ତା ନିର୍ମାଣ ହୋଇ ନ ଥିବାରୁ ସାଧାରଣ ଲୋକଙ୍କ ଯାତାୟାତରେ ବହୁ ସମସ୍ୟା ଉପୁଜୁଛି। ଏ ସଂକ୍ରାନ୍ତରେ ଯାଜପୁର ରୋଡ୍ ରେଲଓ୍ୱେ ଯନ୍ତ୍ରୀ ଆଦିତ୍ୟ ସ୍ୱାଇଁଙ୍କୁ ପଚାରିବାରୁ ସେ କହିଛନ୍ତି, ଭାରିଯାନ ଚଳାଚଳକୁ ଦୃଷ୍ଟିରେ ରଖି ରାସ୍ତା ନିର୍ମାଣ ହୋଇଛି। ଆବଶ୍ୟକ ଏଷ୍ଟିମେଟ ଅନୁସାରେ ନିର୍ମାଣ ସାମଗ୍ରୀ ବ୍ୟବହାର ହୋଇଛି। ତେବେ କିପରି ଧସିଲା ତାହାର ତଦନ୍ତ କରାଯିବ। ଅନ୍ୟପକ୍ଷେ କେତେ ଟଙ୍କାର ଏହି ରାସ୍ତା କାର୍ଯ୍ୟ ବୋଲି ପ୍ରଶ୍ନ କରିବାରୁ ତାହା ଜଣାଇବାର କିଛି ଆବଶ୍ୟକ ନାହିଁ ବୋଲି କହି ଏଡାଇ ଦେଇଥିଲେ।

## ବଜ୍ରପାତରେ ବିନୋଦ ବିହାରୀ ମନ୍ଦିରର ପଥର ଖସିଲା



ମନ୍ଦିରରେ ବଜ୍ରପାତ ଘଟି ପଥର ଖଣ୍ଡ ଖସିପଡ଼ିଛି।

କେନ୍ଦ୍ରାପଡ଼ା, ୧୯।୮ (ଜଗନ୍ନାଥ ଧଳ)

ସୋମବାର ସନ୍ଧ୍ୟାରେ ହୋଇଥିବା ବଜ୍ରପାତ କେନ୍ଦ୍ରାପଡ଼ା ସହରର ଗଣାମାହାଲସ୍ଥିତ ବିନୋଦ ବିହାରୀ ମନ୍ଦିରର ବିଶେଷ କ୍ଷତି ହୋଇଛି। ପ୍ରାୟ ୬୫୦ ବର୍ଷର ଏହି ମନ୍ଦିରର ଦଧିନଉତି ଦବିଯିବା ସହ ୪ଟି ଖୁଣ୍ଟ ଉପରେ ପ୍ରଭାବ ପଡିଛି। ଫଳରେ ମନ୍ଦିରର ୧୨ଟି ପଥର ତଳକୁ ଖସିପଡିଛି। ସୂଚନାଯୋଗ୍ୟ, ଏହି ମନ୍ଦିର ମରହଟ୍ଟା ଶାସନ ସମୟରେ ନିର୍ମିତ ହୋଇଥିଲା। ରେଖ ନିର୍ମାଣ ଶୈଳୀରେ ହୋଇଥିବା ମନ୍ଦିରରେ ବହୁ ପ୍ରାଚୀନ ମୂର୍ତ୍ତି ସ୍ଥାପନ କରାଯାଇଥିଲା।

## ଦୁର୍ଘଟଣାରେ ପାଟ୍ରୋଲିଂ ଅଧିକାରୀ ଗୁରୁତର

ପାଣିକୋଇଲି, ୧୯।୮ (ବିକାଶ କୁମାର ମଲିକ): ପାଣିକୋଇଲି ଥାନାର କାର୍ଯ୍ୟରତ ରାଜପଥ ପାଟ୍ରୋଲିଂ ଅଧିକାରୀ ଗଣେଶ୍ୱର ଖଣ୍ଡାଇ(୫୫) ସଡ଼କ ଦୁର୍ଘଟଣାର ଗୁରୁତର ହୋଇଛନ୍ତି। ସେ ବୈତରଣ ରୋଡ଼ ଘରୁ ଅମୃତିଆ ପାଣିକୋଇଲି ରାସ୍ତାରେ ବାଇକ୍‌ରେ ଆସୁଥିବା ବେଳେ ବର୍ତ୍ତମଣା ଗ୍ରାମ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ହଠାତ୍ ଏକ ଷଣ୍ଢ ରାସ୍ତା ମଝିକୁ ଚାଲି ଆସିବାରୁ ତାଙ୍କ ଗାଡ଼ି ଭାରସାମ୍ୟ ହରାଇ ରାସ୍ତା ଉପରେ ଛଟିକି ପଡିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପାଟୋଲିଂ ଅଧିକାରୀ ଅଶୋକ କୁମାର ବଳ ସେଠାରେ ପହଞ୍ଚି ଆହତଙ୍କୁ ଯାଜପୁର ଜିଲା ଡାକ୍ତରଖାନା ପଠାଇଥିଲେ।

# ୫ ହଜାର କାଉଡ଼ିଆଙ୍କ ଜଳଲାଗି



ଗୋରେଖନାଥଙ୍କ ପୀଠରେ ଜଳଲାଗି ପାଇଁ କାଉଡ଼ିଆଙ୍କ ଭିଡ଼।

ରଘୁନାଥପୁର, ୧୯।୮ (ରାଜେନ୍ଦ୍ର ନାରାୟଣ ସିଂହ)

## ଗୋରେଖନାଥ ପୀଠ

■ ଶ୍ରାବଣ ମାସର ଶେଷ ସୋମବାର

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତି କ୍ଷେତ୍ରର ଅଧିଷ୍ଠାତା ପ୍ରଭୁ ଗୋରେଖନାଥଙ୍କ ପୀଠରେ ଶ୍ରାବଣ ମାସର ଶେଷ ସୋମବାରରେ ୫ ହଜାରରୁ ଊର୍ଦ୍ଧ୍ୱ କାଉଡ଼ିଆ ଜଳଲାଗି କରିଛନ୍ତି ବୋଲି ପୀଠ ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ବଡ଼ିଭୋରୁ ପ୍ରଭୁଙ୍କ ମଙ୍ଗଳ ଆଳତି କାର୍ଯ୍ୟ ସମାପନ ପରେ ଭକ୍ତଙ୍କ ପକ୍ଷରୁ ଜଳଲାଗି ପର୍ବ ଆରମ୍ଭ ହୋଇଥିଲା। ଏହା ପୂର୍ବାହ୍ନ ପର୍ଯ୍ୟନ୍ତ ଜାରି ରହିଥିଲା। ସବୁଥର ପରି ତିର୍ତ୍ତୋଲ ପୋଲିସ ଆଇନଶୃଙ୍ଖଳା ଦାୟିତ୍ୱରେ ଥିଲାବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ସେବା ଉପଲବ୍ଧ କରାଯାଇଥିଲା। କାଉଡ଼ିଆଙ୍କ ଗହଳିକୁ ଦୃଷ୍ଟିରେ ରଖି ପୀଠରେ ପର୍ଯ୍ୟାପ୍ତ ପାନୀୟଜଳ, ଟେଣ୍ଟ, ଆଲୋକୀକରଣ, ଡା. ବିଶକସେନ ଖୁଣ୍ଟିଆଙ୍କ ତତ୍ତ୍ୱାବଧାନରେ ଫାଷ୍ଟେଡ ବ୍ୟବସ୍ଥା ସହ ସମସ୍ତ ସୁବିଧା କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟରଞ୍ଜନ ପରିଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରମୋଦ କୁମାର ମହାନ୍ତି, ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ରମେଶ ମହାନ୍ତି, ପ୍ରଦୀପ୍ତ ମହାନ୍ତି ଓ କିରାଣି ସରୋଜ କୁମାର ସାହାଣୀ ପ୍ରମୁଖ ପୀଠରେ ଉପସ୍ଥିତ ରହି କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳାର ସହ ଜଳଲାଗି ପର୍ବ ଶେଷ ହୋଇଥିବାବେଳେ ସ୍ଥାନୀୟ ଗ୍ରାମବାସୀ ଓ ଯୁବକସଂଘର ସଦସ୍ୟମାନେ ଏଥିରେ ସହଯୋଗ କରିଥିଲେ।

# ପିଲାଙ୍କ କାନ୍ଧରେ ବ୍ୟାଗ୍ ବୋଝ

ମହାକାଳପଡ଼ା, ୧୯।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)



ଛାତ୍ରୀଛାତ୍ରମାନଙ୍କ କଅଁଳ କାନ୍ଧରେ ବସ୍ତାନି ବୋଝ।

■ ମେରୁଦଣ୍ଡଜନିତ ରୋଗ ଆକ୍ରାନ୍ତ ଆଶଙ୍କା

■ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ

■ ସଚେତନତା କରାଯିବା ଆବଶ୍ୟକ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ପୂର୍ବରୁ ଗାଁର ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ବହି ବସ୍ତାନି ଖାଲି ହାତରେ ନେବା ଆଣିବା କରୁଥିଲେ। ଆଧୁନିକ ସମାଜରେ ସମୟ ବଦଳିବା ସାଙ୍ଗକୁ ମାନସିକ ପରିବର୍ତ୍ତନ ଘଟିଛି। ଏହାସହ ପ୍ରତିଯୋଗିତାମୂଳକ ଭାବେ ନୂଆ ପିଢ଼ି ପାଇଁ ଫେଶନ ପାଲଟିଛି ବ୍ୟାଗ। ଏହି ବ୍ୟାଗରେ ପାଠପଢ଼ା ଓଜନିଆ ବହି, ଖାତାପତ୍ର, ଯନ୍ତ୍ରବାକ୍ସ, ଏକ ଲିଟର ପାଣି ବୋତଲ, ଟିଫିନ୍ ବକ୍ସ ଓ ରେନ୍ କୋର୍ଟ ଆଦିକୁ ଭର୍ତ୍ତି କରି ୪ରୁ ୫ କିଲୋରୁ ଅଧିକ ଓଜନ ପିଲା କାନ୍ଧରେ ପକାଇ ବିଦ୍ୟାଳୟକୁ ନେବା ଏକ ଅଭ୍ୟାସରେ ପରିଣତ ହେଲାଣି। ଏହାକୁ ମଧ୍ୟ ପିଲାଙ୍କ ଅଭିଭାବକ ସହଯୋଗ କରୁଛନ୍ତି। ଭବିଷ୍ୟତରେ ଏହି ଓଜନ ଛୋଟ ପିଲାମାନଙ୍କ ଲାଗି ରୋଗର କାରଣ ସାଜିପାରେ। ୨୦୧୭ ମେ ମାସରେ ସୁପ୍ରିମ୍‌କୋର୍ଟଙ୍କ ଦୁଇ ଜଣିଆ ଖଣ୍ଡପୀଠ ବିଦ୍ୟାଳୟ ଶିଶୁଙ୍କ କାନ୍ଧରେ ବସ୍ତାନି ବୋଝ ବହନ କରିବା ଭବିଷ୍ୟତରେ (ସ୍ୱାଇନାଲ କର୍ଡ) ବା ମେରୁଦଣ୍ଡ ଜନିତ ରୋଗ ବିକାରଗ୍ରସ୍ତ ଶରୀର ଅକ୍ଷମତା ଆଶଙ୍କା ରହିଛି ବୋଲି ଏକ କେନ୍ଦ୍ରୀୟ ସ୍ୱାସ୍ଥ୍ୟ ବିଶେଷଜ୍ଞ କମିଟି ସୁପାରିସ କରିଥିଲେ। ସ୍ୱାସ୍ଥ୍ୟ କମିଟିର ସୁପାରିସ ଆଧାରକୁ ଗ୍ରହଣ କରି ଖଣ୍ଡପୀଠ ସବୁ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କୁ ରିପୋର୍ଟ ତଲବ କରିଥିଲେ। ଆଦେଶ ଜାରି କରି ଖଣ୍ଡପୀଠ କହିଥିଲେ, ସବୁ ଶିକ୍ଷାନୁଷ୍ଠାନଗୁଡିକରେ ଛାତ୍ରୀଛାତ୍ରମାନଙ୍କ ବ୍ୟାଗ ବୋଝକୁ କମାଇବା ସହ ୨ କିଲୋ ମଧ୍ୟରେ ଆବଶ୍ୟକ ଅନୁସାରେ ବହି ପତ୍ର ନେବାକୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଏହାକୁ ପାଳନ କରିବା ପାଇଁ ସବୁ ଶିକ୍ଷାନୁଷ୍ଠାନ ମୁଖ୍ୟଙ୍କୁ ଚିଠି କରିଥିଲେ। ହେଲେ ଏହି ନିର୍ଦ୍ଦେଶ ଅବମାନନା କରିବା ସହ ଅଦ୍ୟାବଧି ପୂର୍ବପରି ୪ରୁ ୫ କିଲୋରୁ ଅଧିକ ବସ୍ତାନି ବୋଝ ପିଲାଙ୍କ କାନ୍ଧରେ ଦେଖିବାକୁ ମିଳୁଛି। ଏହାକୁ ନେଇ ସାମାଜିକ କର୍ମୀ ବିଦ୍ଧିଜୀବୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ, ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ କହିଛନ୍ତି, ବିଭିନ୍ନ ନାମୀଦାମୀ କମ୍ପାନୀର ବ୍ୟାଗ ବଜାରରେ ଉଚ୍ଚଦରରେ ବିକ୍ରି ହେଉଛି। ପିଲାମାନଙ୍କ ମଧ୍ୟରେ ବ୍ୟାଗ ଫେଶନ ପ୍ରତିଯୋଗିତା ଚାଲିଛି। ପିଲାମାନେ ଫେଶନ ବ୍ୟାଗରେ ଅଧିକ ବହି ପତ୍ର ଓ ଅନ୍ୟ ସାମଗ୍ରୀ ବୋଝ ବହନ କରୁଛନ୍ତି। ଅଭିଭାବକମାନେ ସଚେତନ ନ ରହିଲେ ଭବିଷ୍ୟତରେ ନିଜ ପିଲାମାନଙ୍କ ଶରୀର ମେରୁଦଣ୍ଡ ବିକାର ଜନିତ ରୋଗରେ ପୀଡ଼ିତ ହେବା ଯଥେଷ୍ଟ ସମ୍ଭାବନା ରହିଛି। ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା ସରକାରୀ ପ୍ରାଥମିକ, ଉଚ୍ଚ ବିଦ୍ୟାଳୟ, ବେସରକାରୀ ଇଂରାଜୀ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଘରୋଇ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ କଅଁଳ କାନ୍ଧରେ ବିଭିନ୍ନ ଫେଶନ୍ ବ୍ୟାଗ ଝୁଲୁଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ଅଭିଭାବକମାନେ ସଚେତନ ହେବା ସହ ବିଦ୍ୟାଳୟ କର୍ତ୍ତୃପକ୍ଷ ବହି ବସ୍ତାନି ବୋଝ କମ୍ କରିବାକୁ ପିଲାଙ୍କୁ କହିବା ଜରୁରୀ ହୋଇ ପଡିଛି। ଏ ସଂକ୍ରାନ୍ତରେ ମହାକାଳପଡ଼ା ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ପ୍ରତି ଶନିବାର ଅଭିଭାବକ ଶିକ୍ଷକ ଓ ଛାତ୍ରୀଛାତ୍ରମାନଙ୍କ ମିଟିଂ ହେଉଛି। ଏହା ଏକ ସମ୍ବେଦନଶୀଳ ସମସ୍ୟା। ଶିକ୍ଷା ବିଭାଗ ଏଥିପ୍ରତି ଖୁବ୍ ଯତ୍ନଶୀଳ। ସ୍ଥାନୀୟ ବିଦ୍ୟାଳୟର ଅଭିଭାବକମାନଙ୍କ ସହିତ ପରାମର୍ଶ କରାଯାଇ ସଚେତନ କରାଇବା ସହ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଅଧିକ ବ୍ୟାଗ ବୋଝ ନ ଆଣିବା ପାଇଁ କୁହାଯିବ ବୋଲି ସେ କହିଛନ୍ତି।

# ରାସ୍ତାକଡ଼ରୁ ମାଫିଆ ଶାଳଗଛ କାଟିନେଲେ


ରାସ୍ତାକଡ଼ରୁ ଗଛ କଟାଯାଇଛି।


୪ ଦିନ ପୂର୍ବେ କଟାଯାଇଥିବା ଶାଳଗଛ।

## ବନ କର୍ମଚାରୀ ଜାଣିପାରିଲେ ନାହିଁ

ନୂଆଗାଁ, ୧୯।୮ (ଧନେଶ୍ୱର ସାହୁ)

ନୟାଗଡ଼ ବନଖଣ୍ଡ ମହୀପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ସିଙ୍ଗପୁର ଯାଇଥିବା ରାସ୍ତା କଡ଼ରୁ ମାଫିଆମାନେ ଅନେକ ଶାଳ ଗଛ କାଟି ନେଇଛନ୍ତି। ଏ ସମ୍ପର୍କରେ ବନ କର୍ମଚାରୀମାନେ କୌଣସି ସୂଚନା ପାଇନାହାନ୍ତି। ଏହାକୁ ନେଇ ବନ ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ଜନସାଧାରଣ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି।

ମହୀପୁର ବନାଞ୍ଚଳ ମହିତମା ଫରେଷ୍ଟ ସେକ୍ସନ ଅଧୀନ ନଇତଇଲା, ସିଙ୍ଗପୁର, କୋସଲାଙ୍ଗ ଆଦି ଗ୍ରାମକୁ ଲାଗି ରହିଥିବା ଜଙ୍ଗଲରେ ଅନେକ ମୂଲ୍ୟବାନ ଗଛ ରହିଥିଲା। ଏପରିକି ଅନେକ ପୁରୁଣା ବଡ଼ ଶାଳ ଗଛ ରହିଥିଲା। କିନ୍ତୁ ବନ ବିଭାଗର ନିଷ୍କ୍ରିୟତା କାରଣରୁ କାଠ ମାଫିଆମାନେ ସକ୍ରିୟ ହୋଇ ଦିନ ଦ୍ୱିପ୍ରହରେ ଜଙ୍ଗଲରୁ ମୂଲ୍ୟବାନ ଶାଳ ଗଛ ସବୁ କାଟି ନେଇଛନ୍ତି। ସିଙ୍ଗପୁରକୁ ଯିବା ରାସ୍ତା କଡରୁ ଅନେକ ଶାଳ ଗଛକୁ କାଠ ମାଫିଆ କାଟି ଦେଇଛନ୍ତି। ଯାହାକି କିଛିଦିନ ହେଲା ସେଠାରେ ପଡ଼ି ରହିଛି। ୨ ଦିନ ପୂର୍ବେ ସେଠାରୁ ଆଉ ୨ଟି ବିଶାଳ ଶାଳ ଗଛ କାଟି ସେଗୁଡିକୁ ବାହାକୁ ନେବା ଉଦ୍ଦେଶ୍ୟରେ ଖଣ୍ଡ ଖଣ୍ଡ କରି ରଖାଯାଇଛି। ଗୋଟିଏ କାଜୁ ବଗିଚାକୁ ଲାଗି ରହିଥିବା ଜାଗାକୁ ସଫା କରିବା ଉଦ୍ଦେଶ୍ୟରେ ସେଠାରୁ ଗଛ କାଟି ଦିଆଯାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଗଛ କଟିବା ବାବଦରେ ମହିତମା ଫରେଷ୍ଟର ମୀନକେତନ ନାୟକଙ୍କୁ ପଚାରିବାରେ ସେ ଗଛ କଟା ଯିବା ବାବଦରେ କିଛି ଜାଣି ନାହିଁ। କର୍ମଚାରୀଙ୍କୁ ପଠାଇ କ'ଣ ହୋଇଛି ବୁଝିବି। ପରେ ତାଙ୍କୁ ପଚାରିବାରେ ଜଣେ ବ୍ୟକ୍ତି ତାଙ୍କ ରେକର୍ଡ ଜାଗାରୁ ଗଛ କାଟିଛନ୍ତି। କିନ୍ତୁ ଏ ବାବଦରେ ସେ ବନ ବିଭାଗରୁ କୌଣସି ଅନୁମତି କି ଜଣାଇ ନାହାନ୍ତି। ପୂର୍ବରୁ ସେହି ନିକଟବର୍ତ୍ତୀ ସ୍ଥାନରୁ ଅନୁରୂପ ଭାବେ ଗଛ କଟାଯାଇଥିବାରୁ ପ୍ରାୟ ୨୦ଟି ଶାଳ ଲଗ୍ ଆମେ ଜବତ କରି ଆଣିଥିଲୁ। ତେଣୁ ମଙ୍ଗଳବାର ନିଜେ ଯାଇ ତାହାର ତଦନ୍ତ କରିବି ବୋଲି ସେ କହିଛନ୍ତି। ତେବେ ରେକର୍ଡ ଜାଗାରୁ ଗଛ କାଟିଲେ ରାଜସ୍ୱ ବିଭାଗ ଓ ବନ ବିଭାଗର ଅନୁମତି ନେବା ଆବଶ୍ୟକ ପଡୁଥିବା ବେଳେ କିଭଳି ବନ ବିଭାଗ କର୍ମଚାରୀଙ୍କ ଅଜାଣତରେ ଗଛ କଟା ଯାଇଛି ଏବଂ ଗଛ କାଟିବା ବାବଦରେ କିଭଳି ବନ କର୍ମଚାରୀ ଜାଣିପାରିଲେ ନାହିଁ ତାହା ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ମହୀପୁର ରେଞ୍ଜର ଅମ୍ରିତ କୁମାର ସାହୁଙ୍କୁ ପଚାରିବାରେ ଏମିତି ଅଭିଯୋଗ ଆସି ନାହିଁ। ତେବେ ଏହାର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

# ଜିଲ୍ଲାସ୍ତରୀୟ ଚାରା ବଣ୍ଟନ, ରୋପଣ କାର୍ଯ୍ୟକ୍ରମ

ନୟାଗଡ଼, ୧୯।୮ (ଲୋକନାଥ ମିଶ୍ର)

ଇଟାମାଟିର ବଂଶୀଧର ଇଣ୍ଟରନ୍ୟାଶନାଲ ଫାଉଣ୍ଡେଶନ ଫର୍ ପିସ୍ ଆଣ୍ଡ ଡେଭଲପମେଣ୍ଟ ଏବଂ ମାସିକ ହାସ୍ୟ ବ୍ୟଙ୍ଗ ପତ୍ରିକା ବ୍ୟଙ୍ଗ କଲମ ନୟାଗଡ଼ଙ୍କ ଆନୁକୂଲ୍ୟରେ ଅଗଷ୍ଟ ୧ରୁ ଜିଲା ବ୍ୟାପୀ ଚାଲିଥିବା ଚାରା ରୋପଣ କାର୍ଯ୍ୟକ୍ରମର ଉଦ୍‌ଯାପିତ ହୋଇଯାଇଛି। ଏ ନେଇ ନୟାଗଡ଼ ବ୍ଲକ୍‌ର ପଣ୍ଡୁସର ଓ ବିରୁଡା ଗ୍ରାମ ପଞ୍ଚାୟତରେ ଚାରାରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୨ ପଞ୍ଚାୟତର ସୁନାଲଟି, ବାଘେରା, ମର୍ଦ୍ଦରାଜପୁର, ବରକୋଳିପାଟଣା, ପାଣ୍ଡେରୀପାଟଣା, ବିରୁଡ଼ା ଗ୍ରାମରେ ପ୍ରତି ଘରକୁ ଘର ଯାଇ ଆମ୍ବ, ପଣସ, ଅଁଳା, ଡାଳିମ୍ବ, ଅଶୋକ, ଜାମୁ, ବାଉଁଶ, ବେଲ ଓ ଗଙ୍ଗ ଶିଉଳି ଭଳି ଏକ ହଜାରରୁ ଊର୍ଦ୍ଧ୍ୱ ଚାରା ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲା ଉଦ୍ୟାନ କୃଷି ଅଧିକାରୀ ଲଳିତ କୁମାର ପଣ୍ଡା ଯୋଗଦେଇ ସୁନାଲଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଚାରା ରୋପଣ କରିଥିଲେ। ଗଛର ଉପକାରିତା ଉପରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ମନୋଜ କୁମାର ସାହୁ, ବ୍ୟଙ୍ଗ କଲମ ସମ୍ପାଦକ ରବୀନ୍ଦ୍ର ରାଉତ, ଛାତ୍ର ନେତା ଜ୍ୟୋତି ରଞ୍ଜନ ଦାଶ, ଅକ୍ଷୟ କୁମାର ମଲ୍ଲ ଏବଂ ଅନୁଷ୍ଠାନର ସମ୍ପାଦକ ଉମେଶ ଚନ୍ଦ୍ର ପଟ୍ଟନାୟକ, ସଦସ୍ୟ ପବିତ୍ର ଇନ୍ଦ୍ରଜିତ, ସଦସ୍ୟା ପୂର୍ଣ୍ଣିମା ମହାପାତ୍ର, ଝରଣା ସ୍ୱାଇଁ, ପୂଜାରାଣୀ ସାହୁ, ଅମିତା ପ୍ରଧାନ, ବିଜୟ କୁମାର ଦାଶ, ପ୍ରଶାନ୍ତ କୁମାର ସାହୁ, ବବୁଲ ଦାଶ, ତୋଫାନ ମୁଦୁଲି, ଉମାକାନ୍ତ ମହାପାତ୍ର, ପ୍ରଭୁଦତ୍ତ ପ୍ରଧାନ, ରାଜେନ୍ଦ୍ର ପ୍ରଧାନ, ଦେବରାଜ ସାହୁ, ମନୋରଞ୍ଜନ ଖଟୁଆ, ଶ୍ରୀଧର ସାହୁ, ପ୍ରଦ୍ୟୁମ୍ନ ସାହୁ, କୁଶ ମହାରଣା, ଜୟଦେବ ମହାରଣା ଓ ମଧୁସୂଦନ ସାହୁ ପ୍ରମୁଖ ଯୋଗ ଦେଇଥିଲେ।


ଅନୁଷ୍ଠାନ ପକ୍ଷରୁ ଲୋକଙ୍କୁ ଚାରା ବଣ୍ଟନ କରାଯାଉଛି।

# ଐତିହ୍ୟକୁ ମନେପକାଇଦିଏ ଗହ୍ମାଡ଼ିଆଁ ପର୍ବ



ମର୍ଦ୍ଦରାଜପୁରଠାରେ ଆୟୋଜିତ ଗହ୍ମାଡ଼ିଆଁ। ସିଧାମୂଳାଠାରେ ଗହ୍ମାଡ଼ିଆଁ ଉତ୍ସବରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ଅନ୍ୟମାନେ।

ଖଣ୍ଡପଡ଼ା, ୧୯।୮ (ଅଜୟ କୁମାର ମହାରଣା)

ଉତ୍କଳୀୟ ଧର୍ମ ସଂସ୍କୃତିର ପ୍ରତୀକ ଗହ୍ମା ପର୍ବ। ଗହ୍ମାପର୍ବ ଓଡ଼ିଶାର ପୁରପଲ୍ଲୀରେ ଶ୍ରାବଣ ପୂର୍ଣ୍ଣିମା ଦିନ ପାଳନ କରାଯାଏ। ଏହାକୁ ମଧ ବଳରାମଙ୍କ ଜନ୍ମତିଥି ଭାବେ ଗ୍ରହଣ କରାଯାଇଛ। ସେ ଚାଷୀକୁଳର ପ୍ରତୀକ ତଥା ଗୋଜାତିର ପାଳନକର୍ତ୍ତା। ତେଣୁ ଏହି ଦିନରେ ଗୋରୁଙ୍କୁ ମଧ ପୂଜା କରାଯାଏ। ସୋମବାର ଖଣ୍ଡପଡ଼ା ବ୍ଲକ୍ ଅନ୍ତର୍ଗତ ମର୍ଦ୍ଦରାଜପୁର, ସିଧାମୂଳା, ବାଣପୁର, ବେଣାଗାଡ଼ିଆ, ଭୋଗଡ଼ା ଓ ପଥରଚକଡ଼ା ଆଦି ଅଞ୍ଚଳର ଚାଷୀମାନେ ନିଜ ନିଜ ବଳଦ ଓ ଗାଈମାନଙ୍କୁ ଗାଧୋଇବା ସହ ଚାଷ କାର୍ଯ୍ୟରେ ବ୍ୟବହୃତ ହେଉଥିବା ଲଙ୍ଗଳକୁ ଧୁଆଧୋଇ କରି ସଜାଇ ରଖିଥିଲେ। ଗୁହାଳଗୁଡିକରେ ଗାଈ, ବଳଦଙ୍କୁ ଚନ୍ଦନ, ସିନ୍ଦୂର, ଫୁଲମାଳ ଦୀପ ଧୂପ ଦେଇ ପୂଜାର୍ଚ୍ଚନା କରିଥିଲେ। ଓଡ଼ିଶାର ଖଣ୍ଡାୟତ ଓ ପାଇକମାନେ ଏହିଦିନକୁ ଏକ ପାରମ୍ପରିକ ପର୍ବ ରୂପେ ପାଳନ କରିଥାନ୍ତି। ସମରାଭ୍ୟାସ ପାଇଁ ଗ୍ରାମର ପୁରୁଷମାନେ ଏହି ଶ୍ରାବଣ ପୂର୍ଣ୍ଣିମାଠାରୁ ଦଶହରା ସମୟକୁ ଉପଯୁକ୍ତ ମନେକରିଥାନ୍ତି। ଆଗ କାଳରେ ପାଇକମାନେ ଆଜିର ଦିନକୁ ଅତି ଶୁଭ ମନେକରି ଯୁଦ୍ଧବିଦ୍ୟା ଆରମ୍ଭ କରୁଥିଲେ। ଶିକ୍ଷା କରୁଥିବା ସମ୍ପୃକ୍ତ ବ୍ୟକ୍ତି କିମ୍ବା ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ। ସୁଉଚ୍ଚ ଉଚ୍ଚ ସ୍ଥାନରୁ ତଳକୁ ଡେଇଁବାକୁ 'ଗହ୍ମାଡ଼ିଆଁ' କୁହାଯାଏ। ଏହି ପ୍ରଥାକୁ ମନେପକାଇ ଏବେ ନିକଟସ୍ଥ ମର୍ଦ୍ଦରାଜପୁର, ସିଧାମୂଳା, ବଡବାଣପୁର, ହରିଚନ୍ଦନପୁର, ବରକୋଳିବନ୍ଧ ଓ ଭୋଗଡ଼ା ଆଦି ଗ୍ରାମରେ ଉଦ୍ଦିଷ୍ଟ ପଡ଼ିଆରେ ଗହ୍ମାଡିଆଁ କାର୍ଯ୍ୟକ୍ରମ କରାଯାଇଥିଲା। ବିଶେଷକରି ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ମନ୍ଦିର ପାଦଦେଶରେ ତଥା ମେଡିକାଲ ନିକଟରେ ଓ ସିଧାମୂଳା ନୋଡାଲ ଉପ୍ରା ବିଦ୍ୟାଳୟ ସାମନାରେ ଏହି ଗହ୍ମାଡିଆଁ ପ୍ରତିଯୋଗିତା ପାଳନ ହୋଇଛି। ସିଧାମୂଳା ଗ୍ରାମବାସୀ ତଥା ଡିବିଏସ୍ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ଗହ୍ମାଡିଆଁ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଭ୍ୟା ଉଜଳ ମହାରଣା, କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା, ଗ୍ରାମର ସଭାପତି ଉଦ୍ୟନାଥ ମିଶ୍ର, ସମ୍ପାଦକ ପୀତବାସ ମନ୍ତ୍ରୀ ଓ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ କଟକ ଜିଲା ନରସିଂହପୁର, ଏକଡାଳ ଓ ଆଖପାଖ ଅଞ୍ଚଳର ହଜାର ହଜାର ମହିଳାପୁରୁଷଙ୍କ ସମାଗମ ହୋଇ ପ୍ରତିଯୋଗିତାକୁ ଉପଭୋଗ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଙ୍କଠାରୁ ଆରମ୍ଭକରି ସାଧାରଣ ଜନତା ଓ ବିଭିନ୍ନ ସରକାରୀ ତଥା ବେସରକାରୀ କ୍ଷେତ୍ରରେ ନିଯୁକ୍ତି ପାଇଥିବା ଯୁବକମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ୪ଶହରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମନୀଷ


@ ସରୋଜ


@ କେଶବ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀନୀଳକଣ୍ଠେଶ୍ୱରଙ୍କୁ ଲାଗି ହେଲା ୧ ଲକ୍ଷ ବେଲପତ୍ର

ଖଣ୍ଡପଡ଼ା, ୧୯।୮ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରର ଆରାଧ୍ୟ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ପ୍ରତିବର୍ଷ ପରି ଚଳିତବର୍ଷ ମଧ ଶ୍ରାବଣ ମାସରେ ୧ଲକ୍ଷ ବେଲପତ୍ର ଲାଗି କାର୍ଯ୍ୟକ୍ରମ ବ୍ରାହ୍ମଣ ସମାଜର ମୁଖ୍ୟ ପୁରୋଧାଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ରାଜରାଜୁଡା ଅମଳରୁ ଖଣ୍ଡପଡ଼ା ସହରର ମଧ୍ୟଭାଗରେ ଅବସ୍ଥିତ ପ୍ରାଚୀନ ଶୈବ ପୀଠଟି ଏକ ପ୍ରମୁଖ ଶକ୍ତିପୀଠ ଭାବେ ବେଶ୍ ଜଣାଶୁଣା। ଏ ଅବସରରେ ଦୈନିକ ସମସ୍ତ ନୀତିକାନ୍ତି ଶେଷ ପରେ ବିଗ୍ରହଙ୍କ ନିକଟରେ ବେଲପତ୍ର ଲାଗି କରାଯାଉଥିବା ବେଳେ ସୋମବାର ପୂର୍ଣ୍ଣମୀ ତିଥିରେ ବେଲପତ୍ର ଲାଗି କାର୍ଯ୍ୟକ୍ରମର ପୂର୍ଣ୍ଣାହୁତି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂର୍ଣ୍ଣାହୁତି ଉତ୍ସବରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

# ଦୁର୍ବଳ ହେବାରେ ଲାଗିଛି ଆମ୍ବନାଳ ସେତୁ

ଖଣ୍ଡପଡା, ୧୯।୮ (ଅଜୟ କୁମାର ମହାରଣା)

## ଭଗ୍ନ ସୁରକ୍ଷା ପ୍ରାଚୀର ପ୍ରତି ପ୍ରଶାସନର ଦୃଷ୍ଟିପଡୁ

ଖଣ୍ଡପଡା-ଭାପୁର ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ଗଡଜାତ ଅମଳରୁ ନିର୍ମାଣ ହୋଇଥିବା ଆମ୍ବନାଳ ସେତୁ କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ଏହି ସେତୁର ଦୁଇପାର୍ଶ୍ୱରେ ଥିବା ସୁରକ୍ଷା ପ୍ରାଚୀରର କିଛି ଅଂଶ ଭାଙ୍ଗି ଖସି ପଡିଛି। ଏହାର ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ଦିଗରେ ପୂର୍ତ୍ତ ବିଭାଗ ଓ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ସେତୁର ସୁରକ୍ଷା ପ୍ରାଚୀର ଭାଙ୍ଗିଯିବା ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଉକ୍ତ ସେତୁଟିର ରକ୍ଷଣାବେକ୍ଷଣ ପ୍ରତି ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଆଦୌ ଧ୍ୟାନ ଦେଉ ନ ଥିବାରୁ ସେତୁଟି ସମୟାନୁକ୍ରମେ ଦୁର୍ବଳ ହେବାରେ ଲାଗିଛି। ଭାଙ୍ଗି ଯାଇଥିବା ସେତୁର ସୁରକ୍ଷା ପ୍ରାଚୀରର ମରାମତି ନିମନ୍ତେ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ଓ ମୁଖ୍ୟ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଦାବି ହେଉଛି। ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଧେଶ୍ୟାମ କାଲୋଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ସେତୁର ସୁରକ୍ଷା ପ୍ରାଚୀର ମରାମତି କାର୍ଯ୍ୟ ଆରମ୍ଭ ହେବ ବୋଲି ସେ କହିଛନ୍ତି।


ସେତୁର ସୁରକ୍ଷା ପ୍ରାଚୀର ଭାଙ୍ଗିଯାଇଛି।

# ଚାଷୀଙ୍କୁ ସରକାରୀ ଦରରେ ସାର ମିଳୁନି

- ଦୋକାନରେ ଝୁଲୁନି ଦର ତାଲିକା
- ସାର କଳାବଜାର ରୋକିବାରେ କୃଷି ବିଭାଗ ଅସମର୍ଥ
- ସନ୍ଦେହଘେରରେ ଜିଲା, ବ୍ଲକ ସ୍ତରରେ ଗଠିତ ସ୍କ୍ୱାଡ୍‌ର କାର୍ଯ୍ୟ
- ଜିଲା ପାଇଁ ଆବଶ୍ୟକ ୧୮,୫୦୦ ମେଟ୍ରିକ୍ ଟନ୍
- ୯, ୬୮୫ ମେଟ୍ରିକ ଟନ ସାର ବିକ୍ରି ହେଲାଣି

ନୟାଗଡ଼, ୧୯।୮ (ଲୋକନାଥ ମିଶ୍ର)

ସାର କଳାବଜାର ରୋକିବାକୁ କୃଷି ବିଭାଗ ପକ୍ଷରୁ ଜିଲା ଓ ବ୍ଲକ ସ୍ତରରେ ଗଠିତ ସ୍କ୍ୱାଡ୍ ଏହାକୁ ଧରିବାରେ ଅସମର୍ଥ ହେବା ପରେ ସାର ଘୋଟାଲା ବଢ଼ିଚାଲିଛି। ଜିଲାର ବିଭିନ୍ନ ସ୍ଥାନରେ ସରକାରୀ ମୂଲ୍ୟଠାରୁ ୧୦୦ରୁ ୩୦୦ ଟଙ୍କା ଅଧିକ ଦରରେ ସାର ବିକ୍ରି ହେଉଛି। ସାରର ସରକାରୀ ଦର କେତେ ସେନେଇ ମୂଲ୍ୟ ତାଲିକା ସାର ବିକ୍ରୟ କେନ୍ଦ୍ରରେ ଝୁଲୁନି। ସାର ଅଭାବୀ ବିକ୍ରି ଓ କଳାବଜାରକୁ ଅନୁଧ୍ୟାନ କଲେ ଜିଲାରେ ସରକାରୀ ଦରରେ ସାର ବିକ୍ରି ହେଉ ନ ଥିବା ସ୍ପଷ୍ଟ ହେଉଛି। ଏନେଇ ପ୍ରତିବର୍ଷ ଚାଷୀ ଆପତ୍ତି, ଅଭିଯୋଗ, ଆନ୍ଦୋଳନ କରି ଆସୁଛନ୍ତି। ହେଲେ ଚାଷୀଙ୍କ ଅଭିଯୋଗକୁ ଅଣଦେଖା କରାଯାଉଥିବାରୁ ସବୁବର୍ଷ ସାର କଳାବଜାରରେ ବିକ୍ରି ହେଉଛି। ଜିଲାରେ ଧାନରୁଆ ସମୟରେ ସାରର ଆବଶ୍ୟକତା ଥିବାବେଳେ ଶତ ପ୍ରତିଶତ ସାର ଜିଲାକୁ ଆସି ପାରିନି। ଅନ୍ୟପକ୍ଷେ ସରକାରୀ ମୂଲ୍ୟରେ ସାର ଚାଷୀ ପାଉଛି କି ନାହିଁ ତା'ର ଠିକ୍ ସମୀକ୍ଷା ହେଉ ନ ଥିବାରୁ ସରକାରୀ ଯୋଜନାର ସୁଫଳ ମିଳୁନି ବୋଲି କୁହାଯାଉଛି।

ଚଳିତ ଖରିଫ ଋତୁରେ ଜିଲା ପାଇଁ ୧୮,୫୦୦ ମେଟ୍ରିକ୍ ଟନ ସାର ଆସିବାକୁ ଲକ୍ଷ୍ୟ ଥିବାବେଳେ ୯,୬୮୫.୭୩ ମେଟ୍ରିକ ଟନ ସାର ବିକ୍ରି ହୋଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ମିଳୁଛି। ସାର ବିକ୍ରି ନେଇ ଯେଉଁ ସରକାରୀ ରିପୋର୍ଟ ମିଳିଛି ସେଥିରେ ଜିଲାକୁ ପ୍ରାୟ ଅଧା ସାର ଆସିଛି। ରିପୋର୍ଟ ଅନୁସାରେ, ଜିଲା ପାଇଁ ୭,୫୦୦ମେଟ୍ରିକ ଟନ ୟୁରିଆ ସାରର ଆବଶ୍ୟକତା ଥିବାବେଳେ ୩,୯୮୩.୨୨ ମେଟ୍ରିକ ଟନ ସାର ଆସିଛି। ଏଥିରୁ ୩,୯୪୦ .୮୮ ମେଟ୍ରିକ ଟନ ସାର ବିକ୍ରି ହୋଇ ଗଲାଣି ବୋଲି କୁହାଯାଉଛି। ସେହିପରି ଡିଏପି ସାର ୨,୫୦୦ ମେଟ୍ରିକ ଟନ ଆବଶ୍ୟକତା ଥିବାବେଳେ ୧୨୧୯.୦୩ ମେଟ୍ରିକ ଟନ ସାର ଆସିଛି। ଏଥିରୁ ୯୨୩.୨୫ ମେଟ୍ରିକ ଟନ ସାର ବିକ୍ରି ହୋଇସାରିଛି। ସେହିଭଳି ଏମ୍‌ଓପି ସାର ୫୦୦ ମେଟ୍ରିକ ଟନ ଆବଶ୍ୟକତା ଥିବାବେଳେ ୨୫୬.୨୫ ମେଟ୍ରିକ ଟନ ସାର ବିକ୍ରି ହୋଇ ସାରିଲାଣି। ସୁପର ସାର ୬,୫୦୦ମେଟ୍ରିକ ଟନ ଆବଶ୍ୟକତା ଥିବାବେଳେ ଜିଲାକୁ ୩,୮୦୧.୨୫ ମେଟ୍ରିକ ଟନ ସାର ବିକ୍ରି ହୋଇଛି। ଅନ୍ୟପକ୍ଷେ ନାନୋ ୟୁରିଆ ୯,୬୪୩ ବୋତଲ ଆବଶ୍ୟକତା ଥିବାବେଳେ ୩,୧୪୪ ବୋତଲ ଆସିଛି। ଏଥିରୁ ୨୬୧୬ ବୋତଲ ବିକ୍ରି ହୋଇ ସାରିଛି। ନାନୋ ଡିଏପି ୧୮୫୨ ବୋତଲର ଆବଶ୍ୟକତା ଥିବାବେଳେ ଜିଲାକୁ ୨୧୮୪ ବୋତଲ ନାନୋ ଡିଏପି ଆସିଛି। ଏଥିରୁ ସବୁ ସାର ବୋତଲ ବିକ୍ରି ହୋଇ ସାରିଛି। କେବଳ ନାନୋ ଡିଏପି ସାର ଅଧିକ ଆସିଛି। ଏ ନେଇ ଚାଷୀ ନେତା ରଣଜିତ ଦଳବେହେରା କହିଛନ୍ତି, ସାର ଘୋଟାଲା ପ୍ରତିବର୍ଷ ହୋଇ ଆସୁଛି। ପ୍ରତିବର୍ଷ ଚାଷୀ କଳାବଜାରରୁ ଅଧିକ ଦାମରେ ସାର କିଣୁଛି। ସାର ଘୋଟାଲାର ତଦନ୍ତ ପାଇଁ ଗଠିତ ସ୍କ୍ୱାଡ୍ ଲୋକ ଦେଖାଣିଆ। ସେମାନଙ୍କର ଚଢ଼ାଉ କିଛି ଫରକ ପକାଇ ନ ଥାଏ।



ସାର ଘୋଟାଲା କରୁଥିବା ବ୍ୟକ୍ତିବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ପ୍ରତିବର୍ଷ ଚାଷୀଙ୍କୁ ଲୁଟିବାକୁ ପ୍ରତିଯୋଗିତା ଚାଲିଛି। ନୂଆଗାଁର ଧର୍ମେନ୍ଦ୍ର ପ୍ରଧାନ, ଗଣିଆର ଉଲ୍ଲାସ ନାୟକ, ଓଡଗାଁର ବିଦ୍ୟୁତ୍ ସ୍ୱାଇଁ, ଖଣ୍ଡପଡ଼ାର ବିବେକ ସ୍ୱାଇଁ କହିଛନ୍ତି, ସାର ଘୋଟାଲା ପାଇଁ କିଛି ନିର୍ଦ୍ଦିଷ୍ଟ ଲୋକ ରହି ଏକ ର୍‍ୟାକେଟ କରିଛନ୍ତି। ସାର ଘୋଟାଲାର ଅର୍ଥ ତଳ ସ୍ତରୁ ଉପର ସ୍ତରକୁ ଯାଉଥିବାରୁ ଘୋଟାଲାର ପର୍ଦ୍ଦାଫାଶ ହୋଇପାରୁନି। ପ୍ରତିବର୍ଷ ଚାଷୀ ସରକାରୀ ଦରରେ ସାର ପାଉ ନ ଥିବାରୁ ବାହାରୁ ଅଧିକ ଦରରେ କିଣୁଛି। ଏ ନେଇ ଅଭିଯୋଗ କଲେ ସୁଫଳ ମିଳେନା ବୋଲି ଚାଷୀମାନେ କ୍ଷୋଭ ପ୍ରକାଶ କରି କହିଛନ୍ତି।

# ୧୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ଭାଜପାରେ ସାମିଲ



ପାରାଦୀପଗଡ଼ ପଞ୍ଚାୟତରେ ବିଜେଡିରେ ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ସୋମବାର ଭାଜପାରେ ଯୋଗ ଦେଇଛନ୍ତି।

କୁଜଙ୍ଗ,୧୯।୮(ମନୋଜ ପ୍ରଧାନ)

## ପାରାଦୀପଗଡ଼ ପଞ୍ଚାୟତରେ ମିଶ୍ରଣ ପର୍ବ

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ପାରାଦୀପଗଡ଼ ପଞ୍ଚାୟତରେ ବିଜେଡିରେ ନିରବଚ୍ଛିନ୍ନ ଭାବେ କାମ କରୁଥିବା ୧୦୦ରୁ ଉର୍ଦ୍ଧ୍ୱ କର୍ମୀ ସୋମବାର ସନ୍ଧ୍ୟାରେ ବିଜେଡି ଛାଡ଼ି ଭାଜପାରେ ଯୋଗଦେଇଛନ୍ତି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁଙ୍କ କାର୍ଯ୍ୟଦକ୍ଷତା ଓ ଲୋକପ୍ରିୟତାରେ ଅନୁପ୍ରାଣିତ ହୋଇ ସେମାନେ ଆନୁଷ୍ଠାନିକ ଭାବେ ଭାଜପାରେ ଯୋଗଦେଇଥିବା କହିଛନ୍ତି। ବରିଷ୍ଠ ଆଇନଜୀବୀ ସଞ୍ଜୟ କୁମାର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବରେ ପ୍ରକାଶ ମଙ୍ଗରାଜ, ସତ୍ୟାନନ୍ଦ ରାଉତ, ପଦନ ମଙ୍ଗରାଜ, ଆଦିକନ୍ଦ ମଙ୍ଗରାଜ, ଯଦୁମଣି ମଙ୍ଗରାଜ, ହୃଷୀକେଶ ମହାନ୍ତି, ନୃସିଂହ ମଙ୍ଗରାଜ, ମନମୋହନ ରାଉତ, ରଞ୍ଜିତ ମଙ୍ଗରାଜ, ମୁନା ବାରିକ ପ୍ରମୁଖ ଭାଜପାରେ ସାମିଲ ହୋଇଥିଲେ। ଏହି ମିଶ୍ରଣ ଦ୍ୱାରା ପାରାଦୀପଗଡ଼ ପଞ୍ଚାୟତରେ ଭାଜପା ଏକ ଅପ୍ରତିଦ୍ୱନ୍ଦ୍ୱୀ ଦଳ ହେବ ବୋଲି ମନ୍ତ୍ରୀ ସମ୍ପଦ କହିଛନ୍ତି। ଆଗାମୀ ଦିନରେ କୁଜଙ୍ଗ ବ୍ଲକର ସମସ୍ତ ପଞ୍ଚାୟତରେ ଏପରି ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ବୋଲି ଭାଜପା ନେତା ସଞ୍ଜୟ ପ୍ରକାଶ କରିଥିଲେ।

# ସୁଭଦ୍ରା ଯୋଜନା ଏସ୍‌ଓପିକୁ ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

ଭୁବନେଶ୍ୱର,୧୯।୮(ଅନିଲଦାସ)

## ସ୍ୱାଧୀନତା ଦିବସ ଯାଇ ରାଖୀ ଆସିଲା ସୁଭଦ୍ରା ଏସ୍‌ଓପି ନାହିଁ: ତାରା

ଅଗଷ୍ଟ ୧୫ ତାରିଖ ସୁଦ୍ଧା 'ସୁଭଦ୍ରା' ଯୋଜନାର ଏସ୍‌ଓପି ଆସିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମକୁ ସୂଚନା ଦେଇଥିଲେ। ସ୍ୱାଧୀନତା ଦିବସ ଯାଇ ରାଖୀ ଆସିଲାଣି। ହେଲେ 'ସୁଭଦ୍ରା' ଯୋଜନାର ଏସ୍‌ଓପି ଆସିଲା ନାହିଁ। କୁଆଡ଼େ ଗଲା 'ସୁଭଦ୍ରା' ଯୋଜନାର ଏସ୍‌ଓପି ବୋଲି କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି ପ୍ରଶ୍ନ କରିଛନ୍ତି । ବାହିନୀପତି କହିଛନ୍ତି, ଉପମୁଖ୍ୟମନ୍ତ୍ରୀ ମଜୁରିଆଙ୍କୁ ଆଜି ନାହିଁ, କାଲିକି ଆସ କହିବା ଭଳି 'ସୁଭଦ୍ରା' ଯୋଜନା ଏସ୍‌ଓପି କ୍ଷେତ୍ରରେ ସେହିଭଳି କରୁଛନ୍ତି। ତୁରନ୍ତ ରାଜ୍ୟ ସରକାର 'ସୁଭଦ୍ରା' ଯୋଜନା ଏସ୍‌ଓପି ଆଣନ୍ତୁ। ନଚେତ୍ କଂଗ୍ରେସ ବିଧାନସଭାରେ ଏ ପ୍ରସଙ୍ଗ ଉଠାଇବ ବୋଲି ସେ କହିଛନ୍ତି। ଏଥିସହିତ ଆଗାମୀ ଦିନରେ କଂଗ୍ରେସ ପୋଲାଭରମ୍, କୋଟିଆ ପ୍ରସଙ୍ଗକୁ ଜୋରଦାର କରିବ। ଆଦିବାସୀଙ୍କ ପାଇଁ କଂଗ୍ରେସ ସରକାର ପେସା ଆଇନ ଆଣିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ପେସା ଆଇନ ଲାଗୁ କରିନାହାନ୍ତି। ଖାଲି ଭଣ୍ଡାଇ ଚାଲିଛନ୍ତି। ଖୁବ୍‌ଶୀଘ୍ର ରାଜ୍ୟ ସରକାର ପେସା ଆଇନ ଲାଗୁ କରାନ୍ତୁ। ସେହିପରି ବେକାରି ସମସ୍ୟା, ଆଳୁ ସଙ୍କଟ ଭଳି ଅନେକ ପ୍ରସଙ୍ଗ କଂଗ୍ରେସ ବିଧାନସଭାରେ ଉଠାଇବ ବୋଲି ତାରା କହିଛନ୍ତି ।

# ବିଜେଡି ଛାଡ଼ିଥିବା ଜନ ପ୍ରତିନିଧିଙ୍କୁ ଫେରାଇ ଆଣିବାକୁ ଉଦ୍ୟମ

ବରୀ,୧୯।୮(ମହେନ୍ଦ୍ର ସ୍ୱାଇଁ)

ବରୀ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି। ଗତ ପଞ୍ଚାୟତ ନିର୍ବାଚନରେ ତତ୍କାଳୀନ ବିଧାୟିକା ସୁନନ୍ଦା ଦାସ ଓ ବିଶ୍ୱରଞ୍ଜନ ମଲିକ ବିଜେଡିରେ ଥିଲେ ବି ସମାନ୍ତରାଳ ଭାବେ ନିଜର ପ୍ରାର୍ଥୀ ଦେଇଥିଲେ। ମାତ୍ର ମଲିକଙ୍କ ସାଙ୍ଗଠନିକ ଦକ୍ଷତା ଯୋଗୁ ତାଙ୍କ ସମର୍ଥକମାନେ ଅଧିକ ସଂଖ୍ୟକ ବିଜୟୀ ହୋଇଥିଲେ । ସେଥିପାଇଁ ମଲିକ ଅଶୋକ କୁମାର ଗେଡ଼ିକୁ ଅଧ୍ୟକ୍ଷ ପଦରେ ଅବସ୍ଥାପିତ କରିବାକୁ ସମର୍ଥ ହୋଇଥିଲେ। ମାତ୍ର ଗତ ୧୬ ତାରିଖରେ ବିଶ୍ୱଙ୍କ ସମର୍ଥିତ ଅଧ୍ୟକ୍ଷ ଗେଡ଼ି ନିଜ ସମର୍ଥିତ ୧୨ଜଣ ସମିତି ସଭ୍ୟାସଭ୍ୟ ଓ ୬ଜଣ ସରପଞ୍ଚଙ୍କୁ ନେଇ ଭାଜପାରେ ଯୋଗଦେଇଥିଲେ । ଏହାପରେ ବରୀ ବିଜେଡି ନୂତନ ରଣକୌଶଳ ଆପଣେଇଛି । ବିଧାୟକ ବିଶ୍ୱ ନିଜ ସମର୍ଥିତ ଆଗଧାଡ଼ିର ନେତାମାନଙ୍କ ସହ ଏ ସଂକ୍ରାନ୍ତରେ ଆଲୋଚନା କରିଛନ୍ତି । ଦଳ ଛାଡ଼ିଥିବା ଜନପ୍ରତିନିଧିମାନଙ୍କୁ ବିଜେଡିକୁ ଫେରାଇ ଆଣିବାକୁ ଉଦ୍ୟମ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ଏହା ଉଭୟ ଭାଜପା ଓ ବିଜେଡି ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାରୁ ସମସ୍ତେ ବରୀର ରାଜନୈତିକ ସ୍ଥିତି ଉପରେ ନଜର ରଖିଛନ୍ତି।

# ୧ କୋଟି ସଦସ୍ୟ ସଂଗ୍ରହ କରିବ ଭାଜପା: ମନମୋହନ

- ସେପ୍ଟେମ୍ବର ୧ରୁ ଆରମ୍ଭ ହେବ ସଦସ୍ୟତା ଅଭିଯାନ
- ଆଜିଠାରୁ ରାଜ୍ୟସ୍ତରୀୟ କର୍ମଶାଳା
- ୨୨ରୁ ୨୪ ଜିଲାସ୍ତରୀୟ ଏବଂ ୨୫ରୁ ୨୭ ମଣ୍ଡଳସ୍ତରୀୟ କର୍ମଶାଳା


ମନମୋହନ ସାମଲ

ଭୁବନେଶ୍ୱର,୧୯।୮(ଅନିଲଦାସ)

ଭାଜପା ସେପ୍ଟେମ୍ବର ୧ ତାରିଖରୁ ରାଷ୍ଟ୍ରୀୟ ସ୍ତରରେ ସଦସ୍ୟତା ଅଭିଯାନର ଶୁଭାରମ୍ଭ କରିବ। ପ୍ରଥମେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି.ନଡ୍ଡା ସଦସ୍ୟତା ଗ୍ରହଣ କରିବା ପରେ ଦେଶବ୍ୟାପୀ ସଦସ୍ୟତା ଅଭିଯାନ ଆରମ୍ଭ ହେବ। ଓଡ଼ିଶାରେ ୧ କୋଟି ସଦସ୍ୟ ସଂଗ୍ରହ ଲାଗି ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଭାଜପାର ବିଚାରଧାରାକୁ ଭଲ ପାଉଥିବା ଓ ଦଳକୁ ସମର୍ଥନ କରୁଥିବା ଲୋକଙ୍କୁ ସଦସ୍ୟ କରାଯିବ। ଲୋକଙ୍କ ପାଖକୁ ଯାଇ କାର୍ଯ୍ୟକର୍ତ୍ତା ସମ୍ପର୍କ ସ୍ଥାପନ କରିବେ। ରାଜ୍ୟରେ ସଦସ୍ୟତା ଅଭିଯାନର ମୁଖ୍ୟ ଭାବେ ବରିଷ୍ଠ ନେତା ରଞ୍ଜନ ପଟେଲଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ଭାଜପା ସମ୍ବିଧାନ ଅନୁସାରେ ପ୍ରତି ୩ ବର୍ଷରେ ଥରେ ନୂତନ ସଭ୍ୟ ସଂଗ୍ରହ କରାଯାଇଥାଏ। ସଭ୍ୟ ସଂଗ୍ରହ ଅଭିଯାନ ପରେ ସଦସ୍ୟତା ଆଧାରରେ ଦଳର ପୁନର୍ବିନ୍ୟାସ ହେବା ସହ ନୂତନ ଦାୟିତ୍ୱ ବଣ୍ଟନ କରାଯାଏ। ପ୍ରଥମେ ରାଜ୍ୟ, ଜିଲା, ମଣ୍ଡଳ ଓ ବୁଥ୍ ସ୍ତରରେ କାର୍ଯ୍ୟକର୍ତ୍ତାଙ୍କୁ ନେଇ ସ୍ୱତନ୍ତ୍ର କର୍ମଶାଳା ଅନୁଷ୍ଠିତ ହେବ। ମଙ୍ଗଳବାର ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ ଏବଂ ରାଜ୍ୟର ସମସ୍ତ ଏମ୍‌ପି, ବିଧାୟକ, ପଦାଧିକାରୀ, ଜିଲା ସଭାପତି, ସାଧାରଣ ସମ୍ପାଦକ, ପ୍ରଭାରୀ ଏବଂ ସଦସ୍ୟତା କମିଟିର ସଦସ୍ୟମାନେ ଉପସ୍ଥିତ ରହିବେ। ଏହି କର୍ମଶାଳାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ପ୍ରଭାତୀ ପରିଡ଼ା, ରାଷ୍ଟ୍ରୀୟ ସଦସ୍ୟତା ଅଭିଯାନ ଟୋଲିର ସଦସ୍ୟ ଋତୁରାଜ ସିହ୍ନା, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର ଏବଂ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଉପସ୍ଥିତ ରହି ମାର୍ଗଦର୍ଶନ କରିବେ। ସେହିପରି ସଦସ୍ୟତା ଅଭିଯାନ ପାଇଁ ଆସନ୍ତା ୨୨, ୨୩ ଓ ୨୪ରେ ଜଲାସ୍ତରୀୟ ଏବଂ ୨୫, ୨୬ ଓ ୨୭ରେ ମଣ୍ଡଳସ୍ତରୀୟ କର୍ମଶାଳା ଅନୁଷ୍ଠିତ ହେବ। ଆସନ୍ତା ୩୧ ତାରିଖ ସୁଦ୍ଧା ବୁଥସ୍ତରୀୟ କର୍ମଶାଳା ଶେଷହେବ ବୋଲି ମନମୋହନ କହିଛନ୍ତି। ସର୍ବଭାରତୀୟ ସଦସ୍ୟତା ଅଭିଯାନ ପାଇଁ ଗତ ୧୭ ଓ ୧୮ ତାରିଖରେ ଦିଲ୍ଲୀଠାରେ ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି।



ନୂଆଦିଲ୍ଲୀସ୍ଥିତ କଂଗ୍ରେସ ମୁଖ୍ୟାଳୟଠାରେ ସୋମବାର ନିର୍ବାଚନ ହେବାକୁ ଥିବା ୪ ରାଜ୍ୟର ସ୍କ୍ରିନିଂ କମିଟି ସଦସ୍ୟଙ୍କ ସହ ଦଳର ବରିଷ୍ଠ ନେତାମାନେ ଆଲୋଚନା କରୁଛନ୍ତି।

## ଅନ୍ୟାନ୍ୟ ଖବର

# ଶ୍ରୀମନ୍ଦିରରେ ରକ୍ଷାବନ୍ଧନ, ବଳଭଦ୍ରଙ୍କ ଜନ୍ମନୀତି

ପୁରୀ,୧୯।୮(ଅଜିତ୍ କୁମାର ମହାନ୍ତି)


ମହାପ୍ରଭୁଙ୍କ ପାଇଁ ପାଟରା ସେବକ ରାଖୀ ନେଇ ଶ୍ରୀମନ୍ଦିରକୁ ଯାଉଛନ୍ତି।

ପବିତ୍ର ଗହ୍ମା ପୂର୍ଣ୍ଣମା ଅବସରରେ ସୋମବାର ଶ୍ରୀମନ୍ଦିରରେ ରକ୍ଷାବନ୍ଧନ ପାଳିତ ହେବା ସହ ବଡ଼ଠାକୁର ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ମାର୍କଣ୍ଡେୟ ପୁଷ୍କରିଣୀରେ ସମ୍ପନ୍ନ ହୋଇଯାଇଛି। ଶ୍ରାବଣ ପୂର୍ଣ୍ଣମା ବା ଗହ୍ମା ପୂର୍ଣ୍ଣମା ତିଥିରେ ଶ୍ରୀକ୍ଷେତ୍ରରେ ମାନବୀୟ ଲୀଳା କରୁଥିବା ମହାପ୍ରଭୁ ରାଖୀ ପରିଧାନ କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ବଡ଼ଠାକୁର ପ୍ରଭୁ ବଳଭଦ୍ର ୨ଟି ଲେଖାଏ ରାଖୀ ଓ ୨ଟି ଲେଖାଏ ଗୁଆମାଳ ପରିଧାନ କରିଥିଲେ। ପାଟରା ବିଶୋଇ ସେବକ ପ୍ରସ୍ତୁତ କରିଥିବା ବାସୁଙ୍ଗା ପାଟର ରାଖୀ ଓ ଗୁଆମାଳକୁ ବଡ଼ଠାକୁର ବଳଭଦ୍ର ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥ ଶ୍ରୀହସ୍ତରେ ପରିଧାନ କରିଥିଲେ। ଶ୍ରୀଜଗନ୍ନାଥ ହଳଦିଆ ଓ ନାଲି ରଙ୍ଗର ଗୁଆମାଳ ଏବଂ ବଳଭଦ୍ର ବାଇଗଣୀ ଓ ନୀଳ ରଙ୍ଗର ଗୁଆମାଳ ପରିଧାନ କରିଥିଲେ।

ଶ୍ରୀବିଗ୍ରହମାନଙ୍କ ଭୋଗମଣ୍ଡପ ସରି ତିନିବାଡ଼ରେ ମଇଲମ ହୋଇ ମହାସ୍ନାନ ହୋଇଥିଲା। ପୂଜାପଣ୍ଡା, ପତିମହାପାତ୍ର ଏବଂ ମୁଦିରସ୍ତ ସର୍ବାଙ୍ଗ ନୀତି ସାରିବା ପରେ ବୋଇରାଣୀ ପତନୀ ନୂଆଲୁଗା କରାଯାଇ ୬ମୂର୍ତ୍ତି ଅଳଙ୍କାର ଲାଗି ପରେ ଦ୍ୱିପ୍ରହର ଧୂପବେଶ ବଢ଼ିଥିଲା। ଦୁଇ ଠାକୁରଙ୍କ ଦକ୍ଷିଣ ଭୁଜରେ ଗୋଟିଏ ଓ ବାମ ଭୁଜରେ ଦୁଇଟି ଆଜ୍ଞାମାଳ ଲାଗି କରାଯାଇଥିଲା। ପାଟରା ବିଶୋଇ ଦେଇଥିବା ୪ଟି ରାଖୀ ଓ ୪ଟି ଗୁଆମାଳକୁ ଶ୍ରୀଜଗନ୍ନାଥ ଏବଂ ବଳଭଦ୍ରଙ୍କ ଶ୍ରୀହସ୍ତରେ ପୁଷ୍ପାଳକ ସେବକମାନେ ବାନ୍ଧିଥିଲେ। ଗହ୍ମାପୂର୍ଣ୍ଣମା ତିଥିରେ ବଳଭଦ୍ର ଜନ୍ମଗ୍ରହଣ କରିଥିବାରୁ ତାଙ୍କ ସମ୍ମୁଖରେ ସିଂହାସନ ତଳେ ଷଷ୍ଠୀମାର୍କଣ୍ଡି ଓ ବରୁଣ ପୂଜା ଅନୁଷ୍ଠିତ ହୋଇଥିଲା। ପାଣିପଡ଼ି ଧୋପଖାଳ ହୋଇ ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ଏବଂ ଯାତ୍ରାଙ୍ଗୀ ଭୋଗ ସମ୍ପନ୍ନ ହେବା ପରେ ମଙ୍ଗଳାର୍ପଣ ଓ ବନ୍ଦାପନା ନୀତି ହୋଇଥିଲା। ଶ୍ରୀମଦନମୋହନ ରତ୍ନ ସିଂହାସନକୁ ବିଜେ କରିଥିଲେ। ଏହାପରେ ଆଜ୍ଞାମାଳ ପାଇ ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀମଦନମୋହନ ଝୁଲଣ ମଣ୍ଡପକୁ ବିଜେ କରିଥିଲେ। ପରେ ଦଇତାପତି ସେବକମାନେ ଭିତରକୁ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କ ନିକଟରୁ ଏକ ଆଜ୍ଞାମାଳ ଶ୍ରୀସୁଦର୍ଶନଙ୍କୁ ପ୍ରଦାନ କରାଯାଇଥିଲା। ଦଇତାପତିମାନେ ସୁଦର୍ଶନଙ୍କୁ ଜଗମୋହନସ୍ଥିତ ଚଉଦୋଳକୁ ବିଜେ କରାଇ ସେଠାରେ ପତନୀ ଓ ମାଳଚୂଳ ଲାଗି ହେବା ପରେ ଝୁଲଣମଣ୍ଡପ ନିକଟରେ ସୁବର୍ଣ୍ଣ ଓଡ଼ିଆଣୀ ଓ ହରଡ଼ମାଳି ଲାଗି ହୋଇଥିଲେ। ପରେ ବିମାନବଡୁ ସେବକମାନେ ଚକ୍ରରାଜ ଶ୍ରୀସୁଦର୍ଶନଙ୍କୁ ମାର୍କଣ୍ଡ ପୁଷ୍କରିଣୀକୁ ବିଜେ କରାଇଥିଲେ। କୁମ୍ଭାର ବିଶୋଇ ଦେଇଥିବା ଚିକିଟା ମାଟିରେ ଶୁଦ୍ଧସୁଆର ବଳଭଦ୍ରଙ୍କ ମୂର୍ତ୍ତି ନିର୍ମାଣ କରିଥିଲେ। ପୂଜାପଣ୍ଡା ସାମନ୍ତ ତାହାକୁ ଜୀବନ୍ୟାସ ଦେଇ ଜାତ କର୍ମ ସମ୍ପନ୍ନ କରିଥିଲେ। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପୂଜାପଣ୍ଡା ସାମନ୍ତ ପଞ୍ଚ ଉପଚାରରେ ଶୀତଳ ଭୋଗ କରିଥିଲେ। ପରେ ବନ୍ଦାପନା ନୀତି ସମ୍ପନ୍ନ ହୋଇଥିଲା ଓ ପ୍ରତିମୂର୍ତ୍ତିକୁ ଜଳରେ ବିସର୍ଜନ କରାଯାଇଥିଲା। ନୀତି ସମ୍ପନ୍ନ ପରେ ଶ୍ରୀସୁଦର୍ଶନ ଚାରି ଆଶ୍ରମ (ମାର୍କେଣ୍ଡୟ, ଭୃଗୁ, ଅଙ୍ଗିରା ଏବଂ ପଣ୍ଡୁ) ସହ ନଗର ପରିକ୍ରମା କରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ସିଂହଦ୍ୱାର ନିକଟରେ ବନ୍ଦାପନା ନୀତି ପରେ ରତ୍ନସିଂହାସନକୁ ସୁଦର୍ଶନ ବିଜେ କରିଥିଲେ। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ମହାସ୍ନାନ ନୀତି ହେବା ସହ ଅନ୍ୟାନ୍ୟ ନୀତି ବଢ଼ିଥିଲା। ସନ୍ଧ୍ୟାଧୂପ ସମ୍ପନ୍ନ ପରେ ସୁର୍ଦଶନଙ୍କ ବାଡରେ ବନ୍ଦାପନା ହୋଇଥିଲା। ମୁଦିରସ୍ତ ସୁଦର୍ଶନଙ୍କୁ ପ୍ରସାଦ ଲାଗି କରିବା ପରେ ଅନ୍ୟାନ୍ୟ ନୀତି ବଢ଼ିଥିଲା।

## ଆଜି ୭ ଜିଲାରେ ବର୍ଷିବ

ଭୁବନେଶ୍ୱର,୧୯।୮(ଅନୁରାଧା ମହାରଣା)

ରାଜ୍ୟରେ ବିଭିନ୍ନ ସ୍ଥାନରେ ବର୍ଷା ଲାଗି ରହିଛି। ଆସନ୍ତା ୨ଦିନ ପର୍ଯ୍ୟନ୍ତ କେତେକ ସ୍ଥାନରେ ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟସ୍ଥାନରେ ହାଲୁକାରୁ ମଧ୍ୟମଧରଣର ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୨ ଦିନ ପରେ କେତେକ ଅଞ୍ଚଳରେ ବର୍ଷାର ପରିମାଣ କମିପାରେ। ମଙ୍ଗଳବାର ମାଲକାନଗିରି, କୋରାପୁଟ, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ା ଆଦି ୭ ଜିଲାରେ ୭ରୁ ୧୧ ସେମି ପର୍ଯ୍ୟନ୍ତ ବର୍ଷା ହେବାର ସମ୍ଭାବନା ରହିଛି। ଉକ୍ତ ଜିଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୁଧବାର ଉତ୍ତର ଓଡ଼ିଶା ସମେତ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ରହିଛି। କେନ୍ଦୁଝର, ସୁନ୍ଦରଗଡ଼, ଝାରସୁଗୁଡ଼ା, ସମ୍ବଲପୁର ଓ ଦେବଗଡ଼ ଆଦି ଜିଲାରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସୂଚନା ଥାଉକି, ସୋମବାର ରାୟଗଡ଼ାରେ ସର୍ବାଧିକ ୪୨.୦୦ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ ତାଳଚେରରେ ୧୩ ମି.ମି. ଓ ମାଲକାନଗିରିରେ ୧୧.୪ ମି.ମି. ବର୍ଷା ରେକର୍ଡ କରାଯାଇଛି। ଏହାବ୍ୟତୀତ ଅନ୍ୟାନ୍ୟ ଜିଲାରେ କାଁ ଭାଁ ବର୍ଷା ହୋଇଛି।

# ଗଛ ଆମର ଭାଇ, ଜୀବନ

ଚଣ୍ଡିଖୋଲ,୧୯।୮
(ପ୍ରଦୀପ୍ତ କୁମାର ପୃଷ୍ଟି)

## ଗଛକୁ ପୂଜାର୍ଚ୍ଚନା ପରେ ରାଖୀ ବାନ୍ଧିଲେ ମହିଳା

ଚଣ୍ଡିଖୋଲ ୫୩ ନଂ. ଜାତୀୟ ରାଜପଥ ନିକଟ ବାରୁଣାବନ୍ତ ପର୍ବତର ପାଦଦେଶରେ ଲଗାଯାଇଥିବା ବଟବୃକ୍ଷ ଓହଳ ସହ ଅନ୍ୟାନ୍ୟ ଗଛରେ ମହିଳାମାନେ ସୋମବାର ରାଖୀ ବାନ୍ଧି ବନ୍ଧୁତା ସ୍ଥାପନ କରିଛନ୍ତି। ଗଛ ଆମର ଭାଇ, ଗଛ ଆମର ଜୀବନ ବୋଲି ସେମାନେ ଏହି ଅବସରରେ କହିଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ଉଦୀୟମାନ ମହିଳା ସଙ୍ଗଠନର ମାଆମାନେ ପ୍ରଭାତରୁ ବୃକ୍ଷଦେବତାଙ୍କୁ ଚୁଆ, ଚନ୍ଦନ, ହଳଦୀପାଣିରେ ଗାଧେଇଦେବା ପରେ ଧୂପ,ଦୀପ ଫୁଲ,ନୈବେଦ୍ୟ ସମର୍ପଣ କରିଥିଲେ। ଏହାପରେ ଘଣ୍ଟଘଣ୍ଟା, ଶଙ୍ଖ, ହୁଳହୁଳି ପକାଇ ପୂଜାର୍ଚ୍ଚନା କରିବା ପରେ ଗଛରେ ରାଖୀ ବାନ୍ଧି ଭାଇ କରିଥିଲେ। ପରେ ମାଆମାନେ ସମସ୍ତ ସ୍ୱେଚ୍ଛାସେବୀ ଭାଇଙ୍କ ହାତରେ ସମ୍ପର୍କର ଡୋର ବାନ୍ଧି ମିଠା ଖୁଆଇଥିଲେ। ସେହିପରି ଉଦୀୟମାନ କଳା ପରିଷଦଠାରେ ବଡ଼ଚଣା ଶାଖା ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସେବାକେନ୍ଦ୍ର ରାଜଯୋଗିନୀ ଭଉଣୀ ମାନସୀ, ଭାଇ ସରୋଜ, କୁଆଖିଆ କେନ୍ଦ୍ରର ଶିକ୍ଷିକା ସୁଧା ଭଉଣୀ ପ୍ରମୁଖ ଆସି ଛାତ୍ରୀଛାତ୍ର, ଅଭିଭାବିକା, ଅଭିଭାବକଙ୍କୁ ରାଖୀ ବାନ୍ଧି ଭାଇଚାରା ସ୍ଥାପନ କରିଥିଲେ। ପରେ ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କୁ ରକ୍ଷାବନ୍ଧନ ବିଷୟରେ ବହୁ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କୁ ପୁସ୍ତିକା ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା।


ଗଛରେ ରାଖୀ ବନ୍ଧା ଯାଉଛି।

# ମାଓବାଦୀ କ୍ୟାମ୍ପକୁ ଯାଉଥିବା ରାଶନ ସାମଗ୍ରୀ ଜବତ

**ମାଲକାନଗିରି,୧୯।୮ (ଦୁର୍ଯ୍ୟୋଧନ ପାତ୍ର)**

ଛତିଶଗଡ ବିଜାପୁରରେ ମାଓବାଦୀଙ୍କ ନିକଟକୁ ଖାଦ୍ୟ ସାମଗ୍ରୀ ନେଇ ଯାଉଥିବା ବେଳେ ପୋଲିସ ଦ୍ୱାରା ସୋମବାର ଏକ ପିକ୍‌ଅପ୍ ଭ୍ୟାନକୁ ଜବତ କରାଯାଇଛି। ଉକ୍ତ ସାମଗ୍ରୀକୁ ନେଇ ଯାଉଥିବା ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟବସାୟୀଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଏକ ପିକ୍‌ଅପ୍ ଭ୍ୟାନରେ ବହୁ ପରିମାଣ ଖାଦ୍ୟ ସାମଗ୍ରୀ ଓ ରାଶନ ପାମେଡ ଅଞ୍ଚଳରେ ଥିବା ମାଓବାଦୀ କ୍ୟାମ୍ପକୁ ଯାଉଥିଲା। ପୋଲିସ ଏନେଇ ସୂଚନା ପାଇ ଉକ୍ତ ଭ୍ୟାନକୁ ଅଟକାଇ ଥିଲା। ଗାଡିକୁ ଯାଞ୍ଚ ବେଳେ ଚାଉଳ, ମହୁଲ ସହ ଅନ୍ୟ ଖାଦ୍ୟ ସାମଗ୍ରୀ ଥିବା ଦେଖିବାକୁ ପାଇଥିଲା। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟବସାୟୀ ଏହାକୁ ନେଇ ଯାଉଥିବା ବେଳେ ପୋଲିସ ପ୍ରଶ୍ନର ସେ ଠିକ୍ ଉତ୍ତର ଦେଇପାରି ନ ଥିଲେ। ଏହାପରେ ପୋଲିସ ଉକ୍ତ ସାମଗ୍ରୀ ଜବତ କରିବା ସହ ବ୍ୟବସାୟୀଙ୍କୁ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଥିବା ଜଣାପଡିଛି। ତେବେ ଏନେଇ ଏସ୍‌ପି ଜିତେନ୍ଦ୍ର ଯାଦବ କହିଛନ୍ତି, ଅନୁସନ୍ଧାନ ପରେ ଏହି ରାଶନ ସାମଗ୍ରୀ କେଉଁଠିକୁ ଯାଉଥିଲା ତାହା ଜଣାପଡିବ।

# ସେବାଶ୍ରମରେ ଛାତ୍ରର ଛୁରାମାଡ଼ରେ ସହପାଠୀ ଗୁରୁତର

**କୋରାପୁଟ/ଲକ୍ଷ୍ମୀପୁର,୧୯।୮ (ଅମିତାଭ ବେହେରା/ଅନନ୍ତ ନାୟକ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ୍‌ର ପଞ୍ଝଡ଼ା ସେବାଶ୍ରମ ଛାତ୍ରାବାସରେ ଶନିବାର ରାତ୍ରଭୋଜନ ବେଳେ ଦଶମ ଶ୍ରେଣୀର ଜଣେ ଛାତ୍ରଙ୍କ ଛୁରା ମାଡ଼ରେ ସହପାଠୀ ଗୁରୁତର ଆହତ ହୋଇଛନ୍ତି। ଆହତ ଛାତ୍ରଙ୍କୁ ପ୍ରଥମେ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। ନିଶାସକ୍ତ ଅବସ୍ଥାରେ ଛାତ୍ର ଜଣକ ଯୁକ୍ତିତର୍କ କରିବା ସହ ଖାଇବା ଥାଳି ଫିଙ୍ଗିବାରୁ ଅନ୍ୟ ଜଣେ ଛାତ୍ର ଉତ୍‌କ୍ଷିପ୍ତ ହୋଇ ଛୁରି ଭୁସିଥିବା ଜଣାପଡିଛି। ଛାତ୍ରାବାସରେ ଏଭଳି ହିଂସା ଘଟଣାକୁ ନେଇ ବୁଦ୍ଧିଜୀବୀ ମହଲରୁ ନିନ୍ଦା କରାଯାଇଛି।

ଖବରରୁ ଜଣାପଡ଼ିଛି, ସେବାଶ୍ରମରେ ରାତ୍ରଭୋଜନ ସମୟରେ ଉଭୟ ଛାତ୍ରଙ୍କ ମଧ୍ୟରେ କୌଣସି କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଲେମ୍ବୁ କାଟୁଥିବା ଛାତ୍ର ଜଣକ ସେହି ଧାରୁଆ ଛୁରିରେ ସହପାଠୀ ଛାତ୍ରଙ୍କୁ ଆକ୍ରମଣ କରି ତାଙ୍କ ଛାତି, ତଳିପେଟକୁ ଛୁରି ଭୁସି ଦେଇଥିଲେ। ଫଳରେ ଛାତ୍ର ଜଣକ ଗୁରୁତର ହୋଇପଡ଼ିଥିଲେ। ନିକଟରେ ଥିବା ସାଥୀ ଛାତ୍ରମାନେ ଏ ସମ୍ପର୍କରେ ତୁରନ୍ତ

**ପଞ୍ଝଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ**

ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସନ୍ତୋଷିନୀ ଶତପଥୀଙ୍କୁ ଜଣାଇଥିଲେ। ପରେ ଛାତ୍ର ଜଣଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ପୋଡ଼ାଗଡ଼ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଥିଲା। ଏବେ ସେଠାରେ ସେ ଚିକିତ୍ସାଧୀନ ଅଛନ୍ତି। ଏନେଇ ସୂଚନା ପାଇ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁତା ମେଡିକାଲ କଲେଜରେ ପହଞ୍ଚି ଚିକିତ୍ସାଧୀନ ଛାତ୍ରଙ୍କୁ ଭେଟିଛନ୍ତି। ପରେ ସେ ପଞ୍ଝଡ଼ା ସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରି ଫେରିଛନ୍ତି। ଗୁରୁତର ଛାତ୍ର ଜଣକ କୁଆଡେ ନିଶାସକ୍ତ ହୋଇ ଅନ୍ୟ ଛାତ୍ରଙ୍କ ସହ ଯୁକ୍ତିତର୍କ କରୁଥିଲେ। ଖାଇବା ଥାଳିକୁ ନେଇ ତାଙ୍କର ସମ୍ପୃକ୍ତ ଛାତ୍ରଙ୍କ ସହ ବଚସା ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଛାତ୍ରଜଣକ ତାଙ୍କୁ ଛୁରି ଭୁସି ଦେଇଥିଲେ। ଛୁରି ଭୁସିଥିବା ଛାତ୍ରଙ୍କ ଘର ଲକ୍ଷ୍ମୀପୁର ବ୍ଲକ ବିରିଗୁଡ଼ା ଗ୍ରାମରେ ହୋଇଥିବା ବେଳେ ଗୁରୁତର ଛାତ୍ରଙ୍କ ଘର ଲକ୍ଷ୍ମୀପୁର ବ୍ଲକ ତୟାପୁଟ ପଞ୍ଚାୟତର ସୋରିଷପଦର ଗ୍ରାମରେ। ଏହି ଖବର ପାଇବା ପରେ ଗୁରୁତର ଛାତ୍ରଙ୍କ ଅଭିଭାବକମାନେ ମଧ୍ୟ ବିରକ୍ତି ପ୍ରକାଶ



କୋରାପୁଟ ମେଡିକାଲ କଲେଜରେ ଚିକିତ୍ସାଧୀନ ଥିବା ଛାତ୍ର।

କରିଥିବା ଦେଖିବାକୁ ମିଳିଛି। ପିଲାମାନଙ୍କ ସୁରକ୍ଷା ପ୍ରତି ବିଦ୍ୟାଳୟ କର୍ତ୍ତୃପକ୍ଷ ବିଶେଷ ଧ୍ୟାନ ଦେଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଛାତ୍ରାବାସରେ ରହି ପାଠ ପଢୁଥିବା ଛାତ୍ର ନିଶାସକ୍ତ ଅବସ୍ଥାରେ କିପରି ଛାତ୍ରାବାସ ଭିତରେ ପଶୁଛନ୍ତି ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବିଦ୍ୟାଳୟ ନିକଟରେ ଏକ ମଦ ଦୋକାନ ରହିଛି। ଯେଉଁଥିପାଇଁ କେତେଜଣ ଛାତ୍ର ନିଶାସକ୍ତ ହୋଇ ଅବାଟକୁ ଯାଉଛନ୍ତି। ବିଦ୍ୟାଳୟ ନିକଟରେ ରହିଥିବା ଏହି ଦୋକାନକୁ ତୁରନ୍ତ ହଟାଇବା ପାଇଁ ସାଧାରଣରେ ଦାବି ହେଉଛି। ତେବେ ଘଟଣା ଦିନ ଛୁଟିରେ ଥାଇ ଏବେ ବିଦ୍ୟାଳୟକୁ ଫେରିଥିବା ପ୍ରଧାନଶିକ୍ଷକ ସୁନୀଲ ବୁଦ୍ଧୁଳିଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ ପିଲାମାନେ ଲେମ୍ବୁ କାଟିବା ବେଳେ କୌଣସି କଥାକୁ ନେଇ ବଚସା ହୋଇ ସେମାନଙ୍କ ଭିତରେ ଏଭଳି ଘଟଣା ଘଟିଛି ବୋଲି ପ୍ରକାଶ କରିଥିଲେ। ଜିଲା ପ୍ରଶାସନ ଏହାକୁ ଗୁରୁତ୍ୱର ସହ ନେଇ ଘଟଣାର ତଦନ୍ତ କରିବାକୁ ମତ ପ୍ରକାଶ ପାଉଛି। ଏନେଇ ଘଟଣା ଦିନ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ଶତପଥୀ ଲକ୍ଷ୍ମୀପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ.୭୬/୨୪ରେ ଏକ ମାମଲା ରୁଜୁ ହୋଇଛି। ଏହାର ତଦନ୍ତ ଆରମ୍ଭ ହୋଇଥିବା ଥାନା ଅଧିକାରୀ ଡମ୍ବରୁଧର ବାଡ଼ିଅ ସୂଚନା ଦେଇଛନ୍ତି। ଘଟଣା ଜାଣିବା ପରେ ଲକ୍ଷ୍ମୀପୁର ବିଡିଓ ଗୁରେଶ୍ୱର ଭୋଇ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଭବତୋଷ ସ୍ୱାଇଁଙ୍କ ସହ ବିଧାୟକ ଛାତ୍ରାବାସରେ ପହଞ୍ଚି ସ୍ଥିତି ସମୀକ୍ଷା କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳ ବିଭାଗର ଏହି ଉଚ୍ଚ ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରାଯାଏ। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି ବର୍ଗର ଉଭୟ ବାଳିକା ଓ ବାଳକ ବିଦ୍ୟାଳୟରେ ଅଧ୍ୟୟନ କରନ୍ତି। ୪୦୦ ଛାତ୍ର, ୧୮୭ ଛାତ୍ରୀ ଏଠାରେ ଅନ୍ତେବାସୀ ରୂପେ ରହି ପାଠ ପଢୁଥିବା ବେଳେ ଆଖପାଖ ଗ୍ରାମର ପ୍ରାୟ ୨ଶହ ଛାତ୍ରୀଛାତ୍ର ଘରକୁ ଯାତାୟାତ କରି ବିଦ୍ୟାଳୟରେ ପଢୁଛନ୍ତି।

# ଚା' ଦୋକାନରୁ ଦମ୍ପତିଙ୍କ ମୃତଦେହ ଜବତ

**ଖଲ୍ଲିକୋଟ,୧୯।୮ (ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱ ଇଙ୍ଗଳେଶ୍ୱରରେ ଥିବା ଏକ ଚା' ଦୋକାନ ଭିତରୁ ଦମ୍ପତିଙ୍କ ମୃତଦେହ ଜବତ କରାଯାଇଛି। ସେମାନେ ହେଲେ ଇଙ୍ଗଳେଶ୍ୱର ଗ୍ରାମର ଦିଲୀପ ଦଳେଇ ଓ ତାଙ୍କ ସ୍ତ୍ରୀ ରଶ୍ମିତା ଦଳେଇ। ଦିଲୀପଙ୍କ ମୃତଦେହ ତଳେ ପଡ଼ିଥିବା ବେଳେ ରଶ୍ମିତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ରହିଥିଲା। ସେମାନଙ୍କ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁଙ୍କ ଉପସ୍ଥିତିରେ ଦମ୍ପତିଙ୍କ ମୃତଦେହକୁ ପୋଲିସ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଘଟଣାର ତଦନ୍ତ ଜାରି ରଖିଛି।

ଦିଲୀପ ପ୍ରାୟ ୧୦ ବର୍ଷ ତଳେ କବିଗାଁର ରଶ୍ମିତାଙ୍କୁ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ଦିଲୀପ ଗ୍ରାମ ନିକଟ ୧୬ ନଂ. ଜାତୀୟ ରାଜପଥ କଡ଼ରେ ଚା' ଦୋକାନ କରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ପୁଅ ଝିଅ କନ୍ଦିଗାଁରେ ଅଜାଘରେ ଥିବା ବେଳେ ଦିଲୀପ ଓ ରଶ୍ମିତା ରାତିରେ ଦୋକାନରେ ଥିଲେ। ସୋମବାର ସକାଳେ ଦିଲୀପଙ୍କ ସଙ୍ଗାତ ଟିଟୁ ବେହେରା ଚା' ଦୋକାନ ନିକଟକୁ ଆସି କବାଟ ବାଡେଇବାରୁ କେହି ଶୁଣି ନ ଥିଲେ। ଦିଲୀପଙ୍କ ମୋବାଇଲ ଫୋନକୁ କଲ କରିଥିଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଦିଲୀପଙ୍କ ପରିବାର ଲୋକେ ଏହା ଜାଣିବା ପରେ ସେଠାରେ ପହଞ୍ଚି ପଛ କବାଟ ତାଡି ଦୋକାନ ଭିତରେ ପଶିବାରେ ଉଭୟଙ୍କ ମୃତଦେହ ଦେଖିଥିଲେ। ଖବରପାଇ ଭେଜିପୁଟ ଫାଣ୍ଡି ଅଧିକାରୀ ଦେବାଶିଷ ମିଶ୍ର ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ରଶ୍ମିତା ସ୍ୱାମୀଙ୍କ ଇଚ୍ଛା ବିରୋଧରେ କୌଣସି ଏକ ଚାକିରି କରୁଥିବାରୁ ତାଙ୍କୁ ନେଇ ଉଭୟଙ୍କ ମଧ୍ୟରେ ଝଗଡା ହେଉଥିଲା। ତେଣୁ ସେମାନେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପ୍ରାଥମିକ ତଦନ୍ତରୁ ପୋଲିସ ସନ୍ଦେହ କରୁଛି। ଅନ୍ୟପକ୍ଷରେ ରଶ୍ମିତାଙ୍କ ଭାଇ ଦିଲୀପ କୁମାର ନାୟକ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ସେ ରବିବାର ରାତି ପ୍ରାୟ ୮ ଟାରେ ଭଉଣୀ ଓ ଭିଣୋଇଙ୍କୁ ଆଣି ଦୋକାନରେ ଛାଡିଥିଲେ। ସେତେବେଳେ ଉଭୟେ ଖୁସି ଥିଲେ ବୋଲି କହିଛନ୍ତି।

# ପରକୀୟା ପ୍ରେମକୁ ନେଇ ହତ୍ୟା, ଅଭିଯୁକ୍ତ ସ୍ୱାମୀ ଗିରଫ

**ରାଉରକେଲା/ବେଦବ୍ୟାସ,୧୯।୮ (ସଙ୍ଗୀତା ଜେନା/ଆଲୋକ ସ୍ୱାଇଁ)**

ରାଉରକେଲା ପୋଲିସ ଜିଲା ଅନ୍ତର୍ଗତ ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ପରକୀୟା ପ୍ରେମକୁ ନେଇ ଏକ ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ଗର୍ଜ୍ଜନ ପଞ୍ଚାୟତ ବିରୁଆଳ ଗ୍ରାମର ରାଜକୁମାର ଲାକ୍ରା(୪୫)। ଏ ନେଇ ପୋଲିସ ଅଭିଯୁକ୍ତ ପ୍ରଦୀପ କୁମ୍ଭାର(୩୫)ଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି।

ପୋଲିସ ସୂଚନା ଅନୁଯାୟୀ, ପ୍ରଦୀପଙ୍କ ସ୍ତ୍ରୀଙ୍କ ସହ କୁଆଡେ ରାଜକୁମାରଙ୍କ ପ୍ରେମ ସମ୍ପର୍କ ରହିଥିଲା। ଏ ନେଇ ତାଙ୍କ ମନରେ ଅଶାନ୍ତି ରହିଥିଲା। ରବିବାର ଅଭିଯୁକ୍ତଙ୍କ ଘରେ ମଦମାଂସର ଆସର ଜମିଥିଲା। ଏଥିରେ ପ୍ରଦୀପ ଓ ରାଜକୁମାର ଉଭୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ମଦ୍ୟପାନ କରିଥିଲେ। ନିଶାଗ୍ରସ୍ତ ହୋଇ ପ୍ରଦୀପ ପ୍ରଥମେ ଝଗଡା ଆରମ୍ଭ କରିଥିଲେ। ପରେ ଉତ୍ତ୍ୟକ୍ତ ହୋଇ ପ୍ରଦୀପ ଏକ ବାଡିରେ ରାଜକୁମାରଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ରାଜକୁମାରଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ପ୍ରଦୀପ ମୃତଦେହକୁ ଟାଣି ଟାଣି ରାସ୍ତା ଉପରେ ଫିଙ୍ଗି ଦେଇଥିଲେ। ସୋମବାର ସକାଳେ ଖବର ପାଇ ପୋଲିସ ମୃତଦେହ ଜବତ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହାସହ ହତ୍ୟାରେ ବ୍ୟବହୃତ ବାଡ଼ିକୁ ମଧ୍ୟ ଜବତ କରିଥିଲା। ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଅନୁସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିବା ଜଣାପଡିଛି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅତି ଭଲ ନୁହେଁ ଚବର ଚବର,**
**ଅତି ଭଲ ନୁହେଁ ଚୁପ,**
**ଅତି ଭଲ ନୁହେଁ ବର୍ଷା ବାଦଲ,**
**ଅତି ଭଲ ନୁହେଁ ଧୂପ।**

ଅତିର ବ୍ୟବହାର ଅତ୍ୟନ୍ତ ହାନିକାରକ। ଅତି ସର୍ବତ୍ର ଗର୍ହିତମ। ଅତି ବକ ବକ ହେବା କି ଚୁପ୍ ରହିବା ଯେମିତି ଭଲ ହୋଇ ନ ଥାଏ, ସେମିତି ଅତି ବର୍ଷା କି ଖରା ଭଲ ଲାଗି ନ ଥାଏ। ଅତିର ମାତ୍ରା ସବୁବେଳେ ଖରାପ ହେଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଅଖାଇ କରିଚି ଓଷା,**
**ଡୋଲିକ ଚାଉଳ ଓଲିକେ ଖାଇଲା,**
**ଦାନ୍ତ ଅଛି ଦରଘଷା।**

ଓଷା କଲେ ଉପାସ ରହି କିଛି କଷ୍ଟ ସହିବାକୁ ପଡ଼େ। ଖାଇବା, ପିଇବା କମ୍ କରାଯାଏ। କିନ୍ତୁ ଓଷାକୁ ତ୍ୟାଗ ଓ କଷ୍ଟର ସମୟ ବୋଲି ନ ଧରି ଆନନ୍ଦରେ ଅଧିକ ଖାଇପିଇ ଭଲ ପିନ୍ଧି ମଉଜ କରିବାର ମାନେ ଓଷା ନୁହେଁ, ଏହା ଏକ ଭଣ୍ଡାମି ହୋଇଥାଏ। ଏପରି କରିବା ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଥିବାବେଳେ ଓଷା ବ୍ରତ କରିବା ନାଁରେ ପେଟ ପୂରାଇ ଖାଉଥିବା ଟାଉକିମାନଙ୍କ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ତାଲା ପକାଇଲେ ବି ସୁରକ୍ଷିତ ରହୁନି ଘର

## ରାଜଧାନୀରେ ସିନ୍ଧିଚୋର ଗ୍ୟାଙ୍ଗ

### ଚିନ୍ତାରେ କମିଶନରେଟ ପୋଲିସ ଓ ସହରବାସୀ

**ଭୁବନେଶ୍ୱର,୧୯।୮ (ସୂର୍ଯ୍ୟକାନ୍ତ ବେହେରା)**

ରାଜଧାନୀରେ ମାତିଛନ୍ତି ସିନ୍ଧିଚୋର ଗ୍ୟାଙ୍ଗ୍। ଟିକେ ସୁଯୋଗ ପାଇଲେ ଘର ଭିତରୁ କଳାକନା ବୁଲାଇ ଫେରାର ହୋଇଯାଉଛନ୍ତି। ଏପରିକି ତାଲା ପକାଇ ଅଳ୍ପ ସମୟ ପାଇଁ ଘରୁ ଗୋଡ଼ କାଢ଼ିଲେ ଫେରିବା ବେଳକୁ ସବୁ ଠିକ୍ ଥିବ କି ନାହିଁ ତାହା ସନ୍ଦେହ ହେଉଛି। ପୋଲିସ ଛକ ଛକରେ ଚେକିଂ, ବ୍ଲକିଂ କରୁଥିଲେ ମଧ୍ୟ ଅପରାଧୀମାନେ ଭୟ ନ କରି ରାଜଧାନୀ ଉପକଣ୍ଠଠାରୁ ଆରମ୍ଭ କରି ସହର ମଧ୍ୟରେ ଗୋଟିଏ ପରେ ଗୋଟିଏ ଘରୁ ଚୋରି କରି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି। ଗଳି କନ୍ଦିରେ ପୋଲିସର ପାଟ୍ରୋଲିଂ ହେଉ ନ ଥିବା ଠାବ କରି ଟାର୍ଗେଟ କରିଥିବା ଘରୁ ସୁନା ଅଳଙ୍କାର ଚୋରି କରି ନେଉଛନ୍ତି। ଗତ ୫ଦିନ ମଧ୍ୟରେ ସିନ୍ଧିଚୋର ଗ୍ୟାଙ୍ଗର ସଦସ୍ୟମାନେ ସକ୍ରିୟ ହୋଇ ବିଭିନ୍ନ ଥାନା ଅଞ୍ଚଳରୁ ୪ଟି ଚୋରି କରିବା ପରେ ରାଜଧାନୀବାସୀଙ୍କ ମନରେ ପୁଣି ଥରେ ଭୟ ଜାତ ହୋଇଛି। ସମସ୍ତ ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିବା ସହ ସାଇଣ୍ଟିଫିକ ଟିମର ସହାୟତା ନେଇଥିଲେ ମଧ୍ୟ କାହାକୁ ଏଯାବତ୍ ଧରି ପାରିନାହିଁ। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଏବେଠାରୁ ଅପରାଧୀଙ୍କ ଏଭଳି ଉତ୍ପାତ ପୋଲିସ ଓ ରାଜଧାନୀବାସୀଙ୍କୁ ନାକେଦମ କରି ସାରିଲାଣି।

▶▶ ୧୮ ଅଗଷ୍ଟ ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ରଙ୍ଗେଶ୍ୱର ନଗରରୁ ମଧ୍ୟ ଦୁର୍ବୃତ୍ତ କଳାକନା ବୁଲାଇଛନ୍ତି। ରବିବାର ସନ୍ଧ୍ୟାରେ ଘରେ କେହି ନ ଥିବାବେଳେ ଦୁର୍ବୃତ୍ତମାନେ ଝରକା ଓ ଗ୍ରିଲ୍ ତାଡ଼ି ୩ଟି ରୁମ୍‌ରୁ ସୁନା ହାର, ମୁଦି,୧୨ହଜାର ଟଙ୍କା ଆଦି ନେଇଯାଇଛନ୍ତି। ତେବେ ଘର ମାଲିକଙ୍କ ପୁଅ ବିମଳ କୁମାର ପାତ୍ର ୩ ଘଣ୍ଟା ପାଇଁ ବାହାରକୁ ଯାଇଥିବା ବେଳେ ଅପରାଧୀମାନେ ଏହି କାରନାମା କରିଛନ୍ତି।

▶▶ ୧୭ ଅଗଷ୍ଟ ବିଳମ୍ବିତ ରାତିରେ ଖଣ୍ଡଗିରି



ଛକରେ ଥିବା ଏକ ହାର୍ଡୱେର ଦୋକାନରୁ ଲକ୍ଷାଧିକ ଟଙ୍କା ଓ ଦାମୀ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଆଜବେଷ୍ଟସ କାଟି ଲୁଟେରାମାନେ ଏହି କାଣ୍ଡ ଭିଆଇ ଫେରାର ହୋଇଯାଇଥିବା ଜଣାପଡିଛି। ଏନେଇ ଦୋକାନୀ ରବିବାର ସକାଳେ ଦୋକାନକୁ ଆସି ଜାଣିବା ପରେ ଖଣ୍ଡଗିରି ଥାନାରେ ଅଭିଯୋଗ କରିଛନ୍ତି।

▶▶ ୧୬ ଅଗଷ୍ଟରେ ଚନ୍ଦକାସ୍ଥିତ ଲୋଟସ ଆଭେନ୍ୟୁ ଆପାର୍ଟମେଣ୍ଟରେ ଏକ ନବ ଦମ୍ପତି ଫ୍ଲାଟକୁ ତାଲା ପକାଇ କୌଣସି କାମରେ ବ୍ରହ୍ମପୁର ଯାଇଥିଲେ। ଏହା ଜାଣିପାରି ୪ ଦୁର୍ବୃତ୍ତ ଫ୍ଲାଟର ତାଲା ଭାଙ୍ଗି ୧୫ ଲକ୍ଷ ଟଙ୍କାର ସୁନା ଗହଣା ନେଇଯାଇଛନ୍ତି। ଏପରିକି ସିକ୍ୟୁରିଟି ଗାର୍ଡ ଧରିବାକୁ ଚେଷ୍ଟା କରିଥିଲେ ମଧ୍ୟ ଅଭିଯୁକ୍ତମାନେ ସାଙ୍ଗରେ ଆଣିଥିବା ବୋମା ଓ ଭୁଜାଲି ଦେଖାଇ ଖସି ପଳାଇବାରେ ସକ୍ଷମ ହୋଇଥିଲେ।

## ତାଲା କାଟି ନେଇଗଲେ ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ସୁନାଗହଣା

**ଭୁବନେଶ୍ୱର,୧୯।୮ (ସୂର୍ଯ୍ୟକାନ୍ତ ବେହେରା)**

ଭୁବନେଶ୍ୱର ଶହୀଦନଗର ଥାନା ଅନ୍ତର୍ଗତ ଲେଭଲ କ୍ରସିଂ ନିକଟରେ ଥିବା ଏକ ଘରୁ ରବିବାର ରାତିରେ ବଡ଼ଧରଣର ଚୋରି ହୋଇଛି। କୌଣସି କାମରେ ଉକ୍ତ ଘରେ ରହୁଥିବା ଭଡ଼ାଟିଆ ମାର୍କେଟ ଯାଇଥିବାବେଳେ କେହି ଦୁର୍ବୃତ୍ତ ତାଙ୍କ ଘରୁ ପ୍ରାୟ ୧୫ଲକ୍ଷ ଟଙ୍କାର ସୁନା ଅଳଙ୍କାର ଏବଂ ୫୦ହଜାର ଟଙ୍କା ଲୁଟି ନେଇଛନ୍ତି। ଘରକୁ ଫେରିବା ବେଳେ ଘରର ମୁଖ୍ୟ ଫାଟକର ତାଲା କଟା ଯାଇଥିବା ଜାଣିବାକୁ ପାଇଥିଲେ। ଏହାପରେ ଘର ଭିତରେ ଆଲମିରାରେ ସୁନା ଅଳଙ୍କାର ନ ଥିବା ଦେଖିବାକୁ ପାଇଥିଲେ। କେହି ଦୁର୍ବୃତ୍ତ ଚୋରିକରି ନେଇଥିବା ଜାଣି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ୨ଜଣ ଯୁବକ ବାଇକ୍‌ରେ ହେଲ୍‌ମେଟ ପିନ୍ଧି ଆସି ଏଭଳି କାଣ୍ଡ କରିଥିବା ଫୁଟେଜରୁ ଜଣାପଡ଼ିବା ପରେ ଘରର ମାଲିକ ସୋମବାର ଏସଂକ୍ରାନ୍ତରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟ୍



ସିସିଟିଭିରେ କଏଦ ହୋଇଥିବା ଲୁଟ୍ ସମୟର ଦୃଶ୍ୟ।

**ଝାରପୋଖରିଆ,୧୯।୮ (ହରେକୃଷ୍ଣ ଦାସ)**

ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ଅଧୀନ ପୋଖରିଆ ପଞ୍ଚାୟତ ଅଫିସ ସମ୍ମୁଖରେ ରହୁଥିବା ଜଣେ ବ୍ୟବସାୟୀଙ୍କ ଘରେ ପଶି ଦୁର୍ବୃତ୍ତମାନେ ବନ୍ଧୁକ ଦେଖାଇ ମୋବାଇଲ, ଟଙ୍କା, ସୁନା ଆଦି ଲୁଟି ନେଇଥିବା ଅଭିଯୋଗ ହୋଇଛି। ପୋଖରିଆ ଗ୍ରାମର ଅରବିନ୍ଦ କୁମାର ବାଜପେୟୀ ଓ ସ୍ତ୍ରୀ ସୁରେନ୍ଦ୍ରୀ ଘର ସମ୍ମୁଖରେ ଥିବା ନିଜର ମନୋହରି ଦୋକାନ ବନ୍ଦ କରି ରାତି ପ୍ରାୟ ୮ ସମୟରେ ଘରେ ବସି ଖାଉଥିଲେ। ଏହି ସମୟରେ ୩ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଧରି ତାଙ୍କ ଘରେ ପଶିଥିଲେ। ଅରବିନ୍ଦ ଓ ତାଙ୍କ ସ୍ତ୍ରୀଙ୍କ ମୁଣ୍ଡରେ ବନ୍ଧୁକ ଲଗାଇବା ସହ ଉଭୟଙ୍କୁ ବାନ୍ଧି ନଗଦ ୩୦,୦୦୦ ଟଙ୍କା,ସୁନା ମୁଦି, କାନ ଫୁଲ ଆଦି ଲୁଟି ନେଇଥିଲେ। ବ୍ୟବସାୟୀଙ୍କ ଘରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ତଦନ୍ତ ଜାରି ରଖିଛି। ତେବେ ଝାରପୋଖରିଆ ଥାନା ଅଞ୍ଚଳରେ ବାରମ୍ବାର ଚୋରି, ଡକାୟତି ହେଉଥିଲେ ମଧ୍ୟ ଚୋର ଧରିବାରେ ପୋଲିସ ବିଫଳ ହୋଇଛି। ଏନେଇ ସାଧାରଣରେ ଅସନ୍ତୋଷ ବଢ଼ି ଚାଲିଛି।

# ରାଜସ୍ଥାନରୁ ୨ ନାବାଳିକା ଉଦ୍ଧାର, ୬ ଦଲାଲ ଗିରଫ

**କୁତ୍ରା,୧୯।୮ (ଦେବାଶିଷ ସାହୁ)**

ନାବାଳିକାଙ୍କୁ ଚାକିରି ଦେବା ପ୍ରଲୋଭନ ଦେଖାଇ ବିକ୍ରି କରିଥିବା ୬ ଦଲାଲଙ୍କୁ ସୁନ୍ଦରଗଡ ଜିଲା କୁତ୍ରା ପୋଲିସ ରାଜସ୍ଥାନରୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସୋନୁ ସରମା, ପିଙ୍କେ ଦେଭି, ଏସ.କେ ଆସରଫ ଅଲ୍ଲୀ, ମୋନୁ ସରମା, ସଚିନ ରାଏ ଗୌତମ, ରମେଶ ଚନ୍ଦ୍ର ଖୁସୁଆନ। ନାବାଳିକାଙ୍କୁ ୨ଲକ୍ଷ ୪୦ ହଜାର ଟଙ୍କାରେ ବିକ୍ରି କରିଦେଇଥିବା ଦଲାଲମାନେ ପୋଲିସ ଆଗରେ ସ୍ୱୀକାର କରିଥିଲେ। ଏନେଇ ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ ଅଭିଷେକ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କୁତ୍ରା ଥାନା ଅଞ୍ଚଳର ଜଣେ ନାବାଳିକା ୨୦୨୩ ଅକ୍ଟୋବରରେ କାମ କରିବାକୁ ଘରୁ ବାହାରିଥିଲେ। ରାଉରକେଲାରେ ପହଞ୍ଚିବା ପରେ ଦଲାଲ ହାବୁଡରେ ପଡିଯାଇଥିଲେ। ସେଠାରେ ଆଧାର କାର୍ଡରେ ବୟସ ବଢାଇ ଭଲ ଦରମାରେ ଦିଲ୍ଲୀରେ କାମ କରେଇଦେବେ କହି ନାବାଳିକାଙ୍କୁ ଝାରସୁଗୁଡ଼ା ନେଇଥିଲେ। ସେଠାରୁ ଟ୍ରେନ ଯୋଗେ ଦିଲ୍ଲୀ ଓ ପରେ ରାଜସ୍ଥାନକୁ ନେଇଥିଲେ। ସେଠାରେ ଦଲାଲଙ୍କୁ ୨ ଲକ୍ଷ ୪୦ ହଜାର ଟଙ୍କାରେ ବିକ୍ରି କରିଥିଲେ। ମେ ରେ ନାବାଳିକା ଜଣଙ୍କ ତାଙ୍କ ଭଉଣୀଙ୍କୁ ଫୋନ କରି ଘଟଣା ସମ୍ପର୍କରେ କହିଥିଲେ। ପରିବାର ଲୋକେ କୁତ୍ରା ଥାନାରେ ଏତଲା ଦେଇଥିଲେ। ଥାନା ଅଧିକାରୀ ମନୋରଞ୍ଜନ ବିଶି ଏକ ମାମଲା ରୁଜୁକରିଥିଲେ। ରାଜଗାଙ୍ଗପୁର ଏସ୍‌ଡିପିଓଙ୍କ ନେତୃତ୍ୱରେ କୁତ୍ରା ଥାନା ଅଧିକାରୀ ବିଶିଙ୍କ ସମେତ ୯ଜଣିଆ ଟିମ୍ ଏହାର ଯାଞ୍ଚ ଆରମ୍ଭ କରିଥିଲା। ପୋଲିସ ମୋବାଇଲ କଲ ଟ୍ରାକ୍ କରି ରାଜସ୍ଥାନ ବାରା ଜିଲାରୁ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସେଠାରେ ତଦନ୍ତ ପରେ ରାୟଗଡା ଅଞ୍ଚଳର ଅନ୍ୟ ଜଣେ ନାବାଳିକାଙ୍କୁ ମଧ୍ୟ ଉଦ୍ଧାର କରାଯାଇଥିଲା। ନାବାଳିକା ଉଦ୍ଧାର ପରେ ମାନବ ଚାଲାଣ ର୍‍ୟାକେଟର ଗୁମର ଖୋଲିଥିଲା।

# ପଇଡ଼ ପଡ଼ି ଶିଶୁ କନ୍ୟାଙ୍କ ମୃତ୍ୟୁ

**ବଉଣ୍ଡା, ୧୯।୮ (ପରିକ୍ଷିତ ସାହୁ)**

୭ ମାସର ଶିଶୁକନ୍ୟାଙ୍କ ମୁଣ୍ଡ ଉପରେ ଗଛରୁ ପଇଡ଼ ଖସିପଡ଼ିବାରୁ ତାଙ୍କର ମୃତ୍ୟୁ ହୋଇଛି। ରବିବାର ଏପରି ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲା କିଶୋରନଗର ବ୍ଲକ ହେମାମୁରା ଗାଁରେ। ପ୍ରକାଶ ଯେ, ହଣ୍ଡପା ଥାନା ଅର୍ଜ୍ଜୁନଧରା ଗ୍ରାମର କୁନା ପ୍ରଧାନଙ୍କ ସ୍ତ୍ରୀ ୭ ମାସର ଝିଅକୁ ଧରି ବାପଘର ହେମାମୁରା ଗ୍ରାମକୁ ଯାଇଥିଲେ। ସକାଳେ କୁନାଙ୍କ ସ୍ତ୍ରୀ ଝିଅକୁ କୋଳରେ ଧରି ଏକ ନଡ଼ିଆ ଗଛ ତଳେ ବସିଥିବା ବେଳେ ଉପରୁ ଏକ ପଇଡ଼ ଖସି ଶିଶୁ କନ୍ୟାଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁକନ୍ୟାଙ୍କ ମୃତ୍ୟୁ ହୋଇଥିଲ।

# ଚିକିତ୍ସା ଅବହେଳାରୁ ଛାତ୍ର ମୃତ୍ୟୁକୁ ନେଇ ଉତ୍ତେଜନା

**ମାଲକାନଗିରି,୧୯।୮ (ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ପଡ଼ିଆ ବ୍ଲକ୍ ନିଲିଗୁଡା ପଞ୍ଚାୟତ ଧରମପାଲ୍ଲୀ ଅନୁସୂଚିତ ଜାତି ଓ ଜନଜାତି ଆବାସିକ ବିଦ୍ୟାଳୟର ଜଣେ ଛାତ୍ରଙ୍କର ଚିକିତ୍ସା ଅବହେଳାରୁ ମୃତ୍ୟୁକୁ ନେଇ ପରିବାର ଓ ଗ୍ରାମବାସୀ ସୋମବାର ବିଦ୍ୟାଳୟ ଫାଟକ ସମ୍ମୁଖରେ ମୃତଦେହ ରଖି ଘେରାଉ କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

ପ୍ରଧାନ ଶିକ୍ଷକ ସୁଷମା ପଇଡା ଉତ୍ତ୍ୟକ୍ତ ଲୋକଙ୍କୁ ଦେଖି ବିଦ୍ୟାଳୟ ଗେଟ୍‌ରେ ତାଲା ପକାଇ କାର୍ଯ୍ୟାଳୟରେ ଦୀର୍ଘ ଘଣ୍ଟା ଧରି ରହିଥିଲେ। ଖବର ପାଇ ପଡ଼ିଆ ପୋଲିସ, ବିଡିଓ, ଜିଲା ମଙ୍ଗଳ ଅଧିକାରୀ, ମାଲକାନଗିରି ତହସିଲଦାର ଘଟଣାସ୍ଥଳରେ ପହଞ୍ଚି

- ଗ୍ରାମବାସୀଙ୍କ ବିଦ୍ୟାଳୟ ଘେରାଉ
- ୨୪ ଘଣ୍ଟା ମଧ୍ୟରେ କାର୍ଯ୍ୟାନୁଷ୍ଠାନ: ଜିଲା ମଙ୍ଗଳ ଅଧିକାରୀ

ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କୁ ଉଦ୍ଧାର କରିବା ସହ ଘଟଣା ସମ୍ପର୍କରେ ତଦନ୍ତ କରିଥିଲେ।

ସୂଚନା ଅନୁଯାୟୀ, ନନ୍ଦିଗୁଡ଼ା ଗ୍ରାମର ଜଣେ ନାବାଳକ ଧରମପାଲ୍ଲୀ ଆଶ୍ରମ ଆବାସିକ ବିଦ୍ୟାଳୟର ୫ମ ଶ୍ରେଣୀରେ ପଢୁଥିଲେ। ଗତ ୧ ତାରିଖରେ ତାଙ୍କ ଦେହ ଅସୁସ୍ଥ ସହ ଗୋଡ଼ ଫୁଲିଯିବାରୁ ଧରମପାଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଦ୍ୟାଳୟ ପକ୍ଷରୁ ଚିକିତ୍ସା କରାଯାଇଥିଲା। ୩ ଦିନ ପରେ ପୁନର୍ବାର ଡାକ୍ତରଖାନାକୁ ଆଣିବା ପାଇଁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ତାଙ୍କର ଜ୍ୱର କିମ୍ବା ଗୋଡଫୁଲା କମି ନ ଥିଲା। ବିଦ୍ୟାଳୟ ପକ୍ଷରୁ ତାଙ୍କୁ ଡାକ୍ତରଖାନାକୁ ନିଆଯାଇ ନ ଥିଲା। ଫଳରେ ସେ ଅଧିକ ଅସୁସ୍ଥ ହୋଇ ପଡିଥିଲେ। ଖବର ପାଇ ଛାତ୍ରଙ୍କ ବାପା ବିଦ୍ୟାଳୟକୁ ଆସି ପୁଅକୁ ଘରକୁ ନେଇ ଚିକିତ୍ସା କରିବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ କହିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ତାଙ୍କ ବାପାଙ୍କ ସହ ସମ୍ପୃକ୍ତ ଛାତ୍ରଙ୍କୁ ଛାଡ଼ି ନ ଥିଲେ। ଏହିପରି ୪ଥର ଶିକ୍ଷୟିତ୍ରୀଙ୍କୁ ପୁଅକୁ ଘରକୁ ନେବାପାଇଁ ତାଙ୍କ ବାପା ଅନୁରୋଧ କରିଥିଲେ ମଧ୍ୟ ଶିକ୍ଷୟିତ୍ରୀ ତାଙ୍କ କଥା ଶୁଣି ନ ଥିବା ଅଭିଯୋଗ କରିଛନ୍ତି।

ବିଦ୍ୟାଳୟର ଅନ୍ୟ ଛାତ୍ରମାନଙ୍କ କହିବା ଅନୁଯାୟୀ, ମୃତ ଛାତ୍ରଙ୍କ ଦେହ ଅସୁସ୍ଥ ଏବଂ ଗୋଡ଼ ଫୁଲିଯିବାରୁ ସେ କ୍ଲାସ୍ କରି ନ ପାରି ଶୋଇ ରହୁଥିଲେ। ରବିବାର ଗୋଡ଼ ଫୁଲା ଓ ଭୀଷଣ ଅସୁସ୍ଥ ହୋଇପଡ଼ିବାରୁ ବିଦ୍ୟାଳୟରୁ ସକାଳ ୮ ଟାରେ ବାହାରି ୨ କି.ମି. ଦୂରରେ ଥିବା ନିଜ ଗ୍ରାମ ନନ୍ଦିଗୁଡ଼ାରେ ପହଞ୍ଚିବା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ସେ ଚାଲିପାରୁ ନ ଥିବାରୁ ରାସ୍ତାରେ ବସି ବସି ଯାଉଥିବା କେତେଜଣ ଲୋକ ଦେଖିଥିଲେ। ସୋମବାର ସକାଳେ ଘରେ ଥିବା ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ଗ୍ରାମବାସୀ ଓ ପରିବାରବର୍ଗ ଉତ୍ତେଜିତ ହୋଇ ଏକ ଅଟୋରେ ମୃତଦେହ ଧରି ବିଦ୍ୟାଳୟ ଫାଟକ ସମ୍ମୁଖରେ ରଖି ବିକ୍ଷୋଭ ପ୍ରଦର୍ଶନ କରିବା ସହ ସମ୍ପୃକ୍ତ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ କ୍ଷତିପୂରଣ ଦାବି କରିଥିଲେ। ପୋଲିସ ଓ ବିଭାଗୀୟ ଅଧିକାରୀ ତହସିଲଦାର, ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ଲୋକଙ୍କୁ ବୁଝାଶୁଝା କଲାପରେ ଏହାର ଏକ ଆପୋସ ସମାଧାନ ହୋଇଥିବା ଜଣାପଡିଛି। ପୋଲିସ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ମାଲକାନଗିରି ଚିକିତ୍ସାଳୟକୁ ପଠାଇଛି। ପଡ଼ିଆ ବିଡିଓ ମୃତ ଛାତ୍ରଙ୍କ ପରିବାର ଲୋକଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଦେଇଥିବା ଜଣାପଡ଼ିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଆଦି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପିଏସ୍‌ବି କାର୍ଯ୍ୟଦକ୍ଷତା ସମୀକ୍ଷା କଲେ ଅର୍ଥମନ୍ତ୍ରୀ

**ଭୁବନେଶ୍ୱର, ୧୯।୮ (ଅନୁରାଧା ମହାରଣା)**




କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନୂଆଦିଲ୍ଲୀରେ ଆୟୋଜିତ ଏକ ବୈଠକରେ ଅଧ୍ୟକ୍ଷତା କରି ସରକାରୀ କ୍ଷେତ୍ରର ବ୍ୟାଙ୍କ(ପିଏସ୍‌ବି)ଗୁଡ଼ିକର କାର୍ଯ୍ୟଦକ୍ଷତାର ସମୀକ୍ଷା କରିଛନ୍ତି। ବୈଠକରେ ଜମା ସଂଗ୍ରହ, ଡିଜିଟାଲ ପେମେଣ୍ଟ ଏବଂ ସାଇବର ସୁରକ୍ଷା, ନୂତନ ଋଣ ଉତ୍ପାଦ ବା ଯୋଜନାର କାର୍ଯ୍ୟକାରିତା ଏବଂ ଆର୍ଥିକ ଅନ୍ତର୍ଭୁକ୍ତିରେ ଋଣ ପ୍ରବେଶ ଭଳି ବିଭିନ୍ନ ଆର୍ଥିକ ଦିଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା।

ଜମା ସଂଗ୍ରହ, ଦକ୍ଷ ଗ୍ରାହକ ସେବା ଉପରେ ଧ୍ୟାନ ଦେବା ଏବଂ ବିଶେଷକରି ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳରେ ଗ୍ରାହକଙ୍କ ସହ ଯୋଡିହେବା ପାଇଁ ସ୍ୱତନ୍ତ୍ର ଅଭିଯାନ ଚଳାଇବାକୁ କେନ୍ଦ୍ର ଅର୍ଥମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି ଠକେଇ ଏବଂ ସାଇବର ସୁରକ୍ଷା ବିପଦ ବିରୋଧରେ ବ୍ୟାଙ୍କ, ସରକାରୀ, ନିୟାମକ ଏବଂ ସୁରକ୍ଷା ଏଜେନ୍ସି ମଧ୍ୟରେ ସହଯୋଗୀ ଆଭିମୁଖ୍ୟ ଉପରେ ସୀତାରାମନ୍ ଗୁରୁତ୍ୱାରୋପ କରିଛନ୍ତି। ଡିଜିଟାଲ ଫୁଟପ୍ରିଣ୍ଟ ଏବଂ ନଗଦ ପ୍ରବାହ ଉପରେ ଆଧାର କରି ଏମ୍ଏସ୍ଏମ୍ଇ ପାଇଁ ଏକ ନୂତନ ଋଣ ମୂଲ୍ୟାଙ୍କନ ମଡେଲ ସମେତ ବ୍ୟାଙ୍କଗୁଡିକ ବର୍ତ୍ତମାନର ବଜେଟ ଘୋଷଣାକୁ ଶୀଘ୍ର କାର୍ଯ୍ୟକାରୀ କରିବା ଉଚିତ ବୋଲି ଅର୍ଥମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଦ୍ୟୁତ୍ ଯୋଜନା ଏବଂ ପ୍ରଧାନମନ୍ତ୍ରୀ ବିଶ୍ୱକର୍ମା ଯୋଜନା ଭଳି ପଦକ୍ଷେପ ଅନୁଯାୟୀ ଯୋଗ୍ୟ ହିତାଧିକାରୀଙ୍କୁ ଋଣ ପ୍ରଦାନ ବୃଦ୍ଧି ଉପରେ ଧ୍ୟାନ ଦେବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଏହି ବୈଠକରେ ଆର୍ଥିକ ସେବା ବିଭାଗର ସଚିବ ଡ. ବିବେକ ଯୋଶୀ, ଡେଜିଗନେଟ୍ ସଚିବ ଏମ୍ ନାଗାରାଜୁ, ପବ୍ଲିକ ସେକ୍ଟର ବ୍ୟାଙ୍କ (ପିଏସ୍‌ବି)ର ମୁଖ୍ୟ ତଥା ଆର୍ଥିକ ସେବା ବିଭାଗ (ଡିଏଫ୍ଏସ୍)ର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ହୋଇଥିବା ଆଲୋଚନାନୁସାରେ ଆର୍ଥିକବର୍ଷ ୨୦୨୩-୨୪ରେ ପିଏସ୍‌ବିଗୁଡିକ ସମସ୍ତ ଆର୍ଥିକ ପାରାମିଟରରେ ଭଲ ପ୍ରଦର୍ଶନ କରିଥିଲେ। ନେଟ ଏନ୍‌ପିଏରେ ୦.୭୬ ପ୍ରତିଶତ ହ୍ରାସ, ଉନ୍ନତ ସମ୍ପତ୍ତି ଗୁଣବତ୍ତା, ବ୍ୟାଙ୍କଗୁଡିକର ଭଲ ପୁଞ୍ଜି ପର୍ଯ୍ୟାପ୍ତତା ୧୫.୫୫ ପ୍ରତିଶତରେ ପ୍ରତିଫଳିତ ହୋଇଥିଲା। ବ୍ୟାଙ୍କଗୁଡିକର ନିଟ ସୁଧ ମାର୍ଜିନ (ଏନ୍ଆଇଏମ୍) ସହିତ ୩.୨୨ ପ୍ରତିଶତ ଏବଂ ସର୍ବଭାରତୀୟ ମୋଟ ଲାଭ ୧.୪୫ ଲକ୍ଷ କୋଟି ଟଙ୍କା ସହିତ ଅଂଶୀଦାରମାନଙ୍କୁ ୨୭,୮୩୦ କୋଟି ଟଙ୍କାର ଏକ ଡିଭିଡେଣ୍ଡ ପେଆଉଟ ଅନ୍ତର୍ଭୁକ୍ତ ରହିଥିଲା। ବିଭିନ୍ନ ପାରାମିଟରରେ ଉନ୍ନତି ବଜାରରୁ ପୁଞ୍ଜି ସଂଗ୍ରହ ପାଇଁ ସରକାରୀ କ୍ଷେତ୍ର ବ୍ୟାଙ୍କଗୁଡିକର କ୍ଷମତାକୁ ମଧ୍ୟ ବଢ଼ାଇଥିବା ବୈଠକରେ ମତ ପ୍ରକାଶ ପାଇଛି।

## ଶେୟାର ବଜାରର ନିବେଶକ ନିରୁତ୍ସାହିତ

**ନୂଆଦିଲ୍ଲୀ,୧୯।୮**

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନ (କାର୍ଯ୍ୟ ଦିବସ)ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍‌ସେକ୍ସ ୧୨ (୧୨.୧୬) ପଏଣ୍ଟ ହ୍ରାସ ପାଇ ୮୦,୪୨୫ (୮୦,୪୨୪.୬୮) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୩୧ (୩୧.୫୦) ପଏଣ୍ଟ ବୃଦ୍ଧି ଘଟି ୨୪,୫୭୩ (୨୪,୫୭୨.୬୫) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସ୍ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍ଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ଆଲିଶାନର ସୁପର ଆନୁଆଲ ସେଲ୍

**ଭୁବନେଶ୍ୱର,୧୯।୮**




ରାଜ୍ୟର ଅଗ୍ରଣୀ ପୁରୁଷ ପରିଧାନ ବ୍ରାଣ୍ଡ ତଥା ଭୁବନେଶ୍ୱରର ପ୍ରମୁଖ ଗାର୍ମେଣ୍ଟ ଶୋ'ରୁମ୍ 'ଆଲିଶାନ'ର ବହୁ ପ୍ରତୀକ୍ଷିତ 'ସୁପର ଆନୁଆଲ ସେଲ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ସେଲ୍ ଜରିଆରେ ଗ୍ରାହକମାନେ କଲରପ୍ଲସ, ପାର୍କ ଆଭେନ୍ୟୁ, ପାର୍କ୍ସ, ଆଲେନ୍‌ସୋଲି, ଭ୍ୟାନ୍‌ହୁସେନ୍, ଲୁଇଫିଲିପ୍, ଲିଭାଇସ, ରେମଣ୍ଡ, ବ୍ଲାକ୍‌ବେରୀ, ୟୁଏସପୋଲୋ, ଟର୍ଟଲ, ଆରୋ, ମୁଫ୍‌ଟି, ବିଙ୍ଗ୍ ହ୍ୟୁମାନ, ସିଲିଓ, ରେୟାର ରାବିଟ୍, କିଲର୍ ଭଳି ବ୍ରାଣ୍ଡର ଫର୍ମାଲ୍, କାଜୁଆଲ୍ ଓ ପାର୍ଟି ପରିଧାନ ଏବଂ ବିଭିନ୍ନ ପାରମ୍ପରିକ ଉତ୍ସବ ପରିଧାନ ଉପରେ ପ୍ରାୟ ୫୦% ପର୍ଯ୍ୟନ୍ତ ରିହାତି ସହିତ 'ଗୋଟିଏ କିଣିଲେ ଆଉ ଏକ ମାଗଣା ଏବଂ ଦୁଇଟି କିଣିଲେ ଦୁଇଟି ମାଗଣା' ଭଳି ଆକର୍ଷଣୀୟ ଅଫର ପାଇପାରିବେ ବୋଲି ଆଲିଶାନ ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଉଛି। ସେହିଭଳି ଏଠାରେ ସମସ୍ତ ବର୍ଗର ଏବଂ ଉତ୍ସବ ନିମନ୍ତେ ବିଭିନ୍ନ ଡିଜାଇନର ପରିପାଟୀର ସମ୍ଭାର ସାମିଲ ରହିଛି। ଏପରିକି ଏହି ଶୋ'ରୁମ୍‌ରେ ପୁରୁଷ ସମ୍ଭାରର ୪୦ରୁ ଊର୍ଦ୍ଧ୍ୱ ଅନ୍ତର୍ଜାତୀୟ ବ୍ରାଣ୍ଡ ଉପଲବ୍ଧ। ସେହିପରି ଆଲିଶାନ ତା'ର ଗ୍ରାହକମାନଙ୍କୁ 'ଆଲିଶାନ ଲୁକ୍' ପ୍ରଦାନ କରିବାରେ ବିଶ୍ୱାସ ରଖୁଥିବାବେଳେ ଅନ୍ୟ କେତେକ ବ୍ରାଣ୍ଡ ଉପରେ ଫ୍ଲାଟ୍ ୩୦% ଏବଂ ଫ୍ଲାଟ୍ ୪୦% ପର୍ଯ୍ୟନ୍ତ ରିହାତି ମଧ୍ୟ ଦିଆଯାଉଛି। ଉଲ୍ଲେଖଯୋଗ୍ୟ, ୫,୦୦୦ ବର୍ଗଫୁଟ ବିଶିଷ୍ଟ ଏହି ସର୍ବପୁରାତନ ଶୋ'ରୁମ୍‌ରେ ଉଭୟ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରୀୟ ବ୍ରାଣ୍ଡର ପୁରୁଷ ପରିଧାନ ଉପଲବ୍ଧ ରହିଛି। ଏପରିକି କାଜୁଆଲ ପୋଷାକଠାରୁ ଆରମ୍ଭକରି ପାରମ୍ପରିକ ପରିଧାନ, ଡିଜାଇନର ପୋଷାକ, କୁର୍ତ୍ତା ପାଇଜାମା, ଜିନ୍ସ ଟି-ଶାର୍ଟ, ସୁଟିଂସାର୍ଟିଂ, ରେଡିମେଡ୍ ଗାର୍ମେଣ୍ଟ, ଜ୍ୟାକେଟ, ୱେଷ୍ଟକୋଟ, ଶୀତବସ୍ତ୍ର ଏବଂ ବିବାହ ଭଳି ବିଶେଷ ମୁହୂର୍ତ୍ତ ନିମନ୍ତେ ଶେରୱାନି ସହିତ ମ୍ୟାଚ୍ କରୁଥିବା ଟ୍ରେଣ୍ଡି ଆସେସୋରିଜ୍ ମଧ୍ୟ ଉପଲବ୍ଧ।

ଏ ସମ୍ପର୍କରେ ଆଲିଶାନର ପ୍ରୋପ୍ରାଇଟର ଯୁଗଳ ଅଗ୍ରୱାଲ କହିଥିଲେ, ଆମେ ଆମର ବହୁ ପ୍ରତୀକ୍ଷିତ ସୁପର ଆନୁଆଲ ସେଲ୍ ସମ୍ପର୍କରେ ଘୋଷଣା କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଏହି ଆକର୍ଷଣୀୟ ସେଲ୍ ଅଫର ସବୁ ବର୍ଗର ଗ୍ରାହକଙ୍କ ମନରେ ଉଲ୍ଲାସ ଆଣି ଦେବା ସହ ଅତ୍ୟାଧୁନିକ ପୁରୁଷ ପରିପାଟୀ ପରିଧାନ କରି ଗ୍ରାହକ ବେଶ୍ ସୁନ୍ଦର (ଷ୍ଟାଇଲିସ୍) ଦେଖାଯିବେ ବୋଲି ସେ ବିଶ୍ୱାସ ରଖିଛନ୍ତି।

# ଖିମ୍‌ଜୀ ଜୁଏଲର୍ସଙ୍କୁ ରିଟେଲ ଜୁଏଲର ଆୱାର୍ଡ




ଅତିଥିଙ୍କଠାରୁ ଖିମ୍‌ଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମ୍‌ଜୀ ଏବଂ ସୁମିତ ଖିମ୍‌ଜୀ ଏହି ପୁରସ୍କାର ଗ୍ରହଣ କରୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆୟୋଜକ ଓ ଅତିଥି ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୧୯।୮**

ରାଜ୍ୟର ଅଗ୍ରଣୀ ଅଳଙ୍କାର ପ୍ରତିଷ୍ଠାନ ତଥା ଓଡ଼ିଶାର ପ୍ରମୁଖ ଗହଣା ବ୍ରାଣ୍ଡ 'ଖିମ୍‌ଜୀ ଜୁଏଲର୍ସ'କୁ ଆଉ ଏକ ଜାତୀୟସ୍ତରର ସମ୍ମାନ ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ଫୁରା ପକ୍ଷରୁ ଆୟୋଜିତ ରିଟେଲ ଜୁଏଲର ଇଣ୍ଡିଆ ଆୱାର୍ଡସ-୨୦୨୪ରେ ଖିମ୍‌ଜୀ ଜୁଏଲର୍ସଙ୍କୁ ସମ୍ମାନଜନକ ରିଟେଲ ଜୁଏଲର ଆୱାର୍ଡ 'ଟିଭି କ୍ୟାମ୍ପେନ ଅଫ୍ ଦି ଇୟର' ସମ୍ମାନରେ ସମ୍ମାନିତ କରାଯାଇଛି। ଅପରପକ୍ଷରେ ଜୁଏଲେରି ଶିଳ୍ପର ଓସ୍କାର ଭାବେ ପରିଚିତ ଏହି ପୁରସ୍କାର ଚଳିତ ଥର ଓଡ଼ିଶାର ଏକ ଜୁଏଲେରି ପ୍ରତିଷ୍ଠାନକୁ ସର୍ବଭାରତୀୟ ବର୍ଗରେ ପ୍ରଥମ ଥର ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି।

ଏ ସମ୍ପର୍କରେ ଖିମ୍‌ଜୀ ଜୁଏଲର୍ସର ଡାଇରେକ୍ଟର ମିତେଶ ଖିମ୍‌ଜୀ କହିଛନ୍ତି, ଏହି ପୁରସ୍କାର ଆମକୁ ଆମର 'ନୋ କମ୍ପ୍ରମାଇଜ ପ୍ରଚାର ଅଭିଯାନ' ନିମନ୍ତେ ପ୍ରଦାନ କରାଯାଇଛି। ଏପରିକି ଏହି ଅଭିଯାନ ସମ୍ପର୍କରେ ବହୁ ସମୀକ୍ଷକ ସେମାନଙ୍କର ଉଚ୍ଚକୋଟୀର ମତାମତ ପ୍ରଦାନ କରିଛନ୍ତି ଏବଂ ଓଡ଼ିଶାର ଜନସାଧାରଣଙ୍କ ଦ୍ୱାରା ଏହା ବେଶ୍ ଗ୍ରହଣୀୟ ହୋଇପାରିଛି।ସେହିଭଳି ଏହି ପୁରସ୍କାର ବିଜୟୀ ପ୍ରଯୋଜନା ସମ୍ପର୍କରେ ବିସ୍ତୃତ ଭାବେ ମତପ୍ରକାଶ କରି ମିତେଶ କହିଥିଲେ, ଚଳିତ ବର୍ଷ ଆମେ ଗଢ଼ା ମଜୁରି ଉପରେ ବିଶାଳ ରିହାତି, ଅଫର ଏବଂ ମାଗଣା ଆଦି ବଜାରରେ ହାଉଯାଉ ହେଉଥିବା ପରିସ୍ଥିତି ଲକ୍ଷ୍ୟ କରିଛୁ।

# ରୟାଲ ଏନ୍‌ଫିଲ୍ଡର ନୂତନ ଅଭିଯାନ

**ନୂଆଦିଲ୍ଲୀ,୧୯।୮**

ଦେଶର ପ୍ରମୁଖ ଦୁଇ ଚକିଆ ଯାନ ତଥା ରୟାଲ ଏନ୍‌ଫିଲ୍ଡର ନୂତନ ଅଭିଯାନ 'ରିଜିଓନାଲ ଟିଶାର୍ଟ କଲେକ୍ସନ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ ଆଞ୍ଚଳିକ/ରିଜିଓନାଲ ଟିସାର୍ଟ କଲେକ୍ସନକୁ ମଧ୍ୟ ସର୍ବଭାରତୀୟସ୍ତରରେ ଉନ୍ମୋଚନ (ଅନାବରଣ) କରାଯାଇଛି। ଅପରପକ୍ଷରେ ମୋଟରସାଇକ୍ଲିଙ୍ଗ୍ ପାଇଁ ବିବିଧତା ଓ ମିଳିତ ଆଗ୍ରହର ଏକ ସେଲିବ୍ରେଶନ ଜରିଆରେ ରୟାଲ ଏନ୍‌ଫିଲ୍ଡ ୧୬ଟି ଏକ୍ସକ୍ଲୁସିଭ ଡିଜାଇନ ଉପସ୍ଥାପନ କରିଛି, ପ୍ରତ୍ୟେକ ଡିଜାଇନ ସ୍ୱତନ୍ତ୍ର ଐତିହ୍ୟ, ସଂସ୍କୃତି ଓ ଭିନ୍ନ ଭିନ୍ନ ଭାରତୀୟ ରାଜ୍ୟର ଉତ୍ସାହକୁ ଉତ୍ସର୍ଗ କରିଛି (ଶ୍ରଦ୍ଧାଞ୍ଜଳି ଜଣାଉଛି)। ପ୍ରତ୍ୟେକ ଡିଜାଇନ ସମ୍ପୃକ୍ତ ଅଞ୍ଚଳର ମହତ୍ତ୍ୱକୁ ଧାରଣ ସହ ନିଜର ମୂଳତ୍ୱକୁ ନେଇ ଗର୍ବ କରୁଥିବା ରାଇଡରମାନଙ୍କ ସହ ପ୍ରତିଧ୍ୱନିତ୍ୱ କରୁଛି। ସେହିଭଳି ଓଡିଶାର ରାଇଡରମାନେ 'ବୁଲେଟ୍ ଟା କ'ଣ ହେଇଚି ମ' ଟିସାର୍ଟ ସହିତ ନିଜର ଆଇକନିକ ମୋଟରସାଇକେଲ ପାଇଁ ନିଜର ସ୍ଥାନୀୟ ଗର୍ବ ଓ ଭଲ ପାଇବାକୁ ପ୍ରଦର୍ଶିତ କରିପାରିବେ। ଏପରିକି ଅତ୍ୟନ୍ତ ଯତ୍ନର ସହ ନିର୍ମିତ ଏହି ରାଜ୍ୟ ଅନୁପ୍ରାଣିତ ଟି-ଶାର୍ଟଗୁଡିକ ସ୍ଥାନୀୟ ଗର୍ବ ଓ ଗୌରବକୁ ଧାରଣ କରିଛି, ବିଶାଳ ସ୍ମାରକୀଠାରୁ ଆରମ୍ଭ କରି ଲୋକପ୍ରିୟ ଲ୍ୟାଣ୍ଡମାର୍କଗୁଡିକ ପର୍ଯ୍ୟନ୍ତ, ପ୍ରତ୍ୟେକ ଡିଜାଇନରେ ସୁନ୍ଦର ଭାବେ ବୁଣାଯାଇଥିବା ଆଇକନିକ ବୁଲେଟ୍-କ୍ଲାସିକ୍‌ର ତ୍ରୁଟିହୀନ ସିଲ୍‌ହୌଟେ ସହିତ ପ୍ରତ୍ୟେକ ଟିଶାର୍ଟ ନିଜ ଅଞ୍ଚଳର ଅନନ୍ୟ ଆକର୍ଷଣକୁ ହାଇଲାଇଟ୍ କରୁଛି। ସେହିପରି ଏହି ଟି-ଶାର୍ଟ କେବଳ କ୍ଲୋଥିଙ୍ଗ୍‌ଠାରୁ ଆଗକୁ ବଢିଛି, ଏହା ରାଜ୍ୟର ସ୍ୱତନ୍ତ୍ର ଉତ୍ସାହ ଓ ଏହାର ଲୋକପ୍ରିୟ ଭାଷା ଏବଂ ଚାଳକଙ୍କ ବିଶ୍ୱସନୀୟ ରୟାଲ ଏନ୍‌ଫିଲ୍ଡର ଏକ ସେଲିବ୍ରେଶନ ପାଲଟିଛି, ମାତ୍ର ୯୯୦ ଟଙ୍କା ମୂଲ୍ୟର ଏହି ଟି-ଶାର୍ଟଗୁଡିକୁ ୧୦୦% ବିସିଆଇ କଟନରେ ଡିଜାଇନ କରାଯାଇଛି, ଯାହା ଆରାମ ଓ ଷ୍ଟାଇଲର ପ୍ରତିଶ୍ରୁତି ଦେଉଛି। ଏଗୁଡିକ ବାଧାହୀନ ଭାବେ ଖୋଲା ସଡକରୁ ପ୍ରତିଦିନର ଆଡ୍‌ଭେଞ୍ଚରକୁ ସ୍ଥାନାନ୍ତରିତ ହୋଇଥାଏ, ଯାହା ଏଗୁଡିକୁ ଯେକୌଣସି ଚାଳକଙ୍କ ୱାର୍ଡରୋବ ପାଇଁ ଏକ ନିଶ୍ଚିତ ପୋଷାକରେ ପରିଣତ କରୁଛି।

# ବଜାଜ ଆଲିଆଞ୍ଜ ଲାଇଫ୍ ଇ ଟଚ୍

**ନୂଆଦିଲ୍ଲୀ,୧୯।୮**

ବଜାଜ ଆଲିଆଞ୍ଜ ଲାଇଫ ଇନସ୍ୟୁରାନ୍ସ (ବଜାଜ ଆଲିଆଞ୍ଜ)ର ନୂତନ ଉତ୍ପାଦ 'ବଜାଜ ଆଲିଆଞ୍ଜ ଲାଇଫ୍ ଇ ଟଚ୍'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ମିଆଦୀ ବୀମା ଆର୍ଥିକ ଯୋଜନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶରେ ପରିଣତ ହୋଇଥିବାବେଳେ ତାହା ପଲିସିଧାରକ ଓ ସେମାନଙ୍କ ପରିବାରକୁ ଆର୍ଥିକ ସୁରକ୍ଷା ଓ ମାନସିକ ଶାନ୍ତି ପ୍ରଦାନ କରୁଛି। ସୁଲଭ ପ୍ରିମିୟମ୍‌ରେ ଉଲ୍ଲେଖନୀୟ ଜୀବନ ବୀମା ସୁରକ୍ଷା ପ୍ରଦାନ କରୁଥିବା ମିଆଦୀ ବୀମା ପଲିସିଧାରକଙ୍କ ଅସମୟ ମୃତ୍ୟୁରେ କଲ୍ୟାଣ ଓ ଆର୍ଥିକ ସ୍ଥିରତାକୁ ସୁନିଶ୍ଚିତ କରୁଛି। ଏକ ବ୍ୟାପକ ମିଆଦୀ ପ୍ଲାନ୍‌ର ଗୁରୁତ୍ୱକୁ ଦର୍ଶାଉଥିବା ଉତ୍ପାଦ ହେଉଛି ବଜାଜ ଆଲିଆଞ୍ଜ୍ ଲାଇଫ୍ ଇ ଟଚ୍। ଏହି ସ୍ୱତନ୍ତ୍ର ଉତ୍ପାଦ ତିନିଟି ଭାରିଆଣ୍ଟରୁ ଚୟନ କରିବାର ନମନୀୟତା ପ୍ରଦାନ କରୁଛି, ଯାହା ପଲିସିଧାରକଙ୍କ ପରିବାରକୁ ଜୀବନ ଲକ୍ଷ୍ୟକୁ ସଠିକ୍ ପଥରେ ରଖିବାରେ ସହାୟକ ହେଉଛି। ବଜାରରେ ବଜାଜ ଆଲିଆଞ୍ଜ ଲାଇଫ୍‌ର ଇ ଟଚ୍ ଭଳି ଅଭିନବ ଉତ୍ପାଦ ରହିଛି, ଯାହା ସୁଲଭ ମୂଲ୍ୟରେ ଉପଲବ୍ଧ ହେଉଥିବାବେଳେ ବ୍ୟାପକ ଜୀବନ ବୀମା ସୁରକ୍ଷା ପ୍ରଦାନ କରୁଛି। ଭାରତରେ ସ୍ୱଳ୍ପ ବୀମା ଏକ ସମସ୍ୟା ହୋଇ ରହିଛି, ଯେଉଁଠାରେ ନିଜ ପ୍ରିୟଜନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ଲାଗି ଅନେକ ଲୋକଙ୍କ ପାଖରେ ପର୍ଯ୍ୟାପ୍ତ ବୀମା ସୁରକ୍ଷା ନାହିଁ।


## ଜନ୍ମଦିନ ଶୁଭେଚ୍ଛା



**Suryansh (Adi)**

ଆଜି ତୋର ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରିବା ସହିତ ତୋ ଭବିଷ୍ୟତ ଉଜ୍ଜ୍ୱଳମୟ କରାନ୍ତୁ।

ଶୁଭେଚ୍ଛା ସହ: ମା: ସୌମ୍ୟା, ବାପା: ପ୍ରଭାକର, ବଡ଼ବାପା, ବଡ଼ମା', ଆନି, ପୂଜା, ଲିଜା, ରୋଜି, ବ୍ରୋକ୍, ଜେଜେ, ଜେଜେମା', ଆଈ, ମାମୁ, ମାଇଁ ଓ ପରିବାରବର୍ଗ।

ଧ-୧୦୭୯


# ପ୍ରଥମ ତ୍ରୈମାସିକରେ ୩୨%ର ଅଭିବୃଦ୍ଧି ହାସଲ

**ନୂଆଦିଲ୍ଲୀ,୧୯।୮**

ଦେଶର ପ୍ରମୁଖ ସାଧାରଣ ବୀମା କମ୍ପାନୀ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟକଳାପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲାବେଳେ ୨୦୨୪-୨୫ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ମଧ୍ୟ ଘୋଷଣା କରାଯାଇଛି। ଏପରିକି ପ୍ରଥମ ତ୍ରୈମାସିକରେ କମ୍ପାନୀ କାରବାର ୩୨% ଅଭିବୃଦ୍ଧି ହାସଲ କରିଛି, ଏହି ଅଭିବୃଦ୍ଧି ହାର ବଜାରର ଅଭିବୃଦ୍ଧିଠାରୁ ଯଥେଷ୍ଟ ଅଧିକ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିଭଳି କମ୍ପାନୀ ପ୍ରଥମ ତ୍ରୈମାସିକରେ ୨,୬୦୩ କୋଟି ଟଙ୍କାର ମୋଟ ପ୍ରତ୍ୟକ୍ଷ ପ୍ରିମିୟମ ହାସଲ କରିଛି। ଏହା ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ମଜଭୁତ ବଜାର ସ୍ଥିତି ଏବଂ ଅଭିବୃଦ୍ଧିକୁ ସୂଚାଉଛି। କମ୍ପାନିର ଟିକସ ପୂର୍ବବର୍ତ୍ତୀ ଲାଭ ୨୪୪କୋଟି ଟଙ୍କା ରହିଛି, ଯାହା ଗତ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ ତୁଳନାରେ ୧୫୯% ଅଧିକ ବୋଲି କୁହାଯାଇଛି। ଏପରିକି ଏହାର ସଲଭେନ୍ସି ଅନୁପାତ ୨.୨୧ରହିଛି, ଯାହା ନିୟାମକ ଆବଶ୍ୟକତାଠାରୁ ଯଥେଷ୍ଟ ଅଧିକ ରହିଛି। ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ଘରୋଇ ବୀମା କ୍ଷେତ୍ରରେ ନିଜ ସ୍ଥିତିକୁ ଆହୁରି ସୁଦୃଢ଼ କରିଛି। ଘରୋଇ କମ୍ପାନୀମାନଙ୍କ ମଧ୍ୟରେ ଏହା ୫.୪୧% ବଜାର ଅଂଶ ହାସଲ କରିଛି, ଯାହା ଗତ ବର୍ଷ ସମାନ ସମୟରେ ୪.୮୨% ଥିଲା। ଏ ସମ୍ପର୍କରେ ଏସବିଆଇ ଜେନେରାଲ ଇନସ୍ୟୁରାନ୍ସର ଏମଡି ତଥା ସିଇଓ ନବୀନ ଚନ୍ଦ୍ର ଝା କହିଛନ୍ତି, ଆମର ଦୃଢ଼ ବ୍ୟବସାୟିକ ରଣନୀତି ଏବଂ ଗ୍ରାହକକେନ୍ଦ୍ରିକ ଆଭିମୁଖ୍ୟ ପାଇଁ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୩୨% ଅଭିବୃଦ୍ଧି ହାସଲ କରିଥିବାରୁ ଆମେ ବେଶ ଉତ୍ସାହିତ ଅଛୁ। ଏପରିକି ଆମେ ଆମର ଫଳାଫଳ ଅଂଶୀଦାରମାନଙ୍କ ପାଇଁ ସ୍ଥାୟୀ ଏବଂ ଲାଭଜନକ ଅଭିବୃଦ୍ଧି ପାଇଁ ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।


# Classified Everyday

**0674-2580101, 2549949**




**SALE**

**Plot for Sale at Puri Konark Marine Drive (850/- per sqft). Contact: 6371703010.** D-1080

**Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9937846404, 9437192512.** D-1078




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75772

Newly open health benefits SPA special offer @ 999 Bapuji Nagar. 8018429809. D-76145

Newly open health benefits SPA by expert therapist. Contact- 6371861658. D-76146

## AFFIDAVIT

By virtue of an affidavit sworn before Notary Public, Bhubaneswar No.-7791, dated 17.08.24, I, SABITA SUNDARAY aged about 46 years, Wife of Prabas Kumar Sundaray, resident of At- A/M-16, Phase-I, Bhimatangi Housing Board Colony, Bhimatangi, Bhubaneswar- 751002 have changed my name from SABITA PALAI to SABITA SUNDARAY. Henceforth, I shall be known as SABITA SUNDARAY for all future purpose. D-76147

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ଂବିଲୋଚନା ମହାନ୍ତି**

ଚିନ୍ତାମଣିଶ୍ୱର, ଭୁବନେଶ୍ୱର
ଆବିର୍ଭାବ: ୦୭।୦୫।୧୯୪୨
ତିରୋଧାନ: ୧୦।୦୮।୨୦୨୪

ଆପଣ ଆମକୁ ଛାଡ଼ି ଚାଲିଯିବେ ବୋଲି ଆମେ ବିଶ୍ୱାସ କରିପାରୁନାହୁଁ। ଆପଣଙ୍କ ଅକାଳ ବିୟୋଗ ତଥା ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଆଦର୍ଶ ତଥା ମାର୍ଗଦର୍ଶନ ଆମ ପାଇଁ ସଦାସର୍ବଦା ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ହତଭାଗ୍ୟ ପୁତ୍ର: କାବୁଲା, ପୁତ୍ରବଧୂ: ଇତୁ, ଝିଅ: ଲୁସି, ପୁସି, ଜ୍ୱାଇଁ: ଟୁଲୁ, ନାତି: ରାଜା, ଟିଟା, ଟୁଣ୍ଟୁଲ୍, ଟୋନି ଓ ପରିବାରବର୍ଗ।

ଧ-୧୦୮୧

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ**



**ଂଶ୍ରୀମତୀ ସୌମ୍ୟା ମିଶ୍ର**

ଲକ୍ଷ୍ମୀସାଗର, ଭୁବନେଶ୍ୱର
ଆବିର୍ଭାବ: ୧୧।୦୮।୧୯୭୫
ତିରୋଧାନ: ୨୦।୦୮।୨୦୨୦

ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ: ମାତା: ଶ୍ରୀମତୀ ଗାୟତ୍ରୀ ମିଶ୍ର ଏବଂ ଶ୍ରୀମତୀ ଶାନ୍ତା ମିଶ୍ର।

ଧ-୧୦୫୬


# ଭୁବନେଶ୍ୱରରେ ଟିଟିଏସ୍‌ର ନୂତନ ଶାଖା



**ଭୁବନେଶ୍ୱର,୧୯।୮**

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ବୈଷୟିକ ଶିକ୍ଷା ଏବଂ ବୃତ୍ତିଗତ ବିକାଶର ଅଗ୍ରଣୀ ସେବା ପ୍ରଦାନକାରୀ 'ଟୋଟାଲ୍ ଟେକ୍ନୋଲୋଜି ସିଷ୍ଟମ' (ଟିଟିଏସ)ର ନୂତନ ଶାଖା ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଉଦ୍‌ଘାଟିତ ହୋଇଯାଇଛି। ବିଶେଷ କରି ଉଚ୍ଚ-ବୈଷୟିକ ତାଲିମ ସୁବିଧା ପାଇଁ ଏହି ସେଣ୍ଟର ଆଜିର ଯୁବପିଢିଙ୍କୁ ବେଶ ସହାୟକ ହେବ। ଏପରିକି ସଫ୍ଟୱେର୍ ବିକାଶ, ଏଆଇ/ଏମଏଲ, କମ୍ପ୍ୟୁଟର ଭିଜନ, ଡାଟା ସାଇନ୍ସ, ଟେଷ୍ଟିଂ ଏବଂ ଅଟୋମେଶନ୍, ସାଇବର ସିକ୍ୟୁରିଟି, କ୍ଲାଉଡ୍ ଆଣ୍ଡ ଡିଭପ୍ସ ଓ ଅନ୍ୟାନ୍ୟ କ୍ଷେତ୍ରରେ ମଧ୍ୟ ଏହି ନୂତନ କେନ୍ଦ୍ର ଅତ୍ୟାଧୁନିକ ପାଠ୍ୟକ୍ରମ ପ୍ରଦାନ କରିବ। ଯାହା ଆଜିର ଛାତ୍ରଗୋଷ୍ଠୀଙ୍କୁ ଆଗକୁ ନେବାରେ ବେଶ ସହାୟକ ହେବ। ଏହି ପରିପ୍ରେକ୍ଷୀରେ ସୋମବାର ଆୟୋଜିତ ଉଦଘାଟନୀ ଉତ୍ସବରେ ଓଡିଶା ସରକାରଙ୍କ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏବଂ ପୂର୍ବତନ ଉତ୍ତର ଭୁବନେଶ୍ୱର ବିଧାୟକ ପ୍ରିୟଦର୍ଶୀ ମିଶ୍ର ଯୋଗ ଦେଇଥିଲାବେଳେ ଟୋଟାଲ୍ ଟେକ୍ନୋଲୋଜି ସିଷ୍ଟମର ପରିଚାଳନା ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ବେହେରାଙ୍କ ସମେତ କମ୍ପାନୀର ସିଇଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଘରକୁ ପୋକ ଆସିବେ ନାହିଁ

**ବର୍ଷାଦିନେ ସାଧାରଣତଃ କୀଟପତଙ୍ଗଙ୍କ ସଂଖ୍ୟା ବହୁ ଅଧିକ ହୋଇଯାଇଥାଏ। ତେବେ ଘର ଭିତରେ ଏମାନଙ୍କ ପ୍ରବେଶ ରୋକିବାକୁ ଚାହୁଁଥିଲେ ଜାଣିରଖନ୍ତୁ କିଛି ଘରୋଇ ଉପାୟ।**



■ ଘରେ କୀଟପତଙ୍ଗଙ୍କ ପ୍ରବେଶ ବନ୍ଦ କରିବାକୁ ଚାହୁଁଥିଲେ କର୍ପୂର ଜଳାଇ ରଖନ୍ତୁ। କର୍ପୂର ଗନ୍ଧରେ କୀଟପତଙ୍ଗମାନେ ରହି ନ ଥାନ୍ତି। ଏମିତିକି କର୍ପୂର ଧୂଆଁର ଗନ୍ଧରେ ମଶା ମଧ୍ୟ ରହି ନ ଥାନ୍ତି।

■ ବେକିଂ ସୋଡ଼ା ମଧ୍ୟ ପିମ୍ପୁଡ଼ି ତଥା ବିଭିନ୍ନ ପ୍ରକାର କୀଟପତଙ୍ଗଙ୍କୁ ରୋକିଥାଏ। ଏଥିପାଇଁ ବେକିଂ ସୋଡ଼ାକୁ ଅଟାରେ ମିଶାଇ ଛୋଟ ଛୋଟ ଗୁଳାକରି ଦିଅନ୍ତୁ। ଏହି ଗୁଳାକୁ ଘରର ବିଭିନ୍ନ କୋଣରେ ଲଗାଇ ଦିଅନ୍ତୁ। ଏପରି କଲେ ପିମ୍ପୁଡ଼ି ଓ ଅସରପା ଆସିବେ ନାହିଁ।

■ ବିଭିନ୍ନ ପ୍ରକାର ଏସେନ୍ସିଆଲ ଅଏଲ୍ ମଧ୍ୟ କୀଟପତଙ୍ଗ ଦୂର କରିବାରେ ସହାୟକ ହୋଇଥାଏ। କାରଣ ଏସେନ୍ସିଆଲ୍ ଅଏଲ୍‌ର ଗନ୍ଧକୁ କୀଟପତଙ୍ଗମାନେ ସହ୍ୟ କରିପାରନ୍ତି ନାହିଁ। ତେଣୁ ପାଣିରେ ମିଶାଇ ଏହାକୁ ଘରେ ସ୍ପ୍ରେ କରନ୍ତୁ ଓ ଘର ପୋଛିବା ସମୟରେ ପାଣିରେ ପକାଇ ଦିଅନ୍ତୁ।

■ ଘରେ ପୋକ ନ ହେବା ପାଇଁ ନିମ୍ବପତ୍ର ମଧ୍ୟ ବେଶ୍ ଉପକାରୀ। ଘରେ ନିମ୍ବପତ୍ର ଧୂଆଁ କଲେ ପୋକ ଆସି ନ ଥାନ୍ତି। ନିମ୍ବତେଲ ମଧ୍ୟ ଏଥିପାଇଁ ଅତ୍ୟନ୍ତ ଫଳପ୍ରଦ ସାବ୍ୟସ୍ତ ହୋଇଥାଏ।

■ ଘରେ ଯଦି ପୋକ ପଶିଥାନ୍ତି ତେବେ ବେକିଂ ସୋଡ଼ା ଓ ଲେମ୍ବୁରସ ମିଶାଇ ସ୍ପ୍ରେ କରନ୍ତୁ। ବାଥ୍‌ରୁମ୍, ରୋଷେଇଘର ଓ ଅନ୍ୟ ପ୍ରବେଶ ପଥରେ ଥିବା କବାଟରେ ଏହାକୁ ସ୍ପ୍ରେ କରନ୍ତୁ। ପୋକ ଆସିବେ ନାହିଁ।

# ଘର ଦିଶିବ ବଡ଼



**ସମସ୍ତଙ୍କର ଇଚ୍ଛା ନିଜ ଘର ଟିକେ ବଡ଼ ହୋଇଥିବ, ଖୋଲା ଖୋଲା ଲାଗୁଥିବ। କିନ୍ତୁ ଜାଗା ଆଉ ଘରର ଦାମ୍ ଯାହା ସେଥିରେ ବଡ଼ ଘରଟେ ନେବା ଅନେକଙ୍କ ପାଇଁ ସ୍ୱପ୍ନ, କିନ୍ତୁ ଏ ସ୍ୱପ୍ନ ବି ପୂରଣ ହୋଇପାରିବ ଯଦି ଘରର ରଙ୍ଗ ଉପରେ ଧ୍ୟାନ ଦେଇ ଘରର ଆସବାବପତ୍ରକୁ ଠିକ୍ ଭାବରେ ସଜାଇପାରିବେ।**

⏭| ଘରର ରଙ୍ଗ ଯଦି ଧଳା କିମ୍ବା ଲାଇଟ୍ କଲର ରଖିବେ ତା'ହେଲେ ଘର ବଡ଼ ଲାଗିବ।

⏭| ବେଡ୍‌ରୁମ୍‌ରେ ଯେତେ ସମ୍ଭବ କମ୍ ଜିନିଷ ରଖନ୍ତୁ।

⏭| ବେଡ୍‌ରୁମ୍‌ର ସବୁ କାନ୍ଥକୁ ଲାଇଟ୍ କଲର କରି ଗୋଟେ କାନ୍ଥକୁ ଡିପ୍ କରନ୍ତୁ। ନଚେତ୍ ଟାଇଲ୍ସ ବା ୱାଲପେପର ଲଗାନ୍ତୁ। ଘର ସୁନ୍ଦର ଦେଖାଯିବା ସହ ବଡ଼ ବି ଦେଖାଯିବ।

⏭| ଲିଭିଂ ରୁମ୍‌ରେ ସୋଫା ଯଦି ଲମ୍ବାରେ ପକାଇବେ ଘର ବଡ଼ ଦେଖାଯିବ। ଲିଭିଂ ରୁମ୍‌ରେ ଛୋଟ ବଦଳରେ ବଡ଼ ଏବଂ କମ୍ ଫର୍ଣ୍ଣିଚର ରଖନ୍ତୁ।

⏭| ରୋଷେଇ ଘର ଯଦି ମଡ୍ୟୁଲାର କିଚେନ୍ ତା'ହେଲେ କ୍ୟାବିନେଟରେ ଯେତେ ସମ୍ଭବ କମ୍ ହ୍ୟାଣ୍ଡେଲ ବ୍ୟବହାର କରନ୍ତୁ। ଏହାକୁ ବି ଲାଇଟ୍ କଲର୍ ରଖନ୍ତୁ, ଘର ବଡ଼ ଦେଖାଯିବ।

⏭| ଘର କାନ୍ଥରେ ବଡ଼ ବଡ଼ ମିରର୍ ବା ବଡ଼ କାଚରେ ଡେକୋରେଟ୍ କରାନ୍ତୁ, ଘର ବଡ଼ ଲାଗିବ।

⏭| ଝରକାର ସ୍କ୍ରିନ୍ ବହୁତ ଲମ୍ବା କରି ଲଗାନ୍ତୁ। ଏଥିରେ ବି ଘର ବଡ଼ ଦେଖାଯିବ।

# ଶୁଣାକଥାକୁ ସାବଧାନ

**ପରୋକ୍ଷ ଆଲୋଚନା ସବୁବେଳେ ବ୍ୟକ୍ତିଗତ ଆକ୍ଷେପ ଭଳି ମନେହୋଇଥାଏ। ହେଲେ ନିନ୍ଦା ଶୁଣିବାକୁ କାହାକୁ ବି ଭଲ ଲାଗେନାହିଁ। ସତ୍ୟତା ଥାଉ କି ନ ଥାଉ ଏହି ପରିସ୍ଥିତି ମାନସିକ ସନ୍ତୁଳନକୁ ଏପଟସେପଟ କରିଦିଏ। ତେଣୁ ଏସବୁ ଭିତରୁ ମୁକୁଳି ସମ୍ପର୍କ ଆଉ କ୍ୟାରିୟରକୁ ସଜାଡ଼ିନେବା ହିଁ ସଫଳ ବ୍ୟକ୍ତିତ୍ୱର ପରିଚୟ ଦେଇଥାଏ...**



ଘରେ ହେଉ କି ଅଫିସ୍‌ରେ ନିଜ ବିଷୟରେ ସମସ୍ତେ ସକାରାତ୍ମକ ଆଲୋଚନା ଶୁଣିବାକୁ ପସନ୍ଦ କରନ୍ତି। ଏମିତିକି ଭୁଲ୍ କଲେ ବି ସିଧାସଳଖ ନିନ୍ଦା କଥା ଶୁଣିବାକୁ ପସନ୍ଦ କରନ୍ତି ନାହିଁ। କିନ୍ତୁ କେହି ଯଦି କୌଣସି ସ୍ଥାନରେ ନିଜ ବିଷୟରେ ଏପରି ନକାରାତ୍ମକ ଆଲୋଚନା କରୁଥିବାର ଶୁଣନ୍ତି ତା'ହେଲେ ମନ ଖରାପ ହୋଇଥାଏ। ଏଭଳି ସ୍ଥିତିରେ ହଠାତ୍ ପ୍ରତିକ୍ରିୟା ପ୍ରକାଶକଲେ ସବୁକିଛି ଓଲଟପାଲଟ ହୋଇଯାଏ। ବେଳେବେଳେ ଅଫିସରେ ସହକର୍ମୀମାନେ ଆଲୋଚନା କରିଥାନ୍ତି। ଜଣଙ୍କ ବିଷୟରେ ଲୁଚି ଲୁଚି କଥାବାର୍ତ୍ତା ହେବାର ଅର୍ଥ ତାଙ୍କ ବିରୋଧରେ ହିଁ କିଛି କହିବା। ଏକଥା ପ୍ରାୟ ସମସ୍ତେ ଜାଣନ୍ତି। କିନ୍ତୁ ଏ କଥା ସତ ଜାଣିବି ଆଲୋଚନା କରୁଥିବା ଲୋକଙ୍କୁ ସିଧାସଳଖ କିଛି କହିହୁଏ ନାହିଁ। ଏପରି ହେଲେ ଅନେକଙ୍କ ସହ ସିଧାସଳଖ ଶତ୍ରୁତା ବୃଦ୍ଧି ପାଇବ, ଏହା ସହ କ୍ୟାରିୟର ମଧ୍ୟ ପ୍ରଭାବିତ ହେବ। ତେଣୁ ଏ କ୍ଷେତ୍ରରେ ସକାରାତ୍ମକ ଢଙ୍ଗରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ଦରକାର।





**ଆଲୋଚନାରୁ ଶିଖନ୍ତୁ:** ନିଜ ବିଷୟରେ କେହି ଯଦି ଆଲୋଚନା କରୁଥାନ୍ତି ତା'ହେଲେ ସେମାନଙ୍କ ପ୍ରତି ହଠାତ୍ ପ୍ରତିକ୍ରିୟାଶୀଳ ହୁଅନ୍ତୁ ନାହିଁ। ବରଂ ତାଙ୍କ କଥାବାର୍ତ୍ତା ଶୁଣି ନିଜେ ସମୀକ୍ଷା କରନ୍ତୁ। ସେସବୁ କଥାକୁ ପ୍ରଥମେ ଗ୍ରହଣ କରନ୍ତୁ। ଏହାପରେ ନିଜକୁ ସମୀକ୍ଷା କରି ବିଚାର କରନ୍ତୁ। ଯଦି ଆଲୋଚନାର ବିଷୟ ସତ୍ୟ ହୋଇଥାଏ ତେବେ ନିଜକୁ ସୁଧାରିବା ପାଇଁ ଚେଷ୍ଟା କରିବା ଦରକାର। ଆଲୋଚନାର ଅର୍ଥ କେବଳ ମନକୁ ଦୁଃଖ କରିବା ନୁହେଁ ବରଂ ନିଜ ଭୁଲ୍ ସୁଧାରିବାର ଏକ ସୁଯୋଗ ମଧ୍ୟ।

**ସତ କେବେ ଲୁଚି ରହେନା:** କ । ହ ।



ସହ ଝଗଡ଼ାକଲେ ଅଯଥାରେ ସମୟ ନଷ୍ଟହେବ ଓ ନିଜ ଭାବମୂର୍ତ୍ତି ମଧ୍ୟ ଖରାପ ହେବ। କିନ୍ତୁ ଏଭଳି ସମୟରେ କିଛି ନ କହିଲେ ବରଂ ସମୟ ଆସିଲେ ଲୋକେ ପ୍ରକୃତ ସତ୍ୟ ଜାଣିପାରିବେ ଓ ଆପଣଙ୍କୁ ସମ୍ମାନ କରିବେ।

**ସକାରାତ୍ମକ ଭାବନା:** ଆଲୋଚନାକୁ ସବୁବେଳେ ପଜିଟିଭ୍ ଭାବରେ ଗ୍ରହଣ କରନ୍ତୁ। ନିଜ ବିଷୟରେ ବିପରୀତ କଥା ଶୁଣିଲେ ସମସ୍ତଙ୍କୁ ବିରକ୍ତ ଲାଗେ ଓ ମନ ପ୍ରତିକ୍ରିୟାଶୀଳ ହୋଇଯାଏ। ମାତ୍ର ଏଭଳି ସମୟରେ କ୍ରୋଧରେ ନୁହେଁ ବରଂ ଶାନ୍ତ ମନରେ ବିଚାରକରିବା ଦରକାର। କାରଣ ନିଜର ଭୁଲ୍ ଅନେକ ସମୟରେ ନିଜକୁ ଜଣାପଡ଼ି ନ ଥାଏ। ଯଦି ଆପଣଙ୍କ ବିଷୟରେ ଆଲୋଚନା କରୁଥିବା ବ୍ୟକ୍ତିମାନେ ଠିକ୍ କଥା କହୁଥାନ୍ତି ତା'ହେଲେ ନିଜକୁ ପରିବର୍ତ୍ତନ କରିବା ପାଇଁ ଚେଷ୍ଟାକରିବା ଦରକାର। କିନ୍ତୁ ନକାରାତ୍ମକ ଢଙ୍ଗରେ ଚିନ୍ତାକଲେ ଆପଣ କଥା ଶୁଣି ହଠାତ୍ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ। ପ୍ରଥମେ ଶାନ୍ତିରେ ସମସ୍ତଙ୍କ କଥା ଶୁଣନ୍ତୁ, ତା'ପରେ ସବୁକଥା ତର୍ଜମା କରି ଚିନ୍ତାକରନ୍ତୁ ଯେ ଆପଣ ପ୍ରକୃତରେ କିଛି ଭୁଲ୍ କରିଛନ୍ତି ଅବା ନାହିଁ। କିଛି ବିଚାର ନ କରି ନିଜକୁ ଠିକ୍ ସାବ୍ୟସ୍ତ କରିବା ପାଇଁ ସମସ୍ତଙ୍କ ଆଗରେ ଅଯଥା କିଛି କହିବାକୁ ଚେଷ୍ଟାକଲେ ଅଧିକ ଉପହସିତ ହେବେ। ନିଜେ ଯଦି ବି ଠିକ୍ ହୋଇଥାନ୍ତି ଆଲୋଚନା ମାଧ୍ୟମରେ କେହି ଆପଣଙ୍କୁ ନିନ୍ଦା କରୁଥାନ୍ତି ତେବେ ଧୈର୍ଯ୍ୟ ରଖନ୍ତୁ। ଲୋକଙ୍କ ଶୁଣାକଥାକୁ ନେଇ ସେମାନଙ୍କ କେବଳ ନିଜର ହିଁ କ୍ଷତି କରିବେ।

**ପ୍ରତିକ୍ରିୟା ବଦଳରେ ଧନ୍ୟବାଦ:** ଏହି ପରିସ୍ଥିତିରେ ସବୁବେଳେ ଆଲୋଚନା କରୁଥିବା ଲୋକଙ୍କୁ ଭଦ୍ରଭାବରେ ଧନ୍ୟବାଦ ଦିଅନ୍ତୁ। ନିନ୍ଦା କରୁଥିବା ଲୋକଙ୍କୁ ହସି ହସି ଧନ୍ୟବାଦ କଲେ ସେମାନେ ନିଶ୍ଚିତଭାବେ ଆଶ୍ଚର୍ଯ୍ୟ ହେବା ସହ ଚିନ୍ତିତ ହୋଇଯିବେ। କାରଣ ସେମାନେ ପ୍ରତିକ୍ରିୟାଶୀଳ ବ୍ୟବହାର ଆଶା କରିଥିବେ ଯାହାକୁ ନେଇ ଆଲୋଚନାକୁ ସତ ସାବ୍ୟସ୍ତ କରିବାର ଏକ ଉଦାହରଣ ଦେଇପାରିବେ। ମାତ୍ର ଆପଣଙ୍କ ଭଦ୍ର ବ୍ୟବହାର ଆଲୋଚନା କରୁଥିବା ଲୋକମାନଙ୍କ ଚିନ୍ତାଧାରାକୁ ଏପଟସେପଟ କରିଦେବ।

## ଏମାନେ କ'ଣ କରନ୍ତି



**ଗୁରୁତ୍ୱ ଦିଏନି:** ଅଫିସ୍ ହେଉ କି ଘର ନିଜକୁ ନେଇ ସବୁ ସ୍ଥାନରେ ଆଲୋଚନା ତ ହୋଇଥାଏ। ହେଲେ ସେସବୁ କଥାକୁ ଏତେ ଗୁରୁତ୍ୱ ଦିଏନି କି କେବେ ମନକୁ ନିଏନି। ଏପରି ହେଲେ ନିଜକୁ କଷ୍ଟ ଲାଗିବ ଓ ଅଯଥାରେ ଏଣ୍ଡୁତେଣ୍ଡୁ ସମସ୍ତଙ୍କ ସହ ଗପିବାକୁ ହେବ। ଏସବୁ ଦ୍ୱାରା କେବଳ ସମୟ ନଷ୍ଟ ହୋଇଥାଏ ବୋଲି ମୁଁ ଭାବେ। ତେଣୁ ଅଫିସ୍‌ରେ କି ପରିବାରରେ କେହି ମୋ ନାଁରେ କିଛି ଗପୁଥିବାର ଶୁଣିବାକୁ ପାଇଲେ ସେସବୁକୁ ନଜରଅନ୍ଦାଜ କରେ। କିନ୍ତୁ ଅଫିସ୍‌ରେ କେହି ମତେ ସିଧାସଳଖ କିଛି କହିଲେ ତା'ର ଉତ୍ତର ନିଶ୍ଚୟ ଦିଏ।

*–ବିନୋଦିନୀ ମଲ୍ଲିକ, କର୍ମଜୀବୀ, କଟକ*



**ଭାବିଚିନ୍ତି କାମ କରେ:** ଶୁଣାକଥାକୁ ମୁଁ ବିଶ୍ୱାସ କରେନାହିଁ। ଯେତେ ଜୋର୍ ଦେଇ କିଏ କହିଲେ ବି ମୁଁ ବିଶ୍ୱାସ କରେନାହିଁ। ଅବଶ୍ୟ ମନ ଟିକେ ଖରାପ ଲାଗେ। ହେଲେ ସେ ସମୟରେ ନିଜ ଉପରେ ଅଧିକ ନିୟନ୍ତ୍ରଣ ରଖିବାକୁ ଚେଷ୍ଟାକରେ। ଘରେ ଏସବୁ କଥାକୁ ନେଇ ବହୁ ସମସ୍ୟା ଆସିଥାଏ। ତେଣୁ କେଉଁ ସମୟରେ କାହାକୁ କ'ଣ କହିବାକୁ ହେବ ସେକଥା ବହୁତ ଭାବିଚିନ୍ତି କରେ। ନଚେତ୍ ସବୁ ସମ୍ପର୍କ ଖରାପ ହୋଇଯିବ। ତେଣୁ ଶୁଣାକଥାକୁ ନେଇ କେବେ ବି ପ୍ରତିକ୍ରିୟା ପ୍ରକାଶ କରେନାହିଁ। ବରଂ ମୋ ବିଷୟରେ କେହି ଖରାପ କଥା ହେଉଥିବା ଶୁଣିଲେ ବି ନର୍ମାଲ ବ୍ୟବହାର ଓ କଥାବାର୍ତ୍ତା କରେ। ମନ ବେଶି ଦୁଃଖ ହେଲେ ସ୍ୱାମୀଙ୍କ ଆଗରେ କହେ ଓ ତାଙ୍କଠାରୁ ଉଚିତ ପରାମର୍ଶ ନେଇ ମନକୁ ବୁଝେଇ ଦିଏ।

**–ସୀମା ପାଣି,** ଗୃହିଣୀ, ଚକେଇସିହାଣୀ, ଭୁବନେଶ୍ୱର

## ସୌନ୍ଦର୍ଯ୍ୟ

# ରହିବନି ସ୍କିନ୍ ସମସ୍ୟା



**ସୌନ୍ଦର୍ଯ୍ୟ ବୃଦ୍ଧି କରିବାରେ ଦେଶୀ ଘିଅର ବ୍ୟବହାର କରାଯାଇପାରିବ। ଏହା ସ୍ୱାସ୍ଥ୍ୟ ପାଇଁ ଯେମିତି ଭଲ ସୌନ୍ଦର୍ଯ୍ୟ ନିମନ୍ତେ ମଧ୍ୟ ବିଭିନ୍ନ ଭାବରେ ବ୍ୟବହାର କରାଯାଇପାରିବ। ଆସନ୍ତୁ ,ଜାଣିବା ଏହାର ବ୍ୟବହାର।**

⏭| ଘିଅକୁ ସବୁଦିନ ଓଠରେ ଲଗାଇଲେ ଓଠ ଫାଟିବା ସମସ୍ୟା ଦୂରହେବା ସହ ଉଜ୍ଜ୍ୱଳତା ବୃଦ୍ଧିପାଇବ। ଫ୍ୟାଟି ଏସିଡ୍ ଓ ଭିଟାମିନ୍‌ରେ ଭରପୂର ଘିଅକୁ ନିୟମିତ ବ୍ୟବହାର କଲେ ଓଠର ରୂକ୍ଷପଣ ରହିବ ନାହିଁ। ତେଣୁ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଆଙ୍ଗୁଠିରେ ଘିଅ ନେଇ ଓଠରେ ମସାଜ୍ କରନ୍ତୁ।

⏭| ସ୍କିନ୍‌କୁ ମୁଲାୟମ କରିବା ପାଇଁ ଅଳ୍ପ କିଛି ବୁନ୍ଦା ଘିଅ ନେଇ ମସାଜ୍ କରନ୍ତୁ। ମଶ୍ଚରାଇଜର ଭଳି ଏହାକୁ ବ୍ୟବହାର କଲେ ସ୍କିନ୍‌ର ଡ୍ରାଏନେସ୍ ସମସ୍ୟା ଦୂର ହୋଇପାରିବ। ଏଥିରେ ଓମେଗା ଫ୍ୟାଟି ଏସିଡ୍ ଓ ଆଣ୍ଟି ଅକ୍ସିଡାଣ୍ଟର ମାତ୍ରା ଥିବାରୁ ଏହା ସ୍କିନ୍‌କୁ ସୂର୍ଯ୍ୟଙ୍କ ଅଲଟ୍ରା ଭାଓଲେଟ୍ କିରଣଠାରୁ ରକ୍ଷା କରିଥାଏ। ଦିନକୁ ଅତିକମ୍‌ରେ ଏହାକୁ ୨ ଥର ଲଗାନ୍ତୁ।

⏭| ଘିଅକୁ ଆଖି ତଳେ ମସାଜ୍ କଲେ ଦୃଷ୍ଟିଶକ୍ତି ଭଲ ରହିବା ସହ ଆଖିତଳର ଦାଗ ଓ ଅନ୍ୟ ସମସ୍ୟା ଦୂର ହୋଇଥାଏ। ବିଶେଷକରି ରାତିରେ ଶୋଇବା ପୂର୍ବରୁ ଏହାର ମସାଜ୍ କଲେ ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ ଓ ଆଖି ତଳର ସ୍କିନ୍ ଭଲ ରହିଥାଏ।

⏭| ଘିଅର ବ୍ୟବହାର ଫଳରେ ପାଦ ଫାଟିବା ସମସ୍ୟା ମଧ୍ୟ ଅନେକାଂଶରେ ଭଲ ହୋଇଥାଏ। ଏଥିପାଇଁ ପାଦକୁ ଭଲଭାବେ ସଫାକରି ସେଥିରେ ଘିଅ ଲଗାଇ ଏକ କପଡ଼ା ଗୁଡ଼ାଇ ଦିଅନ୍ତୁ। ରାତିରେ ଏପରି ମସାଜ୍ କଲେ ଅଧିକ ଫଳପ୍ରଦ ହୋଇଥାଏ।

⏭| ବଡି ସ୍କ୍ରବ୍‌ଭାବରେ ମଧ୍ୟ ଏହାକୁ ବ୍ୟବହାର କରିହେବ। ଏଥିପାଇଁ ଘିଅରେ କଫି, ନଡ଼ିଆତେଲ ଓ ବେସନ ପକାଇ ଭଲଭାବେ ମିଶାଇ ଲଗାନ୍ତୁ। କିଛି ସମୟ ପରେ ସ୍କ୍ରବ୍ କରି ଧୋଇଦିଅନ୍ତୁ। ସପ୍ତାହକୁ ଅତି କମ୍‌ରେ ୨ଥର ଏପରି କରନ୍ତୁ। ସ୍କିନ୍‌ରେ ଥିବା ମୃତ କୋଷ ବାହାରି ସୁନ୍ଦର ଦେଖାଯିବ।

⏭| ରାତିରେ ଶୋଇବା ପୂର୍ବରୁ ୨/୪ ବୁନ୍ଦା ଘିଅ ନେଇ ହାତରେ ମସାଜ୍ କଲେ ତାହା ହାତର ତ୍ୱଚାକୁ ସୁନ୍ଦର କରିବା ସହ ନଖକୁ ମଧ୍ୟ ମଜଭୁତ କରିଥାଏ।

⏭| କେଶକୁ ସୁନ୍ଦର କରିବା ପାଇଁ ମଧ୍ୟ ଏହାକୁ ବ୍ୟବହାର କରିହେବ। ନଡ଼ିଆତେଲ ସହ ସମାନ ମାତ୍ରାରେ ଘିଅ ମିଶାଇ କେଶ ମୂଳରେ ଲଗାଇ ଅଧଘଣ୍ଟା ପରେ ଶାମ୍ପୁ କରି ଦିଅନ୍ତୁ।



## ଖାଦ୍ୟରୁଚି

# ସାଗୁ ବରା



**ଆବଶ୍ୟକ ସାମଗ୍ରୀ**

ସାଗୁ– ୧କପ୍, ଆଳୁ– ୨ଟି, ବାଦାମ– ଅଧା କପ୍, କଞ୍ଚାଲଙ୍କା– ୨ ରୁ ୩ଟି, ଜିରା– ୧ ଛୋଟ ଚାମଚ, ପାଳଙ୍ଗ ଶାଗ– ୧ ବିଡ଼ା (ଛୋଟ), ଧନିଆପତ୍ର– ଅଳ୍ପ, ଛାଣିବା ପାଇଁ ତେଲ, ସ୍ୱାଦ ଅନୁସାରେ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

ସାଗୁକୁ ରାତିରୁ ଭିଜାଇ ରଖନ୍ତୁ। ଆଳୁକୁ ସିଝାଇ ଚକଟି ରଖନ୍ତୁ। ବାଦାମକୁ ଭାଜି ଖଣ୍ଡ ଖଣ୍ଡ କରି ରଖନ୍ତୁ। ପାଳଙ୍ଗ ଶାଗକୁ କାଟି ଛୋଟ ଛୋଟ କରି ରଖନ୍ତୁ। ଭିଜା ହୋଇଥିବା ସାଗୁକୁ ଛାଣି ରଖନ୍ତୁ। କଞ୍ଚାଲଙ୍କାକୁ ଛୋଟ ଛୋଟ କାଟି ରଖନ୍ତୁ। କଟାହୋଇଥିବା ଶାଗକୁ ୧ ମିନିଟ୍ ପର୍ଯ୍ୟନ୍ତ ଫୁଟାନ୍ତୁ। ଶାଗରେ ଥିବା ପାଣି ବାହାର କରି ଦିଅନ୍ତୁ। ଏବେ ଏକ ପାତ୍ରରେ ଶାଗୁ ସହ ଆଳୁ, ବାଦାମ, କଟା ହୋଇଥିବା କଞ୍ଚାଲଙ୍କା, ପାଳଙ୍ଗ, ଧନିଆପତ୍ର, ଜିରା ଓ ଲୁଣ ପକାଇ ଭଲଭାବେ ମିଶାଇ ଦିଅନ୍ତୁ। ଏହି ମିଶ୍ରଣକୁ ବେଶି ପାଣିଆ କରନ୍ତୁ ନାହିଁ। ଏବେ ଏହାକୁ ଛୋଟ ଛୋଟ ଗୋଲ କରି ତେଲ ଗରମ କରି ସେଥିରେ ଛାଣି ଦିଅନ୍ତୁ। ଏବେ ପ୍ରସ୍ତୁତ ଶାଗୁ ବରାକୁ ଚଟଣୀ କିମ୍ବା ଦହି ସହିତ ଖାଆନ୍ତୁ।

# ‘ବାଂଲାଦେଶରେ ବିଶ୍ୱ କପ୍ ଖେଳିବା ଭୁଲ୍ ନିଷ୍ପତ୍ତି’

ମେଲବୋର୍ନ,୧୯।୮

ବାଂଲାଦେଶରେ ଦେଖାଦେଇଥିବା ରାଜନୈତିକ ସଙ୍କଟ ମଧ୍ୟରେ ଅନୁଷ୍ଠିତ ହେବାକୁ ଯାଉଛି ମହିଳା ଟି୨୦ କ୍ରିକେଟ ବିଶ୍ୱକପ। ଦେଶରେ ହିଂସାକାଣ୍ଡ ଚରମ ସୀମାରେ ପହଞ୍ଚିଥିବା ବେଳେ ଏପରି ସ୍ଥିତିରେ ସେଠାରେ ବିଶ୍ୱକପ ଖେଳିବା ଏକ ଭୁଲ୍ ନିଷ୍ପତ୍ତି ହେବ ବୋଲି କହିଛନ୍ତି ଅଷ୍ଟ୍ରେଲିଆ ଅଧିନାୟିକା ଆଲିସା ହିଲି। ଅକ୍ଟୋବର ୩ରୁ ୨୦ ତାରିଖ ମଧ୍ୟରେ ବିଶ୍ୱକପ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିଲା। ତେବେ ବାଂଲାଦେଶରେ ହିଂସାକାଣ୍ଡ କାରଣରୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନେଇପାରି ନାହିଁ ଆଇସିସି। ଅଷ୍ଟ୍ରେଲିଆ ଅଧିନାୟିକା କହିଛନ୍ତି, ସାଧାରଣତଃ ସେ ବାଂଲାଦେଶରେ ଖେଳିବାକୁ ପସନ୍ଦ କରିଥାନ୍ତି। ତେବେ ବର୍ତ୍ତମାନର ପରିସ୍ଥିତିକୁ ଦୃଷ୍ଟିରେ ରଖି ସେଠାକୁ ଯାଇ ଖେଳିବା ଏକ ଭୁଲ୍ ନିଷ୍ପତ୍ତି ହେବ। କ୍ରିକେଟ ଅପେକ୍ଷା ଆହୁରି ଅନେକ ବୃହତ୍ତର ଜିନିଷ ରହିଛି। ଆଇସିସି ଏହାକୁ ଧ୍ୟାନରେ ରଖି ଯାହା ନିଷ୍ପତ୍ତି ନେବ ତାହା ଗ୍ରହଣ କରାଯିବ ବୋଲି ହିଲି କହିଛନ୍ତି।

ହିଂସା ଓ ସରକାରରେ ଅସ୍ଥିରତା କାରଣରୁ ପ୍ରଧାନମନ୍ତ୍ରୀ ଶେଖ୍ ହସିନା ଦେଶ ଛାଡି ପଳାୟନ କରିଥିବା ବେଳେ ଦେଶର ଆଇନ ଶୃଙ୍ଖଳା ଉପରେ ଏହାର ଗଭୀର ପ୍ରଭାବ ପଡିଛି। ବାଂଲାଦେଶ କ୍ରିକେଟ ବୋର୍ଡ ମୁଖ୍ୟ ନଜମୁଲ ହସନଙ୍କୁ ପଦ ଛାଡିବା ପାଇଁ କୁହାଯାଇଥିବା ବେଳେ ଚେୟରମ୍ୟାନ୍(ଅପରେସନ୍ସ) ଜଲାଲ ୟୁନୁସ ସୋମବାର ପଦରୁ ଇସ୍ତଫା ପ୍ରଦାନ କରିଛନ୍ତି। ବିଶ୍ୱକପ ଆୟୋଜନ ନେଇ ବାଂଲାଦେଶ ଏବେ ମଧ୍ୟ ଆଶାବାଦୀ ରହିଛି। ତେବେ ଆଇସିସି କୌଣସି ରିସ୍କ ନ ନେଇ ଟୁର୍ନାମେଣ୍ଟକୁ ସ୍ଥାନାନ୍ତର କରିବାକୁ ଚାହୁଁଛି। ଭାରତ ଆୟୋଜନ କରିବା ନେଇ ଅନିଚ୍ଛା ପ୍ରକାଶ କରିଥିବା ବେଳେ ଟୁର୍ନାମେଣ୍ଟ ବର୍ତ୍ତମାନ ୟୁଏଇକୁ ସ୍ଥାନାନ୍ତର ହେବାର ସମ୍ଭାବନା ରହିଛି।

ଆଇସିସି ଏ ସମ୍ପର୍କରେ ଖୁବଶୀଘ୍ର ଘୋଷଣା କରିବାର କାର୍ଯ୍ୟକ୍ରମ ରହିଛି। ତେବେ ଟୁର୍ନାମେଣ୍ଟ ସ୍ଥାନାନ୍ତର ହେଲେ ମଧ୍ୟ ଏହା ଅଷ୍ଟ୍ରେଲିଆର ପ୍ରଦର୍ଶନକୁ ପ୍ରଭାବିତ କରିବ ନାହିଁ ବୋଲି କହିଛନ୍ତି ହିଲି। ମାର୍ଚ୍ଚ-ଏପ୍ରିଲରେ ଦଳ ବାଂଲାଦେଶ ଗସ୍ତ କରିଥିବା ବେଳେ ୩ ମ୍ୟାଚର ଟି୨୦ ସିରିଜକୁ କ୍ଲିନ ସୁଇପ୍ କରିଥିଲା। ତେଣୁ ବାଂଲାଦେଶର ପିଚ୍‌ଗୁଡିକ ପାଇଁ ଆମେ ପ୍ରସ୍ତୁତ ବୋଲି ସେ କହିଛନ୍ତି। ଧୀମା ପିଚ୍‌ରେ ଖେଳିବା ପାଇଁ ମାନସିକ ଭାବେ ଆମେ ପ୍ରସ୍ତୁତ ବୋଲି ମଧ୍ୟ ହିଲି କହିଛନ୍ତି। ଅକ୍ଟୋବର ୩ ତାରିଖରୁ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଥିବା ବେଳେ ଗତ ସଂସ୍କରଣର ଫାଇନାଲିଷ୍ଟ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଖେଳାଯିବ।

# ଉତ୍କଳ, ହର୍ଷିତ, ଜ୍ୟୋତ୍ସ୍ନଭ, କିରଣ ମିଳିତ ଅଗ୍ରଣୀ

## ଜାତୀୟ ଚେସ୍ ଚାମ୍ପିୟନଶିପ୍

ଭୁବନେଶ୍ୱର, ୧୯।୮

(ତପନ ସ୍ୱାଇଁ)

ହରିୟାଣାର ଗୁରୁଗାଁଓଠାରେ ଚାଲିଥିବା ୬୧ତମ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ର ଦ୍ୱିତୀୟ ରାଉଣ୍ଡ ଶେଷସୁଦ୍ଧା ଓଡ଼ିଶାର ଅନ୍ତର୍ଜାତୀୟ ମାଷ୍ଟର ଉତ୍କଳ ରଞ୍ଜନ ସାହୁ, ହର୍ଷିତ ରଞ୍ଜନ ସାହୁ ଓ ଜ୍ୟୋତ୍ସ୍ନଭ ତାଲୁକଦାର ୨ ପଏଣ୍ଟ ଲେଖାଏ ପାଇ ମିଳିତ ଅଗ୍ରଣୀଲାଭ କରିଛନ୍ତି। ଏଲଆଇସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ମଧ୍ୟ ଡବଲ ବିଜୟ ସହ ଅଗ୍ରଣୀ ତାଲିକାରେ ସାମିଲ ହୋଇଛନ୍ତି। ଉତ୍କଳ ଦ୍ୱିତୀୟ ରାଉଣ୍ଡରେ ଏଲଆଇସିର ଆଶୁତୋଷ ମହାପାତ୍ରଙ୍କୁ ପରାସ୍ତ କରିଛନ୍ତି। ସେହିପରି ଜ୍ୟୋତ୍ସ୍ନଭ ଦିଲ୍ଲୀର ତାନେଜା ମାହିରଙ୍କୁ ଏବଂ ହର୍ଷିତ



ଦ୍ୱିତୀୟ ରାଉଣ୍ଡ ଅବସରରେ ଖେଳାଳିମାନେ।

ମହାରାଷ୍ଟ୍ରର ସର୍ଦନା ଭିଭାନଙ୍କୁ ହରାଇ ଦେଇଛନ୍ତି। କିରଣ ନିଜର ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ କର୍ଣ୍ଣାଟକର ସିଦ୍ଧୟା ଗାଭିଙ୍କୁ ପରାସ୍ତ କରିଛନ୍ତି। କିରଣ ପରବର୍ତ୍ତୀ ରାଉଣ୍ଡରେ ଗ୍ରାଣ୍ଡମାଷ୍ଟର ଏସ.ପି. ସେଥୁରମଣଙ୍କୁ ଭେଟିବେ। ଅନ୍ୟ ଓଡ଼ିଶା ଖେଳାଳିଙ୍କ ମଧ୍ୟରେ ତପନ ବଡ଼ମୁଣ୍ଡି ଦ୍ୱିତୀୟ ରାଉଣ୍ଡରେ ବହୁ ଉଚ୍ଚ ର୍‍ୟାଙ୍କପ୍ରାପ୍ତ ରେଲୱେର ଅନ୍ତର୍ଜାତୀୟ ମାଷ୍ଟର ନିଖିଲ ପି. ଶ୍ୟାମଙ୍କଠାରୁ ହାରିଯାଇଥିବା ବେଳେ ଅଂଶୁମାନ ଭଞ୍ଜ ଅରୁଣାଚଳ ପ୍ରଦେଶର ମିଜେ ତାପିରଙ୍କୁ ପରାସ୍ତ କରିଛନ୍ତି। କୌସ୍ତୁଭ ଦାଶ ଓ ଲଭ୍ୟଜ୍ୟୋତି ରାଉତରାୟ ନିଜ ମଧ୍ୟରେ ପଏଣ୍ଟ ଭାଗ କରିଥିବାବେଳେ ଅଂଶୁମାନ ସାମଲ ଆନ୍ଧ୍ର ପ୍ରଦେଶର ମୋକ୍ଷତ୍ରା ଏସ.ଏ. ବାଥିନାଙ୍କୁ ହରାଇ ୧ ପଏଣ୍ଟରେ ପହଞ୍ଚିଛନ୍ତି। ସେହିପରି ଇନ୍ଦ୍ରଜିତ ଏସ.ପି. ସୂର୍ଯ୍ୟପ୍ରାଞ୍ଜଲ ହରିୟାଣାର ଇକ୍ଷିତ ଜୈନଙ୍କୁ ହରାଇ ପଏଣ୍ଟ ଖାତା ଖୋଲିଛନ୍ତି। ଦ୍ୱିତୀୟ ରାଉଣ୍ଡ ଶେଷସୁଦ୍ଧା ଏଲଆଇସି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଅନ୍ତର୍ଜାତୀୟ ମାଷ୍ଟର ଦୀନେଶ କେ. ଶର୍ମା ଓ ପିଏସ୍‌ପିବି ପକ୍ଷରୁ ଖେଳୁଥିବା ଗ୍ରାଣ୍ଡମାଷ୍ଟର ସୂର୍ଯ୍ୟଶେଖର ଗାଙ୍ଗୁଲି ୨ ପଏଣ୍ଟ ଲେଖାଏ ପାଇଥିଲେ ହେଁ ର୍‍ୟାଙ୍କ୍ ତାଲିକାର ଶୀର୍ଷ ୨ ସ୍ଥାନରେ ରହିଛନ୍ତି। ଗ୍ରାଣ୍ଡମାଷ୍ଟର ଅଭିଜିତ ଗୁପ୍ତା, ଏସ.ପି. ସେଥୁରମଣ, ଦୀପ୍ତାୟନ ଘୋଷ, ପି.ଏ. ଇନିୟାନ, ସଂକଳ୍ପ ଗୁପ୍ତା, ମିତ୍ରଭା ଗୁହା, ଅନ୍ତର୍ଜାତୀୟ ମାଷ୍ଟର ଆରଣ୍ୟକ ଘୋଷ ପ୍ରମୁଖ ପଛକୁପଛ ରହିଛନ୍ତି।

# ‘ଓଜନ ସୀମାରେ ରହିବା ଖେଳାଳିଙ୍କ ଦାୟିତ୍ୱ’

## ଭିନେଶଙ୍କ ଅପିଲ ଖାରଜ ମାମଲା

ନୂଆଦିଲ୍ଲୀ,୧୯।୮

ପ୍ୟାରିସ୍ ଅଲିମ୍ପିକ୍ସରେ ନିର୍ଦ୍ଧାରିତ ଓଜନ ଠାରୁ ୧୦୦ ଗ୍ରାମ ଅଧିକ ଓଜନ ହେବା କାରଣରୁ ଅଯୋଗ୍ୟ ଘୋଷିତ ହୋଇ ପଦକ ହରାଇଥିବା ଭିନେଶ ଫୋଗଟଙ୍କୁ ଦାୟୀ କରିଛି କୋର୍ଟ ଅଫ୍ ଆର୍ବିଟ୍ରେସନ୍ ଅଫ୍ ସ୍ପୋର୍ଟ୍ସ(କାସ୍)। ପ୍ରଥମ ଭାରତୀୟ ମହିଳା ଭାବରେ ଫାଇନାଲରେ ପହଞ୍ଚି ଇତିହାସ ରଚିଥିବା ବେଳେ ଭିନେଶ ଅଯୋଗ୍ୟ ଘୋଷିତ ହୋଇଥିଲେ। ଏହା ବିରୋଧରେ ସେ କାସ୍‌ର ଦ୍ୱାରସ୍ଥ ମଧ୍ୟ ହୋଇଥିଲେ। ଯୁଗ୍ମ ଭାବରେ ରୌପ୍ୟ ପଦକ ପାଇଁ ଭିନେଶଙ୍କ ଅପିଲ ଉପରେ କାସ୍‌ର ଆଡ ହକ୍ କମିଟି ୩ ଥର ଶୁଣାଣି କରିଥିଲା। ୩ ଥରର ଶୁଣାଣି ପରେ ୧୪ ତାରିଖରେ ଭିନେଶଙ୍କ ଅପିଲକୁ ଖାରଜ କରାଯାଇଥିଲା। ସୋମବାର ଏ ନେଇ କାସ୍ ପକ୍ଷରୁ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି। ଭିନେଶଙ୍କ ଓଜନ ବଢିବା ନେଇ କେବଳ ସେ ଦାୟୀ। ଏହାକୁ ନେଇ ନିୟମରେ କୌଣସି ପରିବର୍ତ୍ତନ କରାଯାଇ ପାରିବ ନାହିଁ। ଭିନେଶଙ୍କ ପାଇଁ ସମସ୍ୟା ହେଉଛି ଯେ ନିୟମ ସମ୍ପୂର୍ଣ୍ଣ ସ୍ପଷ୍ଟ ରହିଛି। ଓଜନ ସୀମାକୁ ନେଇ ରହିଥିବା ନିୟମରେ କୌଣସି ପ୍ରକାର ପରିବର୍ତ୍ତନ ଗ୍ରହଣଯୋଗ୍ୟ ନୁହେଁ। ସମସ୍ତ ପ୍ରତିଯୋଗୀଙ୍କ ପାଇଁ ଏହି ନିୟମ ସମାନ ରହିଥାଏ। ଅପର ଲିମିଟ୍‌ର ଓଜନ ସୀମାରେ କୌଣସି ପ୍ରକାର ରିହାତି ବରଦାସ୍ତ କରାଯାଇ ପାରିବ ନାହିଁ। ତେଣୁ ଏହା ଆଥଲେଟଙ୍କ ଦାୟିତ୍ୱ ସେମାନେ କିଭଳି ନିଜ ଓଜନକୁ ନିୟନ୍ତ୍ରଣରେ ରଖିବାକୁ ପ୍ରୟାସ କରିବେ। ଭିନେଶ ଆବଶ୍ୟକ ଓଜନ ସୀମା ଠାରୁ ଅଧିକ ଥିବା ନେଇ କୌଣସି ସଂଶୟ ନାହିଁ। ଶୁଣାଣି ସମୟରେ ସେ ସ୍ୱୟଂ ଏହାକୁ ସ୍ୱୀକାର କରିଥିଲେ। ତେବେ ୧୦୦ ଗ୍ରାମ ଏକ ଛୋଟ ସଂଖ୍ୟା ହୋଇଥିବାରୁ ଏଥିରେ ରିହାତି ପାଇଁ ସେ ଆବେଦନ କରିଥିଲେ। ସେ ପ୍ରଚୁର ପାଣି ପିଇଥିବା ବେଳେ ମାସିକ ଋତୁସ୍ରାବର ଠିକ୍ ପୂର୍ବରୁ ଏହା ତାଙ୍କୁ ଅସୁବିଧାରେ ପକାଇଥିଲା। ତେବେ ଓଜନ ନିୟନ୍ତ୍ରଣରେ ରଖିବା ଆଥଲେଟଙ୍କ ଦାୟିତ୍ୱ ବୋଲି କହି ଏହାକୁ ଖାରଜ କରି ଦେଇଥିଲା କାସ୍ ଆଡ ହକ୍ କମିଟି। ୨୯ ବର୍ଷୀୟା ଭିନେଶ ୫୦ କିଗ୍ରା ଓଜନ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି ଫାଇନାଲରେ ପହଞ୍ଚିଥିଲେ।

# ହିମାଂଶୁ, ହୃଦେଶ ବିଜୟୀ



ଅତିଥିଙ୍କ ଗହଣରେ ଜୁନିୟର ବର୍ଗର ବିଜେତା ଖେଳାଳି।

## କେ.ଟି. ଗ୍ଲୋବାଲ ଓପନ ସ୍କୁଲ ଚେସ୍

ଭୁବନେଶ୍ୱର,୧୯।୮(ସରୋଜ ଜେନା)

ରାଉରକେଲାର ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମରେ ଅନୁଷ୍ଠିତ ହୋଇ ଯାଇଛି କେ.ଟି. ଗ୍ଲୋବାଲ ଓପନ ସ୍କୁଲ ଚେସ୍ ଟୁର୍ନାମେଣ୍ଟ। କେ.ଟି. ଗ୍ଲୋବାଲ ସ୍କୁଲ ଓ ରାଉରକେଲା ଷ୍ଟିଲ ପ୍ଲାଣ୍ଟ(ଆରଏସ୍‌ପି) ପକ୍ଷରୁ ମିଳିତ ଭାବରେ ଆୟୋଜିତ ଟୁର୍ନାମେଣ୍ଟର ସିନିୟର ବର୍ଗରେ ହିଂମାଶୁ କୁମାର ମଲିକ ଓ ଜୁନିୟର ବର୍ଗରେ ହୃଦେଶ ପାଣିଗ୍ରାହୀ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। ଯୁବ ପ୍ରତିଭା ଓ ସିନିୟର ଖେଳାଳିଙ୍କ ମଧ୍ୟରେ ଏକ ଚମତ୍କାର ପ୍ରତିଦ୍ୱନ୍ଦ୍ୱିତା ଏହି ଟୁର୍ନାମେଣ୍ଟରେ ଦେଖିବାକୁ ମିଳିଥିଲା। ଆରଏସ୍‌ପି ସିଜିଏମ୍ ପି.କେ. ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଅଲ ଓଡ଼ିଶା ଚେସ୍ ଆସୋସିଏଶନ ସଭାପତି ଜି.ସ. ମହାପାତ୍ର, ଆରଏସ୍‌ପି କ୍ରୀଡା ବିଭାଗ ଡେପୁଟି ମ୍ୟାନେଜର ଆର.ଏନ୍. ପାଣି, ଆଇଆଇଜିଏସ୍ କ୍ରୀଡା ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ନନ୍ଦ ଓ ମୁଖ୍ୟ ଆର୍ବିଟର ଭାବରେ ପି.କେ. ସାହୁ ଯୋଗ ଦେଇଥିଲେ। ୧୮ଟି ସ୍କୁଲର ୧୨୦ରୁ ଅଧିକ ଛାତ୍ରୀଛାତ୍ର ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଜୁନିୟର ବର୍ଗରେ ହୃଦେଶ ପାଣିଗ୍ରାହୀ ପ୍ରଥମ ସ୍ଥାନରେ ରହିଥିଲେ। ଅଭିନବ ଜେନା ଓ କାମାକ୍ଷା ବାହୁବଳେନ୍ଦ୍ର ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଥିଲେ। ସିନିୟର ବର୍ଗରେ ହିମାଂଶୁ କୁମାର ମଲିକ୍ ପ୍ରଥମ ସ୍ଥାନରେ ରହିଥିବା ବେଳେ ଚନ୍ଦନ ଧରାଇ ଓ ଦୃଷ୍ଟି ପ୍ରଧାନ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିଲେ।

# ଜେକ୍‌ଙ୍କ ସହ ବାଉଟ୍ ପାଇଁ ପ୍ରସ୍ତୁତ ଟାଇସନ୍

ନ୍ୟୁୟର୍କ,୧୯।୮(ପି.ଟି.): ପୁଣି ଥରେ ବକ୍ସିଂ ରିଙ୍ଗରେ ନଜର ଆସିବେ ମାଇକ୍ ଟାଇସନ୍। ନିଜ ସମୟରେ ବିଶ୍ୱର ଅନ୍ୟତମ ଦୁର୍ଦ୍ଧର୍ଷ ବକ୍ସରର ମାନ୍ୟତା ପାଇଥିବା ୫୮ ବର୍ଷୀୟ ଟାଇସନ୍ ୟୁଟ୍ୟୁବର ଜେକ୍ ପଲ୍‌ଙ୍କ ସହିତ ପରବର୍ତ୍ତୀ ଲଢେଇରେ ଅବତୀର୍ଣ୍ଣ ହେବେ। ଟାଇସନ୍ ସାମାନ୍ୟ ଅସୁସ୍ଥ ଥିବା ନେଇ ଖବର ଆସିଥିବା ବେଳେ ଲଢେଇ ତାରିଖ ଘୁଞ୍ଚିବା ନେଇ ମଧ୍ୟ ପୂର୍ବାନୁମାନ କରାଯାଉଥିଲା। ତେବେ ଏକ ଖବରଦାତା ସମ୍ମିଳନୀ କରି ନିର୍ଦ୍ଧାରିତ ସମୟରେ ଲଢେଇ ହେବ ବୋଲି ଟାଇସନ୍ ଘୋଷଣା କରିଛନ୍ତି। ୫୮ ବର୍ଷୀୟ ଟାଇସନ୍ ଆଉ ଥରେ ବକ୍ସିଂ ରିଙ୍ଗକୁ ଫେରି ନିଜ ଜୀବନକୁ ବିପଦରେ ପକାଉଛନ୍ତି ବୋଲି ଆଲୋଚନା ମଧ୍ୟ ହେଉଥିଲା। ତେବେ ନିଜ ସମୟରେ ସେ ଶ୍ରେଷ୍ଠ ବକ୍ସର ରହିଥିବା ବେଳେ ଜେକ୍ ଜଣେ ୟୁଟ୍ୟୁବର। ତେଣୁ ଉଭୟଙ୍କ ମଧ୍ୟରେ ମୁକାବିଲାକୁ ସେ ଗୁରୁତ୍ୱ ଦେଉ ନ ଥିବା କହିଛନ୍ତି ଟାଇସନ୍। ଆସନ୍ତା ନଭେମ୍ବର ୧୫ ତାରିଖରେ ଟେକ୍ସାସର ଆରଲିଙ୍ଗଟନ୍ ସ୍ଥିତ ଡଲାସ କାଓବଏଜରେ ଏହି ଫାଇଟ ଅନୁଷ୍ଠିତ ହେବ। ପୂର୍ବରୁ ଜୁଲାଇ ୨୦ରେ ଉଭୟଙ୍କ ମଧ୍ୟରେ ଲଢ଼େଇ ହେବା ନେଇ ଘୋଷଣା ହୋଇଥିବା ବେଳେ ଟାଇସନ୍ ଅସୁସ୍ଥ ହେବାରୁ ଏହାକୁ ଘୁଞ୍ଚାଇ ଦିଆଯାଇଥିଲା। ଟାଇସନ୍ ମାୟାମିରୁ ଲସଏଞ୍ଜେଲ୍ସ ବିମାନ ଯାତ୍ରା କରିବା ସମୟରେ ସାମାନ୍ୟ ଅସୁସ୍ଥ ହୋଇ ପଡିଥିଲେ। ରବିବାରଠାରୁ ସେ ଅଭ୍ୟାସ ଆରମ୍ଭ କରିଥିବା କହିଛନ୍ତି ଟାଇସନ୍। ୧୯୮୭ରୁ ୧୯୯୦ ମଧ୍ୟରେ ଟାଇସନ୍ ୫୦-୬ର ବିଜୟ ରେକର୍ଡ ନିଜ ନାମରେ ରଖିଥିଲେ। ଏହା ମଧ୍ୟରୁ ୪୪ ଫାଇଟ୍‌ରେ ସେ ପ୍ରତିପକ୍ଷ ଖେଳାଳିଙ୍କୁ ନକ୍‌ଆଉଟ କରିଥିଲେ। ୨୦୦୫ରେ ପ୍ରଫେଶନାଲ ବକ୍ସିଂରୁ ଅବସର ନେଇଥିଲେ ମଧ୍ୟ ୨୦୨୦ରେ ରୟ ଜୋନ୍ସଙ୍କ ବିପକ୍ଷରେ ବନ୍ଧୁତ୍ୱପୂର୍ଣ୍ଣ ମୁକାବିଲା କରିଥିଲେ।

# ଉଭାସ ମହାପାତ୍ରଙ୍କ ପ୍ରଭାବୀ ପ୍ରଦର୍ଶନ

## ଅଲ୍ ଓଡ଼ିଶା ଓପନ ସ୍ନୁକର

ଭୁବନେଶ୍ୱର, ୧୯।୮ (ତପନ ସ୍ୱାଇଁ)

ସ୍ଥାନୀୟ ଭିନ୍‌ଟେଜ୍ କ୍ଲବ ପରିସରରେ ଚାଲିଥିବା ‘ଗ୍ରୀନ୍ ବାଇଜେ କ୍ଲାସିକ୍’ ଅଲ୍ ଓଡ଼ିଶା ସ୍ନୁକର ଚାମ୍ପିୟନଶିପ୍‌ରେ ସୋମବାର ମୋଟ ୧୪ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ଉଭାସ ମହାପାତ୍ର ଏକ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ୭ମ ସିଡ୍ ସମୀର ଅଲୀଙ୍କୁ ୩-୧ ଫ୍ରେମ୍‌ରେ ହରାଇ ଚର୍ଚ୍ଚାରେ ରହିଛନ୍ତି। ସନ୍ନି ଗୋସ୍ୱାମୀଙ୍କ ବିପକ୍ଷରେ ସିଦ୍ଧାର୍ଥ ସେନ୍ ୱାକ୍‌ଓଭର ପାଇଥିବାବେଳେ ଆରୋନ ସି. ଆନିୟାନଙ୍କୁ ୩-୧ରେ ଉଭାସ ମହାପାତ୍ର, ତ୍ରିଦଣ୍ଡ ମିଶ୍ରଙ୍କୁ ୩-୦ରେ ଆକାଶ ମହାପାତ୍ର, ଏନ. ହରିକ୍ରିଷ୍ଣାଙ୍କୁ ୩-୦ରେ ରୁମିତ ଗୁପ୍ତା, ଅତନୁ ନାୟକଙ୍କୁ ୩-୦ରେ ନିଶି ପ୍ରକାଶ ଦାସ, ରାକେଶ ମହାନ୍ତିଙ୍କୁ ୩-୦ରେ ଶାରଦା ବେହେରା, ଯଯାତି ପଣ୍ଡାଙ୍କୁ ୩-୧ରେ ରଜତ ଧଳ ପରାସ୍ତ କରିଛନ୍ତି। ସେହିପରି ନିଶି ପ୍ରକାଶ ଦାସଙ୍କୁ ୩-୧ରେ ସୁବ୍ରତ ଦାସ, ଗୌତମ ଦାଶଙ୍କୁ ୩-୦ରେ ରଣଜିତ ପତି, ବିରାଜ ଦାଶଙ୍କୁ ୩-୦ରେ ଚେତନ ଆନନ୍ଦ, ଜୀତେନ ଷଡ଼ଙ୍ଗୀଙ୍କୁ ୩-୨ରେ ଜ୍ଞାନରଞ୍ଜନ ଶତପଥୀ, ଅଭିଳାଷ ମହାନନ୍ଦଙ୍କୁ ୩-୦ରେ ଅମିୟ ରଞ୍ଜନ ନାୟକ ଏବଂ ବିଭୂତି ମହାପାତ୍ରଙ୍କୁ ୩-୦ରେ ବରୁଣ ନାଏକ ହରାଇ ଦେଇଛନ୍ତି।



ଉଭାସ ମହାପାତ୍ର

# ଭୁଟାନକୁ ହରାଇଲା ଭାରତ

## ୨୦ ବର୍ଷରୁ କମ୍ ସାଫ୍ ଚାମ୍ପିୟନଶିପ୍

ଲଳିତପୁର,୧୯।୮(ପି.ଟି.)

ନେପାଳରେ ଅନୁଷ୍ଠିତ ୨୦ ବର୍ଷରୁ କମ ସାଫ୍ ଚାମ୍ପିୟନଶିପ୍‌ରେ ବିଜୟରୁ ଅଭିଯାନ ଆରମ୍ଭ କରିଛି ଭାରତ । ଗ୍ରୁପ୍ ବି’ରେ ସ୍ଥାନ ପାଇଥିବା ଭାରତ ଏହାର ପ୍ରଥମ ମ୍ୟାଚ୍‌ରେ ଭୁଟାନକୁ ୧-୦ ଗୋଲରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ମୋନିରୁଲ ମୋଲ୍ଲା ୩୭ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ମ୍ୟାଚର ୬୯ତମ ମିନିଟ୍‌ରେ ଭାରତୀୟ ଦଳ ୯ ଜଣକୁ ହ୍ରାସ ପାଇଥିଲେ ମଧ୍ୟ ଦଳ ଦୃଢ ପ୍ରଦର୍ଶନ କରି ବିଜୟୀ ହୋଇଥିଲା। ମ୍ୟାଚ୍‌ଟି କଡା ସଂଘର୍ଷପୂର୍ଣ୍ଣ ରହିଥିବା ବେଳେ ଉଭୟ ଦଳର ଖେଳାଳି ଠେଲା ପେଲା ହୋଇଥିଲେ। ଫଳରେ ୩ ଜଣ ଖେଳାଳିଙ୍କୁ ରେଡ୍‌କାର୍ଡ ମିଳିଥିଲା। ଭାରତର ୨ ଓ ଭୁଟାନର ଜଣେ ଖେଳାଳି ରେଡ କାର୍ଡ ପାଇ ମ୍ୟାଚ୍‌ରୁ ବାହାର ହୋଇଥିଲେ। ମ୍ୟାଚ୍‌ରେ ଅଧିକାଂଶ ସମୟ ଭାରତ ଖେଳକୁ ନିୟନ୍ତ୍ରଣରେ ରଖିଥିଲା। ୩୭ତମ ମିନିଟରେ କେଲଭିନଙ୍କ କର୍ନର କିକ୍‌କୁ ହେଡର୍ ଜରିଆରେ ଗୋଲରେ ପରିଣତ କରିଥିଲେ ମୋନିରୁଲ। ୬୯ତମ ମିନିଟ୍‌ରେ ପଡ଼ିଆରେ ବଲ ପଜେଶନକୁ ନେଇ ଠେଲା ପେଲା କାରଣରୁ ଭାରତର ପରମବୀର ଓ ଭନଲାଲପେକା ଗୁଇଟେଙ୍କୁ ରେଡ୍‌କାର୍ଡ ମିଳିଥିଲା। ଅନ୍ୟପକ୍ଷରେ ଭୁଟାନର କିନଲି ଗିଲେସ୍ଥେନଙ୍କୁ ମଧ୍ୟ ରେଡକାର୍ଡ ମିଳିଥିଲା।



ମହିଳା ଟୁର୍ ଡି’ ଫ୍ରାନ୍ସ ଟାଇଟଲ ବିଜୟିନୀ ପୋଲାଣ୍ଡର କାତାରଜିନା ନିଓ୍ୱେଡୋମା।

# କାତାରଜିନା ଜିତିଲେ ଟାଇଟଲ

## ମହିଳା ଟୁର୍ ଡି’ ଫ୍ରାନ୍ସ

ପ୍ୟାରିସ, ୧୯।୮

ଗତବର୍ଷର ବିଜେତା ଡେମି ଭୋଲେରିଙ୍ଗ ନାଟକୀୟ ଭାବେ ମହିଳା ଟୁର୍ ଡି’ ଫ୍ରାନ୍ସର ୮ମ ତଥା ଫାଇନାଲ ଷ୍ଟେଜ ଜିତିଥିବା ବେଳେ ପୋଲାଣ୍ଡର କାତାରଜିନା ନିଓ୍ୱେଡୋମା ପ୍ରଥମ ଥର ଇଭେଣ୍ଟର ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ପୂର୍ବରୁ ୭ମ ଷ୍ଟେଜରେ ୪ ସେକେଣ୍ଡରେ ଅଗ୍ରଣୀ ଲାଭ କରିଥିବା ୨୯ ବର୍ଷୀୟା ନିଓ୍ୱେଡୋମା ରେସ୍‌ରେ ଯେତେବେଳେ ଚତୁର୍ଥ ସ୍ଥାନ କଲେ ଓଭରଅଲ ଅଗ୍ରଣୀ ବଜାୟ ରଖିବା ପାଇଁ ଏହା ଯଥେଷ୍ଟ ବୋଲି ସେ ଅନୁଭବ କରିଥିଲେ। ଏହି ଖୁସିରେ ତାଙ୍କ ଆଖିରେ ଆନନ୍ଦାଶ୍ରୁ ଚାଲିଆସିଥିଲା। ଫାଇନାଲ ଷ୍ଟେଜ୍‌ରେ ନେଦରଲାଣ୍ଡର ପଲିନା ରୁଜାକର୍ସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଫ୍ରାନ୍ସର ଏଭିଟା ମୁଜିକ୍ ତୃତୀୟ ହୋଇଥିଲେ। ରବିବାର ୧୪୯.୯ କି.ମି. ବିଶିଷ୍ଟ ରେସ୍ ଲି ଗ୍ରାଣ୍ଡ ବର୍ନାଡଠାରୁ ଆଲ୍‌ପ୍ ଡି’ ହୁଜ୍ ପର୍ଯ୍ୟନ୍ତ ହୋଇଥିଲା। ଫାଇନାଲ କ୍ଲାଇମ୍ବରେ ନିଓ୍ୱେଡୋମାଙ୍କୁ ସଂଘର୍ଷ କରିବାକୁ ପଡ଼ିଥିଲା। ତେବେ ପରବର୍ତ୍ତୀ ମୁହୂର୍ତ୍ତରେ ସେ ପ୍ରତ୍ୟାବର୍ତ୍ତନ କରିବାରେ ସଫଳ ରହିଥିଲେ ଏବଂ ଷ୍ଟେଜ୍ ବିଜେତା ଭୋଲେରଙ୍ଗଙ୍କଠାରୁ ୧ମିନିଟ ୧ ସେକେଣ୍ଡ ପଛରେ ରହିଥିଲେ।

# ଆର୍‌ସିବି ପକ୍ଷରୁ ଖେଳିବାକୁ ରିଙ୍କୁ ଆଗ୍ରହୀ

ନୂଆଦିଲ୍ଲୀ, ୧୯।୮

ଅନ୍ତର୍ଜାତୀୟ କ୍ରିକେଟରେ ସବୁଠାରୁ ବ୍ୟୟ ବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆଗାମୀ ସଂସ୍କରଣ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୦୨୫ ସିଜନ ପାଇଁ ସମ୍ଭାବ୍ୟ ଖେଳାଳି ରିଟେନଶନ ଓ ନୂଆ ଚୁକ୍ତିକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଏହା ମଧ୍ୟରେ ସ୍ୱାଭାବିକଭାବେ ଚର୍ଚ୍ଚାର କେନ୍ଦ୍ରରେ ରହିଛନ୍ତି ରିଙ୍କୁ ସିଂ। ବିସ୍ଫୋରକ ବ୍ୟାଟିଂ ପାଇଁ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ସାରିଥିବା ରିଙ୍କୁ ସିଂଙ୍କୁ ତାଙ୍କ ଫ୍ରାଞ୍ଚାଇଜ୍ କୋଲକାତା ନାଇଟ ରାଇଡର୍ସ ରିଟେନ କରିବ କି ନାହିଁ ତା’ ଉପରେ ଅନ୍ୟ ଦଳ ଗୁଡ଼ିକର ନଜର ରହିଛି। କୋଲକାତାର ସଫଳତାରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ତେବେ ୨୦୨୫ ସିଜନ ପାଇଁ ସବୁ ଦଳରେ ଅନେକ ପରିବର୍ତ୍ତନ ହେବାକୁ ଯାଉଛି। ଏହି କ୍ରମରେ ନାଇଟ ରାଇଡର୍ସ ଯଦି ତାଙ୍କୁ ରିଟେନ ନ କରେ ତେବେ ସେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ପକ୍ଷରୁ ଖେଳିବାକୁ ଇଚ୍ଛୁକ ଥିବା ନିଜେ ରିଙ୍କୁ ସୂଚନା ଦେଇଛନ୍ତି। ଏହାର ଏକମାତ୍ର କାରଣ ହେଉଛନ୍ତି ବିରାଟ କୋହଲି ବୋଲି ନିକଟରେ ସେ ଏକ ସାକ୍ଷାତ୍‌କାରରେ ପ୍ରକାଶ କରିଛନ୍ତି। କୋହଲିଙ୍କ ପ୍ରତି ରିଙ୍କୁଙ୍କ ସମ୍ମାନ ସମସ୍ତେ ଜାଣନ୍ତି। ଦୁହିଁଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଛି। ପୂର୍ବ ସିଜନରେ ତାଙ୍କ ବ୍ୟାଟ୍ ଭାଙ୍ଗିଯିବାରୁ ସେ କୋହଲିଙ୍କୁ ଏକ ବ୍ୟାଟ୍ ଦେବାକୁ ଅନୁରୋଧ କରିଥିଲେ। କୋହଲି ପ୍ରଥମେ ଅନିଚ୍ଛୁକ ଥିଲେ ହେଁ ପରେ ତାଙ୍କୁ ଏକ ନୂଆ ବ୍ୟାଟ୍ ଉପହାର ଦେଇଥିଲେ। କୋହଲିଙ୍କ ସହ ଗୋଟିଏ ଦଳରେ ଖେଳିବାକୁ ସମ୍ଭବତଃ ତାଙ୍କର ଇଚ୍ଛା ଥିବାରୁ ରିଙ୍କୁ ଆରସିବିକୁ ଯିବାକୁ ଆଗ୍ରହ ରଖିଛନ୍ତି ବୋଲି ଆଲୋଚନା ହେଉଛି। ମାତ୍ର ନାଇଟ ରାଇଡର୍ସ ଫ୍ରାଞ୍ଚାଇଜ୍ ତାଙ୍କୁ ରିଲିଜ କରିବ କି ନାହିଁ ତା’ ଉପରେ ଅନେକ କିଛି ନିର୍ଭର କରିବ।



ରିଙ୍କୁ ସିଂଙ୍କୁ ବ୍ୟାଟ୍ ପ୍ରଦାନ ଅବସରରେ ବିରାଟ କୋହଲି।

୨୦୨୩ ସିଜନରେ କୋଲକାତା ନାଇଟ ରାଇଡର୍ସ ପକ୍ଷରୁ ବିସ୍ଫୋରକ ବ୍ୟାଟିଂ କରି ଚର୍ଚ୍ଚାକୁ ଆସିଥିଲେ ରିଙ୍କୁ। ଏହି ବାମହାତୀ ବ୍ୟାଟର ଦଳ ପକ୍ଷରୁ ଟପ୍ ସ୍କୋରର ରହିଥିଲେ। ଗୁଜରାଟ ଟାଇଟନ୍ସ ବିପକ୍ଷରେ ଗୋଟିଏ ଓଭରରେ ୫ ଛକା ମାରି ସେ କୋଲକାତାକୁ ଅବିଶ୍ୱସନୀୟ ବିଜୟ ଭେଟି ଦେଇଥିଲେ। ସେବେଠାରୁ

## ଆଇପିଏଲ୍-୨୦୨୫

ତାଙ୍କ ଉପରେ ସମସ୍ତଙ୍କ ନଜର କେନ୍ଦ୍ରୀଭୂତ ହୋଇଛି। ଆଇପିଏଲ୍‌ରେ ସଫଳତା ସତ୍ତ୍ୱେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ନିକଟରେ ଘୋଷିତ ଦୁଲୀପ ଟ୍ରଫିର କୌଣସି ଦଳରେ ରିଙ୍କୁଙ୍କୁ ସ୍ଥାନ ମିଳିନାହିଁ। ତେବେ ଏଥିପାଇଁ ଚିନ୍ତିତ ନାହାନ୍ତି ରିଙ୍କୁ। ମାତ୍ର ୨-୩ଟି ରଣଜୀ ଟ୍ରଫି ମ୍ୟାଚ ଖେଳିବା ଏବଂ ଏହି ଫର୍ମାଟରେ ଭଲ ପ୍ରଦର୍ଶନ କରି ନ ପାରିବା କାରଣରୁ ହୁଏତ ତାଙ୍କୁ ସ୍ଥାନ ମିଳିନାହିଁ ବୋଲି ସେ ଅନୁଭବ କରୁଛନ୍ତି।


3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ